DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୮/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, June 28/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଭାରତୀୟ ଦଳରେ ମୟଙ୍କ ସାମିଲ**

ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ପାଇଁ ଭାରତୀୟ କ୍ରିକେଟ ଦଳରେ ଓପନର ମୟଙ୍କ ଅଗ୍ରୱାଲଙ୍କୁ ସାମିଲ କରାଯାଇଛି।

୧୪

୧୨

**ମା’ ହେବେ ଆଲିଆ**

ଇନ୍‌ଷ୍ଟାଗ୍ରାମରେ ଫଟୋ ଶେୟାର କରି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ମା’ ହେବାର ସୂଚନା ଫ୍ୟାନ୍ସଙ୍କୁ ଦେଇଛନ୍ତି।






ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ବଜାରରେ ସୋମବାର ଝାଡ଼ଖଣ୍ଡୀ ଦନ୍ତା ହାତୀ।

# ହାତୀ କବରସ୍ଥଳ ଆଠଗଡ଼ ବନଖଣ୍ଡ

## ତଦନ୍ତବେଳେ ମାଟିତଳୁ ମିଳିଲା ଆଉ ଏକ କଙ୍କାଳ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଏବେ ହାତୀଙ୍କ କବରସ୍ଥଳ ପାଲଟିଛି। ତଦନ୍ତ ଯେତେ ଆଗଉଛି ଗୋଟିଏ ପରେ ଗୋଟିଏ ହାତୀ କଙ୍କାଳ ମାଟି ତଳୁ ମିଳୁଛି। ଇତିମଧ୍ୟରେ ମାସକ ଭିତରେ ୪ ହାତୀ କଙ୍କାଳ ଜବତ ହୋଇଛି। ପୂର୍ବରୁ ବଡ଼ମ୍ବା ରେଞ୍ଜରେ ୩ ହାତୀ କଙ୍କାଳ ମିଳିବା ପରେ ରାଜ୍ୟ ସରକାର ଏହାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ଗଠନ କରିଥିଲେ। ଏହି ଟିମ୍ ସୋମବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସମୟରେ ଆଉଏକ ସ୍ଥାନରୁ ମାଟିଖୋଳି ହାତୀ କଙ୍କାଳ ପାଇଛି। ଉକ୍ତ ହାତୀଟି ଏକ ପ୍ରାପ୍ତବୟସ୍କ ହୋଇଥିବାବେଳେ ତାହା ମାଈ କି ଅଣ୍ଡିରା ଜଣାପଡ଼ି ନାହିଁ। ତେଣୁ ତା’ର ଠିକ୍ ଲିଙ୍ଗ ନିରୂପଣ ପାଇଁ ଡିଏନ୍ଏ ପରୀକ୍ଷା ଲାଗି ମଙ୍ଗଳବାର ଓୟୁଏଟିସ୍ଥିତ ସେଣ୍ଟର ଫର୍ ୱାଇଲ୍ଡଲାଇଫ୍‌କୁ ନମୁନା ପଠାଯିବ। କଙ୍କାଳଟିର ସ୍ଥିତିରୁ ଏହା ପ୍ରାୟ ଦୁଇବର୍ଷ ତଳର ବୋଲି ଜଣାପଡୁଛି। କିନ୍ତୁ ପ୍ରକୃତ ମୃତ୍ୟୁ ସମୟ ଜାଣିବା ପାଇଁ ନମୁନା ପରୀକ୍ଷା କରାଯିବ ବୋଲି ଜଣେ ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି।

ଏସ୍ଆଇଟିର ୬ଜଣିଆ ଟିମ୍ ସୋମବାର ବଡ଼ମ୍ବା ରେଞ୍ଜକୁ ଯାଇ ପୂର୍ବରୁ ଯେଉଁ ୩ଟି ସ୍ଥାନରୁ ହାତୀ କଙ୍କାଳ ଉଦ୍ଧାର କରାଯାଇଥିଲା, ସେହି ସ୍ଥାନ ସବୁ ପରିଦର୍ଶନ କରି ସରଜମିନ ତଦନ୍ତ ଆରମ୍ଭ କରିଥିଲେ। ଟିମ୍ ସଦସ୍ୟ ସିସିଏଫ୍(ବନ୍ୟପ୍ରାଣୀ) ମନୋଜ ଭି ନାୟାର, ସିଏଫ୍(ବନ୍ୟପ୍ରାଣୀ) କେଦାର ସ୍ୱାଇଁ, ଅନୁଗୋଳ ଆର୍‌ସିସିଏଫ୍ ଯୋଗ ଦୟାନନ୍ଦ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଡିଏସ୍‌ପି ଦିଲୀପ କୁମାର ସାହୁ, ଓୟୁଏଟି ଭେଟେରିନାରୀ ସର୍ଜରୀ ବିଭାଗ ମୁଖ୍ୟ ଡା. ଇନ୍ଦ୍ରମଣି ନାଥ ଏବଂ କଙ୍କାଳ ବିଶେଷଜ୍ଞ ଡା. ଶିବ ପ୍ରସାଦ ପରିଡ଼ା ☞ ପୃଷ୍ଠା-୪



- ମାସକରେ ଜବତ ହେଲାଣି ୪ ହାତୀ କଙ୍କାଳ
- ଘଟଣାସ୍ଥଳ ଅନୁଧ୍ୟାନ କଲା ଏସ୍ଆଇଟି
- ଡିଏଫ୍ଓ ଗିରଫ ହେଲେ ବନଖଣ୍ଡ ସ୍ଥିତି ବଦଳିବ: ବନ୍ୟପ୍ରାଣୀ ବିଶେଷଜ୍ଞ



## ଗିରଫ ହେବେ ରେଞ୍ଜର, ଫରେଷ୍ଟର

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

**ସାତକୋଶିଆ ବନଖଣ୍ଡ**

ବନ ବିଭାଗକୁ ପଡ଼ିଛି ଶନି ଦଶା। ଆଠଗଡ଼ ପରେ ଅନୁଗୋଳ ସାତକୋଶିଆ ବନଖଣ୍ଡରେ ହାତୀ ମଡ଼କ ଦେଖାଯାଇଛି। ସାତକୋଶିଆ ବନଖଣ୍ଡର ସଂଲଗ୍ନ ନରସିଂହପୁର ଜିଳିଣ୍ଡା ବନାଞ୍ଚଳରେ ୧୪ମାସ ତଳେ ୨୦ ବର୍ଷର ଦନ୍ତା ହାତୀକୁ ମାରି ଲୁଟେରାମାନେ ଦାନ୍ତ ଲୁଟି ନେବା ଘଟଣାରେ ଜିଳିଣ୍ଡା ବନାଞ୍ଚଳ ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନଙ୍କର ସମ୍ପୃକ୍ତି ରହିଛି। ଏ ନେଇ ଜଗୁଆଳୀ (ୱାଚର) ଜେରା ସମୟରେ ମାନିଛନ୍ତି। ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି, ଏହି ଘଟଣାରେ ପୂର୍ବରୁ ୩ ଜଣ ୱାଚରଙ୍କୁ ଗିରଫ କରାଯାଇଥିବା ବେଳେ ରେଞ୍ଜର ଓ ଫରେଷ୍ଟର ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବାକୁ ପ୍ରୟାସ ଚାଲିଛି। ଏପରିକି ସେମାନଙ୍କ ବିରୋଧରେ ଆପରାଧିକ ଓ ☞ ପୃଷ୍ଠା-୪

# ରଥଯାତ୍ରା: ମାସ୍କ ବାଧ୍ୟତାମୂଳକ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

- କରୋନା ଲକ୍ଷଣ ଥିଲେ ଟିଭିରେ ରଥଯାତ୍ରା ଦେଖ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ
- ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ: ସ୍ୱାସ୍ଥ୍ୟ ମନ୍ତ୍ରୀ

ଦୁଇ ବର୍ଷର ବ୍ୟବଧାନ ପରେ ଏଥର ରଥଯାତ୍ରାରେ ଭକ୍ତମାନେ ସାମିଲ ହେବେ। ରଥଯାତ୍ରା ପାଇଁ ପୁରୀକୁ ଦେଶବିଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଏପରି ସମୟରେ ଓଡ଼ିଶା ସମେତ ସାରା ଦେଶରେ କରୋନା ସଂକ୍ରମଣ ବୃଦ୍ଧି ଚିନ୍ତା ବଢ଼ାଇଛି। ରଥଯାତ୍ରାରେ ସଂକ୍ରମଣ ବ୍ୟାପିବା ଆଶଙ୍କା ଅଧିକ ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ସ୍ୱରୂପ କଟକଣା ଲଗାଯାଇଛି। ରଥଯାତ୍ରା ପାଇଁ ପୁରୀରେ ମାସ୍କ ବାଧ୍ୟତାମୂଳକ କରାଯାଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ କୋଭିଡ୍ ସଂକ୍ରମଣ ଲଗାତାର ଉପରମୁହାଁ ହେଉଛି। ପୁରୀରେ ମଧ୍ୟ ସଂକ୍ରମଣ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଯେଉଁମାନଙ୍କଠାରେ କରୋନା ଲକ୍ଷଣ ରହିଛି, ସେମାନେ ପୁରୀ ନ ଆସି ଘରେ ରହି ଟିଭିରେ ରଥଯାତ୍ରା ଦେଖିବା ଭଲ। ରଥଯାତ୍ରା ପାଇଁ ପୁରୀ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ବଡ଼ଦାଣ୍ଡରେ ହେଲ୍‌ଥ କ୍ୟାମ୍ପ ଖୋଲିବ। ସାମାନ୍ୟ ଲକ୍ଷଣ ଥିଲେ ତୁରନ୍ତ ଟେଷ୍ଟ କରାଇ ନିଅନ୍ତୁ। ସେହିଭଳି ଏହି ସମୟରେ ଅନ୍ୟ ରୋଗ ଦ୍ୱାରା ଆକ୍ରାନ୍ତ ହେବା ଆଶଙ୍କା ଥିବାରୁ ସ୍ୱଚ୍ଛ ପାଣି ପିଇବା ସହ ଭଲ ଖାଦ୍ୟ ଖାଇବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଗତ କିଛିଦିନ ହେଲା କରୋନା ସଂକ୍ରମଣ ଟ୍ରେଣ୍ଡ ୨ ଅଙ୍କରେ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲାରୁ କେବଳ ୨୬ ଆକ୍ରାନ୍ତ ରହିଛନ୍ତି। ତେବେ ପୁରୀରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ପହଞ୍ଚି ନ ଥିଲେ ମଧ୍ୟ ରଥଯାତ୍ରା ସମୟରେ ଏହା ବୃଦ୍ଧି ପାଇବା ଆଶଙ୍କା ରହିଛି। ତେଣୁ ଏବେଠୁ ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେପଟେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ବର୍ତ୍ତମାନ କରୋନା ସଂକ୍ରମଣ ଯଦିଓ ଚିନ୍ତାଜନକ ନାହିଁ, କିନ୍ତୁ ସଂକ୍ରମଣ ଉପରମୁହାଁ ରହିଛି। ତେଣୁ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ। ରାଜ୍ୟ ସରକାର ଏଥିପ୍ରତି ନଜର ରଖିଛନ୍ତି। ଆବଶ୍ୟକ ହେଲେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଜୁଲାଇ ୩୧ ଯାଏ ବସ ଧର୍ମଘଟ ସ୍ଥଗିତ

**ଭୁବନେଶ୍ୱର,୨୭।୬(ବ୍ୟୁରୋ):** ରାଜ୍ୟ ବସ୍ ମାଲିକ ସଂଘ ପକ୍ଷରୁ ଜୁଲାଇ ୧ରୁ ହେବାକୁ ଥିବା ପ୍ରସ୍ତାବିତ ଧର୍ମଘଟ ଜୁଲାଇ ୩୧ ତାରିଖ ଯାଏ ସ୍ଥଗିତ ରଖାଯାଇଛି। ସଂଘର ଏକ ଜରୁରୀ ବୈଠକର ନିଷ୍ପତ୍ତି ଅନୁଯାୟୀ ସୋମବାର ଏହି ଘୋଷଣା କରାଯାଇଛି। ସଂଘ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବିର ସମାଧାନ ନିମନ୍ତେ ଜୁଲାଇ ୨୦ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିବେ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଆସନ୍ତା ଜୁଲାଇ ପହିଲାରେ ରଥଯାତ୍ରା, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଦେଶ ଗସ୍ତରେ ଥିବାରୁ ଧର୍ମଘଟ ନ କରିବାକୁ ପରିବହନ ମନ୍ତ୍ରୀ ବସ୍ ମାଲିକଙ୍କୁ ଗତ ରବିବାର ଅନୁଷ୍ଠିତ ବୈଠକରେ ଅନୁରୋଧ କରିଥିଲେ। ସରକାରଙ୍କ ଅନୁରୋଧକ୍ରମେ ଧର୍ମଘଟକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ୮ ଦଫା ଦାବି ନେଇ ଜୁନ୍ ୧୧ରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଥିଲା। ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନିଆ ନ ଗଲେ ଜୁଲାଇ ପହିଲାରୁ ଧର୍ମଘଟ କରିବାକୁ ସଂଘ ପକ୍ଷରୁ ପୂର୍ବରୁ ଚେତାବନୀ ଦିଆଯାଇଥିଲା।

## ଚଳନ୍ତା କାର୍‌ରେ ମା’, ଝିଅଙ୍କୁ ଗଣବଳାତ୍କାର

ରୁଡ଼୍‌କୀ,୨୭।୬

**ଉତ୍ତରାଖଣ୍ଡରେ ଲଜ୍ଜା**

ଧାର୍ମିକ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ରାଜ୍ୟ ଉତ୍ତରାଖଣ୍ଡରେ ଜଣେ ଅସହାୟ ମହିଳା ଓ ତାଙ୍କ ୬ ବର୍ଷର ଝିଅଙ୍କୁ ଚଳନ୍ତା କାର୍‌ରେ ଗଣବଳାତ୍କାର କରାଯାଇଛି। ହରିଦ୍ୱାର ଜିଲା ରୁଡ଼୍‌କୀ ନିକଟରେ ଏହି ଲଜ୍ଜାଜନକ ଘଟଣା ଘଟିଥିବା ପୋଲିସ କହିଛି। ଭିକ୍ଷାବୃତ୍ତି କରି ଚଳୁଥିବା ମହିଳାଜଣକ ତାଙ୍କ ଝିଅ ସହ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ରିକ୍ସାରେ ମୁସଲିମ୍ ଧାର୍ମିକ ପୀଠ ତଥା ଦରଘା ‘ପିରନ୍ କଲିୟର’ଠାରୁ ୭ କିଲୋମିଟର ଦୂର ରୁଡ଼୍‌କୀସ୍ଥିତ ନିଜ ଆଶ୍ରୟସ୍ଥଳକୁ ଫେରୁଥିଲେ। ବାଟରେ ଏକ କାର୍ ଅଟକିଥିଲା। ସେଥିରେ ଥିବା ଜଣେ ଚିହ୍ନା ବ୍ୟକ୍ତି ସେମାନଙ୍କୁ ଘରେ ଛାଡ଼ି ଦେବାକୁ କହି ଗାଡ଼ିରେ ବସାଇଥିଲେ। ଗାଡ଼ିରେ ଚାଳକଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ଥିଲେ। ସେମାନେ ମହିଳା ଓ ତାଙ୍କ ଝିଅଙ୍କୁ ଗଣବଳାତ୍କାର କରିବା ପରେ କେନାଲରେ ଫିଙ୍ଗି ଚାଲିଯାଇଥିଲେ। ଯେନତେନ ପ୍ରକାରେ ମହିଳା ଜଣକ ରାତି ପ୍ରାୟ ସାଢ଼େ ୧୧ଟାରେ ରୁଡ଼୍‌କୀ ସିଭିଲ ଲାଇନ୍ସ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ କହିଥିଲେ। ହେଲେ କାର୍‌ରେ ନିର୍ଦ୍ଦିଷ୍ଟ କେତେଜଣ ଥିଲେ ମହିଳା ଜଣକ କହିପାରି ନାହାନ୍ତି। କିନ୍ତୁ ସେମାନେ କାର୍‌ଚାଳକଙ୍କୁ ସୋନୁ ନାମରେ ଡାକୁଥିବା ସେ ପୋଲିସକୁ କହିଛନ୍ତି। ପୋଲିସ ଉଭୟ ମା’ଝିଅଙ୍କୁ ରୁଡ଼୍‌କୀ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରିଛି। ପରୀକ୍ଷା ରିପୋର୍ଟରୁ ସେମାନଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଛି। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ସମେତ ଚେକ୍‌ପୋଷ୍ଟଗୁଡ଼ିକରେ ଯାନବାହନ ଯାଞ୍ଚ କରିଛି। କିନ୍ତୁ ଏ ଯାଏ ଅଭିଯୁକ୍ତମାନଙ୍କୁ ଧରାଯାଇନାହିଁ। ଘଟଣା ପରେ ମାନସିକ ଅବସ୍ଥା ଭଲ ନ ଥିବାରୁ ମହିଳା ଜଣକ ଗାଡ଼ି ନମ୍ବର ବିଷୟରେ କହିପାରିନାହାନ୍ତି। କିନ୍ତୁ ସେ ଚିହ୍ନା ବ୍ୟକ୍ତିଙ୍କ ନାମ କହିଥିବାରୁ ପୋଲିସ ତାଙ୍କୁ ଏବଂ ତାଙ୍କ ସହଯୋଗୀଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିବା ସ୍ଥାନୀୟ ଏସ୍‌ପି (ଗ୍ରାମୀଣ) ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି।



ବିରୋଧୀ ମେଣ୍ଟର ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନା ସୋମବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି। ନିକଟରେ ଅଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖର୍ଗେ, ସିପିଏମ୍ ନେତା ସୀତାରାମ ୟେଚୁରୀ ଓ ଅନ୍ୟମାନେ ।

# ବିଦ୍ରୋହୀଙ୍କୁ ସାମୟିକ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୭।୬

## ସଞ୍ଜୟ ରାଉତଙ୍କୁ ଇଡି ନୋଟିସ

- ସିନ୍ଧେ ଗୋଷ୍ଠୀକୁ ଜବାବ ଦାଖଲ ପାଇଁ ୧୪ ଦିନ ଦେଲେ ସର୍ବୋଚ୍ଚ ଅଦାଲତ
- ଜୁଲାଇ ୧୧ ପୂର୍ବରୁ ବିଧାୟକଙ୍କ ସଦସ୍ୟତା ରଦ୍ଦ ନିଷ୍ପତ୍ତି ନେଇପାରିବେନି ଉପବାଚସ୍ପତି

**ସୁପ୍ରିମକୋର୍ଟରେ ମହାରାଷ୍ଟ୍ର ଲଢ଼େଇ**





> “ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ହିନ୍ଦୁ ସମ୍ରାଟ ବାଲାସାହେବ ଠାକ୍‌ରେ ଏବଂ ଧର୍ମବୀର ଆନନ୍ଦ ଦିଘେ ସାହେବଙ୍କ ବିଚାରଧାରାର ବିଜୟ।
> -ଏକନାଥ ସିନ୍ଧେ, ଶିବସେନାର ବିଦ୍ରୋହୀ ନେତା

> “ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୋ ପାଖକୁ ମନି ଲଣ୍ଡରିଂ ମାମଲାରେ ସୋମବାର ନୋଟିସ ପଠାଇଛି। ମୋତେ ରୋକିବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ରାସ୍ତାରେ ଲଢ଼େଇ ଓ ଆଇନଗତ ଯୁଦ୍ଧ ପାଇଁ ମୁଁ ପ୍ରସ୍ତୁତ।
> - ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି

> “ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତି ବିଦ୍ରୋହୀ ବିଧାୟକମାନଙ୍କ ସଦସ୍ୟତା ରଦ୍ଦ ନିଷ୍ପତ୍ତି ନେଇପାରିବେ। ଏହି ପ୍ରସଙ୍ଗ ବାଚସ୍ପତିଙ୍କ ନିକଟରେ ବିଚାରାଧୀନ ଥିବାରୁ ଏଥିରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ।
> -ଅଭିଷେକ ମନୁ ସିଂଘଭି, ଶିବସେନା ଓକିଲ

ଶିବସେନା ବିଦ୍ରୋହୀ ବିଧାୟକମାନଙ୍କୁ ସୋମବାର ସୁପ୍ରିମକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତି ନରହରି ଜିରୱାଲ ବିଦ୍ରୋହୀ ନେତା ଏକନାଥ ସିନ୍ଧେ ଓ ଅନ୍ୟ ୧୫ ବିଧାୟକଙ୍କ ସଦସ୍ୟତା ରଦ୍ଦ ସକାଶେ ଦେଇଥିବା ନୋଟିସର ଜବାବ ଦାଖଲ ପାଇଁ ୧୪ ଦିନ (ଜୁଲାଇ ୧୨) ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏଥିସହ ଆସନ୍ତା ୧୧ ତାରିଖ ମଧ୍ୟରେ ଉପବାଚସ୍ପତି ଏହା ଉପରେ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ବିଧାନସଭାରେ ଆସ୍ଥାଭୋଟ ନ କରାଇବା ନେଇ ମହାରାଷ୍ଟ୍ର ସରକାରଙ୍କ ଆବେଦନ ଉପରେ କୌଣସି ଅନ୍ତରୀଣ ରାୟ ଦେବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଅପରପକ୍ଷରେ ସୋମବାର ମନି ଲଣ୍ଡରିଂ ମାମଲାରେ ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ନୋଟିସ ଜାରି କରାଯାଇଛି। ଏହାକୁ ସଞ୍ଜୟ ଚ୍ୟାଲେଞ୍ଜ କରିବା ସହ ତାଙ୍କୁ ରୋକିବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି।

ଶିବସେନାରେ ବିଦ୍ରୋହ କେବଳ ଶାସକ ଦଳକୁ ବିଭାଜନ ଆଡ଼କୁ ଟାଣି ନେଇଛି ତାହା ନୁହେଁ, ବରଂ ମହାରାଷ୍ଟ୍ରର ଶାସକ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପାଇଁ ମଧ୍ୟ ସଙ୍କଟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ କ୍ୟାବିନେଟ ସହଯୋଗୀ ଏକନାଥ ସିନ୍ଧେ ସଂଖ୍ୟାଧିକ ବିଧାୟକଙ୍କୁ ନେଇ ଗୁଆହାଟୀସ୍ଥିତ ଏକ ହୋଟେଲରେ ଡେରା ପକାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶିବସେନା ପକ୍ଷରୁ ଉପବାଚସ୍ପତିଙ୍କୁ ଅନୁରୋଧ କରାଯାଇଥିଲା। ଉପବାଚସ୍ପତି ଦଳବଦଳକୁ ନେଇ ସମ୍ବିଧାନର ଦଶମ ଅନୁଚ୍ଛେଦ ବଳରେ ୧୬ ବିଦ୍ରୋହୀ ବିଧାୟକଙ୍କୁ ସୋମବାର (ଜୁନ୍ ୨୭) ଅପରାହ୍ନ ୫ଟା ୩୦ ସୁଦ୍ଧା ଜବାବ ଦେବାକୁ ନୋଟିସ କରିଥିଲେ। ତେବେ ଏକନାଥ ଗୋଷ୍ଠୀ ଏହା ବିରୋଧରେ ତ୍ୱରିତ ଶୁଣାଣି ପାଇଁ ରବିବାର ସନ୍ଧ୍ୟାରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶିବସେନାର ୫୫ ବିଧାୟକଙ୍କ ମଧ୍ୟରୁ ୩୮ ଜଣ ଏମ୍‌ଭିଏରୁ ସମର୍ଥନ ପ୍ରତ୍ୟାହାର କରିଥିବାରୁ ମେଣ୍ଟ ସରକାର ସଂଖ୍ୟାଗରିଷ୍ଠତା ହରାଇଛନ୍ତି ବୋଲି ମଧ୍ୟ ସିନ୍ଧେ ନିଜ ପିଟିଶନରେ ଦର୍ଶାଇଥିଲେ। ସୋମବାର ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ସେମାନଙ୍କ ରିଟ୍ ପିଟିଶନର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଉପବାଚସ୍ପତିଙ୍କ ପକ୍ଷରୁ ଆବେଦନକାରୀ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିରୋଧ କଲେ ଜେଲ**

**ଆଜିର ମନ୍ତବ୍ୟ**

> “କେନ୍ଦ୍ର ସରକାର ‘ଅଗ୍ନିପଥ’ ଯୋଜନାରେ ନିଯୁକ୍ତି ପାଇବାକୁ ଥିବା ସୈନ୍ୟଙ୍କ ଅବସର ବୟସ ୬୫ ବର୍ଷକୁ ବୃଦ୍ଧି କରାନ୍ତୁ।
> - ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**ଶ୍ରୀଲଙ୍କାରେ ସ୍କୁଲ ବନ୍ଦ, ୱାର୍କ ଫ୍ରମ୍ ହୋମ୍ ପାଇଁ ନିର୍ଦ୍ଦେଶ**

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଦ୍ୱୀପ ରାଷ୍ଟ୍ର ଶ୍ରୀଲଙ୍କାରେ ପ୍ରେଟ୍ରୋଲ, ଡିଜେଲର ଘୋର ଅଭାବ ଦେଖିବାକୁ ମିଳିଛି। ଏଭିତରେ ସରକାର ସ୍କୁଲ ବନ୍ଦ ଘୋଷଣା କରିବା ସାଙ୍ଗକୁ ପବ୍ଲିକ୍ ସେକ୍ଟର କର୍ମଚାରୀମାନଙ୍କୁ ୱାର୍କ ଫ୍ରମ୍ ହୋମ୍‌ର ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କଲୋମ୍ବୋ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ସ୍କୁଲ ଗୁଡ଼ିକ ଗୋଟିଏ ସପ୍ତାହ ପାଇଁ ବନ୍ଦ ରହିବ। ସୋମବାର ତିନିଚକିଆ ଯାନ ଚାଳକମାନେ ପ୍ରେଟ୍ରୋଲ ପମ୍ପ ଆଗରେ ଲମ୍ବା ଧାଡ଼ି ଲଗାଇଥିବାର ଦେଖିବାକୁ ମିଳିଥିଲା।



## ସଂକ୍ଷେପରେ

### ସୋନିଆଙ୍କ ବ୍ୟକ୍ତିଗତ ସଚିବଙ୍କ ନାଁରେ ବଳାତ୍କାର ମାମଲା

**ନୂଆଦିଲ୍ଲୀ, ୨୭।୬:** କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବ୍ୟକ୍ତିଗତ ସଚିବ ପି. ପି. ମାଧବନ(୭୧)ଙ୍କ ବିରୋଧରେ ଦିଲ୍ଲୀ ପୋଲିସ ସୋମବାର ଏକ ବଳାତ୍କାର ମାମଲା ରୁଜୁ କରିଛି। ଦିଲ୍ଲୀର ଜଣେ ୨୬ ବର୍ଷୀୟା ମହିଳା ମାଧବନଙ୍କ ବିରୋଧରେ ଶନିବାର ଉତ୍ତମନଗର ଥାନାରେ ବଳାତ୍କାର ଅଭିଯୋଗ କରିଥିଲେ। ଏତଲା ଅନୁଯାୟୀ ମାଧବନ ପୀଡ଼ିତାଙ୍କୁ ଚାକିରି ଓ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ବିଷୟରେ ମୁହଁ ଖୋଲିଲେ ଜୀବନରେ ମାରିଦେବା ପାଇଁ ସେ ଧମକ ଦେଇଥିଲେ। ଏ ନେଇ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୭୬ ଓ ୫୦୬ ବଳରେ ମାମଲା ରୁଜୁ କରି ତଦନ୍ତ ଜାରି ଥିବା ଦ୍ୱାରକା ଡେପୁଟି ପୋଲିସ କମିଶନର ଏମ୍. ହର୍ଷ ବର୍ଦ୍ଧନ ସୂଚନା ଦେଇଛନ୍ତି।

### ଅଗ୍ନିପଥ: ବାୟୁସେନାରେ ୯୪ ହଜାର ଆବେଦନ

**ନୂଆଦିଲ୍ଲୀ, ୨୭।୬:** ସେନାରେ ଠିକା ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନାରେ ଭାରତୀୟ ବାୟୁସେନା (ଆଇଏଏଫ୍)ରେ ୪ ଦିନରେ ୯୪,୨୮୧ ଜଣ ଆବେଦନ କରିଛନ୍ତି। ଶୁକ୍ରବାର ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟା ଜୁଲାଇ ୫ ପର୍ଯ୍ୟନ୍ତ ଚାଲିବ। ରବିବାର ସୁଦ୍ଧା ଆଇଏଫ୍ ନିକଟକୁ ୫୬,୯୬୦ ଆବେଦନ ଆସିଥିଲା। ଜୁନ୍ ୧୪ରେ କେନ୍ଦ୍ର ସରକାର 'ଅଗ୍ନିପଥ' ଯୋଜନା ଘୋଷଣା କରିଥିଲେ।

### ଆମେରିକାରେ ଭାରତୀୟ ବଂଶୋଦ୍ଭବଙ୍କୁ ହତ୍ୟା

**ନ୍ୟୁୟର୍କ, ୨୭।୬:** ଆମେରିକାର ନ୍ୟୁୟର୍କସ୍ଥିତ ସାଉଥ ଓଜୋନ୍ ପାର୍କ ନିକଟରେ ଶନିବାର ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସତନମ୍ ସିଂ(୩୧) ଏକ ଜିପ୍‌ରେ ବସିଥିବାବେଳେ ଜଣେ ଆତତାୟୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ସତନମ୍ ତାଙ୍କ ସାଙ୍ଗଠାରୁ ଉକ୍ତ ଜିପ୍ ଆଣିଥିଲେ। ତେଣୁ ଶୁଟର ଜିପ୍ ମାଲିକଙ୍କ ବଦଳରେ ସତନମ୍‌ଙ୍କୁ ଟାର୍ଗେଟ କରିଥିବା ପୋଲିସ ସନ୍ଦେହ କରୁଛି।

**ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା**

### ହଟିଲେ ତଦନ୍ତକାରୀ ଅଧିକାରୀ

**କୋଲକାତା, ୨୭।୬:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ସିବିଆଇ ତଦନ୍ତକାରୀ ଅଧିକାରୀଙ୍କୁ ହଟାଇଛି। ଡେପୁଟି ସୁପେରିଣ୍ଟେଣ୍ଡେଣ୍ଟ ର୍ୟାଙ୍କର ଅଜୟ କୁମାରଙ୍କ ବଦଳରେ ଅତିରିକ୍ତ ସୁପେରିଣ୍ଟେଣ୍ଡେଣ୍ଟ୍ ର୍ୟାଙ୍କ୍‌ର ଏସ୍. ଗାୟେନ୍‌ଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେହିପରି ସିବିଆଇ ଏହାର କାଉନସେଲ ଫିରୋଜ ଏଦୁଲଜିଙ୍କ ସ୍ଥାନରେ ଆଡ୍‌ଭୋକେଟ୍ କେ. ମଣ୍ଡଲଙ୍କୁ ଦାୟିତ୍ୱ ଦେଇଛି। ତଦନ୍ତ ପ୍ରକ୍ରିୟାକୁ ତ୍ୱରିତ କରିବାକୁ ଏପରି କରାଯାଇଥିବା ସିବିଆଇ ପକ୍ଷରୁ କୁହାଯାଇଛି। ନିର୍ବାଚନ ପରବର୍ତ୍ତୀ ହିଂସାରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) କର୍ମୀଙ୍କ ଆକ୍ରମଣରେ ୬ ଭାଜପା କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେହିପରି ଘଟଣାରେ ୫ ଟିଏମ୍‌ସି କର୍ମୀ ମଧ୍ୟ ଏଥିରେ ପ୍ରାଣ ହରାଇଥିଲେ। ମାମଲାରେ ସିବିଆଇ ଅଦ୍ୟାବଧି ଏହାର ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିନାହିଁ।

### ରେ-ବ୍ୟାନ୍ ମାଲିକ ଡେଲ୍ ଭେକିଓଙ୍କ ପରଲୋକ

**ରୋମ, ୨୭।୬:** ଚଷମା କମ୍ପାନୀ ରେ-ବ୍ୟାନ୍ ମାଲିକ ଲିଓନାର୍ଡୋ ଡେଲ୍ ଭେକିଓ(୮୭)ଙ୍କ ପରଲୋକ ହୋଇଛି। ଏ ନେଇ ତାଙ୍କ କମ୍ପାନୀ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।



ଫୋର୍ବସ ତାଲିକା-୨୦୨୨ରେ ପ୍ରକାଶିତ ବିଲିୟନେୟାରଙ୍କ ମଧ୍ୟରେ ଇଟାଲୀର ଏହି ଦ୍ୱିତୀୟ ଧନୀଙ୍କ ସମ୍ପତ୍ତି ୨୭.୩ ବିଲିୟନ ଡଲାର ଆକଳନ କରାଯାଇଥିଲା। ୧୯୩୫ ମେ ୨୨ରେ ଏକ ଗରିବ ପରିବାରରେ ଜନ୍ମିତ ଡେଲ୍‌ଙ୍କ ବାଲ୍ୟକାଳ ଅନାଥାଶ୍ରମରେ ବିତିଥିଲା। ୧୯୬୧ରେ ସେ ଲୁକ୍ସୋଟିକା କମ୍ପାନୀ ପ୍ରତିଷ୍ଠା କରିଥିଲେ, ଯାହା କି ଅପ୍ଟିକାଲ ଇଣ୍ଡଷ୍ଟ୍ରିକୁ ବିଭିନ୍ନ ପାର୍ଟ ଯୋଗାଉଥିଲା। ପରେ ପ୍ରଡକ୍ସନ ପ୍ରକ୍ରିୟା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ପ୍ରସ୍ତୁତ ସହ ଫ୍ୟାଶନ ବ୍ରାଣ୍ଡ୍ ରେ-ବ୍ୟାନ୍, ପେର୍‌ସୋଲ, ଓକ୍‌ଲେ ଆଦି ପ୍ରତିଷ୍ଠା କରିଥିଲେ।

## ମହାକାଶରେ ଚାଇନାର ସୌରଶକ୍ତି ପ୍ରକଳ୍ପ ଯୋଜନା

**ବେଜିଂ, ୨୭।୬**

ମହାକାଶରେ ଚାଇନା ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ପ୍ରସ୍ତୁତି ଚଳାଇଛି। ୨୦୨୮ ସୁଦ୍ଧା ପ୍ଲାଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଚାଇନା ଆଶା ରଖିଛି। ସୋଲାର ପାୱାର ପ୍ଲାଣ୍ଟ ଜରିଆରେ ସୋଲାର ଏନର୍ଜି (ସୌର ଶକ୍ତି)କୁ ଇଲେକ୍ଟ୍ରିସିଟି ଏବଂ ମାଇକ୍ରୋ ୱେଭ୍‌ରେ ପରିବର୍ତ୍ତିତ କରାଯାଇପାରିବ, ଯାହା ଉପଗ୍ରହଗୁଡ଼ିକୁ ଶକ୍ତି ସଞ୍ଚାର କରିବ। ଏଥିସହ ୱାୟାରଲେସ୍ ପାୱାର ଟ୍ରାନ୍ସମିଶନ୍ ଜରିଆରେ ସୌରଶକ୍ତିରୁ ମିଳୁଥିବା ଇଲେକ୍ଟ୍ରିସିଟିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନର ଲୋକଙ୍କ ବ୍ୟବହାର ଉପଯୋଗୀ କରାଯାଇପାରିବ। ସ୍ପେସ୍‌ରେ ଏହି ସୋଲାର ପାୱାର ପ୍ଲାଣ୍ଟ ହଟ୍‌ସ୍ପଟ ଭଳି କାର୍ଯ୍ୟ କରିବ, ଯାହାର କ୍ଷମତା ୧୦କିଲୋୱାଟ ରହିବ। ଅର୍ବସେପ ମେମ୍ବ୍ରେନ୍ ଇନର୍ଜି ଗ୍ୟାଦରିଙ୍ଗ ଆରେ (ଓମେଗା) ଓ ଚାଇନାର ଜିଡିଆନ୍ ୟୁନିଭର୍ସିଟି ପକ୍ଷରୁ ଉଦ୍ୟମ ଚାଲିଛି। ପ୍ଲାଣ୍ଟର ଉଚ୍ଚତା ୭୫ ମିଟର ରହିବ। ଏଥିରେ ୫ଟି ସବ୍‌ସିଷ୍ଟମ୍ ଖଞ୍ଜାଯାଇଛି। ଚୋଙ୍ଗକିଙ୍ଗର ୩୩ ଏକର ପରିମିତ ସ୍ଥାନରେ ଏହାର ଟେଷ୍ଟିଂ କରାଯିବ।





ଥାଇଲାଣ୍ଡର ପଟ୍ଟାୟା ସହରରେ ମିସ୍ ଇଣ୍ଟରନ୍ୟାଶନାଲ କୁଇନ୍ ୨୦୨୨ ଆୟୋଜନ ପୂର୍ବରୁ ମେକ୍‌ଅପ୍ ନେଉଛନ୍ତି ଟ୍ରାନ୍ସଜେଣ୍ଡର ବ୍ୟୁଟି କ୍ୱାନ୍‌ଲାଡା ରୁଙ୍ଗ୍‌ରୋଜାମ୍ପା।

# ଚାଇନାର ବିଆର୍‌ଆଇକୁ ଝଟକା

## ୬୦୦ ବିଲିୟନ ଡଲାରର ପିଜିଆଇଆଇ ପ୍ରୋଜେକ୍ଟ



ଜର୍ମାନୀର କ୍ୟାଶେଲ ଏଲ୍‌ମଉରେ ଜି ୭ ସମ୍ମିଳନୀ ଅବସରରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା, ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେର ଲେୟେନ୍, ୟୁରୋପୀୟ କାଉନ୍‌ସିଲ ଅଧ୍ୟକ୍ଷ ଚାର୍ଲ୍ସ ମିଶେଲ, ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍ଜ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସମେତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ନିମନ୍ତ୍ରିତ ଅତିଥିବୃନ୍ଦ।

**ଏଲମାଉ, ୨୭।୬**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ)କୁ ପ୍ରତିହତ କରିବା ପାଇଁ ଜି-୭ ରାଷ୍ଟ୍ର ମୁଖ୍ୟମାନେ ୬୦୦ ବିଲିୟନ ଡଲାରର ଏକ ଭିତ୍ତିଭୂମି ନିର୍ମାଣ ପ୍ରକଳ୍ପର ଯୋଜନା କରିଛନ୍ତି। ପାର୍ଟନରଶିପ୍ ଫର୍ ଗ୍ଲୋବାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ (ପିଜିଆଇଆଇ) ଫଣ୍ଡ୍ କୌଣସି ଦାନ କିମ୍ବା ସହାୟତା ନୁହେଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଏହା ଏକ ନିବେଶ ଏବଂ ଭବିଷ୍ୟତରେ ସମସ୍ତେ ଏଥିରୁ ଉପକୃତ ହେବେ ବୋଲି ଜି-୭ ଦେଶ ନେତାଙ୍କ ସହ ଏକ ବୈଠକରେ ବାଇଡେନ୍ ପ୍ରକାଶ କରିଛନ୍ତି। ଏହି ବିଶାଳ ଫଣ୍ଡ ବିକାଶଶୀଳ ତଥା ନିମ୍ନ ଆୟ ଥିବା ଦେଶଗୁଡ଼ିକରେ ବିଭିନ୍ନ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅର୍ଥ ଯୋଗାଇବ। ୫ ବର୍ଷରେ ଜି-୭ ନେତାମାନେ ପିଜିଆଇଆଇ ପାଇଁ ୬୦୦ ବିଲିୟନ ଡଲାର ଫଣ୍ଡ ଠୁଳ କରିବାର ଲକ୍ଷ୍ୟ ରଖାଯାଇଛି।

ଚାଇନାର ମଲ୍ଟି-ଟ୍ରିଲିୟନ ଡଲାର ଭିତ୍ତିଭୂମି ନିର୍ମାଣ ଯୋଜନାକୁ ବିଶ୍ୱବ୍ୟାପୀ ସମାଲୋଚନା କରାଯାଉଛି। ଏଥିଯୋଗୁ ଅନେକ ଦେଶ ଋଣବୋଝ ବୋହୁଛନ୍ତି। ଏହା ସତ୍ତ୍ୱେ ବେଜିଂ ବିଆର୍‌ଆଇ ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛି। ଜି-୭ ଦେଶ ତଥା ଆମେରିକା, ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ଜାପାନ ଦ୍ୱାରା ଏହି ପ୍ରାଇଭେଟ୍ ଏବଂ ପବ୍ଲିକ୍ ଫଣ୍ଡ ନିମନ୍ତେ ଗତବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରସ୍ତାବିତ ହୋଇଥିଲା। ଏହି ଯୋଜନାରେ ଗଣତାନ୍ତ୍ରିକ ଦେଶଗୁଡ଼ିକ ସହ ଅନ୍ୟରାଷ୍ଟ୍ରଗୁଡ଼ିକ ଭାଗୀଦାରି ମାଧ୍ୟମରେ ଲାଭ ପାଇପାଇପାରିବେ ବୋଲି ବାଇଡେନ୍ କହିଛନ୍ତି। ଆମେରିକା ସେଥିରୁ ୨୦୦ ବିଲିୟନ ଡଲାର ନିବେଶ କରିବା ନିମନ୍ତେ ସେ ଘୋଷଣା କରିଛନ୍ତି। ସେହିପରି ୟୁରୋପୀୟ ସଂଘ ଏଥିରେ ୩୦୦ ବିଲିୟନ ୟୁରୋ ପାଣ୍ଠିରେ ଯୋଗ କରିବାକୁ ନିଷ୍ପତ୍ତି ନେଇଛି। ଜଳବାୟୁ ପରିବର୍ତ୍ତନ, ବୈଶ୍ୱିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା ନିଶ୍ଚିତ କରିବା ସହ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକଚର ନିର୍ମାଣ ମଧ୍ୟ ଏହି ଯୋଜନା ଅନ୍ତର୍ଗତ ହେବ। ସେଥିମଧ୍ୟରୁ କିଛି ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସେନେଗାଲର ଆଙ୍ଗୋଲାରେ ଥିବା ଭାକ୍ସିନ୍ ପ୍ରସ୍ତୁତକାରୀ ଫାସିଲିଟିରେ ଏକ ସୋଲାର-ପାୱାର ପ୍ରୋଜେକ୍ଟ ଏବଂ ସିଙ୍ଗାପୁରରୁ ଇଜିପ୍ଟ ଏବଂ ହର୍ନ ଅଫ୍ ଆଫ୍ରିକା ଦେଇ ଫ୍ରାନ୍ସକୁ ବୁଡ଼ାଜାହାଜ ସହ ଯୋଗାଯୋଗ ନିମନ୍ତେ ଟେଲିକମ୍ୟୁନିକେଶନ ସୁବିଧା ଅନ୍ତର୍ଭୁକ୍ତ।

୨୦୧୩ରେ ଜିନ୍‌ପିଙ୍ଗ୍ ଲଞ୍ଚ୍ କରିଥିବା ବିଆର୍‌ଆଇ ପ୍ରୋଜେକ୍ଟ ମାଧ୍ୟମରେ ଚାଇନା ବିଭିନ୍ନ ଦେଶକୁ ବନ୍ଦର, ରାସ୍ତା, ପୋଲ ଆଦି ବିଭିନ୍ନ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅର୍ଥ ଋଣ ଆକାରରେ ଦେଉଛି। ଏହି ଭିତ୍ତିଭୂମି ଜରିଆରେ ଚାଇନା ନିଜ ବାଣିଜ୍ୟ କାରବାର ବଢ଼ାଇବା ଉଦ୍ଦେଶ୍ୟ ରଖିଛି। ତେବେ ଚାଇନାର ଏହି ଚାଲ୍‌ରେ ପଡ଼ି ଶ୍ରୀଲଙ୍କା ସମେତ ଏକାଧିକ ଦେଶ ଏବେ ଋଣବୋଝରେ ବୁଡ଼ିଛନ୍ତି। ଋଣ ଅର୍ଥ ବଦଳରେ ବେଜିଂ ସମ୍ପୃକ୍ତ ଦେଶର ପ୍ରମୁଖ ସହର ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ କବ୍‌ଜା କରିବାରେ ଲାଗିଛି। ଚାଇନାକୁ କାଉଣ୍ଟର କରିବାକୁ ଆମେରିକା ନେତୃତ୍ୱରେ ଗତବର୍ଷ ବ୍ରିଟେନରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ 'ବିଲ୍ଡ ବ୍ୟାକ୍ ବେଟର ୱାର୍ଲ୍ଡ' ନାମରେ ଏକ ପ୍ରୋଜେକ୍ଟ ନିମନ୍ତେ ପ୍ରଥମେ ଚିନ୍ତା କରାଯାଇଥିଲା। ଚଳିତ ବର୍ଷ ଜର୍ମାନୀରେ ଆୟୋଜିତ ହେଉଥିବା ଜି-୭ ସମ୍ମିଳନୀରେ ଏହାକୁ ପିଜିଆଇଆଇ ନାମକରଣ କରାଯାଇଛି।

## ଜି-୭ ନେତାଙ୍କୁ ଭେଟିଲେ ମୋଦି

**ବର୍ଲିନ, ୨୭।୬:** ଜର୍ମାନୀର ଏଲ୍‌ମାଉଠାରେ ଆୟୋଜିତ ହେଉଥିବା ଜି-୭ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି। ରବିବାରଠାରୁ ଜର୍ମାନୀ ଗସ୍ତରେ ଥିବା ମୋଦି ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କୁ ଭେଟିଛନ୍ତି। ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲଜ୍ ଏଲ୍‌ମାଉର ସ୍କୋଲସ୍‌ଠାରେ ମୋଦିଙ୍କୁ ସ୍ୱାଗତ କରିଥିଲେ। ଜଳବାୟୁ ସମ୍ବନ୍ଧିତ ଜି-୭ ସମିଟ୍‌ର ଏକ ଅଧିବେଶନରେ ଯୋଗଦେଇ ମୋଦି ସ୍ୱଚ୍ଛ ଏବଂ ସବୁଜ ଶକ୍ତି ବ୍ୟବହାର ସହ ସ୍ଥାୟୀ ତଥା ଉନ୍ନତମାନର ଜୀବନଶୈଳୀ ଓ ବୈଶ୍ୱିକ ବିକାଶ ଦିଗରେ ଭାରତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଗତ ମେ'ରେ ଜାପାନରେ ହୋଇଥିବା କ୍ୱାଡ୍ ସମିଟ୍ ପରଠାରୁ ଏହା ମୋଦି-ବାଇଡେନ୍‌ଙ୍କ ପ୍ରଥମ ସାକ୍ଷାତ। ଆସନ୍ତା ମାସରେ ଭାରତ, ଇସ୍ରାଏଲ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଆମେରିକା ମଧ୍ୟରେ ଭର୍ଚୁଆଲ ମାଧ୍ୟମରେ ଆଇ୨ଇ୨ ସମ୍ମିଳନୀ ଅନୁଷ୍ଠିତ ହେବ।



## ଯୁଦ୍ଧ ବନ୍ଦ ପାଇଁ ଜେଲେନ୍‌ସ୍କିଙ୍କ ନିବେଦନ

**କିଭ୍, ୨୭।୬**



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ଭର୍ଚୁଆଲ ମାଧ୍ୟମରେ ଜି-୭ ସମ୍ମିଳନୀକୁ ଉଦ୍‌ବୋଧନ ଦେଇଛନ୍ତି। ସେ ଜି-୭ ଦେଶଗୁଡ଼ିକୁ ଅଧିକ ସହାୟତା ମାଗିବା ସହ ଶୀତଋତୁ ପୂର୍ବରୁ ରୁଷିଆ ଜାରି ରଖିଥିବା ଯୁଦ୍ଧକୁ ଶେଷ କରିବା ନିମନ୍ତେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏଥିସହ ମସ୍କୋ ସହ କୌଣସି ବୁଝାମଣା ନ କରି ଅଧିକ କଟକଣା ଲଗାଯାଉ ବୋଲି ସେ ଦାବି କରିଛନ୍ତି। ଜେଲେନ୍‌ସ୍କି ଜି-୭ ନେତାଙ୍କୁ ୟୁକ୍ରେନ୍ ପୁନଃ ନିର୍ମାଣ ପାଇଁ ଅର୍ଥ, ଅଧିକ ଆଣ୍ଟାଇ-ଏୟାରକ୍ରାଫ୍ଟ ଡିଫେନ୍ସ ସିଷ୍ଟମ ଯୋଗାଇବା ସହ ଖାଦ୍ୟଶସ୍ୟ ରପ୍ତାନୀ ଏବଂ ସୁରକ୍ଷା ଗ୍ୟାରେଣ୍ଟି ମାଗିଛନ୍ତି। ଯୁଦ୍ଧାସ୍ତ୍ର ଯୋଗାଣରେ ବିଳମ୍ବ ଯୋଗୁ ରୁଷିଆର ଆକ୍ରମଣରେ ୟୁକ୍ରେନ କ୍ଷତି ସହିଚାଲିଛି ବୋଲି ସେ କହିଛନ୍ତି।



## ଜ୍ୟାକ୍‌ଲିନଙ୍କୁ ଇଡିର ଜେରା

**ନୂଆଦିଲ୍ଲୀ, ୨୭।୬:** ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟାଳୟରେ ହାଜର ହୋଇଛନ୍ତି। କନ୍ ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ମନି ଲଣ୍ଡରିଂ ମାମଲାରେ ଇଡି ଜ୍ୟାକ୍‌ଲିନ୍‌ଙ୍କୁ ଜେରା କରିଛି। ଏ ମାମଲାରେ ଜ୍ୟାକଲିନଙ୍କୁ ୨ରୁ୩ଥର ଇଡି ପଚରାଉଚରା କରିସାରିଛି। ଏପ୍ରିଲରେ ଇଡି ଜ୍ୟାକଲିନଙ୍କ ୧୫ ଲକ୍ଷ କ୍ୟାସ୍ ସହିତ ୭.୧୨ କୋଟି ଫିକ୍ସ ଡିପୋଜିଟ୍‌କୁ ମନିଲଣ୍ଡରିଂ ଆକ୍ଟ ଅଧିନରେ ବାଜ୍ୟାପ୍ତ କରିଥିଲା। ସୁକେଶ ଜ୍ୟାକ୍‌ଲିନ୍‌ଙ୍କୁ ବିଭିନ୍ନ ସମୟରେ ଏକାଧିକ ଉପହାର ଦେଇଥିବାବେଳେ ଉପହାରଗୁଡ଼ିକର ମୂଲ୍ୟ ୫.୭୧ କୋଟି ହୋଇଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ସୁକେଶ ତାଙ୍କ ସହଯୋଗୀ ପିଙ୍କି ଇରାନୀଙ୍କ ସହାୟତାରେ ଗିଫ୍ଟ ସବୁ ଜ୍ୟାକ୍‌ଲିନଙ୍କ ପାଖରେ ପହଞ୍ଚାଉଥିଲେ। ଉପହାର ଛଡ଼ା ଜ୍ୟାକ୍‌ଲିନଙ୍କୁ ନେଇ ଏକ ୱେବ୍ ସିରିଜ୍ ତିଆରି କରିବା ପାଇଁ ଜଣେ ସ୍କ୍ରିପ୍ଟ ରାଇଟରଙ୍କୁ ସୁକେଶ ୧୫ ଲକ୍ଷ ଟଙ୍କା ଦେଇଥିବା ଇଡି କହିଛି। ଫୋରଟିସ୍ ହେଲ୍‌ଥ କେୟାର ପ୍ରୋମୋଟର ଶିଭିନ୍ଦର ମୋହନ ସିଂଙ୍କ ସ୍ତ୍ରୀ ଆଦିତୀ ସିଂଙ୍କ ସମେତ ବହୁ ଧନୀ ବ୍ୟବସାୟୀଙ୍କଠାରୁ କୋଟି କୋଟି ଟଙ୍କା ହଡ଼ପ କରି ସୁକେଶ ବଲିଉଡ୍ ନାୟିକାଙ୍କୁ ଉପହାର ଦେଉଥିବା ଇଡି ଅଭିଯୋଗ କରିଛି।

## ଖବରଦାତା ମହମ୍ମଦ ଜୁବୈର ଗିରଫ

**ନୂଆଦିଲ୍ଲୀ, ୨୭।୬**

ଧର୍ମୀୟ ଭାବାବେଗକୁ ଆଘାତ ଦେବା ସହ ଦୁଇ ସମୁଦାୟ ମଧ୍ୟରେ ଶତ୍ରୁଭାବ ସୃଷ୍ଟି କରିବା ଅଭିଯୋଗରେ ଅଲ୍ଟ ନ୍ୟୁଜ୍ ୱେବସାଇଟ ଖବରଦାତା ମହମ୍ମଦ ଜୁବୈରଙ୍କୁ ସୋମବାର ଦିଲ୍ଲୀ ପୋଲିସ ଗିରଫ କରିଛି। ଅଲ୍ଟ ନ୍ୟୁଜ୍ ସହପ୍ରତିଷ୍ଠାତା ପ୍ରତୀକ ସିହ୍ନା କହିଛନ୍ତି, ଜୁବୈରଙ୍କୁ ପୋଲିସ ଏକ ଭିନ୍ନ ମାମଲାରେ ପଚରାଉଚରା ପାଇଁ ଥାନାକୁ ଡାକିଥିଲା। କିନ୍ତୁ ୨୦୧୮ରେ ଜୁବୈର କରିଥିବା ଏକ ଟୁଇଟ୍‌କୁ ନେଇ ବିନା କୌଣସି ନୋଟିସ୍‌ରେ ତାଙ୍କୁ ଗିରଫ କରିଛି। ଅନୁରୋଧ ପରେ ମଧ୍ୟ ଆମକୁ ତାଙ୍କ ଗିରଫଦାରି ସମ୍ପର୍କିତ ଏଫ୍‌ଆଇଆର୍ କପି ଦିଆଯାଇନାହିଁ ବୋଲି ସିହ୍ନା ଟୁଇଟ୍ କରିଛନ୍ତି।



ଅନ୍ୟପକ୍ଷରେ ଜୁବୈରଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ତାଙ୍କୁ ସ୍ପେଶାଲ ସେଲ୍ ପଚରାଉଚରା କରୁଛି। ଅଧିକ ଜେରା ପାଇଁ ତାଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରି ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ଲୋଡ଼ାଯିବ ବୋଲି ପୋଲିସ କହିଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଜୁବୈରଙ୍କ ଗିରଫଦାରିକୁ ନିନ୍ଦା କରାଯାଇଛି। କଂଗ୍ରେସ ନେତା ଶଶି ଥରୁର ଏହାକୁ 'ସତ୍ୟ ଉପରେ ଆକ୍ରମଣ' ବୋଲି ଅଭିହିତ କରିବା ସହ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଘୃଣା ମନ୍ତବ୍ୟ ସମ୍ପର୍କିତ ରିପୋର୍ଟ କରୁଥିବା ବ୍ୟକ୍ତିମାନଙ୍କ ପଛରେ କେନ୍ଦ୍ର ସରକାର ପଡ଼ିଛି। ପ୍ରକାଶ ଯେ, ୨୦୧୭ରେ ଆରମ୍ଭ ହୋଇଥିବା ଅଲ୍ଟ ନ୍ୟୁଜ୍‌ର ପ୍ରତିଷ୍ଠାତାମାନଙ୍କୁ ଅନ୍‌ଲାଇନରେ ଟ୍ରୋଲ୍ କରାଯାଉଛି। ଏଥିସହ ଦକ୍ଷିଣପନ୍ଥୀ ଗୋଷ୍ଠୀଗୁଡ଼ିକ ଏହି ୱେବସାଇଟ୍ ବିରୋଧରେ ଏତଲା ଦେଉଥିବା ଅଲ୍ଟନ୍ୟୁଜ୍ ପକ୍ଷରୁ କୁହାଯାଇଛି। ଉତ୍ତରପ୍ରଦେଶର ସୀତାପୁର ଜିଲାରେ ମଧ୍ୟ ମାସକ ତଳେ ଜୁବୈରଙ୍କ ବିରୋଧରେ ମାମଲା ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୯୧,୪୫,୮୩୫ | ୬୩,୫୧,୨୨୨ | ୫୨,୪୧,୮୧,୪୯୧ |
| ଭାରତ | ୪,୩୪,୦୭,୦୪୬ | ୫,୨୫,୦୨୦ | ୪,୨୭,୮୭,୬୦୬ |
| ଓଡ଼ିଶା | ୧୨,୮୯,୩୨୮ | ୯୧୨୬(+୫୩) | ୧୨,୭୯,୭୪୫ |

ସୋମବାର ରାତି ୯ଟା ୩୦ ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଯୌନକର୍ମୀଙ୍କୁ ଢାଲ କରି କୋଟିଏ ହଡ଼ପ

## ଲକ୍ଷ୍ୟଭେଦୀ ଯୋଜନା ଲକ୍ଷ୍ୟଭ୍ରଷ୍ଟ

ଯାଜପୁର ଅଫିସ,୨୭।୬

ମହିଳା ଯୌନକର୍ମୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ୨୦୦୮ରେ ପ୍ରଣୀତ ଲକ୍ଷ୍ୟଭେଦୀ ଯୋଜନା ଯାଜପୁର ଜିଲାରେ ଲକ୍ଷ୍ୟଭ୍ରଷ୍ଟ ହୋଇଛି। ଏହି ଯୋଜନାରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଜିଲାରେ ୧୪୭୩ ଜଣ ମହିଳା ଯୌନକର୍ମୀ ଥିବା ଦର୍ଶାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ଏନ୍‌ଜିଓ ସଂସ୍ଥା ମିଳିମିଶି ଏଥିରେ ବ୍ୟାପକ ଅନିୟମିତତା କରିଥିବା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ସନ୍ଦେହ କରାଯାଉଛି।

ଯାଜପୁର ଜିଲାର ସୁକିନ୍ଦା, ଦାନଗଦି ଓ କୋରେଇ ବ୍ଲକ ସହ ବ୍ୟାସନଗର ପୌରାଞ୍ଚଳରେ ହାତଗଣତି ଯୌନକର୍ମୀ ରହିଥିବା କୁହାଯାଉଛି। କିନ୍ତୁ ଏହି ଅଞ୍ଚଳଗୁଡ଼ିକରେ ୧୪୭୩ ଜଣ ମହିଳା ଏବଂ ୧୨୮ ଜଣ ତୃତୀୟଲିଙ୍ଗୀ ଯୌନକର୍ମୀ ଥିବା ଦର୍ଶାଇ ସେମାନଙ୍କୁ ଲକ୍ଷ୍ୟଭେଦୀ ଯୋଜନାରେ ଏନ୍‌ଜିଓ ମାଧ୍ୟମରେ ସାହାଯ୍ୟ ଯୋଗାଇ ଦିଆଯାଉଛି। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ଆରଟିଆଇ ତଥ୍ୟ ଅନୁଯାୟୀ, ଲକ୍ଷଭେଦୀ ଯୋଜନା ଜିଲାକୁ ୨୦୦୮ ଅକ୍ଟୋବର ୧ ଠାରୁ ୨୦୧୨ ମାର୍ଚ୍ଚ ୩୧ ମଧ୍ୟରେ ୮ଲକ୍ଷ ୬୫ ହଜାର ୪୩୯ ଟଙ୍କା ଯୋଗାଇ ଦିଆଯାଇଥିଲା। ସେହିପରି ୨୭।୪।୨୦୧୨ରେ ୧୦,୩୯,୫୫୯ ଟଙ୍କା, ୧୦।୬।୨୦୧୩ରେ ୧୭,୪୩,୩୦୧ ଟଙ୍କା, ୧୭।୬।୨୦୧୪ରେ ୨୮,୦୧,୨୫୯ ଟଙ୍କା, ୯।୧୦।୨୦୧୫ରେ ୧୭,୫୯,୭୦୦ ଟଙ୍କା, ୨୮।୬।୨୦୧୬ରେ ୧୮,୬୫,୨୦୦ ଟଙ୍କା, ୨୬।୯।୨୦୧୭ରେ ୭,୦୫,୩୫୮ ଟଙ୍କା, ୨୨।୯।୨୦୧୮ରେ ୯,୩୨,୭୨୮ ଟଙ୍କା ଓ ୩।୧୧।୨୦୨୦ରେ ୧୦,୦୦,୮୫୦ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। କିନ୍ତୁ ୨୦୨୧ ଏବଂ ୨୦୨୨ରେ ଏ ବାବଦକୁ କେତେ ଟଙ୍କାର ଅନୁଦାନ ମିଳିଛି ତାହା ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓଏସ୍‌ଏସିଏସ୍)ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଯାଜପୁର ଜିଲାରେ ୭ ଶହ ମହିଳା ଏବଂ ତୃତୀୟଲିଙ୍ଗୀ ଯୌନକର୍ମୀ ଅଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ପତ୍ରସଂଖ୍ୟା ୧୬୦୧/୬।୧।୨୦୨୨ ଅନୁଯାୟୀ ଜିଲାରେ ୧୬୦୧ ମହିଳା ଓ ତୃତୀୟଲିଙ୍ଗୀ ଯୌନକର୍ମୀ ଥିବା ଆର୍‌ଟିଆଇ ତଥ୍ୟରେ ଉଲ୍ଲେଖ ଅଛି। କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଏକ ତଥ୍ୟରେ (ପତ୍ରସଂଖ୍ୟା ୧୩୪୩/୨୨।୨।୨୦୨୨) ଜିଲାରେ ଯୌନକର୍ମୀଙ୍କ ସଂଖ୍ୟା ୧୦୭୨ ଜଣ ବୋଲି ଦର୍ଶାଯାଇଛି। ଫଳରେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟରେ ତାଳମେଳ ରହୁ ନ ଥିବା ସ୍ପଷ୍ଟ ହେଉଛି।

ଅନ୍ୟପକ୍ଷରେ ଅଧିକାଂଶ ଲୋକ ଏ ସମ୍ପର୍କରେ ଜାଣି ନ ଥିଲେ ମଧ୍ୟ ତାଙ୍କୁ ଯୌନକର୍ମୀ ବୋଲି ସରକାରୀ ନଥିପତ୍ରରେ ଦର୍ଶାଯାଇଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଆଳ ଦେଖାଇ ସେମାନଙ୍କ ତାଲିକା ଦେବାକୁ କୁଣ୍ଠ କୁଣ୍ଠ ହେଉଛି। ସ୍ୱାସ୍ଥ୍ୟବିଭାଗର ତାଲିକା ଅନୁଯାୟୀ ଜିଲାର ୧୧ ଅଞ୍ଚଳରେ ୯୩୨ଜଣ ମହିଳା, ୨ ସ୍ଥାନରେ ୫୯ ଜଣ ପୁରୁଷ ଓ ୮୧ଜଣ ତୃତୀୟଲିଙ୍ଗୀ ଯୌନକର୍ମୀ ଅଛନ୍ତି। ମୁଖ୍ୟତଃ ମାନପୁର, ସୁଆଁଲୋ, ସିଙ୍ଗାଡିଆ, ସୋଲେଇ, ବିନାୟକବିହାର, ଲକ୍ଷ୍ମୀନଗର, ସାପଗଡ଼ିଆ, ହଟିଙ୍ଗ, ସାରଙ୍ଗପୁର, ପାଣିକୋଇଲି, ଷଠିପୁର, ବାବାଜୀ ସାହି, ହାଟପଡ଼ିଆ, ନଡିଆଭଙ୍ଗା, ଚଣ୍ଡିଖୋଲ, ଗହିରାପାଟୁଳି, ଡୁବୁରି, ବାରଗଡ଼ିଆ, ସିଟିକ୍ୟାମ୍ପ, କଲରଙ୍ଗି, କୁସୁମୁଟିଆ, ହନୁମାନ ହଟିଙ୍ଗ, କେପି ନଗର, ରଙ୍ଗମାଟିଆ, ଟିସ୍କୋ କାଳିଆପାଣି, କାଳିଆପାଣି ଟାଉନଶିପ, କୋଲିପୋଷୀ, ପୁରୁଣାପାଣି, ହାତିହୁଡି, କଂସ ଓ ସାରୁଆବିଲ ଅଞ୍ଚଳରେ ଏହି ସମସ୍ତ ଯୌନକର୍ମୀ ଅଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟବିଭାଗ ତାଲିକାରୁ ଜଣାପଡ଼ିଛି। ତେବେ ଜିଲାରେ ଏତେ ପରିମାଣରେ ଯୌନକର୍ମୀ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସରକାରୀ ଭାବେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିବା ଦର୍ଶାଯାଉଥିବା ବେଳେ ଏସମ୍ପର୍କିତ କୌଣସି ଫଟୋ ଚିତ୍ର ଜିଲା ସ୍ୱାସ୍ଥ୍ୟବିଭାଗ ନିକଟରେ ଉପଲବ୍ଧ ନାହିଁ। ଏଦିଗରେ ଯଦି ଉଚ୍ଚସ୍ତରୀୟ ତଦନ୍ତ କରାଯାଏ ଏହି ଯୋଜନା ପାଇଁ ଆସିଥିବା ବିପୁଳ ଟଙ୍କାର ଅନୁଦାନ କିପରି ହରିଲୁଟ୍ କରାଯାଇଛି ତାହା ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଏନଜିଓ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ମତାମତ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଞ୍ଚି ନାରାୟଣ ବାରିକଙ୍କୁ ସୋମବାର ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ନିଶା ମାଫିଆ ୨ ଭାଇଙ୍କ ୩ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ

- ଜବତ ସମ୍ପତ୍ତିରେ ୫ କୋଠା, ୮ ପ୍ଲଟ୍
- ବାଜ୍ୟାପ୍ତି ପାଇଁ ଅନୁମତି ଲୋଡ଼ିଲା ଏସ୍‌ଟିଏଫ୍



ଭୁବନେଶ୍ୱର,(ବ୍ୟୁରୋ)/ବୁଗୁଡ଼ା,(ଡି.ଏନ.ଏ.), ୨୭।୬: ନିଶାଦ୍ରବ୍ୟ ଜବତ ମାମଲାରେ ଗିରଫ ହୋଇ ଜେଲରେ ଥିବା ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳର ଅଭିଯୁକ୍ତ ୨ ଭାଇ ବନମାଳି ପ୍ରଧାନ ଓ ଅରୁଣ କୁମାର ପ୍ରଧାନଙ୍କ ତିନି କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ କରିଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଉକ୍ତ ସମ୍ପତ୍ତିରେ ବୁଗୁଡ଼ାରେ ୫ଟି କୋଠା, ୮ ପ୍ଲଟ, ୨ ଗାଡ଼ି, ୫୧୫ ଗ୍ରାମ ସୁନା, ୧୯୦ ଗ୍ରାମ ରୁପା ଅଳଙ୍କାର ଓ ୧୯ ବ୍ୟାଙ୍କ ଆକାଉଣ୍ଟ ରହିଛି। ନିଶା କାରବାରରୁ ଏସବୁ ବେଆଇନ୍ ସମ୍ପତ୍ତି ଠୁଳ ହୋଇଛି। ତେଣୁ ଜବତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ ଅର୍ଥ ମନ୍ତ୍ରଣାଳୟ ରାଜସ୍ୱ ବିଭାଗର କୋଲକାତାସ୍ଥିତ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଏସ୍‌ଟିଏଫ୍ ଅନୁମତି ଲୋଡ଼ିଛି। ଅନୁମତି ମିଳିବା ପରେ ଜବତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୋମବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ ଏପ୍ରିଲ ୨୮ ବିଳମ୍ବିତ ରାତିରେ ବୁଗୁଡ଼ା ଥାନା ବମମାଳିସାହିସ୍ଥିତ ୨ ଭାଇଙ୍କ ଘରେ ଚଢ଼ାଉ କରିଥିଲା। ଘର ନିକଟରେ ଥିବା ଏକ ବୋଲେରୋରୁ ୧୦୭ କେଜିର ଗଞ୍ଜେଇ, ଘରୁ ୫.୧୭ କେଜି ଅଫିମ ମିଳିବା ପରେ ସେମାନଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ଘର ଯାଞ୍ଚବେଳେ ୬୦୭ ଗ୍ରାମର ସୁନା ଅଳଙ୍କାର, ୨୦୦ ଗ୍ରାମର ରୁପା ଅଳଙ୍କାର ଓ ବିଭିନ୍ନ ପ୍ଲଟର କାଗଜପତ୍ର ଜବତ କରିଥିଲା ଏସ୍‌ଟିଏଫ୍। ଏନେଇ ଏସ୍‌ଟିଏଫ୍ ଏକ (ନଂ.୧୦/୨୦୨୨) ମାମଲା ରୁଜୁ କରି ଉଭୟଙ୍କୁ ଏପ୍ରିଲ ୩୦ରେ କୋର୍ଟ ଚାଲାଣ କରିଥିଲା।

## ୧୧ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ,୨୭।୬

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିବାରେ ଲାଗିଛି। ଏସ୍‌ଟିଏଫ୍, ପୋଲିସ ଓ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ସୋମବାର ସଦର ପୋଲିସ ଦଧିମାଛଗାଡିଆ ଛକରେ ଚଢ଼ାଉ କରି ୧୧ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବିଶ୍ୱନାଥ ବେହେରା ଓ ରଞ୍ଜିତ ବେହେରା। ସୂଚନା ମୁତାବକ, ଦଧିମାଛଗାଡିଆ ଛକରେ ବ୍ରାଉନସୁଗାର ବେପାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସଦର ପୋଲିସ ପହଞ୍ଚି ଚଢ଼ାଉ କରି ବ୍ରାଉନସୁଗାର ଜବତ କରିଥିଲା। ତେବେ ଜବତ ବ୍ରାଉନସୁଗାର ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଏମାନଙ୍କ ସାଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ପୋଲିସ ତଦନ୍ତ ଜାରି ରଖିଛି।

# ୮ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ, ଦରମା ବନ୍ଦ ନିର୍ଦ୍ଦେଶ

## ରାସ୍ତାରେ ୨ ଶିକ୍ଷୟିତ୍ରୀଙ୍କୁ ଅଟକାଇଲେ ମନ୍ତ୍ରୀ



ପିପିଲି ଟୋଲଗେଟ୍ ନିକଟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ୨ ଶିକ୍ଷୟିତ୍ରୀଙ୍କୁ ଅଟକାଇ ପଚରାଉଚରା କରୁଛନ୍ତି।

ପିପିଲି,୨୭।୬(ଡି.ଏନ୍.ଏ.)

ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗତ କିଛିଦିନ ହେବ ବିଭିନ୍ନ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ଶିକ୍ଷକମାନଙ୍କ କାର୍ଯ୍ୟ ଓ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ନେଇ ଯାଞ୍ଚ କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ମନ୍ତ୍ରୀ ଦାଶ ନିମାପଡ଼ା ଅଭିମୁଖେ ଯାଉଥିବା ବେଳେ ପିପିଲି ଟୋଲଗେଟ୍ ନିକଟରେ ବିଳମ୍ବରେ ଯାଉଥିବା ୨ ଶିକ୍ଷୟିତ୍ରୀଙ୍କୁ ଅଟକାଇ କାରଣ ପଚାରିଥିଲେ। ପରେ ସେମାନଙ୍କ ବିଦ୍ୟାଳୟକୁ ଯାଇ ସ୍କୁଲର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ଥିବା ଜାଣି ୮ଜଣଙ୍କ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଦେବା ସହ ସେମାନଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ମନ୍ତ୍ରୀ ଦାଶ ଅପରାହ୍ନ ୧୦ଟା ୨୦ରେ ଭୁବନେଶ୍ୱର-ପୁରୀ ୩୧୬ ନଂ.ଜାତୀୟ ରାଜପଥ ଦେଇ ନିମାପଡ଼ା ଯାଉଥିଲେ। ଏହି ସମୟରେ ପିପିଲି ଟୋଲ ଗେଟ୍ ନିକଟରେ ୨ଜଣ ଶିକ୍ଷୟିତ୍ରୀ ସ୍କୁଟିରେ ଯାଉଥିବା ଦେଖି ଗାଡ଼ିକୁ ଅଟକାଇବା ସହ ସ୍କୁଲକୁ ବିଳମ୍ବରେ ଯାଉଥିବାର କାରଣ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଏପରିକି ସେମାନଙ୍କଠାରୁ ସ୍କୁଲ ନାମ ପଚାରି ପିପିଲି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସେହି ସମୟରେ ପ୍ରଧାନ ଶିକ୍ଷକ ଗାଡ଼ି ଧରି ବାହାରକୁ ଯିବାକୁ ପ୍ରସ୍ତୁତ ଥିବାବେଳେ ଛାତ୍ରୀଛାତ୍ର ବାହାରେ ବୁଲୁଥିଲେ। ଏଥିସହ ବିଦ୍ୟାଳୟର ଉପସ୍ଥାପନା ଖାତା ଦେଖିବାରୁ କେବଳ ପ୍ରଧାନ ଶିକ୍ଷକଙ୍କ ବ୍ୟତୀତ ଅନ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦସ୍ତଖତ ନ ଥିଲା। ସେହିଭଳି ବିଦ୍ୟାଳୟର ଶିକ୍ଷକମାନେ ଅଫିସରେ ବସି ଗପସପ କରୁଥିବା ମନ୍ତ୍ରୀ ଦେଖିବାକୁ ପାଇଥିଲେ। ବିଦ୍ୟାଳୟର କାଗଜପତ୍ର ଯାଞ୍ଚ କରିବାବେଳେ ଅନିୟମିତତା ହୋଇଥିବା ଜାଣିବା ପରେ ସେଠାରୁ ଘଟଣା ସମ୍ପର୍କରେ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇବା ସହିତ ସେହି ସ୍କୁଲର ୮ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖବରପାଇ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ ଉକ୍ତ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟରେ ଅନିୟମିତତା ହୋଇଥିବା ଦେଖି ୮ଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

## ଶିଶୁ ରୋଗ ବିଭାଗରେ ୪ ପିଜି ସିଟ୍ ବୃଦ୍ଧି

**ଏମ୍‌କେସିଜିରେ ଏନ୍‌ଏମ୍‌ସି ପ୍ରତିନିଧି**

**ବ୍ରହ୍ମପୁର ଅଫିସ,୨୭।୬:** ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି)ମେଡିକାଲ କଲେଜର ଶିଶୁ ବିଭାଗ ପିଜି ସିଟ ବୃଦ୍ଧି କରାଯିବା ନେଇ ସୋମବାର ଜାତୀୟ ଭେଷଜ ପରିଷଦ(ଏନ୍‌ଏମ୍‌ସି)ର ଜଣିକିଆ ପ୍ରତିନିଧି ଏମ୍‌କେସିଜି ପରିଦର୍ଶନ କରିଛନ୍ତି। ବର୍ତ୍ତମାନ ଶିଶୁ ବିଭାଗରେ ୮ ପିଜି ସିଟ ରହିଥିବା ବେଳେ ତାକୁ ୧୨କୁ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସେହି କ୍ରମରେ ଏନ୍‌ଏମ୍‌ସିର ପ୍ରତିନିଧି ତଥା ଦିଲ୍ଲୀର ଶିଶୁ ରୋଗ ପ୍ରଫେସର ଆର. ଏନ୍. ମଣ୍ଡଳ ସୋମବାର ଏମ୍‌କେସିଜି ପରିଦର୍ଶନ କରିଥିଲେ। ପ୍ରଫେସର ମଣ୍ଡଳ ଏମ୍‌କେସିଜିରେ ପହଞ୍ଚିବା ପରେ ଅଧକ୍ଷ ତଥା ଡିନ ପ୍ରଫେସର ଅବନୀକାନ୍ତ ମିଶ୍ରଙ୍କ ସହ ସିଟ ବୃଦ୍ଧି ନେଇ ଆଲୋଚନା କରିଥିଲେ। ଏହାପରେ ଶିଶୁ ବିଭାଗ ପ୍ରଫେସର ନରେନ୍ଦ୍ର ବେହେରା ଏବଂ ବିଭାଗର ଅନ୍ୟାନ୍ୟ ଡାକ୍ତରଙ୍କ ସହ ଶିଶୁ ବିଭାଗକୁ ଯାଇ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ଶିଶୁ ବିଭାଗର ଆଉଟଡୋର, ଇନ୍‌ଡୋର, ଏସ୍‌ଏନ୍‌ସିୟୁ, ନିକୁ, ପିକୁ, କଙ୍ଗାରୁ ମା’ କକ୍ଷ, ଜରୁରୀକାଳୀନ ଚିକିତ୍ସା ବିଭାଗ ଇତ୍ୟାଦି ପରିଦର୍ଶନ କରିଥିଲେ। ଆସନ୍ତା ବର୍ଷଠାରୁ ଏମ୍‌କେସିଜିରେ ଶିଶୁ ବିଭାଗର ୧୨ଟି ପିଜି ସିଟରେ ନାମଲେଖା ହେବ ବୋଲି ସୂଚନା ମିଳିଛି।

## ବଜାରରେ ବୁଲିଲା ଝାଡ଼ଖଣ୍ଡୀ ଦନ୍ତା

**ନୀଳଗିରି,୨୭।୬(ସ୍ୱ.ପ୍ର):** ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ସପ୍ତାହେ ହେଲା ଏକ ଝାଡ଼ଖଣ୍ଡୀ ଦନ୍ତା ଉପଦ୍ରବ ଜାରି ରଖିଛି। ଖାଦ୍ୟ ଅନ୍ୱେଷଣରେ ହାତୀଟି ଗାଁ ଭିତରକୁ ପଶି ଆସିଥିବା ବେଳେ ଦିନରେ ରାସ୍ତାରେ ଘୂରି ବୁଲୁଛି। ସୋମବାର ହାତୀଟି ମିତ୍ରପୁର ବଜାରରେ ବିଚରଣ କରୁଥବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ହାତୀଟି ଗତ ଶନିବାର ଗୋପାଳପୁର ଜଙ୍ଗଲରୁ ବାହାରି ପଳାଇ ଯାଇଥିବା ବେଳେ ସୋମବାର ପୂର୍ବାହ୍ନରେ ରେମୁଣା ଓ ମିତ୍ରପୁର ବଜାରରେ ବୁଲୁଥିବା ଦେଖିବାକୁ ମିଳଥିଲା। ହାତୀ ଦେଖିବାକୁ ହଜାର ହଜାର ଲୋକ ଭିଡ଼ ଜମାଇବା ସହ ମୋବାଇଲ୍‌ରେ ଫଟୋ ଉତ୍ତୋଳନ କରୁଛନ୍ତି। ନୀଳଗିରି ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।






## ରାଜ୍ୟରେ ୩୫% କମ୍ ବର୍ଷା

**ଦୁର୍ବଳ ମୌସୁମୀ**
- ୨୮ ଜିଲାରେ ବର୍ଷା ନିଅଣ୍ଟିଆ
- ପୁରୀରେ ୮୫%, କେନ୍ଦ୍ରାପଡ଼ାରେ ୬୮% କମ୍
- ୩ ଦିନ କାଁ ଭାଁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଦୁର୍ବଳ ମୌସୁମୀ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ରାଜ୍ୟର ଚାଷୀମାନେ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଆନ୍ତି। ବର୍ଷା ନ ଥିବାରୁ ଚାଷୀ ହାତ ବାନ୍ଧି ବସିଛନ୍ତି। ଚଳିତ ବର୍ଷ ଜୁନ୍ ୧୬ ତାରିଖରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ବର୍ଷାର ନାଁ ଗନ୍ଧ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ୨୬ ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ୩୫% କମ୍ ବର୍ଷା ହୋଇଛି। କେବଳ ନୟାଗଡ଼ ଏବଂ ନୂଆପଡ଼ା ଜିଲାକୁ ବାଦ୍‌ଦେଲେ ରାଜ୍ୟର ୨୮ ଜିଲାରେ ନିଅଣ୍ଟିଆ ପରିସ୍ଥିତି ରହିଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ୧ରୁ ଏ ପର୍ଯ୍ୟନ୍ତ ପୁରୀରେ ସ୍ୱାଭାବିକଠାରୁ ୮୫ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ୬୫, ଭଦ୍ରକ ୫୪, କେନ୍ଦ୍ରାପଡ଼ା ୬୮, ନବରଙ୍ଗପୁର ୫୦, କୋରାପୁଟ ୫୨, ବୌଦ୍ଧ ୪୧, ଗଜପତି ୫୦, ଜଗତ୍‌ସିଂହପୁର ୫୨, ଝାରସୁଗୁଡ଼ାରେ ୪୪, ଭଦ୍ରକ ୫୪, ବଲାଙ୍ଗୀର ଜିଲାରେ ୪୭ ପ୍ରତିଶତ କମ୍ ବର୍ଷା ହୋଇଛି।

ଚଳିତ ବର୍ଷ କେରଳକୁ ମେ’ ୨୯ରେ ଅର୍ଥାତ୍ ସ୍ୱାଭାବିକର ୩ ଦିନ ପୂର୍ବରୁ ମୌସୁମୀ ପ୍ରବେଶ କରିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଗଲା। ହେଲେ ପାଗ ଅନୁକୂଳ ନ ହେବାରୁ ମଧ୍ୟ ଭାରତ ଓ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ମୌସୁମୀ ପ୍ରବେଶ ନେଇ ବିଳମ୍ୱ ହୋଇଛି। ଯଦିଓ ଓଡ଼ିଶାକୁ ଏହା ପ୍ରବେଶ କରିଛି ତେବେ ଆରବସାଗର କିମ୍ବା ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ଆସୁ ନ ଥିବାରୁ ମୌସୁମୀ ବର୍ଷା ହେଉନାହିଁ। ଗତ ସପ୍ତାହେ ହେବ କେଉଁଠି କାଁ ଭାଁ ବର୍ଷା ହେଉଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୯ ରୁ ଜୁଲାଇ ୨ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୩୦ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଓ କନ୍ଧମାଳ ଏବଂ ଜୁଲାଇ ୧ରେ ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: .............................



ଆରିୟୁଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳେ ଚାଳେ ଗଲା ଚାଲୁଆ ମୂଷା**
**କେହି ନ ଜାଣିଲେ ସାହି ପଡ଼ିଶା।**

ଧୂର୍ତ୍ତ ପ୍ରକୃତି ଥିବା ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରି କଳ କୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଲୁଚାଛପାରେ ନିଜର ଈପ୍ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରକୁ ମାନ ମାରି**
**ଖପରାରେ ଖାଇବା।**

ଚୋର ଚୋରି କରିନେଲା ବୋଲି ମନ ଊଣା କରି ଖପରାରେ ଖାଇବାରେ ମାନେ କିଛି ରହି ନ ଥାଏ। ଅନ୍ୟକୁ ମାନ କରି ନିଜେ ହଇରାଣ ହେବା ତଥା ଦୁଃଖ କଷ୍ଟ ଭୋଗ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# ନବଜାତ ଶିଶୁ ମୃତ୍ୟୁହାର: ଓଡ଼ିଶା ଦେଶରେ ୭ମ

- **ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ସୁମନ ଯୋଜନା**
- **କଟକ ମେଡିକାଲ କଲେଜରେ ସିଇଓ ପ୍ରତିଷ୍ଠା**

ଯାଜପୁର ଅଫିସ,୨୭।୬

ନବଜାତ ଶିଶୁ ମୃତ୍ୟୁହାର କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ସପ୍ତମ ସ୍ଥାନରେ ରହିଛି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ (ଏନଏଚ୍‌ଏଫ୍‌ଏସ୍)-୫ରୁ ଏହା ସ୍ପଷ୍ଟ ହୋଇଛି। ସମୟାନୁବର୍ତ୍ତୀ ଯତ୍ନର ଅଭାବ ଏହାର ପ୍ରମୁଖ କାରଣ ବୋଲି କୁହାଯାଇଛି।

ମାତୃ ମୃତ୍ୟୁହାର, ନବଜାତ ଶିଶୁ ମୃତ୍ୟୁହାରକୁ ନିୟନ୍ତ୍ରଣ କରିବାକୁ ସରକାର ସୁରକ୍ଷିତ ମାତୃତ୍ୱ ଆଶ୍ୱାସନା(ସୁମନ) ନାମକ ଏକ ଯୋଜନା ପ୍ରଣୟନ କରିଛନ୍ତି। ଏହିକ୍ରମରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୨୩ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଗୁଣାତ୍ମକ ମାତୃ ଓ ଶିଶୁ ଯତ୍ନ ସେବା ଯୋଗାଇବା ସହ ସମସ୍ତ ମାତୃ ଓ ନବଜାତ ଶିଶୁ ମୃତ୍ୟୁ ସମ୍ପୂର୍ଣ୍ଣ ରୋକିବା ଯୋଜନାର ମୂଳ ଲକ୍ଷ୍ୟ। ଏଥିପାଇଁ ସେଣ୍ଟର ଅଫ୍ ଏକ୍ସେଲେନ୍ସ(ସିଓଇ) ଗଠନ କରାଯାଇଛି। କଟକ ବଡ଼ ମେଡିକାଲ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ମୁଖ୍ୟଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ମିଳିଛି। ସିଓଇର ପରିଚାଳନା, ଭିତ୍ତିଭୂମି, ଭ୍ରମଣ, ଅଫିସ ଆଦି ୟୁନିଟ ଖର୍ଚ୍ଚ ବାବଦକୁ ୨୦୨୨-୨୩ ବର୍ଷ ପାଇଁ ୧୦.୨୮ ଲକ୍ଷ ଏବଂ ୨୦୨୩-୨୪ ବର୍ଷ ପାଇଁ ୯.୫୧ ଲକ୍ଷ ଅଟକଳ କରାଯାଇଛି।

ରାଜ୍ୟ ସରକାର ମା' ଓ ଶିଶୁ ମୃତ୍ୟୁହାର ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ପୂର୍ବରୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନ୍‌ଏଚ୍‌ଏମ(ନ୍ୟାଶନାଲ ହେଲଥ୍ ମିଶନ), ଦକ୍ଷତା, ଲକ୍ଷ୍ୟ ଆଦି ଯୋଜନା ରହିଛି। ତଥାପି ଶିଶୁ ଓ ମାତୃ ମୃତ୍ୟୁହାର ସର୍ବୋଚ୍ଚ ରହୁଥିବା ଚିନ୍ତାର କାରଣ ହୋଇଛି। ତେଣୁ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଦକ୍ଷତା ବିକାଶ ଏବଂ ଉନ୍ନତମାନର ସେବା ଯୋଗାଇବା ସିଇଓ ପ୍ରୟାସ କରିବ। ଏହି କେନ୍ଦ୍ର ଅନ୍ୟାନ୍ୟ ମେଡିକାଲ କଲେଜ ଏବଂ ବୈଷୟିକ ଅନୁଷ୍ଠାନ ସହିତ ଯୋଗାଯୋଗ ରଖି ମାନବ ସମ୍ବଳର ଅବଦାନ ପାଇଁ ସହଯୋଗ କରିବ। ସୁମନର ଗାଇଡଲାଇନ ଅନୁଯାୟୀ ସେବା ପ୍ରଦାନକାରୀଙ୍କ ମାର୍ଗଦର୍ଶନ, ପରାମର୍ଶ ଏବଂ ଦକ୍ଷତା ବିକାଶ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପଡ଼ିବ। ଏହା ମେଡିକାଲ କଲେଜ ଏବଂ ହସ୍ପିଟାଲ ବିଭାଗରେ କାର୍ଯ୍ୟ କରିବ। ଏଥିରେ ଅନ୍ୟାନ୍ୟ ମେଡିକାଲ କଲେଜଗୁଡ଼ିକ ସହଯୋଗୀ ଭାବେ କାର୍ଯ୍ୟ କରିବେ। ଆଞ୍ଚଳିକ ସ୍ତରରେ ସମସ୍ତ ବୈଷୟିକ କ୍ଷେତ୍ରର ବିକାଶ ପାଇଁ ଏହି ମେଡିକାଲ କଲେଜ ସହଯୋଗ କରିବେ। ୟୁନିସେଫ୍ ଆର୍ଥିକ କ୍ଷେତ୍ରରେ ସହଯୋଗ କରିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାସହ ସିଇଓଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଛି। ବୈଷୟିକ ସହଯୋଗ ସହ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ହାତକୁ ନେବେ। ରାଜ୍ୟ କମିଟିର ସହଯୋଗରେ ଏହି କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ରାଜ୍ୟ ପ୍ରଶିକ୍ଷକ ଏବଂ ସୁପରଭାଇଜର ମାନଙ୍କୁ ଚିହ୍ନଟ କରାଯିବ। ପ୍ରତ୍ୟେକ ମାତୃ ମୃତ୍ୟୁ ବିଷୟରେ ରିପୋର୍ଟ ଏବଂ ଅନୁସନ୍ଧାନ କରାଯିବାକୁ ନିଶ୍ଚିତ କରିବା, ସମସ୍ତ ଅନାବଶ୍ୟକ ରେଫରାଲ ମାମଲାଗୁଡ଼ିକର ଅଡିଟ କରିବା, ଜିଲା ଡାକ୍ତରଖାନା ଏବଂ ଅନ୍ୟାନ୍ୟ ମେଡିକାଲ କଲେଜରେ ଜଟିଳ ଗର୍ଭଧାରଣକୁ ମନା କରିବା, ରାଜ୍ୟ କମିଟି ସହିତ ମାସିକ ଭିତ୍ତିରେ ବୈଠକ, କ୍ଲିନିକାଲ ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରଣାଳୀରେ ପରିବର୍ତ୍ତନକୁ ସମର୍ଥନ କରିବା, ସମସ୍ତ ମହିଳାମାନେ କ୍ଲିନିକାଲ ଯତ୍ନର ଉଚ୍ଚ ବୃତ୍ତିଗତ ମାନ ନିଶ୍ଚିତ କରି ସମ୍ମାନ ଜନକ, ଦକ୍ଷ ଏବଂ ଯତ୍ନଶୀଳ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାବାଦ ଅନ୍ୟ ପ୍ରସୂତି ବିଶେଷଜ୍ଞ ଏବଂ ଅଧ୍ୟାପିକାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମେଣ୍ଟର ଭାବେ ନିୟୋଜନ କରାଯିବ। ମିଶନ ନିର୍ଦ୍ଦେଶାଳୟ ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଆବଶ୍ୟକତା ଅନୁଯାୟୀ ତାଲିମ ଆୟୋଜନ ନିହାତି ଆବଶ୍ୟକ ବୋଲି ସୁମନ ଯୋଜନା ବିଜ୍ଞପ୍ତିରେ ନିର୍ଦ୍ଦେଶ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ। ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣି ଉଲ୍ଲସିତ ହେବେ। ପ୍ରତ୍ୟେକ ଦିଗକୁ ଲକ୍ଷ୍ୟରଖି ଗୋପନୀୟ ଆଲୋଚନା ବ୍ୟତିରେକ ସମସ୍ୟାରେ ଛନ୍ଦିହୋଇଯିବେ। ଅନ୍ୟ କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇପାରନ୍ତି।

**ବୃଷ** ଆଜି ଏକାଧାରରେ ଅର୍ଥଲାଭ ସାଙ୍ଗକୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ମନେକରିବେ। ସହକର୍ମୀଙ୍କ ସହ ମତାନ୍ତରଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। କିଛି ଜିନିଷ ହଜାଇବା କାରଣରୁ ବିରସ ମନରେ ଅନୁତପ୍ତ ରହିବେ।

**ମିଥୁନ** ଆକସ୍ମିକ ଭାବରେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣକରି ସାମୟିକ ଆନନ୍ଦିତ ରହିପାରନ୍ତି।

**କର୍କଟ** ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହୋଇ ପ୍ରଶଂସିତ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ସିଂହ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟିକରିପାରେ। ଆବଶ୍ୟକତା ପୂରଣକରିବା ସକାଶେ ଧାରକରଜ କରି କାମ ଚଳାଇ ନେବେ। ଅସୁବିଧାଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** ଅଶାନ୍ତିକୁ ପ୍ରକାଶ ନ କରି ଅନ୍ୟ କାମରେ ନିଜକୁ ମଜାଇ ରଖି ପ୍ରଶଂସିତ ହେବେ। ପରିବାରର ଛୋଟ ଘଟଣାକୁ ଗୁରୁତ୍ୱ ଦେଲେ ତାହା ଅଶାନ୍ତି ସୃଷ୍ଟିର କାରଣ ହୋଇପାରେ। ଅନ୍ୟମାନଙ୍କୁ ଖୁସିରେ ରଖିବା ସକାଶେ ଯେତେ ପ୍ରକାର ଚେଷ୍ଟାକଲେ ମଧ୍ୟ ବିଫଳ ହୋଇପାରନ୍ତି। ପ୍ଲଟିଂ କାରବାର ସମସ୍ୟା ବିଜଡ଼ିତ ରହିପାରେ।

**ତୁଳା** କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ ବୃଦ୍ଧି କାରଣରୁ ମନ ଅଶାନ୍ତ ରହିବ। ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ସୁଯୋଗ ଆପଣା ଛାଏଁ ପାଖରେ ଆସି ଜୁଟିବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ନ ହୋଇପାରେ। ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ, କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ସକାଳୁଆ ଯାତ୍ରାରେ ଯେଉଁଥି ସକାଶେ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର** ଆପଣ କାର୍ଯ୍ୟଶୈଳୀକୁ ସରଳୀକୃତ କରି ସଫଳତା ଆଣିବାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବେ। ଅଧିକାଂଶ ସମୟ ଦିନଟିରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଙ୍ଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**କୁମ୍ଭ** ଅସନ୍ତୋଷ ବନ୍ଧୁଙ୍କ ସମ୍ମୁଖରେ ବଖାଣିବା ଦ୍ୱାରା ଓଲଟା ଫଳ ଭୋଗିବାକୁ ପଡ଼ିବ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**ମୀନ** ପ୍ରତ୍ୟେକ କାମ ଗତାନୁଗତିକ ରୀତିରେ ଗଡ଼ି ଚାଲିଲେ ମଧ୍ୟ ମନ ପ୍ରାୟତଃ ଭଲ ରହିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।


# classifieds

**Everyday**
**0674-2580101, 2549302**

real estate

## SALE

ଭୁବନେଶ୍ୱର Sum Hospitalରୁ 2K.M. ଦୂରତାରେ BDA yellowzone plot ଏବଂ ନୂଆଗାଁ ମଳିପଡ଼ା 100ft. wide roadକୁ ଲାଗି ମିଳୁଛି। Owner- 9090963952. D-73255

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742. D-73267

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452. D-73919

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186. D-73925

Bhubaneswar - Plot Near AIIMS (Ranasinghpur mouza) BDA layout approved- boundary wall, Bank Loan- electricity facilities, 1600/1265 sqft.- 4nos. NO BROKERS PLEASE.- 7978667518. D-71533

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377. D-73270

Sale gharabari plot with boundary approx 2900sqft. near Garage Chhaka, Old Town, Bhubaneswar. 9437497378. No Broker. D-842

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481. D-73260

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 7894433357, 9437607388. D-73268

construction

Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73254

Construct your home @1200/- with all branded materials. 7327043914. D-73833

healthcare

Newly open SPA positively health benefit with expert. Contact: 7749976301. D-73829

Relax, refresh your body, mind at Saikrupa Spa with best therapies. 8984068077. D-805

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

## AFFIDAVIT

I Santosh Kumar Sahu of Boipariguda, Koraput, Odisha, S/o Bhagaban Sahu have changed my name from Santosh Sahu to Santosh Kumar Sahu vide affidavit dtd 22.06.2022 Sworn before Notary Public Kundra. D-844

ତା ୨୧।୦୬।୨୦୨୨ କଟକ ନୋଟାରୀଙ୍କ ଆଗରେ ଏକ ଶପଥପାଠ ଜରିଆରେ ମୋର ନାମ ରାଜା ବରେଣ୍ୟ କୃଷ୍ଣ ସାହୁରୁ ବରେଣ୍ୟ ସାହୁକୁ ପରିବର୍ତ୍ତିତ କରାଯାଇଛି। ଆଜିଠାରୁ ମୁଁ ବରେଣ୍ୟ ସାହୁ ନାମରେ ପରିଚିତ ହେବି।
ସ୍ୱା./-ବରେଣ୍ୟ ସାହୁ
ଧ-୮୩୯

By virtue of an affidavit before the Executive Magistrate, Nuapada on 22.06.2022 I have changed spelling of my name as "MUFADDAL" in place of my previous name "MUFFADAL". Similarly, I have also changed my surname from "SAIFEE" to "HAMID". I shall be known as "MUFADDAL HAMID" in place of "MUFFADAL SAIFEE" for all Official & Non-Official purposes.
Sd./- MUFADDAL HAMID
D-845

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କ୍ରଶର ମ୍ୟାନେଜରଙ୍କୁ ଆକ୍ରମଣ ମାମଲାରେ ଆଉ ଜଣେ ଗିରଫ

ଧର୍ମଶାଳା/ଚଢ଼େଇଧରା,୨୭।୬(ଡି.ଏନ.ଏ.)

ଜେନାପୁର ଥାନା ରାହାଡ଼ପୁରସ୍ଥିତ ଏକ କ୍ରଶରରେ ଦାଦାବଟି ଆଦାୟକୁ କେନ୍ଦ୍ରକରି ମ୍ୟାନେଜରଙ୍କୁ ମରଣାନ୍ତକ ଅକ୍ରମଣ ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲ ଉକ୍ତ ଥାନା ଅଧୀନ ରମ୍ପେଇ ଗ୍ରାମର ବାବୁଲି ଜେନା(୨୫)। ପୂର୍ବରୁ ଏହି ମାମଲାରେ ପୋଲିସ ୯ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଫଳରେ ଅଦ୍ୟାବଧି ଏହି ଘଟଣାରେ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନା ମୁତାବକ, ରାହାଡ଼ପୁରସ୍ଥିତ ଏକ କ୍ରଶରରେ ଧର୍ମଶାଳା ଥାନା ପାଖର ପଞ୍ଚାୟତର ସମିତିସଭ୍ୟା ମଳିକା ପରିଡ଼ାଙ୍କ ସ୍ୱାମୀ ସଂଗ୍ରାମ ପରିଡ଼ା ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ମେ'୨୬ରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ କ୍ରଶରକୁ ଯାଇ ଚାନ୍ଦା ମାଗିଥିଲେ। ହେଲେ ଚାନ୍ଦା ଦେବାକୁ ମ୍ୟାନେଜର ପରିଡ଼ା ମନା କରିଦେଇଥିଲେ। ପରେ ସନ୍ଧ୍ୟାରେ ପରିଡ଼ା ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ରାସ୍ତାରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ସଂଗ୍ରାମଙ୍କ ଭାଇ ସରୋଜ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୧୪୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଗତ ୧୨ ତାରିଖରେ ପୋଲିସ ଝାଡ଼ଖଣ୍ଡ ହଜାରୀବାଗର ଏକ ଗ୍ୟାରେଜରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ସମୟରେ ବାବୁଲି ସେଠାରୁ ଫେରାର ହୋଇଯାଇଥିଲେ। ତେବେ ରବିବାର ସେ ଚଣ୍ଡିଖୋଲରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।

ପ୍ରଥମ ପୃଷ୍ଠାରୁ...

## ଗିରଫ ହେବେ...

ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିସିସିଏଫ୍ ପଲ୍ ସୋମବାର କହିଛନ୍ତି। ସୂଚନାଯୋଗ୍ୟ, ହାତୀ କଙ୍କାଳ ମିଳିବା ପରେ ଜିଳିଣ୍ଡା ବନାଞ୍ଚଳ ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ସମେତ ବନପାଳ ସହଦେବ ସୋରେନ ଏବଂ ବନରକ୍ଷୀ ଅନୁପମା ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଘଟଣା ପରେ ଫେରାର ଥିବା ଜିଳିଣ୍ଡା ରେଞ୍ଜର ହରିଶ୍ଚନ୍ଦ୍ର ପ୍ରଧାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିବା ସାତକୋଶିଆ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସାତକୋଶିଆ ଅଭୟାରଣ୍ୟ ଅଧୀନ ଜିଳିଣ୍ଡା ରେଞ୍ଜ୍ ଜୁଡୁମ ସେକ୍ସନ ସତ୍ୟଜୟପୁର ଡିପିଏଫ୍ ଜଙ୍ଗଲରୁ ଗତ ଗୁରୁବାର ଏକ ହାତୀ କଙ୍କାଳ ଜବତ ହୋଇଥିଲା। ୨୦୨୧ ମେ'ରେ ଶିକାରୀମାନେ ଉକ୍ତ ହାତୀ ଶିକାର କରିଥିଲେ। ଦାନ୍ତ ବାହାର କରିନେବା ପରେ ହାତୀ ମୃତଦେହକୁ ପୋତି ଦେଇଥିଲେ। ବନ ବିଭାଗର କେତେଜଣ କର୍ମଚାରୀ ଏବଂ ପଦସ୍ଥ ଅଧିକାରୀଙ୍କ ଜାଣତରେ ଏହି ଘଟଣା ଘଟିଥିଲା। ଏହାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ତେବେ ଗତ ୨୩ ତାରିଖରେ ହାତୀ କଙ୍କାଳ ଜବତ ହେବା ପରେ ହାତୀ ଶିକାର ଘଟଣା ପଦାକୁ ଆସିଥିଲା। ଏହି ଘଟଣାରେ ନଥପଡ଼ା ଗ୍ରାମର ସୁରେଶ ଚନ୍ଦ୍ର ପ୍ରଧାନ, ଶିଶୁପଥର ଗ୍ରାମର ଅମର ଅମାନ୍ତ ଏବଂ ପ୍ରମୋଦ ବେହେରା ୩ ୱାଚରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ବିଦ୍ରୋହୀଙ୍କୁ ସାମୟିକ...

କିମ୍ବା ଏଭଳି ଅନ୍ୟ କୌଣସି ବିଧାୟକଙ୍କୁ ସୋମବାର ଅପରାହ୍ନ ୫ଟା ୩୦ ସୁଦ୍ଧା ନିଜ ଲିଖିତ ଜବାବ ଦାଖଲ ପାଇଁ ଦିଆଯାଇଥିବା ଅବଧିକୁ ଜୁଲାଇ ୧୨ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି। ଆବେଦନକାରୀ କିମ୍ବା ଅନ୍ୟ ବିଧାୟକମାନେ ନିଜ ରିଟ୍ ପିଟିଶନରେ ସେମାନଙ୍କ ଅଧିକାର ଉପରେ ବିନା କୌଣସି ପ୍ରତିକୂଳ ପ୍ରଭାବରେ ଜବାବ ଦାଖଲ କରିପାରିବେ। ଏଥିସହ ପ୍ରତ୍ୟେକ ନାଗରିକଙ୍କ ଅଧିକାରଗୁଡ଼ିକ ଯେପରି ସୁରକ୍ଷିତ ରହିବ ତାହା ରାଜ୍ୟ ସୁନିଶ୍ଚିତ କରିବ। ମହାରାଷ୍ଟ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲଙ୍କ ଅନୁସାରେ ରାଜ୍ୟ ସରକାର ସମସ୍ତ ୩୯ ବିଧାୟକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ଧନଜୀବନ ପ୍ରତି କ୍ଷତି ନ ପହଞ୍ଚିବ ତାହା ସୁନିଶ୍ଚିତ କରାଯିବ। ଏହି ବିଷୟକୁ କୋର୍ଟ ଅର୍ଡରରେ ଲିପିବଦ୍ଧ କରାଯାଇଛି।

ଭରତ ଗୋଗାୱଲେ ଓ ଶିବସେନାର ଅନ୍ୟ ୧୪ ବିଧାୟକଙ୍କ ପକ୍ଷରୁ ଦାଏର ଅନ୍ୟ ଏକ ରିଟ୍ ପିଟିଶନ ଉପରେ ମଧ୍ୟ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଉପବାଚସ୍ପତିଙ୍କୁ ହଟାଇବା ପ୍ରସ୍ତାବ ଉପରେ ନିଷ୍ପତ୍ତି ନ ହେବା ଯାଏ ଅଯୋଗ୍ୟତା ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ରୋକିବା ସକାଶେ ଏଥିରେ ନିବେଦନ କରାଯାଇଛି। ଖଣ୍ଡପୀଠ ଉପବାଚସ୍ପତି ଓ ମହାରାଷ୍ଟ୍ର ବିଧାନସଭା ସଚିବଙ୍କୁ ଏହା ଉପରେ ୫ ଦିନ ମଧ୍ୟରେ ଜବାବୀ ସତ୍ୟପାଠ ଦାଖଲ ପାଇଁ ସମୟ ଦେଇଛନ୍ତି। ଇତିମଧ୍ୟରେ ଅଯୋଗ୍ୟ ଘୋଷଣା ଉପରେ କୌଣସି ନିଷ୍ପତ୍ତି ନିଆଯିବ ନାହିଁ ବୋଲି ଉପବାଚସ୍ପତିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରାଜୀବ ଧୱନ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶୁଣାଣି ବେଳେ ଆବେଦନକାରୀମାନଙ୍କ ଓକିଲ ନୀରଜ କିଷାନ କୌଲ ଯୁକ୍ତି ବାଢ଼ିଥିଲେ, ଉପବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିବାରୁ ସେ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ। ଶିବସେନା ବିଧାୟକ ଦଳ ନେତା ଅଜୟ ଚୌଧରୀ ଓ ମୁଖ୍ୟ ସଚେତକ ସୁନୀଲ ପ୍ରଭୁଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ, ଏହି ପ୍ରସଙ୍ଗ ବାଚସ୍ପତିଙ୍କ ନିକଟରେ ବିଚାରାଧୀନ ଥିବାରୁ ଏଥିରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ। ବାଚସ୍ପତି ନୋଟିସ୍ ପଠାଇସାରିଥିବାରୁ ଏନେଇ ସୁପ୍ରିମକୋର୍ଟ କିଛି କରିପାରିବେ ନାହିଁ ବୋଲି ସିଂଘଭି ଯୁକ୍ତି ବାଢ଼ିଥିଲେ। ସିଂଘଭିଙ୍କ ସହ ବରିଷ୍ଠ ଓକିଲ ଦେବଦତ୍ତ କାମାତ୍ ମଧ୍ୟ ଆପତ୍ତି ଉଠାଇଥିଲେ। କାମାତ୍ କହିଥିଲେ, ଆବେଦନକାରୀମାନେ ହାଇକୋର୍ଟଙ୍କୁ ଅଣଦେଖା କରି ସିଧା ସୁପ୍ରିମକୋର୍ଟଙ୍କୁ ଲମ୍ଫ ମାରିଛନ୍ତି। ତେଣୁ ସେମାନଙ୍କ ପିଟିଶନ ଶୁଣାଣିଯୋଗ୍ୟ ନୁହେଁ। ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଶ୍ନ କରିଥିଲେ, ବିଦ୍ରୋହୀ ବିଧାୟକମାନେ ଏନେଇ ନିଷ୍ପତ୍ତି ନେବା ପାଇଁ ଉପବାଚସ୍ପତି ଅସାମର୍ଥ୍ୟ ପ୍ରସଙ୍ଗ ଉପବାଚସ୍ପତିଙ୍କ ଆଗରେ କାହିଁକି ଉଠାଇଲେ ନାହିଁ। କୌଲ ଉତ୍ତର ଦେଇଥିଲେ, ଏହି ବିଷୟ ଉପବାଚସ୍ପତିଙ୍କୁ ଅବଗତ କରାଯିବା ସତ୍ତ୍ୱେ ସେ ନୋଟିସ୍ ପଠାଇଥିଲେ। ଏହି ପ୍ରସଙ୍ଗରେ ଆସନ୍ତା ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

## ହାତୀ କବରସ୍ଥଳ...

ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ଏସ୍‌ଆଇଟିର ତଦନ୍ତବେଳେ ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ, ଆନିମଲ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ରର ପୂରବୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ତଦନ୍ତବେଳେ ପୂର୍ବରୁ ମିଳିଥିବା ସୂଚନା ଆଧାରରେ ଅପରାହ୍ନରେ ଉକ୍ତ ରେଞ୍ଜ୍‌ର ଗୋପପୁର ସେକ୍ସନ ଅନ୍ତର୍ଗତ ମଣ୍ଡପ ସଂରକ୍ଷିତ ଜଙ୍ଗଲରେ ଏସ୍‌ଆଇଟି ଉପସ୍ଥିତିରେ ଜେସିବି ଦ୍ୱାରା ମାଟି ଖୋଳାଯାଇ ଆଉଏକ ହାତୀ କଙ୍କାଳକୁ ବାହାର କରାଯାଇଥିଲା।

କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗତ ୨ ଓ ୩ ତାରିଖରେ ଦୁଇଟି ହାତୀ କଙ୍କାଳ ଖୋଳି ବାହାର କରିବା ପରେ ବନ ବିଭାଗ କେତେଜଣ ୱାଚର ଓ ଗାର୍ଡଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଜେରାବେଳେ ଆଉ ଏକ ହାତୀ କଙ୍କାଳ ଥିବା ଜଣାପଡ଼ିଥିଲା। ଏହାପରେ ଗତ ୧୪ ତାରିଖରେ ସେହି ବନାଞ୍ଚଳର ଖାରୋଡ଼ ଗ୍ରାମ ନିକଟ ଚନ୍ଦ୍ରଗିରି ପାହାଡ଼ ଅଞ୍ଚଳରେ ମାଟିତଳୁ ତୃତୀୟ ହାତୀ କଙ୍କାଳ ମିଳିଥିଲା। ତେବେ ଗୋପପୁରରେ ଆଉଏକ ହାତୀ କଙ୍କାଳ ଥିବା ମଧ୍ୟ ସେମାନଙ୍କୁ ଜେରାବେଳେ ସୂଚନା ମିଳିଥିଲା। ତେବେ ଏସ୍‌ଆଇଟି ଉପସ୍ଥିତିରେ ସୋମବାର ତାହାକୁ ଜବତ କରାଯାଇଛି। ଏହି ଘଟଣାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତଦନ୍ତରେ ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟ ସରକାର ଗଠନ କରିଥିବା ଏସ୍‌ଆଇଟିରେ ଜଣେ ନିରପେକ୍ଷ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ସାମିଲ କରନ୍ତୁ ବୋଲି ପୂର୍ବଭଳି ଦାବି ଦୋହରାଇଛନ୍ତି। ନଚେତ୍ ବଡ଼ ବଡ଼ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ବନ ବିଭାଗ ୱାଚର, ଫରେଷ୍ଟର, ଗାର୍ଡଙ୍କୁ ଗିରଫ କରି ଦୋଷ ଖସାଇବାରେ ସକ୍ଷମ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟପକ୍ଷରେ ଏସ୍‌ଆଇଟିର ତଦନ୍ତବେଳେ ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ଉପସ୍ଥିତିକୁ ନେଇ ମଧ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଶୁଭେନ୍ଦୁ କହିଛନ୍ତି, ଫେରାର ହୋଇଥିବା ଦୁଇ ଫରେଷ୍ଟରଙ୍କୁ ଧରିବା ପାଇଁ ଚେଷ୍ଟା ନ କରି ଆଠଗଡ଼ ଡିଏଫ୍‌ଓ ଏବଂ ଏସ୍‌ସିଏଫ୍ ତଳିଆ କର୍ମଚାରୀଙ୍କ ମାଧ୍ୟମରେ ସୂଚନାଦାତାଙ୍କୁ ଧମକ ଚମକ ଦେବା ସହ ମାଡ଼ ମାରୁଛନ୍ତି। ଏହାସତ୍ତ୍ୱେ ଦିନକୁ ଦିନ ହାତୀ ମୃତ୍ୟୁର ନୂଆ ତଥ୍ୟ ମିଳିବାରେ ଲାଗିଛି। ଏସ୍‌ଆଇଟି ତଦନ୍ତ ପରେ ରେଞ୍ଜର, ଏସିଏଫ୍ ଓ ଡିଏଫ୍‌ଓ ଗିରଫ ହେଲେ ହିଁ ଆଠଗଡ଼ ବନଖଣ୍ଡର ଅବସ୍ଥା ସୁଧୁରିବ। ପୂରବୀ କହିଛନ୍ତି, ଏସ୍‌ଆଇଟି ତଦନ୍ତ ସମୟରେ ଆଠଗଡ଼ ଡିଏଫ୍‌ଓ ପୂରା ସମୟ ତାଙ୍କ ସହିତ ରହିବା ଆଦୌ ଗ୍ରହଣୀୟ ନୁହେଁ।

ସେପଟେ ୱାଇଲ୍ଡଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି)ର ଦୁଇଜଣିଆ ଟିମ୍ ଦୁଇଦିନ ଘଟଣାସ୍ଥଳରେ ତଦନ୍ତ କରି ଫେରିଯାଇଛନ୍ତି। ଏହି ଘଟଣାରେ ଯେଉଁ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଜଣାପଡିବ, ସମସ୍ତଙ୍କୁ ଗିରଫ କରାଯିବ। କାହାକୁ ଛଡ଼ାଯିବ ନାହିଁ ବୋଲି ଡବ୍ଲ୍ୟୁସିସିବିର ଇନ୍ସପେକ୍ଟର କୌଶିକ ମଣ୍ଡଳ କହିଛନ୍ତି।

# ଓଭରଲୋଡିଂ ସିମେଣ୍ଟ ପରିବହନରୁ ୩ ଜୀବନ ଗଲା

## ଟ୍ରକ ପଛରେ ଆମ୍ବୁଲାନ୍ସ ପିଟିହେବା ଘଟଣା

### ବଡ଼ଚଣା ଆଇଆଇସିଙ୍କ ରିପୋର୍ଟରେ ସ୍ପଷ୍ଟ

- ପଦାରେ ପଡ଼ିଲା ରାମ୍‌କୋର ବେଆଇନ ଓଭରଲୋଡିଂ
- ଗୋଟିଏ ଗାଡ଼ିରେ ୨ ଇନ୍‌ଭଏସ୍

ଯାଜପୁର ଅଫିସ,୨୭।୬

ଯାଜପୁର ଜିଲାର ବଡଚଣା ନିକଟ ୧୬ ନମ୍ବର ଜାତୀୟ ରାଜପଥର ନବନୀତ ହୋଟେଲ ସମ୍ମୁଖରେ ୩୦।୪।୨୦୨୨ ରାତିରେ ଏକ ଟ୍ରକ ପଛରେ ୧୦୮ ଆମ୍ବୁଲାନ୍ସ ପିଟି ହୋଇ ୩ ଜଣଙ୍କ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେଇଛି। ସୂଚନା ଅଧିକାର ଆଇନ (ଆରଟିଆଇ) ଆଧାରରେ ମିଳିଥିବା ତଥ୍ୟ ଅନୁସାରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ବଡଚଣା ଥାନାଧିକାରୀ ଦେଇଥିବା ପତ୍ରରେ ଓଭରଲୋଡିଂ ଏହି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ଦର୍ଶାଯାଇଛି। ପ୍ରାୟ ୧୩ ବର୍ଷ ପୁରୁଣା ଏବଂ ଆବଶ୍ୟକ ଫିଟନେସ ନଥିବା ଉକ୍ତ ୧୨ ଚକିଆ ଟ୍ରକରେ ୨୫ ଟନ୍ କ୍ଷମତା ମାଲ୍ ପରିବହନ ପରିବର୍ତ୍ତେ ୩୧ ଟନ୍ ରାମ୍‌କୋ ସିମେଣ୍ଟ ପରିବହନ ହେଉଥିଲା। ରେଳପଥରେ କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀ ପରିବହନ କରାଯିବ ବୋଲି ଦର୍ଶାଇ ରାମ୍‌କୋ କମ୍ପାନୀ ଜନଶୁଣାଣିକୁ ବାଦ୍ ଦେଇ ପରିବେଶଗତ ଅନୁମତି ହାତେଇଥିବା ପୂର୍ବରୁ ବହୁ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ରାତିରେ ସଡ଼କ ପଥରେ ରାମ୍‌କୋ କାରଖାନାରୁ ଉତ୍ପାଦିତ ସିମେଣ୍ଟ କିପରି ପରିବହନ କରୁଥିଲା ତାହା ତଦନ୍ତ ସାପେକ୍ଷ ଏବଂ ଏହି ଦୁର୍ଘଟଣା ପାଇଁ ପରୋକ୍ଷ ଭାବେ ରାମ୍‌କୋ କମ୍ପାନୀ ଦାୟୀ ବୋଲି ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଅଭିଯୋଗ ଆଣିଛନ୍ତି।

ବଡ଼ଚଣା ଆଇଆଇସିଙ୍କ ରିପୋର୍ଟ ଅନୁସାରେ ଘଟଣାଦିନ ରାତିରେ ବାଲେଶ୍ୱରଠାରୁ କଟକ ବଡ଼ ମେଡିକାଲକୁ ୧୦୮ ଆମ୍ବୁଲାନ୍ସ (ଓଡି୦୨ବିଏନ୫୩୨୫) ଜଣେ ରୋଗୀଙ୍କୁ ନେଇଯାଉଥିଲା। ନବନୀତ ହୋଟେଲ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ (ଓଆର୧୪ଟି୧୩୨୮) ବେଆଇନ ଭାବେ ବିପରୀତ ପାର୍ଶ୍ୱରେ ବିନା ଇଣ୍ଡିକେଟରରେ ପାର୍କିଂ କରିଥିଲା। ଏହି ସମୟରେ ସମ୍ମୁଖ ପଟୁ ଆସୁଥିବା ଏକ ଗାଡ଼ିର ଲାଇଟ୍ ଯୋଗୁ ଆମ୍ବୁଲାନ୍ସ ଡ୍ରାଇଭର ଦେଖି ନ ପାରି ବେଆଇନ ପାର୍କିଂ କରିଥିବା ଟ୍ରକ ପଛପଟେ ଧକ୍କା ଦେଇଥିଲେ। ଫଳରେ ଆମ୍ବୁଲାନ୍ସରେ ଥିବା ଭୋଗରାଇ ଅଞ୍ଚଳର ରୋଗୀ ଗୀତାଞ୍ଜଳି ପ୍ରଧାନ(୪୦), ଡ୍ରାଇଭର ଭାସ୍କର ଚନ୍ଦ୍ର ସାହୁ ଓ ଇଏମ୍‌ଟି ଷ୍ଟାପ ହେମନ୍ତ କୁମାର ବାଦିଙ୍କ ମୃତ୍ୟୁ ଘଟିଥିଲା। ସିମେଣ୍ଟ ବୋଝେଇ ଟ୍ରକ୍‌ରେ ଓଭରଲୋଡିଂ ମାଲ ପରିବହନ ହେଉଥିଲା। ତେଣୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଆଇସି ଅନୁରୋଧ କରିଥିଲେ।

ଆହୁରି ସୂଚନା ମିଳିଛି ଯେ, ଓଭରଲୋଡିଂ କାରଣରୁ ଉକ୍ତ ଟ୍ରକର ଆଗ ଚକା ଫାଟି ରହିଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ଗୋଟିଏ ଟ୍ରକରେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନକୁ ମାଲ ପରିବହନ ହେଉଥିବା ବେଳେ ଆଇନକୁ ଫାଙ୍କିବା ପାଇଁ ସେହି ଟ୍ରକରେ ବୋଝେଇ ହୋଇଥିବା ମୋଟ ୬୨୦ ବସ୍ତା ରାମ୍‌କୋ ସିମେଣ୍ଟ ବାବଦରେ ୨ଟି ଇନ୍‌ଭଏସ୍ ପ୍ରସ୍ତୁତ କରାଯାଇଥିଲା। ଏପରି କି ଚଣ୍ଡିଖୋଲ ଆରଟିଓରେ କାର୍ଯ୍ୟରତ କନିଷ୍ଠ ମୋଟର ଯାନ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁ ଏହି ବେଆଇନ ଓଭରଲୋଡିଂ ପରିବହନକୁ ନେଇ ସମ୍ପୃକ୍ତ ଗାଡ଼ି ଉପରେ ୬୦ହଜାର ୯୪୦ଟଙ୍କାର ଜରିମାନା ଚାଲାଣ କାଟିଥିଲେ। ଯଦି ସେହି ଟ୍ରକଟି ଦୁର୍ଘଟଣାଗ୍ରସ୍ତ ହୋଇ ନ ଥାନ୍ତା ତେବେ ସେଥିରେ ଗୋଟିଏ ଇନଭଏସ୍‌ରେ ୫୦୦ ବସ୍ତା ଅର୍ଥାତ ୨୫ମେଟ୍ରିକ ଟନ୍ ଏବଂ ଅନାମଧେୟ ଗାଡ଼ିର ନମ୍ବର ପକାଇ ଅନ୍ୟ ଇନ୍‌ଭଏସ୍‌ରେ ୧୨୦ ବସ୍ତା ଅର୍ଥାତ୍ ୬ ମେଟ୍ରିକ ଟନ୍ ସିମେଣ୍ଟ ପରିବହନ ହୋଇଥିବା କମ୍ପାନୀ ରେକର୍ଡରେ ଦର୍ଶାଇଥାନ୍ତା ବୋଲି ମତପ୍ରକାଶ ପାଇଛି। କେବଳ ଏହି ଗୋଟିଏ ଘଟଣାରେ ନୁହେଁ, ବରଂ ଏହି କାରଖାନାରୁ ଉତ୍ପାଦନ ହେବା ଦିନଠାରୁ ନିରବଚ୍ଛିନ୍ନ ଭାବେ ନିୟମିତ ଏଭଳି ଓଭରଲୋଡିଂ ପରିବହନ ହୋଇଆସୁଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷେ ଏହି ଦୁର୍ଘଟଣାର ତଦନ୍ତ ଚାଲିଥିବା ସମୟରେ ପରିବହନ ହେଉଥିବା ସିମେଣ୍ଟକୁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଛାଡ଼ି ଦିଆଯାଇଛି। ଏଯାଏ ପରିବହନ ସଂସ୍ଥାର ଲାଇସେନ୍ସ ମଧ ରଦ୍ଦ ହୋଇ ନ ଥିବା ସୂଚନା ମିଳିଛି। ଯଦି ଉକ୍ତ ଟ୍ରକରେ ଓଭରଲୋଡିଂ ସିମେଣ୍ଟ ପରିବହନ ହେଉ ନ ଥାନ୍ତା ସେତେବେଳେ ନିଶ୍ଚିତ ଭାବେ ୩ ଜୀବନ ବଞ୍ଚି ଯାଇଥାନ୍ତା ଓ ସେମାନଙ୍କ ପରିବାରବର୍ଗ ଆଜି ବେସାହାରା ହୋଇ ନ ଥାନ୍ତେ ବୋଲି ମତପ୍ରକାଶ ପାଇଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଇନର ଆଶ୍ରୟ ନିଆଯିବ ବୋଲି ସାମାଜିକ କର୍ମୀ ବେହୁରା ଚେତାବନୀ ଦେଇଛନ୍ତି।


CHALLAN CUM PAYMENT VOUCHER
KONARK UDYOG PVT. LTD.
Goods Transporting Agency (GTA)
OFFICE ADDRESS:- Industrial Estate Jaraka, Dist.-Jajpur
1. Licence No:- TR-10846/2019
2. Pan No:- AADCK8312M
3. GSTIN:-21AADCK8312M2ZK
Challan No. 2852
From: Ramco Cement Haridas Pur
To: Puri Godown Satasankha, Puri
Date: 30/04/22
Truck No: OR14T-1328
Owner: R. Behera
Driver Name: S. Behera
Net Weight: 06.1000 MT


CHALLAN CUM PAYMENT VOUCHER
KONARK UDYOG PVT. LTD.
Goods Transporting Agency (GTA)
OFFICE ADDRESS:- Industrial Estate Jaraka, Dist.-Jajpur
1. Licence No:- TR-10846/2019
2. Pan No:- AADCK8312M
3. GSTIN:-21AADCK8312M2ZK
Challan No. 2851
From: Ramco Cement Haridas Pur
To: Puri Godown Satasankha, Puri
Date: 30/04/22
Truck No: OR14T-1328
Owner: R. Behera
Owner Phone No: 7853983707
Adv. Cash Rs. 11,000
Driver Name: S. Behera
Net Weight: 25.1000 MT

ରାମ୍‌କୋ ସିମେଣ୍ଟ ପରିବହନ ସଂକ୍ରାନ୍ତ ୨ ରସିଦ।

# ବାଇକ୍ ସହ ଜଳିଗଲେ ଯୁବକ

## କାରଣ ଖୋଜୁଛି ପୋଲିସ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ମହାରାଜା ସିନେମା ହଲ୍ ସମ୍ମୁଖ ଆଚାର୍ଯ୍ୟବିହାର ଓଭରବ୍ରିଜ ଉପରେ ରବିବାର ରାତି ପ୍ରାୟ ୧୨ଟା ୩୦ରେ ବାଇକ ସହ ଜଣେ ଯୁବକ ଜୀବନ୍ତ ଜଳିଯାଇଥିଲେ। ସୋମବାର ତାଙ୍କ ପରିଚୟ ମିଳିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଜଗତ୍‌ସିଂହପୁର ଟାଉନ ଥାନା ଅନ୍ତର୍ଗତ ପୁରୋହିତପୁର ଗାଁର ଅମ୍ବିକା ପ୍ରସାଦ ପତି। ସେ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ରହି ମାର୍କେଟିଂ କାମ କରୁଥିଲେ। ଚନ୍ଦ୍ରଶେଖରପୁରରୁ ବାହାଘର ଭୋଜି ଖାଇ କେଶୁରାସ୍ଥିତ ଭଡାଘରକୁ ଫେରୁଥିବାବେଳେ ଏହି ଦୁଃଖଦ ଘଟଣା ଘଟିଛି। ଶହୀଦନଗର ଥାନା ପୋଲିସ କାରଣ ଖୋଜୁଥିବାବେଳେ ସନ୍ଦେହ ଯେତିକି ବଢ଼ୁଛି, ଘଟଣା ସେତିକି ରହସ୍ୟମୟ ହେଉଛି। ଏହା ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା? ତାହାକୁ ନେଇ ଏବେ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ବାଇକରେ ନିଆଁ ଲାଗିଯିବା ପରେ ଯୁବକ ଜଣକ ଏହା ସଂସ୍ପର୍ଶରେ ଆସି ଜଳିଯାଇଥାଇପାରନ୍ତି। କିନ୍ତୁ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ତଦନ୍ତ ପାଇଁ ଏମ୍‌ଭିଆଇଙ୍କୁ ଅବଗତ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର କାରଣ ଜଣାପଡିବ। କିନ୍ତୁ ଅମ୍ବିକାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ପୁଅ ମୃତ୍ୟୁର ସଠିକ୍ ତଦନ୍ତ କରାଯାଉ ବୋଲି ବାପା ସୁରେନ୍ଦ୍ର ନାଥ ପତି ଦାବି କରିଛନ୍ତି। ଅମ୍ବିକାଙ୍କୁ ଦେଖିବାକୁ କ୍ୟାପିଟାଲ ହସ୍ପିଟାଲ ଆସିଥିବା ସାଙ୍ଗମାନେ କହିଛନ୍ତି, ଯଦି ବାଇକରେ ନିଆଁ ଲାଗିଲା ତା'ହେଲେ ଜଣେ ମଣିଷ ୭୫ ପ୍ରତିଶତରୁ ଅଧିକ ପୋଡିଲେ କେମିତି? ପୁଣି ସେ ଛିଟିକି ପଡ଼ିବା ସହ ପୋଡ଼ିବେ କିପରି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏପଟେ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ପୁଅର ମୃତ୍ୟୁ ଘଟିଛି ବୋଲି ବାପା ସୁରେନ୍ଦ୍ର ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ନଂ.୨୯୧/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏଥିସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଅମ୍ବିକାଙ୍କ ମୃତଦେହ ହସ୍ତାନ୍ତର କରିଛି। ଏଥିସହ ପୋଲିସ ଉକ୍ତ ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବ ଓ ଯାହାଙ୍କ ବାହାଘରକୁ ଯାଇଥିଲେ ତାଙ୍କୁ ପଚରାଉଚରା କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନାନୁଯାୟୀ, ଓଭରବ୍ରିଜ ଉପରେ ହୁତୁହୁତୁ ହୋଇ ନିଆଁ ଜଳୁଥିବା ଦେଖି କେତେଜଣ ଲୋକ ସେଠାକୁ ଯାଇ ଜଣେ ଯୁବକ ବାଇକ୍ ସହ ଜଳିଯାଉଥିବା ଜାଣିବାକୁ ପାଇଥିଲେ। ସଙ୍ଗେସଙ୍ଗେ ସେମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିବା ସହ ଥାନାକୁ ଖବର ଦେଇଥିଲେ। ପ୍ରଥମେ ପୋଲିସ ଓ ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଚିକିତ୍ସା ନିମନ୍ତେ ତାଙ୍କ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏକମାତ୍ର ପୁଅକୁ ହରାଇ ଏବେ ମା'ବାପା ଭାଙ୍ଗି ପଡିଛନ୍ତି। ମୃତଦେହକୁ ନେବାବେଳେ କ୍ୟାପିଟାଲ ହସ୍ପିଟାଲ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ସେମାନଙ୍କ ଛାତିଫଟା କାନ୍ଦଣା ଅନ୍ୟମାନଙ୍କ ଆଖିରେ ଲୁହ ଭରି ଦେଇଥିଲା।

# ପଦାରେ ପଡ଼ିଲା କଂଗ୍ରେସ ଗୋଷ୍ଠୀ ବିବାଦ


ଅଜୟ ସାମଲ ସମର୍ଥକଙ୍କ ସହ ସତ୍ୟାଗ୍ରହ କରୁଛନ୍ତି।


ରାଜନାରାୟଣ ମହାପାତ୍ର ସମର୍ଥକଙ୍କ ସହ ଆନ୍ଦୋଳନ କରୁଛନ୍ତି।

## ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅଶାନ୍ତିରେ ପରିଣତ

ଚଣ୍ଡିଖୋଲ,୨୭।୬(ଡି.ଏନ.ଏ.)

ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ବିରୋଧରେ ସୋମବାର ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯିବାକୁ ସ୍ଥିର କରାଯାଇଥିଲା। କିନ୍ତୁ ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅଶାନ୍ତରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗତ ବିଧାନସଭା ନିର୍ବାଚନରେ ନିର୍ବାଚିତ ହୋଇଥିବା ବିଧାୟକ ଓ ପରାଜିତ ହୋଇଥିବା ପ୍ରାର୍ଥୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରାଯିବାକୁ ଚିଠି ପ୍ରେରଣ କରାଯାଇଥିଲା। ତେବେ ରବିବାର ବଡ଼ଚଣାର ଗତ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅଜୟ ସାମଲ ଓ କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ଗୋଷ୍ଠୀ ମଧ୍ୟରେ ଏକତ୍ର ହୋଇ ଚଣ୍ଡିଖୋଲ ବୁଦ୍ଧମୂର୍ତ୍ତି ନିକଟରେ ମିଳିତ ଭାବେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରିବାକୁ ସ୍ଥିର କରାଯାଇଥିଲା। ମାତ୍ର ହଠାତ ସୋମବାର ସାମଲ ପ୍ରଥମେ ନିଜ ସମର୍ଥକଙ୍କ ସହ ସତ୍ୟାଗ୍ରହ ସ୍ଥଳକୁ ଆସିଥିଲେ। ସେଠାରେ ୧ ଘଣ୍ଟା ଧରି କାର୍ଯ୍ୟକ୍ରମ କରିବା ପରେ କ୍ୟାପଟେନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ କର୍ମୀମାନେ ସେଠାରେ ପହଞ୍ଚିଥିଲେ। ତେବେ ଉଭୟ ପକ୍ଷ ବ୍ୟାନର ମରାକୁ ନେଇ ବିବାଦ ହୋଇଥିଲା। ଯେଉଁଥିରେ ସାମଲ ଦିନ ୧୧ ଟାରେ ନିଜ ସମର୍ଥକଙ୍କ ସହ ସେଠାରୁ ଚାଲିଯାଇଥିଲେ। ଏହାପରେ କ୍ୟାପଟେନ ମହାପାତ୍ର ତାଙ୍କ ସମର୍ଥକଙ୍କ ସହ ସେଠାରେ ସଭା ଆୟୋଜନ କରିଥିଲେ। ବ୍ଲକ କଂଗ୍ରେସ ଉପସଭାପତି ପ୍ରଦୀପ୍ତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସତ୍ୟାଗ୍ରହ ସଭାରେ କ୍ୟାପଟେନ ମହାପତ୍ରଙ୍କ ସମେତ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦୀପ ସାମଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେନ୍ଦ୍ର ନାୟକ, ଧୁଳେଶ୍ୱର ରାୟ, କୂଳମଣୀ ବାରିକ ପ୍ରମୁଖ ଯୋଜନା ବିରୋଧରେ ବକ୍ତବ୍ୟ ରଖିଥିଲେ। ସେହିଭଳି ସାମଲଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର କର, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ସାହୁ, ପ୍ରାକ୍ତନ ସମିତି ସଭ୍ୟ ବଟକୃଷ୍ଣ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ତେବେ ଏଭଳି ବିବାଦକୁ ନେଇ ସାମଲ କୁହନ୍ତି, ଆମର ଏକତ୍ର ହୋଇ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଥିଲା। କେବଳ ଜାତୀୟସ୍ତର ଓ ରାଜ୍ୟସ୍ତର ନେତାଙ୍କ ଫଟୋଥିବା ବ୍ୟାନର ରହିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ସକାଳେ ମୁଁ ସତ୍ୟାଗ୍ରହ ସ୍ଥଳରେ ପ୍ରଥମେ ପହଞ୍ଚି ଦେଖିଲି ଯେ ସେଠାରେ ରାଜନାରାୟଣଙ୍କ ଫଟୋଥିବା ବ୍ୟାନର ରହିଛି। ଏକଥା କହିବାରୁ ତାଙ୍କର ସମର୍ଥକମାନେ ତୁମ ବ୍ୟାନର ଲଗାଅ ବୋଲି କହିଥିଲେ। ତେଣୁ ମୋ ଫଟୋଥିବା ବ୍ୟାନର ଲଗାଯାଇଥିଲା। ଯେତେବେଳେ ସେମାନେ ପହଞ୍ଚିଲେ ମୋ ବ୍ୟାନରକୁ ଖୋଲିଦେଲେ। ସେଥିପାଇଁ ମୁଁ ସ୍ଥାନ ଛାଡ଼ି ଚାଲି ଆସିଲି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଜନାରାୟଣ କୁହନ୍ତି, ଆମେ ଶୋଭାଯାତ୍ରରେ ସତ୍ୟାଗ୍ରହସ୍ଥଳରେ ପହଞ୍ଚିବା ବେଳକୁ ବର୍ଷା ହୋଇଥିଲା। ପରେ ସେଠାରୁ ସେମାନେ ଚାଲିଯାଇଥିଲେ। ଆମର କୌଣସି ବିବାଦ ହୋଇନାହିଁ।

# ବେଆଇନ ଭାବେ ଚାଲିଛି ଟମକା ରେଲ୍‌ୱେ ସାଇଡିଂ

## ଏନ୍‌ଜିଟିରେ ଅଭିଯୋଗ

ଯାଜପୁର ଅଫିସ,୨୭।୬

ଯାଜପୁର ଜିଲା ଦାନଗଦି ବ୍ଲକ ଟମକା ରେଲୱେ ସାଇଡିଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ବିନା ଅନୁମତିରେ ଚାଲିଥିବା ନେଇ ସୋମବାର ଏନ୍‌ଜିଟିରେ ଅଭିଯୋଗ ଫର୍ଦ୍ଦଦାଖଲ ହୋଇଛି। କିଆଁଝର ପଞ୍ଚାୟତ ଡଙ୍କାରୀସାହି ଗ୍ରାମର ଆଲୋକ ଜ୍ୟୋତି ମହନ୍ତ ଏନେଇ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ଏସ୍‌ପିସିବିର ସଦସ୍ୟ ସଚିବ, ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଯାଜପୁର ଜିଲାପାଳ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ର ସଦସ୍ୟ ସଚିବଙ୍କ ଅଭିଯୋଗରେ ପକ୍ଷଭୁକ୍ତ କରାଯାଇଛି। ଅଭିଯୋଗ ଅନୁସାରେ ଟମକା ରେଲୱେ ସାଇଡିଂରେ ଦୈନିକ ୮୦୦ ମେଟ୍ରିକ ଟନ ଜିପସନ୍ ସ୍ଲାଗ, କ୍ଲିଙ୍କର, କୋଇଲା ଓ ଲୁହାପଥର ପରିବହନ କରାଯାଉଛି। ଏହି ସାଇଡିଂ ପରିସରରୁ ବର୍ଷା ପାଣି ବିନା ଉପଚାରରେ ସିଧାସଳଖ ଗଣ୍ଡାନାଳାରେ ମିଶୁଛି। ଏଥିଯୋଗୁ ଚାଷଜମି ପ୍ରଭାବିତ ହେଉଛି। ବିନା ଡାଙ୍କୁଣିରେ ପ୍ରଦୂଷିତ ସାମଗ୍ରୀ ମହଜୁଦ ରଖାଯାଉଛି। ଏହାସହ ସାଇଡିଂରେ ଗାଡ଼ି ହ୍ୱିଲ ୱାଶିଂ ସିଷ୍ଟମ, ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ), ସବୁଜିମା ଆଦି ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି।

# କୃଷକ ସଚେତନତା ଶୋଭାଯାତ୍ରାକୁ ସ୍ୱାଗତ



କୃଷକ ସଚେତନତା ଶୋଭାଯାତ୍ରାକୁ ସ୍ୱାଗତ କରାଯାଉଛି।

ରସୁଲପୁର,୨୭।୬(ଡି.ଏନ.ଏ.): ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆତ୍ମନିର୍ଭରଶୀଳ କୃଷକ ସଚେତନତା ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରା କଳସକୁ ସ୍ୱାଗତ କରିଥିଲେ। ସରପଞ୍ଚ ରାଉତ ପଞ୍ଚାୟତ ପରିସରରେ ଅନୁଷ୍ଠାନର ପ୍ରତାକା ଉତ୍ତୋଳନ କରିବା ସହ ପ୍ରଦୀପ ପ୍ରଜ୍ୱଳନକରି ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୋଳଥଳ ସେବାକେନ୍ଦ୍ର ପକ୍ଷରୁ ଜିଲା ବ୍ୟାପୀ ସଚେତନତା ଶୋଭାଯାତ୍ରା ଜରିଆରେ କୃଷକ ଆତ୍ମନିର୍ଭରଶୀଳ ହେବାର ଉପାୟ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଉଛି। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ପରାମର୍ଶ ଦିଆଯାଉଛି। ଫସଲରେ କୀଟନାଶକ ସିଞ୍ଚନ ବଦଳରେ ନିମ ପିଡ଼ିଆ ଓ ଘରୋଇ ଉପଚାରରେ ରୋଗପୋକ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଥିସହ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବା, ସମାଜକୁ ନିଶାମୁକ୍ତ କରିବା, ଭୂତଳ ଜଳସ୍ତର ବଢାଇବା ଦିଗରେ କୃଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବ୍ରହ୍ମାକୁମାର ସରୋଜ ଭାଇ, ବ୍ରହ୍ମାକୁମାରୀ ଭାବନା, ବ୍ରହ୍ମାକୁମାରୀ ସୁଧା, ବ୍ରହ୍ମାକୁମାରୀ ବିଜୟା, ବ୍ରହ୍ମାକୁମାରୀ ମିତା ପ୍ରମୁଖ ମତ ରଖିଥିଲେ। ବ୍ରହ୍ମାକୁମାରୀ ପୂର୍ଣ୍ଣିମାଙ୍କ ସଂଯୋଜନାରେ କୁନି ପିଲାଙ୍କ ଦ୍ୱାରା କୃଷକଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରାହ୍ମକୁମାରୀମାନେ ଯୋଗ ପ୍ରଣାଳୀରେ କୃଷିକାର୍ଯ୍ୟ ସମ୍ପାଦନ ସମ୍ପର୍କରେ ମତ ରଖିବା ସହ ଉପସ୍ଥିତ ଚାଷୀଙ୍କୁ ନେଇ ୨ ମିନିଟ୍ ଧ୍ୟାନରତ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରା ମେ' ୨୪ରୁ ଯାଜପୁର ଜିଲା ଗୌତମବୁଦ୍ଧ ସଂସ୍କୃତି ଭବନରୁ ବାହାରିଛି। ଜୁଲାଇ ୩ରେ ଏହା ବଡ଼ଚଣା ବ୍ଲକରେ ଶେଷ ହେବ। ଏହି ୪୦ଦିନର ଅବଧିରେ ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ବିଭିନ୍ନ ପଞ୍ଚାୟତ ଭ୍ରମଣକରି କୃଷକ ଆତ୍ମନିର୍ଭରଶୀଳ ସମ୍ପର୍କରେ ସଚେତନ କରିବେ ବୋଲି ସୂଚନା ମିଳିଛି।


**ଏସ୍‌ଏଲ୍‌ଆର୍/ଭିପିର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୦୧-୨୨ ତାରିଖ: ୨୪।୦୬।୨୦୨୨
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ପାର୍ସଲଗୁଡ଼ିକର ପରିବହନ ପାଇଁ ୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଭିପିଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା **https://www.ireps.gov.in** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତି ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୦୧-୨୨ | ୧୧।୦୭।୨୦୨୨ | ୧୦.୦୦ ଘଟିକା | ୧୩.୦୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-264) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି**

ରେଳ କାର୍ଗୋକୁ ସମ୍ଭାଳିବା ନିମନ୍ତେ ଅତିରିକ୍ତ ଟର୍ମିନାଲର ବିକାଶରେ ଉଦ୍ୟୋଗରୁ ନିବେଶକୁ ବୃଦ୍ଧି କରିବା ପାଇଁ, ଏକ ନୂଆ ଗତି ଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲ (ଜିସିଟି) ନୀତି ଆଗତ କରାଯାଇଛି। ନୀତିକୁ କାର୍ଯ୍ୟାନ୍ୱୟନ କରିବା ପାଇଁ, ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଗତି ଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲ (ଜିସିଟି) ଯୋଜନା ଅଧୀନରେ ବିମଳଗଡ଼-ବରସୁଆଁ ସେକ୍ସନ ମଧ୍ୟରେ ଗଗନାପୋଷଠାରେ ଗତି ଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲର ବିକାଶ ନିମନ୍ତେ ଇଓଆଇ ଆହ୍ୱାନ କରୁଛି।
ଇଓଆଇ ଦସ୍ତାବିଜ ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ପ୍ରକାଶିତ ହେଉଛି। ଏହି ଇଓଆଇ ଦସ୍ତାବିଜର ଉଦ୍ଦେଶ୍ୟ ହେଉଛି ଆଗ୍ରହୀ ପକ୍ଷମାନଙ୍କୁ ପ୍ରକଳ୍ପ ସମ୍ପର୍କରେ ସୂଚନା ଯୋଗାଇବା ଏବଂ ପ୍ରକଳ୍ପର ପରିସରକୁ ବୁଝିବାରେ ସାହାଯ୍ୟ କରିବା ତଥା ଆଗ୍ରହୀ ଓ ଯୋଗ୍ୟ "ଏଜେନ୍ସିଗୁଡ଼ିକ"ଠାରୁ ମତାମତ ଆହ୍ୱାନ କରିବା। ଇଓଆଇ ବିଜ୍ଞପ୍ତି ପ୍ରତ୍ୟୁତ୍ତରରେ ନିଜର ମତାମତ ଏବଂ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ଇଓଆଇ ଦସ୍ତାବିଜଗୁଡ଼ିକୁ ଧ୍ୟାନ ସହକାରେ ପଢ଼ିନେବା ପାଇଁ ଏଜେନ୍ସିଗୁଡ଼ିକୁ ପରାମର୍ଶ ଦିଆଯାଉଛି। ଏହି ଇଓଆଇ ଦସ୍ତାବିଜ ପାଇଁ ଅଂଶଗ୍ରହଣକାରୀମାନଙ୍କଠାରୁ ପ୍ରାପ୍ତ ପ୍ରତ୍ୟୁତ୍ତରର ଅଂଶବିଶେଷ ଭାବେ ମତାମତ ଏବଂ ପ୍ରସ୍ତାବଗୁଡ଼ିକୁ ପ୍ରକଳ୍ପ ନିମନ୍ତେ ଆର୍‌ଏଫ୍‌ପିକୁ ଔପଚାରିକ ରୂପ ଦେବା ପାଇଁ ବ୍ୟବହାର କରାଯାଇପାରେ, ଯାହାକୁ ନିକଟ ଭବିଷ୍ୟତରେ ପ୍ରକାଶିତ କରାଯିବ। ଇଓଆଇ ଦସ୍ତାବିଜଗୁଡ଼ିକ ହସ୍ତାନ୍ତରଯୋଗ୍ୟ ନୁହେଁ।

| | |
|---|---|
| ଇଓଆଇ ପ୍ରତ୍ୟୁତ୍ତରର ଶେଷ ତାରିଖ | ସର୍ବଶେଷ ୩୧।୦୭।୨୦୨୨, ୧୫.୦୦ ଘଟିକା ସୁଦ୍ଧା |
| ଇଓଆଇ ପ୍ରତି ଅଫର/ପ୍ରତ୍ୟୁତ୍ତର ଦାଖଲ କରାଯିବ | କ) ଇମେଲ୍: srdcm@ckp.railnet.gov.in<br>ଖ) ପ୍ରତ୍ୟୁତ୍ତରଗୁଡ଼ିକର ହାର୍ଡକପିକୁ ସ୍ପିଡ୍ ପୋଷ୍ଟ ଜରିଆରେ ନିମ୍ନଲିଖିତ ଠିକଣାକୁ ୩୧.୦୭.୨୦୨୨, ୧୫.୦୦ ଘଟିକା ସୁଦ୍ଧା ପଠାଯିବା ଆବଶ୍ୟକ:<br>ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର<br>ଦକ୍ଷିଣ ପୂର୍ବ ରେଳପଥ<br>ଚକ୍ରଧରପୁର ଡିଭିଜନ<br>ଚକ୍ରଧରପୁର-୮୩୧୦୦୨ |
| ଇଓଆଇ ଡାଉନଲୋଡ୍ ପାଇଁ ୱେବ୍‌ସାଇଟ୍ | https://ser.indianrailways.gov.in |

(PR-265) ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



**GOVERNMENT OF ODISHA**
**OFFICE OF THE**
**SUPERINTENDING ENGINEER, RWSS DIVISION, KORAPUT**
e-mail: eerwss_kpt@rediffmail.com, Ph. No.: 06852-250281 (Off), Ph. No. 06852-250680 (Res.) Fax No.: 06852-251098

**National Competitive Bidding Through E-Procurement**

**Tender Identification No. 05/SE/RWSS/KPT/2022-23 /23.06.2022**

No. O-541: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double Cover (P1 Contract) from the eligible class of experienced registered contractors through e-Tendering system for the Piped Water Supply works as detailed in DTCN. The bid should be submitted Online in the website **www.tenderorissa.gov.in** separately for the works.

| | | | |
|---|---|---|---|
| 1. | Nature of Work | : | Rural Piped Water Supply Projects under Koraput district. |
| 2. | Estimated Cost | : | Varies from 50.78 lakhs to 414.20 lakhs |
| 3. | Total Nos. of Works | : | 9 Nos. |
| 4. | Tender Cost | : | Rs.10,000.00 |
| 5. | Class of Contractor | : | "B", "A" & Special Class |
| 6. | Availability of Bid document in the website | : | Dt.06.07.2022 at 17.00 hours to 19.07.2022 upto 17.00 hours |
| 7. | Date of seeking clarification | : | During the office hours of 06.07.2022 to 18.07.2022 |
| 8. | Date of Opening of Bid | : | Dt.20.07.2022 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in.** Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

OIPR-25034/11/0008/2223 **Sd./- Superintending Engineer**
**RWS&S Division, Koraput**



150 YEARS OF CELEBRATING THE MAHATMA
सत्यमेव जयते
रक्षा सम्पदा संगठन Defence Estates Organisation

**Govt. of India, Ministry of Defence**
**Defence Estates Office, Odisha Circle**
**SECOND E-AUCTION NOTICE**

**File No.OR/AUCTION/XIX/25** **Dated:24.06.2022**

It is hereby notified for information of general public that Second E-auction of 398 different standing trees at Army A D College Gopalur in Gopalpur Mil. Stn., District Ganjam Through Central Public Procurement Portal of Govt of India i.e. www.eauction.gov.in. The bidders have to submit their bids online till 11.07.2022. The e-auction will be carried out on 13.07.2022. The other details/ descriptions of the trees along with terms and conditions of the auction can be obtained by the interested persons through www.eauction.gov.in for further information if required, kindly mail deobhub-stats@nic.in.
Auction Id 2022_MoD_1865

**Sd/- (Hemant Jain)**
**Defence Estates Officer**
**Odisha circle, Bhubaneswar**



**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩

**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି।
୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ନିମ୍ନଦର୍ଶିତ ଦଖଲ ତାରିଖ ସୁଦ୍ଧା ବକେୟା ଦେୟ ତତ୍‌ସହିତ ପରିଶୋଧ ତାରିଖ ଯାଏ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ଏବଂ ଦେୟ ।
୩) ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଓଡ଼ଗାଁ ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପିତବାସ ସେନାପତି, ପିତା: ଶ୍ରୀ ହଜାରୀ ସେନାପତି / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ କାଶିନାଥ ସେନାପତି, ପିତା: ଶ୍ରୀ ହଜାରୀ ସେନାପତି, ୨) ଶ୍ରୀ ଭାସ୍କର ସେନାପତି, ପିତା: ଶ୍ରୀ ହଜାରୀ ସେନାପତି / ଜାମିନ୍‌ଦାର: ଶ୍ରୀ ସଞ୍ଜିବ କୁମାର ମହାପାତ୍ର, ପିତା: ଦୁର୍ଯ୍ୟୋଧନ ମହାପାତ୍ର, ସମସ୍ତଙ୍କ ଠିକଣା- ସା.: ପଞ୍ଚରିଡା ମାନପୁର, ପୋ.: ପଞ୍ଚରିଡା, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୦ | ଶ୍ରୀ କାଶିନାଥ ସେନାପତି, ଶ୍ରୀ ଭାସ୍କର ସେନାପତି ଏବଂ ଶ୍ରୀ ପିତାମ୍ବର ସେନାପତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ପଞ୍ଚରିଡା ମାନପୁର, ଖାତା ନଂ.: ୪୨, ପ୍ଲଟ୍ ନଂ.: ୧୩୭୫, କ୍ଷେତ୍ର: ଏକର୦.୦୬୦ ଡିସିମିଲି, କିସମ: ଘରବାରି | ୧୫.୦୯.୨୦୨୧ ସୁଦ୍ଧା ଟ.୫,୧୮,୩୨୯/-/ ୨୩.୦୬.୨୦୨୨ ସୁଦ୍ଧା ଟ.୫,୬୪,୦୦୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୦୯.୨୦୨୧ / ୨୩.୦୬.୨୦୨୨ |
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପ୍ରଭାତ କୁମାର ଦାଶ, ପିତା: ଶ୍ରୀ ସୁଦର୍ଶନ ଦାଶ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ଦାଶ, ପିତା: ସୁଦର୍ଶନ ଦାଶ, ଉଭୟଙ୍କ ଠିକଣା- ସା.: ଗୋଠବଣ, ପୋ.: ଗୌଡ଼ପୁଟ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୭୭ | ଶ୍ରୀ ପ୍ରଭାତ କୁମାର ଦାଶ ଏବଂ ଶ୍ରୀ ସନ୍ତୋଷ କୁମାର ଦାଶଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଘଷାଦେଇପୁର, ଖାତା ନଂ.: ୨୬୨/୧୭୯, ପ୍ଲଟ୍ ନଂ.: ୬୭୨/୧୦୯୩, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି | ୧୫.୦୯.୨୦୨୧ ସୁଦ୍ଧା ଟ.୬,୯୭,୪୬୮/-/ ୨୩.୦୬.୨୦୨୨ ସୁଦ୍ଧା ଟ.୭,୭୪,୯୬୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୦୯.୨୦୨୧ / ୨୩.୦୬.୨୦୨୨ |

ତାରିଖ: ୨୭.୦୬.୨୦୨୨, ସ୍ଥାନ: ଖୋର୍ଦ୍ଧା ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

> କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ଇ ଅତିମାନବର ଉଦ୍‌ଭବ ହେବ। –ଶ୍ରୀଅରବିନ୍ଦ

# ବିରୋଧ କଲେ ଜେଲ

ଦୀର୍ଘ ୨୦ ବର୍ଷ ପରେ ୨୦୦୨ ଗୁଜରାଟ ଦଙ୍ଗା ସ୍ମୃତି ପୁଣି ଉଜ୍ଜୀବିତ ହୋଇଛି। ସୁପ୍ରିମକୋର୍ଟ ୨୪ ଜୁନ୍ ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୋଧ୍ରା ପରବର୍ତ୍ତୀ ଦଙ୍ଗା ମାମଲାରୁ ମୁକ୍ତ କରିଛନ୍ତି। ସେହିଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଥିଲେ, ମୁମ୍ବାଇଭିତ୍ତିକ ସାମାଜିକ କର୍ମୀ ତୀସ୍ତା ସିତଲୱାଡ୍ ଦଙ୍ଗା ପରେ ଭାଜପା ନେତା ଓ କର୍ମୀଙ୍କ ବିରୋଧରେ ଜାଲ୍ କାଗଜପତ୍ର ତିଆରି କରିଥିଲେ। ଶାହାଙ୍କର ଏଭଳି କହିବାର ୨୪ ଘଣ୍ଟା ନପୂରୁଣୁ ତୀସ୍ତାଙ୍କୁ ତାଙ୍କ ମୁମ୍ବାଇସ୍ଥିତ ବାସଭବନକୁ ଆସି ପଡ଼ୋଶୀ ରାଜ୍ୟ ଗୁଜରାଟ ପୋଲିସ ୨୫ ଜୁନ୍‌ରେ ଘୋଷାରି ନେଲା। ଏଥିସହିତ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଭିଯୋଗ ଆଣିଥିବା ପୂର୍ବତନ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଆର୍.ବି. ଶ୍ରୀକୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି। ଏଠାରେ ମନେପଡ଼େ ୨୫ ଜୁନ୍ ୧୯୭୫ ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତି କଥା। ସେତେବେଳେ ସରକାର ବା ବ୍ୟବସ୍ଥା ବିରୋଧରେ ଯେଉଁମାନେ ସ୍ୱର ଉତ୍ତୋଳନ କରୁଥିଲେ ସମସ୍ତଙ୍କୁ ଗିରଫ କରାଯାଉଥିଲା। ଏବକାର ଘଟଣାଗୁଡ଼ିକୁ ଦେଖିଲେ ସେହି ଅନ୍ଧକାର ଯୁଗ ମନେ ପଡ଼ିଯାଉଛି। ଏବେ ସରକାର କିମ୍ବା ସରକାରୀ ନିଷ୍ପତ୍ତିକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଖୋଲାଖୋଲି ଦଣ୍ଡିତ କରିବାର ପ୍ରକ୍ରିୟା ଅଧିକ ଜୋର୍ ଧରିଛି। ଗୋଟିଏ ପଟେ ଦରଦାମ୍ ବୃଦ୍ଧିରୁ ଅସହାୟ ହୋଇପଡ଼ିଥିବା ନାଗରିକ ନିଜ ବ୍ୟକ୍ତିଗତ ଅର୍ଥନୀତି ଭୁଶୁଡ଼ି ପଡୁଥିବାର ଦେଖୁଥିବା ବେଳେ ଅନ୍ୟପଟେ ବିଭିନ୍ନ ରାଜନୈତିକ କାହାଣୀ ଶୁଣି ବାଟବଣା ହେଉଛନ୍ତି। ଯେତେବେଳେ 'ଅଗ୍ନିପଥ'ର ଅଗ୍ନି ଚାରିଆଡ଼େ ବ୍ୟାପିବାକୁ ଲାଗିଗଲା ସେତେବେଳେ ମହାରାଷ୍ଟ୍ରର ଶିବସେନା ବିଧାୟକଙ୍କ ଦଳ ବିରୋଧୀ କାର୍ଯ୍ୟ ଟେଲିଭିଜନ୍‌ର ଅଧିକ ସମୟ ମାଡ଼ିବସିଲା। କେବଳ ଯେଉଁମାନଙ୍କ ସନ୍ତାନ ସେନାରେ ଭର୍ତ୍ତି ହେବା ପାଇଁ ପରୀକ୍ଷା ଦେବାକୁ ଯାଉଥିଲେ ସେହିମାନେ ନିଜର ଦୁଃଖକୁ ମନେପକାଇ ଅଧିକ ଦୁଃଖିତ ହେଉଥିବେ। ଅନ୍ୟସବୁ ଦେଶବାସୀଙ୍କୁ ଭିନ୍ନ ଖାଦ୍ୟ ସ୍ୱାଦକର ମନେହେଲାଣି। ଗୋଟିଏ ବିଷୟରୁ ଅନ୍ୟ ଏକ ବିଷୟକୁ ଡେଇଁବା ହୋଇଗଲାଣି ଆଜିର ଲୋକ ଚରିତ୍ର। କେହି ଜଣେ ଥୟ ହୋଇ ସମସ୍ୟା ସମ୍ପର୍କରେ ଚିନ୍ତା କରିବାକୁ ସମୟ ପାଉ ନାହାନ୍ତି।

> ଆମେରିକାର ଉଦାହରଣ ଦେଖିଲେ, ସରକାରଠାରୁ ନ୍ୟାୟପାଳିକା ଯଦି ଦୂରେଇ ନ ରହନ୍ତି, ତାହା ହେଲେ ସାଧାରଣ ନାଗରିକଙ୍କୁ ନ୍ୟାୟ ମିଳିବା ସମ୍ଭବପର ହେବ ନାହିଁ।

୨୦୦୨ରେ ତତ୍କାଳୀନ କଂଗ୍ରେସ ଏମ୍‌ପି ଏହସାନ୍ ଜାଫ୍ରିଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ତ୍ରୀ ଜାକିଆ ଜାଫ୍ରି ଗୁଜରାଟର ସେହି ସମୟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ଭାଜପା ନେତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେବା ପରେ ସେ ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ୍ ଏ. ଏମ୍. ଖାନ୍‌ୱିଲ୍‌କରଙ୍କ ନେତୃତ୍ୱରେ ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଓ ସିଟି ରବିକୁମାରଙ୍କ ଦ୍ୱାରା ଗଠିତ ପୀଠ ତାଙ୍କ ଆବେଦନକୁ ଖାରଜ କରିଦେବା ଓ ମୋଦିଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଘୋଷଣା କରିବା ପରେ ଜାକିଆ ଜାଫ୍ରିଙ୍କୁ ସହଯୋଗ ଯୋଗାଇ ଆସିଥିବା ସାମାଜିକ କର୍ମୀ ତୀସ୍ତାଙ୍କ ଅଡୁଆ ବଢ଼ିଗଲା। ତାଙ୍କ ଏନ୍‌ଜିଓ 'ସିଟିଜେନ୍ସ ଫର୍ ଜଷ୍ଟିସ୍ ଆଣ୍ଡ୍ ପିସ୍' (ସିଜେପି) ବିରୋଧରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଅଭିଯୋଗ ଅଣାଯାଇ ତାଙ୍କୁ ଗିରଫ କରାଯାଇଛି। ବିଦେଶରୁ ତାଙ୍କ ଏନ୍‌ଜିଓକୁ ଯୋଗାଇ ଦିଆଯାଇଥିବା ପାଣ୍ଠିକୁ ତୀସ୍ତା ହଡ଼ପ କରିବା ସହ ବିଭିନ୍ନ ନ୍ୟାୟିକ କାର୍ଯ୍ୟରେ ମିଥ୍ୟା ପ୍ରମାଣ ଦେଇଥିବାର ବିଷୟ ଏହି ଅଭିଯୋଗରେ ସନ୍ନିବେଶିତ କରାଯାଇଛି। ଜୁନ୍ ୨୬ରେ ତୀସ୍ତାଙ୍କୁ ଜୁଲାଇ ୧ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦିଆଯାଇଥିବା ବେଳେ ଜୁଲାଇ ୨ ତାରିଖରେ ତାଙ୍କୁ ଅହମଦାବାଦ କୋର୍ଟରେ ହାଜର କରାଯିବ ବୋଲି କୁହାଯାଉଛି। ଏଥିସହିତ ତତ୍କାଳୀନ ପୋଲିସ ଅଫିସର ଶ୍ରୀକୁମାର ସେତେବେଳର ମୋଦିଙ୍କ ନେତୃତ୍ୱାଧୀନ ଗୁଜରାଟ ସରକାର ଦଙ୍ଗା ରୋକିବା ବାଟରେ ବଧକ ସାଜିଥିଲେ ବୋଲି କହିଥିବାରୁ ଏବେ ତାଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି। ହୁଏତ ଆଗକୁ ତୀସ୍ତା ଓ ଶ୍ରୀକୁମାରଙ୍କୁ ଦୀର୍ଘବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ସହ ଅନ୍ୟାୟକୁ ବିରୋଧ କରିବାର ବ୍ୟବସ୍ଥା ରହିବା କଥା। କିନ୍ତୁ ସରକାର ବିରୋଧୀ ମନ୍ତବ୍ୟ ବା ପଦକ୍ଷେପ ନେଉଥିବା ବ୍ୟକ୍ତିଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ସାମାଜିକ କର୍ମୀ ତୀସ୍ତା ଓ ପୂର୍ବତନ ପୋଲିସ ଅଧିକାରୀ ତଥା ହ୍ୱିସିଲ-ବ୍ଲୋୟର ଆର୍. ବି. ଶ୍ରୀକୁମାର ଯେଉଁ ଅଭିଯୋଗ ଆଣିଥିଲେ ସେଥିପାଇଁ ସେମାନଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡ଼ିଛି। ସେଥିରୁ ଏ ଦୁହେଁ ବର୍ତ୍ତିକରି ବାହାରି ପାରିବେ ବୋଲି ବିଶ୍ୱାସ ହେଉନାହିଁ। ସେହିଭଳି ପୂର୍ବରୁ ଗିରଫ ହୋଇଥିବା ପୋଲିସ ଅଧିକାରୀ ସଞ୍ଜୀବ ଭଟ୍ଟ ମଧ୍ୟ ଜେଲଦଣ୍ଡ ଭୋଗୁଛନ୍ତି। ସେ ଗୁଜରାଟ ଦଙ୍ଗାରେ ମୋଦିଙ୍କ ଭୂମିକାକୁ ପ୍ରଶ୍ନ କରିଥିବାରୁ ତାଙ୍କୁ ବିଭିନ୍ନ ମାମଲାରେ ଜଡ଼ିତ କରି ଦଣ୍ଡିତ କରାଯାଇଛି। ଯଦି ବ୍ୟବସ୍ଥା ପ୍ରତିଶୋଧପରାୟଣ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ମନସ୍ଥ କରେ, ତେବେ ତାହାକୁ କିଏବା ରୋକିବ। ଯେଉଁ ବ୍ୟବସ୍ଥାରେ ଇତିହାସକୁ ବଦଳାଇବାରେ କୁଣ୍ଠାବୋଧ ଦେଖାଯାଉ ନାହିଁ, ସେଭଳି ବ୍ୟବସ୍ଥାରେ ଅନେକ ଅମାନୁଷିକ ଅନ୍ୟାୟ ଘଟିବା ସ୍ୱାଭାବିକ। ଏଥିସହିତ ଆମେରିକାର ଉଦାହରଣ ଦେଖିଲେ, ସରକାରଠାରୁ ନ୍ୟାୟପାଳିକା ଯଦି ଦୂରେଇ ନ ରହନ୍ତି, ତାହା ହେଲେ ସାଧାରଣ ନାଗରିକଙ୍କୁ ନ୍ୟାୟ ମିଳିବା ସମ୍ଭବପର ହେବ ନାହିଁ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 2 | | 3 | |
| 5 | | | | 8 | | | | 6 |
| 3 | | | | | | | 2 | 8 |
| | | | | | 5 | | | |
| | | | | 6 | | | 1 | |
| 9 | | | | | 4 | | | 5 |
| | | 6 | | 1 | | 8 | | |
| 8 | | | | 4 | | | 5 | |
| | 9 | | 6 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 5 | 6 | 4 | 3 | 2 | 1 |
| 1 | 5 | 6 | 3 | 7 | 2 | 8 | 9 | 4 |
| 2 | 4 | 3 | 1 | 8 | 9 | 6 | 5 | 7 |
| 3 | 2 | 1 | 4 | 9 | 6 | 5 | 7 | 8 |
| 7 | 6 | 5 | 8 | 1 | 3 | 2 | 4 | 9 |
| 9 | 8 | 4 | 7 | 2 | 5 | 1 | 6 | 3 |
| 5 | 1 | 8 | 6 | 4 | 7 | 9 | 3 | 2 |
| 6 | 9 | 7 | 2 | 3 | 8 | 4 | 1 | 5 |
| 4 | 3 | 2 | 9 | 5 | 1 | 7 | 8 | 6 |

ଗତକାଲିର ଉତ୍ତର

# ବେଆଇନ ଆଚରଣ କ'ଣ ପ୍ରିଭିଲେଜ୍



ସହଦେବ ସାହୁ

ଗଣତନ୍ତ୍ରର ମାନେ ହେଲା ଲୋକେ (ଗଣ) ସରକାରକୁ ଚଳାଇବେ। ଜନସଂଖ୍ୟା ଓ ଦେଶ ଏତେ ପ୍ରସାରିତ ଯେ ଏତେ ବଡ଼ ଦେଶର ଏତେ ବେଶି ଲୋକ ଗୋଟିଏ ଜାଗାରେ ଠୁଳହୋଇ ପାରିବେନାହିଁ, ସରକାର ଚଳାଇବାର କୌଣସି ନିଷ୍ପତ୍ତି ନେବା ପାଇଁ ଲୋକେ ସଂଖ୍ୟା ଓ ଅଞ୍ଚଳ ଭିତ୍ତିରେ ପ୍ରତିନିଧି ପଠାଇବେ, ଯେଉଁମାନେ ଆବଶ୍ୟକ ନିଷ୍ପତ୍ତି ନେବେ। ରାଜାରାଜୁଡ଼ାରୁ ଗଣତନ୍ତ୍ରକୁ ଆସିବାର ଏଭଳି ମୂଳଦୁଆ ପଡ଼ିଥିଲା ବିଲାତରେ ୮୦୦ବର୍ଷ ତଳେ, ୧୨୧୫ ଜୁନ୍ ୧୫ ରେ ମାଗ୍ନା କାର୍ଟା (ମହାନ୍ ସନନ୍ଦ) ସ୍ୱାକ୍ଷର ହେବା ବେଳେ, ଇଂଲଣ୍ଡର ରାଜା ଜନ୍ ଓ ବିଦ୍ରୋହୀ ୪୦ଜଣ ବାରନ୍‌ଙ୍କ ଭିତରେ। ସର୍ତ୍ତ ରହିଲା ରାଜା ଯାହା କରିବେ ତାହା ପ୍ରତିନିଧିମାନଙ୍କ ସଭାରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ହେବ, ଅର୍ଥାତ୍ ଶାସକ ବି ଆଇନର ଅଧୀନ ରହିବେ। ଆଗରୁ ଲୋକେ ରାଜାଙ୍କ ବିଷୟରେ କିଛି କହିଲେ ଦଣ୍ଡ ପାଉଥିଲେ, ଏବେ ପ୍ରତିନିଧିମାନେ ସଭାଗୃହରେ ରାଜାଙ୍କ ଦୋଷତ୍ରୁଟି ଦର୍ଶାଇଲେ ବି ଅପରାଧ ହେବ ନାହିଁ। ପ୍ରତିନିଧିମାନଙ୍କ ଏ ପ୍ରିଭିଲେଜ୍ (ସ୍ୱାଧିକାର) ଆମ ଏମ୍‌ଏଲ୍‌ଏ ଓ ଏମ୍‌ପିମାନଙ୍କୁ ମିଳିଛି। କିନ୍ତୁ ସେ ଅଧିକାର ସଭାଗୃହ ଭିତରେ ସୀମିତ ବୋଲି ଆମ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ ଭୁଲିଯାଉଛନ୍ତି – ବାହାରେ ବି ସରକାରୀ ଅଧିକାରୀମାନଙ୍କ ଉପରେ ମୁହାଁମୁହିଁ ହୋଇଯାଉଛନ୍ତି, ବେଳେ ବେଳେ ଆକ୍ରମଣ ବି କରୁଛନ୍ତି।

ମାଗ୍ନା କାର୍ଟାର ବଡ଼ ସର୍ତ୍ତ ଥିଲା ରାଜା ଆଉ ମନଇଚ୍ଛା କର ବସାଇପାରିବେ ନାହିଁ, ସଭାଗୃହରେ ତାହା ପ୍ରତିନିଧିମାନଙ୍କ ସମ୍ମତିକ୍ରମେ ହେବ। ସେହିପରି ପ୍ରତ୍ୟେକ ପଇସା କିପରି ଖର୍ଚ୍ଚ ହେବ ତାହା ପ୍ରତିନିଧିମାନେ ନିଷ୍ପତ୍ତି ନେବେ, ଏ ପ୍ରକାର ବ୍ୟବସ୍ଥା ହିଁ ବଜେଟ ଅଧିବେଶନରେ ହୁଏ। ଆମ ପ୍ରଦେଶରେ ସେପରି ହେଉଥିବାର ଜଣାଯାଉନାହିଁ, ଆଲୋଚନାର ଅବସର ମିଳୁନାହିଁ। ଡିଜିଟାଲ ମାଧ୍ୟମରେ ମନ୍ତ୍ରିମଣ୍ଡଳ ବସିଲେ ଓ ତାହା ବଜେଟ ପାସ୍ କଲା ଭଳି ବ୍ୟବସ୍ଥା ବୋଲି ଧରିନିଆଯାଉଛି। ଆଜିର ମନ୍ତ୍ରିମଣ୍ଡଳ ସଭାରେ ମନ୍ଦିର-ଶୋଭାବର୍ଦ୍ଧନ ପ୍ରସ୍ତାବ ଓ ସ୍ଥୂଳ ଖର୍ଚ୍ଚ ଅଟକଳ ଗୃହୀତ ହୋଇଗଲା ତ କାଲି କାମ ଆରମ୍ଭ ହୋଇଯାଉଛି! ସତେ ଯେମିତି ଠିକାଦାର ଅପେକ୍ଷା କରି ରହିଛି, ସବୁ ଜିନିଷ ଯେପରି ଆଗରୁ ବରାଦ ହୋଇ ରହିଛି। ଲୋକ ପ୍ରତିନିଧି (ଏବେ ଦଳ ପ୍ରତିନିଧି) ଚୁଁ ଚାଁ ହେଉନାହାନ୍ତି – ସେମାନେ 'ଚାହୁଁଥିବେ ଜଳକା' ନୁହେଁ, ପ୍ରକଳ୍ପର ପ୍ରଶଂସାରେ ଶତମୁଖ ହେଉଛନ୍ତି। ଦଳର ମୁଖପାତ୍ରମାନେ ମୁଖପତ୍ର ଓ ଓକିଲ ହେଉଛନ୍ତି, ନରହନ୍ତାକୁ ବି ନିର୍ଦ୍ଦୋଷ ବୋଲି ଯୁକ୍ତି ବାଢୁଛନ୍ତି, ଦଳର ଛାଟ (ହ୍ୱିପ୍)କୁ ବଡ଼ ଭୟ।

ବଜେଟ ପ୍ରାବଧାନ ନ ହୋଇଥିଲେ ସରକାରୀ କର୍ମଚାରୀମାନେ ଦରମା ପାଇବେ ନାହିଁ, ପୂର୍ଣ୍ଣ ବଜେଟ ପାରିତ ନ ହୋଇପାରିଲେ ଏକ ତିନି ଚାରି ମାସିଆ କାମଚଳା ବଜେଟ କରିନିଆଯାଏ। କିନ୍ତୁ ଆଜିକାଲି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଖବର ବାହାରିଲା କ୍ଷଣି କାମ ଆରମ୍ଭ। ଯଦି ଆସେମ୍ବ୍ଲି ବସୁଛି ଦଶପନ୍ଦର ଦିନ ଚାଲୁ କରି ବନ୍ଦ କରିଦିଆଯାଉଛି। ଆଲୋଚନା ସମାଲୋଚନା ସମ୍ଭାବନା ବନ୍ଦ। ଯଦି ଆଇନର ଛାଟିଆ ନ ଥାନ୍ତା କେନ୍ଦ୍ରରେ ପାର୍ଲାମେଣ୍ଟ ବା ରାଜ୍ୟରେ ବିଧାନସଭା ନ ଡାକି ଶାସକଦଳ ସରକାରୀ କାମ କରିପକାନ୍ତା। ସଭାଗୃହରେ ପ୍ରବେଶ ନ କରି ରେଜିଷ୍ଟରରେ ଦସ୍ତଖତ ନ କରି, ରାହୁଲଙ୍କ ଭଳି ବିଦେଶରେ ବୁଲାବୁଲି କରି, ସଂସଦରୁ ଦରମା (ପେନ୍‌ସନ) ପାଇହେଉଛି, ଅଡିଟ୍ ବା ଆପି ଶବ୍ଦ ରାଜନୀତି ଶବ୍ଦକୋଷରୁ ଉଠିଗଲାଣି।



ସମାଜକୁ ଶୃଙ୍ଖଳିତ ରଖିବା ଓ ଲୋକଙ୍କ ହିତରେ କାମ କରିବା ଲାଗି ରୀତି ନିୟମ ତିଆରି କରିବେ ବୋଲି ଲୋକେ ପ୍ରତିନିଧି ପଠାନ୍ତି। ପ୍ରତିନିଧିମାନେ ନିଜକୁ ନିଆରା ଭାବିବେ ଓ ନିଜର ସୁବିଧା ଓ ଲାଭ ପାଇଁ ଆଇନ ତିଆରି କରିନେବେ ସେଥିଲାଗି ଭୋଟରମାନେ ପ୍ରତିନିଧି ପଠାନ୍ତି ନାହିଁ। କିନ୍ତୁ ପ୍ରତିନିଧିମାନଙ୍କୁ ନିଜ ଗୋଷ୍ଠୀରେ ରଖିବା ଲାଗି ବିଭିନ୍ନ ସମୟରେ ଶାସକ ଦଳ ସେମାନଙ୍କୁ ବିଶେଷ ଅଧିକାର ଦେଇଛି ଯାହା ସାଧାରଣ ନାଗରିକଙ୍କ କ୍ଷେତ୍ରରେ ବେଆଇନ। ପ୍ରିଭିଲେଜ, ସ୍ୱ-ଅଧିକାର, ବିଶେଷ ଅଧିକାର ସମାଜରେ ଗୋଡ଼ାଣିଆ ସୃଷ୍ଟି କରେ, ତାହା ହିଁ ଆମ ଗଣତନ୍ତ୍ରର କାଳ ହେଉଛି ଆଉ ସମାଜରେ ଅପରାଧ, ବିଶୃଙ୍ଖଳା ଓ ଭ୍ରଷ୍ଟାଚାର ବଢ଼ାଉଛି। ସ୍ୱାଧିକାର କିପରି ଆଇନର ସାର୍ବଜନୀନତା ଉପରେ କୁଠାରାଘାତ କରୁଛି ଏବଂ ଅସାଧୁ ଲୋକଙ୍କୁ ରାଜନୈତିକ ଦଳରେ ମିଶିବାକୁ ବା ରାଜନୈତିକ ଦଳରେ ଯୋଗଦେଇଥିବା ଭଲ ଲୋକକୁ ଖରାପ ହେବାକୁ ଉତ୍ସାହିତ କରୁଛି ତାହାର କେତୋଟି ଉଦାହରଣ ଦେଖନ୍ତୁ। ଆଇନ ଅଛି ଯେ ଭୋଟ-ଚିହ୍ନଟ-କାଗଜ (ଆଇଡି) ଥିଲେ ବି ଗିରଫ ହୋଇଥିବା ବା ଜେଲ ହେପାଜତରେ ଥିବା ଲୋକ ଭୋଟ ଦେଇପାରିବ ନାହିଁ, କିନ୍ତୁ ଦଳଗୁଡ଼ିକ ନିୟମ କରିନେଇଛନ୍ତି ଯେ ସେ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବ। ଭୋଟରଟିଏ କେବଳ ତା' ନିର୍ବାଚନମଣ୍ଡଳୀରେ ଭୋଟ ଦେଇପାରିବ, କିନ୍ତୁ ପ୍ରାର୍ଥୀ ହେଲେ ଯେଉଁଠି ଦଳ ପଠାଇବ ସେଠି ଛିଡ଼ା ହୋଇପାରିବ – ବିଧାନସଭା-ପ୍ରାର୍ଥୀ ପାଇଁ ରାଜ୍ୟର ଯେକୌଣସି ନିର୍ବାଚନ ମଣ୍ଡଳୀରେ ଛିଡ଼ା ହୋଇପାରିବ ସେଠି ସେ ଭୋଟର ତାଲିକାରେ ନ ଥିଲେ ବି; ସେହିପରି ଏମ୍‌ପି ପ୍ରାର୍ଥୀ ହେବା ପାଇଁ ସାରା ଦେଶର ଯେ କୌଣସି ସଂସଦୀୟ ନିର୍ବାଚନମଣ୍ଡଳୀରେ ଛିଡ଼ା ହୋଇପାରିବ, ସେଠାକାର ଭୋଟର ହୋଇ ନ ଥିଲେ ବି। ଭୋଟରଙ୍କୁ ଅଜଣା ଲୋକଟିଏ ଭୋଟରମାନଙ୍କ ପ୍ରତିନିଧି କିପରି ହେବ ଭାବନ୍ତୁ ତ! କାମ କରୁନାହିଁ ତ ଦରମା ନାହିଁ କି ମଜୁରି ନାହିଁ, କିନ୍ତୁ ଏମ୍‌ଏଲ୍‌ଏ ବା ଏମ୍‌ପି ହେଲେ କାହାକୁ ନ ଜଣାଇ ବିଦେଶରେ ବୁଲୁଥିଲେ ବି ଦରମା ପାଇବ, ପୁଣି ଅଧିବେଶନ ସମୟରେ ସଭାଗୃହରେ ଉପସ୍ଥିତ ନ ରହିଲେ ବି ଯଦି ଉପସ୍ଥାନ ଖାତାରେ ଦସ୍ତଖତ କରିଛ ଦରମା ସହିତ ଭତ୍ତା ପାଇବ। ଖୋଲାଖୋଲି ବ୍ୟାଗ୍ ବ୍ୟାଗ୍ ଟଙ୍କା ନେଇ ପଇସା ଦେଲାବାଲା ସପକ୍ଷରେ କହିଲ କି ଭୋଟ ଦେଲ ତ ତାହା ସଂସଦୀୟ କାରବାର, ତେଣୁ ଅପରାଧ ନୁହେଁ(ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏମ୍‌ପିମାନେ ପି.ଭି. ନରସିଂହରାଓଙ୍କ ସରକାରକୁ ବଞ୍ଚାଇବା ପାଇଁ ସୁଟ୍‌କେଶ୍ ଭରା ଟଙ୍କା ନେଇଥିବା କ୍ଷେତ୍ରରେ ଏ କଥା କହିଥିଲେ ଉଚ୍ଚତମ ନ୍ୟାୟାଳୟ।) ପବ୍ଲିକ୍ ସର୍ଭାଣ୍ଟମାନେ ନିଜର ଦରମା ବଢ଼ାଇପାରିବେ ନାହିଁ, କିନ୍ତୁ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ ନିଜ ଦରମା ଓ ପେନ୍‌ସନ ବଢ଼ାଇପାରିବେ। ୫ ବର୍ଷରୁ ବେଶି ଜେଲ ଯାଇଥିବା ଲୋକ କୌଣସି ରାଜନୈତିକ ଦଳର ମୁଖ୍ୟ ହୋଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ ବି ସଂସଦରେ ଏଭଳି ଆଇନ ଅଣାଯାଉ ନାହିଁ, ତେଣୁ ଲାଲୁପ୍ରସାଦ ଆର୍‌ଜେଡିର ନେତା ରହିଛନ୍ତି। କୌଣସି ଆଇନ ଭଙ୍ଗରେ ସାଧାରଣ ଲୋକକୁ ପୋଲିସ ଝିଙ୍କିନେବ, କିନ୍ତୁ ଏମ୍‌ପି ଏମ୍‌ଏଲ୍‌ଏଙ୍କୁ ଗିରଫ କରିବାକୁ ହେଲେ ବାଚସ୍ପତିଙ୍କ ଅନୁମତି ଦରକାର। କୌଣସି ପବ୍ଲିକ୍ ସେବାଧିକାରୀ ନିଜର ଲୋକଙ୍କୁ ତାଙ୍କ ଅଧୀନରେ ନିଯୁକ୍ତି ଦେଇପାରିବେ ନାହିଁ, କିନ୍ତୁ ଏମ୍‌ପି ଏମ୍‌ଏଲ୍‌ଏ ମାନେ ନିଜର ନିର୍ବାଚନମଣ୍ଡଳୀର ସେକ୍ରେଟାରିଆଲ୍ କାମ ପାଇଁ ନିଜ ଲୋକଙ୍କୁ ବି ନିଯୁକ୍ତ କରିପାରିବେ। ଅଧିକ ବଖାଣିବା ଦରକାର ନାହିଁ।

sahadevas@yahoo.com

# ବିବାଦୀୟ ମନ୍ତବ୍ୟ



ଗଣେଶ୍ୱର ନାୟକ

ଶସ୍ତା ଭୋଟ ରାଜନୀତିରେ ବିବାଦୀୟ ମନ୍ତବ୍ୟ ଗୋଟିଏ ମୁଖ୍ୟ ଅସ୍ତ୍ର। ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ବିବାଦୀୟ ମନ୍ତବ୍ୟ ଗୋଟିଏ କାରକ। କିନ୍ତୁ ବିବାଦୀୟ ମନ୍ତବ୍ୟ ଅମୃତଭାଣ୍ଡରେ ଯେ ଟୋପାଏ ବିଷ, ଏହାକୁ ଆମେ ଏଡ଼ାଇଯାଉ। କାହାକୁ ଭଲ ବାଟକୁ ଆଣିବାକୁ ହେଲେ, ତାହାର ସକାରାତ୍ମକ ଦିଗର ଉନ୍ମେଷ କରାଯାଏ। ସମାଜର ଉନ୍ନତି କରିବାକୁ ହେଲେ ଆମକୁ ସମାଜର ସକାରାତ୍ମକ ଦିଗକୁ ଆଗକୁ ଆଣିବାକୁ ହେବ। ସମାଜରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ବିଚାରର ସମାନ୍ତରାଳରେ ଗତି କରିଥାଏ। ଯେଉଁଟି କୌଣସି କାରଣରୁ ଭାରି ପଡ଼େ ତାହା ସମାଜ ଉପରେ ଗଭୀର ପ୍ରଭାବ ପକାଇଥାଏ। ଆଜକୁ ପଚିଶ ଶହ ବର୍ଷ ତଳେ ମହାପୁରୁଷ ବୁଦ୍ଧଙ୍କର ସେଥିପାଇଁ ସମ୍ଭବତଃ ଆଗମନ ହୋଇଥିଲା ସମାଜରେ। ମାଳିକା ଲେଖିବା ସେଇଥିପାଇଁ ବୋଧେ ଦରକାର ପଡ଼ିଲା। ଟିକେ ଟିକେ ସାମାଜିକ ବିଲକ୍ଷଣ ଦେଖାଗଲେ ଆମେ ମାଳିକାର ଉପମା ଦେଇଥାଉ। ମାଳିକା ଯେତେବେଳେ ଲେଖା ହୋଇ ନ ଥିଲା, ସେତେବେଳେ ମଣିଷ କାହାର ଉପମା ଦେଉଥିଲା ? ସେତେବେଳେ କ'ଣ ସତ୍ୟଯୁଗ ଥିଲା ? ସବୁଗୁଡ଼ିକ ସମାଜରେ ସକାରାତ୍ମକ ଶକ୍ତିର ପ୍ରବାହକୁ ତୀବ୍ର କରିବାକୁ ସୃଷ୍ଟି।

ଯେଉଁ ମନ୍ତବ୍ୟ ସମାଜରେ ଅରାଜକତା ସୃଷ୍ଟି କରେ, ଯେଉଁ ମନ୍ତବ୍ୟ ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଆଗକୁ ବଢ଼ାଏ, ପ୍ରକୃତ ସତ୍ୟକୁ ଲୁଚାଏ, ତାହାକୁ ବିବାଦୀୟ ମନ୍ତବ୍ୟ କୁହାଯାଏ। ଖଳ ଲୋକ ଏଭଳି ମନ୍ତବ୍ୟ ନିଜର ଦୋଷ ଦୁର୍ବଳତାକୁ ଢାଙ୍କିବାକୁ ବ୍ୟବହାର କରିଥାନ୍ତି। ଅଯୋଗ୍ୟ ବ୍ୟକ୍ତିଟିଏ ଉଚ୍ଚ ଆସନକୁ ଗଲେ, ଏଭଳି ମନ୍ତବ୍ୟ ଆସିବା ସ୍ୱାଭାବିକ ହୋଇଥାଏ। ଆମେ ଆଗରୁ ଅନେକ ଉଦାହରଣ ପାଇଛେ।

ଭାରତ ଏକ ବିବିଧତାର ଦେଶ। ବିବିଧତା ମଧ୍ୟରେ ଏକତା, ଏହାର ବୈଶିଷ୍ଟ୍ୟ। ଏହି ବିବିଧତାକୁ ନେଇ ଭାରତ ଆଗକୁ ଚାଲିଛି। ଭାରତ ସ୍ୱାଧୀନତା ପାଇଲା ବେଳକୁ ଏହି ବିବିଧତା ମଧ୍ୟରେ ଏକତାକୁ ନେଇ ଗୋଟିଏ ଦେଶ ହୋଇ ଉଭାହେଲା, ନଚେତ ପାଞ୍ଚଶ ଚଉରାଶି ଜନପଦ ରାଜାଙ୍କ ମଧ୍ୟରେ ଭାଗ ହୋଇଥାନ୍ତା। ଆମେ ଜାଣୁ ଗୋଟିଏ ଦେଶର, ଗୋଟିଏ ଜାତୀୟ ଭାଷା ହେବା ଉଚିତ, କିନ୍ତୁ ଜାତୀୟ ଭାଷାକୁ ଗ୍ରହଣ କରିବାରେ ଅନେକ ଦ୍ୱନ୍ଦ୍ୱ ଆମ ମଧ୍ୟରେ। ଭାରତରେ ଖାଦ୍ୟରେ ଭିନ୍ନତା, ଭାଷାରେ ଭିନ୍ନତା, ଉପାସନାରେ ଭିନ୍ନତା, ଚଳଣିରେ ଭିନ୍ନତା, ତାହାରି ମଧ୍ୟରେ ସଭିଙ୍କୁ ନେଇ ଆମ ପୂର୍ବପୁରୁଷ ଦେଶକୁ ଆଗକୁ ନେଇଛନ୍ତି। ଆମେ ନୂଆ ପିଢ଼ିର ନୂଆ ଡାହାଣୀ, ଆମ ଭିତରେ ବିଲକ୍ଷଣ ଦେଖା ଦେବା ସ୍ୱାଭାବିକ।

ଭଗବାନଙ୍କୁ ସୁମରଣା କରିବା ଉଚିତ। ସବୁ କାମଦାମ ଛାଡ଼ି ଦିନରାତି ସୁମରଣା କଲେ, ଆମେ ତାକୁ ପାଗଳର ଆଖ୍ୟା ଦେଇଥାଉ। ଆମେ ଯେକୌଣସି ଧର୍ମର ଭଗବାନଙ୍କୁ ସ୍ମରଣ କରି ନିଆଁରେ ହାତ ପୂରାଇଲେ, ହାତ ପୋଡ଼ିବା ହିଁ ବାସ୍ତବତା। ଭଗବାନଙ୍କୁ ଡାକ ବା ନ ଡାକ, ସବୁ ଭାବନା ମାନସିକ ଶାନ୍ତି ପାଇଁ। ଆମେ କାହାକୁ ନ୍ୟୂନ ଭାବିଲେ, କାହାକୁ ଆକ୍ଷେପ କଲେ, ଆମ ବ୍ୟକ୍ତିତ୍ୱର ବିକାଶ ହେବ ନାହିଁ, ବରଂ ଅଧଃପତନ ହେବ। କେଉଁ ଧର୍ମକୁ , କାହାର ପୋଷାକ,ଭାଷା ଓ ଖାଦ୍ୟକୁ ଆକ୍ଷେପ କରି ବିବାଦୀୟ ମନ୍ତବ୍ୟ ଦେଲେ, ନିଜର କିମ୍ବା ନିଜ ଧର୍ମର ବା ନିଜ ସମ୍ପ୍ରଦାୟର ସମ୍ମାନ ଉଚ୍ଚକୁ ଯିବ ନାହିଁ। ନିଜ ଧର୍ମକୁ ଉଚ୍ଚତର କରିବାକୁ ହେଲେ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଦୂରେଇବାକୁ ପଡ଼ିବ।

ସେଦିନ ଫେସ୍‌ବୁକ୍‌ରେ ଜଣେ ଅନ୍ୟ ଧର୍ମର ଭଗବାନଙ୍କ ବିରୋଧରେ ମନ୍ତବ୍ୟ ଦେଲା। ତାହା ସମସ୍ତଙ୍କ ମଧ୍ୟରେ ତୀବ୍ର ଆଘାତ ଦେଲା। କିଏ ଏଭଳି ମନ୍ତବ୍ୟ ଦେଲା ତାହାକୁ କେହି ଖୋଜିଲେନି, କିନ୍ତୁ ବହୁ ଶିକ୍ଷିତ, ପଣ୍ଡିତ ମଧ୍ୟ ପରସ୍ପର ମଧ୍ୟରେ ଲଢ଼େଇରେ ଲାଗିଗଲେ। ସାମ୍ପ୍ରଦାୟିକ ହିଂସା ଦେଖାଦେଲା। ସହରର ବହୁ କ୍ଷତି ଘଟିଲା। ସହର ସାରା କର୍ଫ୍ୟୁ ଜାରି ହେଲା। ଶେଷରେ ଦେଖାଗଲା, ଫେସ୍‌ବୁକ୍‌ରେ ବିବାଦୀୟ ମନ୍ତବ୍ୟ ଦେଇଥିବା ପିଲାଟି ଅଭଦ୍ର, ଲଫଙ୍ଗା, କୌଣସି ଧର୍ମର ଧାର ଧାରେ ନାହିଁ। ଏପରି କି ସାଧାରଣ ଜୀବନରେ ସାହିପଡ଼ିଶା ଲୋକମାନଙ୍କ ମଧ୍ୟରେ ବି ସେ ଗ୍ରହଣୀୟ ନୁହେଁ। ଯାହାକୁ ନେଇ ଏତେବଡ଼ ଘଟଣା ଘଟିଗଲା। ଏଭଳି ଉଦାହରଣ ଆଗରୁ ଆମେ ଅନେକ ପାଇଛେ।



ନିଜର ସବୁ ସ୍ୱାର୍ଥକୁ ପଛରେ ପକାଇ, ସ୍ୱାଧୀନତା ଲଢ଼ିଥିବା ଅଗଣିତ ଜନତା ପ୍ରତି ବିଚାର କ'ଣ ଏଇଆ ? ଗଣତନ୍ତ୍ର ରାଷ୍ଟ୍ରରେ ପ୍ରକୃତ କ୍ଷମତା ଗଣଙ୍କୁ ଦିଆଯାଇଛି ଏକଥା ମନେରଖିବାକୁ ହେବ। କୌଣସି ଏକ ବିଧାନସଭାରେ ଶାସକ ଦଳ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ଅଧିବେଶନ ଚାଲିଥିବା ସମୟରେ ବିରୋଧୀ ଦଳର ମହିଳା ସଭ୍ୟଙ୍କୁ ଅଶୋଭନୀୟ ଆକ୍ଷେପ କରି, ପ୍ରକୃତ ଆଲୋଚନାରୁ ନଜର ହଟାଇବା ପାଇଁ ଘୃଣ୍ୟ ଉଦାହରଣ ମଧ୍ୟ ଆମେ ଦେଖିଛେ। ଆଉ ତାହାକୁ ନେଇ ଚାଲିଲା ସବୁ ସଭ୍ୟଙ୍କ ମଧ୍ୟରେ ହୋହଲ୍ଲା। ଏଭଳି ଉଦାହରଣ ଏଠି ଖାଲି ନୁହେଁ, ସାରା ପୃଥିବୀରେ ଏମିତି ଅନେକ ଘଟଣା ଦେଖିବାକୁ ପାଉ। ନିକଟ ଅତୀତରେ ନେପାଳର ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ, ଭଗବାନ ଶ୍ରୀରାମ ତାଙ୍କ ଜାତିର ଅର୍ଥାତ୍ ପ୍ରଭୁ ଶ୍ରୀରାମ ଜଣେ ନେପାଳୀ, ଯାହାକୁ ନେଇ ଆମ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

କାହାର ବିବାଦୀୟ ମନ୍ତବ୍ୟରେ ସମାଜର ଅନେକ କ୍ଷତି ହେବା ସହିତ ଦେଶ ମଧ୍ୟ ବେଳେ ବେଳେ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ହରାଉଥିବା ଦେଖାଯାଉଛି। ଭୋଟ ରାଜନୀତିରେ ଏହାର ବହୁଳ ବ୍ୟବହାର ମଧ୍ୟ ଦେଖାଯାଉଛି। ସମାଜରେ ବିଭେଦ ସୃଷ୍ଟି କରିବା, ଧର୍ମ ଧର୍ମ ମଧ୍ୟରେ ବିଭେଦ ସୃଷ୍ଟି କରିବା, ବିବାଦୀୟ ମନ୍ତବ୍ୟ ଯୋଗୁ ସମାଜରେ ଅରାଜକତା ଖେଳୁଛି। ସାମାଜିକ ଗଣମାଧ୍ୟମର ଏକ ମୁଖ୍ୟ ଭୂମିକା ରହୁଛି ଏହାକୁ ପ୍ରସାରଣ କରିବାରେ। ସାମାଜିକ ଗଣମାଧ୍ୟମ ପାଇଁ ନିୟମ କଠିନ ହେବା ଆବଶ୍ୟକ। ବିବାଦୀୟ ମନ୍ତବ୍ୟ ଦେଉଥିବା ମଣିଷକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ।

**ସିଷ୍ଟମ୍ ଆଡ୍‌ମିନ, ଜୀବନ ବୀମା କାର୍ଯ୍ୟାଳୟ**
**ମୋ–୯୭୭୭୭୪୯୭୨୭**

## ଏଇ ଭାରତରେ

ଛାତ ଉପରେ ୭୦ କିସମର ଟମାଟୋ ଫଳିବା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେଉଥିବେ, ହେଲେ ଏହା ସତ। ବେଙ୍ଗାଲୁରୁର ପ୍ରତିମା ଆଦିଗାଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଟମାଟୋ ନୁହେଁ, ସେ ମଧ୍ୟ ଛାତ ଉପରେ ୮ ପ୍ରକାର କନ୍ଦମୂଳ, ୨୯ ପ୍ରକାର ଲାଉ, ୫ପ୍ରକାର ଅଦା ଏବଂ ୮ ପ୍ରକାର ହଳଦୀ ଉତ୍ପାଦନ କରୁଛନ୍ତି। ଏହା ମଧ୍ୟରୁ ଅନେକ କିସମର ମଞ୍ଜି ଦେଶର ବିଭିନ୍ନ ସ୍ଥାନ ଏପରିକି କିଛି ବିହନ ବିଦେଶରୁ ସଂଗ୍ରହ କରିଛନ୍ତି। ପ୍ରତିଦିନ ସେ ବଗିଚାରୁ ୧୪ରୁ ୧୫ ପ୍ରକାର ପରିବା ପାଉଛନ୍ତି ଓ ପରିବାରର ୯୦ ପ୍ରତିଶତ ଆବଶ୍ୟକତା ପୂରଣ ହୋଇପାରୁଛି। କେବଳ ଆଳୁ ଓ ପିଆଜ ବ୍ୟତୀତ ସେ ବଜାରରୁ କିଛି ବି କିଣୁନାହାନ୍ତି। ଏତେ ସବୁ ପରିବା ସେ ମାତ୍ର ୯୦୦ ବର୍ଗଫୁଟ ଜାଗାରେ ହିଁ କରୁଛନ୍ତି। ପ୍ରତିମାଙ୍କ ସ୍ୱାମୀଙ୍କର ହୃଦ୍‌ରୋଗ ଥିବାରୁ ତାଙ୍କ ପାଇଁ ଜୈବିକ ପରିବା ଆବଶ୍ୟକତାକୁ ଲକ୍ଷ୍ୟକରି ସେ ଏହି ଚାଷ ଆରମ୍ଭ କରିଥିଲେ। ଏହି ଚାଷ ଅଦରକାରୀ ପାତ୍ର ଓ ବ୍ୟାଗ୍‌ରେ କରାଯାଉଛି। ୨୦୧୬ରେ ଡା. ହେଗ୍‌ଡେ ଗାର୍ଡେନିଂ ୱାର୍କଶପ୍‌ରେ ଭାଗନେଇ ଏଭଳି ଚାଷ ସମ୍ପର୍କରେ ପ୍ରତିମା ଜ୍ଞାନ ହାସଲ କରିବା ପରେ ଛାତ ଉପରେ ଜୈବିକ କୃଷି ଆରମ୍ଭ କରିଥିଲେ। ଉକ୍ତ ଚାଷରେ ସେ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରୁଛନ୍ତି। ଅନ୍ୟମାନଙ୍କୁ କିଚେନ ଗାର୍ଡେନିଂ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଲାଗି ୧୭୦ ଜଣଙ୍କୁ ନେଇ ସେ ଏକ ଗ୍ରୁପ୍ ଗଠନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୭

- ତାମିଲନାଡୁର ଭାଲ୍ଲାଲାର ଜିଲା ଦକ୍ଷିଣ ଅରକଟ ନେଭେଲିଠାରେ ଆମେରିକୀୟ କମ୍ପାନୀ ୧୦୦୦ କୋଟି ଟଙ୍କା ବ୍ୟୟରେ ତାପଜ ଶକ୍ତି ପ୍ଲାଣ୍ଟ ସ୍ଥାପନ କରିବା ନେଇ କେନ୍ଦ୍ର ସରକାରଙ୍କ ସହ ବୁଝାମଣା ସ୍ୱାକ୍ଷରିତ।
- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଜଗନ୍ନାଥ ମିଶ୍ରଙ୍କୁ ପାଟନା ହାଇକୋର୍ଟ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି।
- ମଣିପୁରର ଚୁରାଚାନ୍ଦପୁର ଥାନା ଅଞ୍ଚଳରେ କୁକି ଓ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ୨୦ ମୃତ।

# ପାଠକ ଶ୍ରେଷ୍ଠ ବିଚାରକ

## ରାଜସ୍ୱ ବିଭାଗ ପ୍ରତିକାର କରୁ

ମହାଶୟ,

ଆମ ରାଜ୍ୟରେ ମେଜର ସେଟେଲ୍‌ମେଣ୍ଟ ପରେ ଚକବନ୍ଦୀ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। କିନ୍ତୁ ଏହି ବିଭାଗର କର୍ମଚାରୀମାନଙ୍କ ସ୍ୱ ସ୍ୱ କର୍ତ୍ତବ୍ୟ ସମ୍ପାଦନରେ ଅନେକ ତ୍ରୁଟି ଓ ବିଚ୍ୟୁତି ପରିଲକ୍ଷିତ ହେଉଛି। ଏମାନେ ସେଟେଲ୍‌ମେଣ୍ଟ ରେକର୍ଡକୁ ଠିକ୍ ଭାବରେ ଚକ ପଟ୍ଟାରେ ଦର୍ଶାଉନାହାନ୍ତି। ଅନେକ ସେଟେଲ୍‌ମେଣ୍ଟ ପଟ୍ଟା ମଧ୍ୟ ଅଦ୍ୟାବଧି ଚକ ପଟ୍ଟାକୁ ପରିବର୍ତ୍ତିତ ହୋଇନାହିଁ। ୩୦/୪୦ ବର୍ଷ ତଳର କବଲା ସେହିଭଳି ପଡ଼ିରହିଛି। ସବୁଠାରୁ ଅଧିକ ତ୍ରୁଟି ଓ ବିଚ୍ୟୁତି ପରିଲକ୍ଷିତ ହେଉଛି ଏମ୍‌ଏସ୍ ନକ୍ସାରେ। କଟକରେ ଥିବା ଲ୍ୟାଣ୍ଡ ରେକର୍ଡ କମିଶନରଙ୍କ କାର୍ଯ୍ୟାଳୟର ନକ୍ସା ପ୍ରସ୍ତୁତି ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ଗୁରୁଚାଣ୍ଡାଳ ତ୍ରୁଟି ହେତୁ ଆମ ରାଜ୍ୟର ସମସ୍ତ ସ୍ଥାୟୀ ବାସିନ୍ଦା ପରସ୍ପର ମଧ୍ୟରେ ବାଡ଼ିଆପିଟା ହେଉଛନ୍ତି। କାହାର ଚକପଟ୍ଟାରେ ୧୨ ଡିସିମିଲ ସ୍ୱତ୍ୱ ଥାଇ ନକ୍ସାରେ ୨/୩ ଡିସିମିଲ କମ ରହିଛି ; ଫଳତଃ ଜମିଜମା ମାପବେଳେ ଘୋର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ପରବର୍ତ୍ତୀ ଅବସ୍ଥାରେ ଲୋକେ କୋର୍ଟ କଚେରିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଏହାଦ୍ୱାରା ଜମିର କ୍ରେତା ଓ ବିକ୍ରେତା ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁତରାଂ, ନକ୍ସା ପ୍ରସ୍ତୁତି ଦାୟିତ୍ୱରେ ଥିବା ଅନଭିଜ୍ଞ ତଥା ଅପରିଣାମଦର୍ଶୀ କର୍ମଚାରୀଙ୍କ ସ୍ଥାନରେ ଅଭିଜ୍ଞ ତଥା ଅନୁଭୂତିସମ୍ପନ୍ନ କର୍ମଚାରୀଙ୍କୁ ଅବସ୍ଥାପିତ କରାଯାଉ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

କଲି ତାକୁ ଉପହାସ ବିଚାରିଲି ଛଳନା
ସ୍ୱର୍ଗର ନୁହେ ତାହା ମର୍ତ୍ତ୍ୟର ବାସନା
ଅଙ୍ଗେ ନିଭାଇଥିଲି ଇଙ୍ଗିତ ଯେତେ ମୁଁ
ଚାଖିଥିଲା ଯେତେ ରସ ପୀରତିର ରସନା।
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ୨୮ ଜୁନ୍, ୨୦୨୨



## ସଂକ୍ଷେପରେ

### କାର୍-ବାଇକ୍ ମୁହାଁମୁହିଁ, ୨ ମୃତ

**ପାରଳାଖେମୁଣ୍ଡି,୨୭।୬(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ଥାନା କର୍ଚବାଡି ପଞ୍ଚାୟତ ଲୁଦୁପଙ୍କା ଗ୍ରାମ ନିକଟରେ କାର୍-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଡ଼ବା ଥାନା ମାଣ୍ଡିମେରା ପଞ୍ଚାୟତ ବିକ୍ରମପୁର ଗ୍ରାମର ସୁବିତ୍ ବର୍ଦ୍ଧନ ଓ ଯାକବ ବର୍ଦ୍ଧନ। ଉଭୟେ ଏକ ବାଇକ୍ ଯୋଗେ ମୋହନା ଅଭିମୁଖେ ଆସୁଥିଲେ। ଲୁଦୁପଙ୍କା ନିକଟରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସୁବିତ ଓ ଯାକୁବ ଗୁରୁତର ହୋଇ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୋହନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଥିଲା। ଉଭୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏଥିସହ କାର୍ ଚାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏ ନେଇ ମୋହନା ଥାନାରେ ନଂ.୧୧୫/୨୨ରେ ମାମଲା ରୁଜୁ ହୋଇଥିବା ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ ସୂଚନା ଦେଇଛନ୍ତି।

### ମାଛ ଧରା ଡଙ୍ଗାରୁ ଖସି ବୃଦ୍ଧଙ୍କ ମୃତ୍ୟୁ

**ଖଲ୍ଲିକୋଟ,୨୭।୬(ଡି.ଏନ.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ବେଲପଡା ଗ୍ରାମର ଜଣେ ବୃଦ୍ଧଙ୍କର ଚିଲିକାରେ ମାଛ ଧରିବାକୁ ଯାଇଥିବା ବେଳେ ଡଙ୍ଗାରୁ ଖସିପଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ନାଲୁ ଦାସ(୫୬)। ନାଲୁ ରବିବାର ସନ୍ଧ୍ୟାରେ କୂଳରୁ ଡଙ୍ଗା ସାହାଯ୍ୟରେ ମାଛ ଧରିବାକୁ ଚିଲିକା ଭିତରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଅନ୍ୟଏକ ଡଙ୍ଗାରେ ଚିଲିକା ଭିତରକୁ ଯାଇ ଖୋଜାଖୋଜି କରିଥିଲେ। ତେବେ ଡଙ୍ଗାଟି ଭାସୁଥିବା ବେଳେ ନାଲୁଙ୍କୁ ଦେଖିବାକୁ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ସେହି ସ୍ଥାନରେ ପାଣି ଭିତରୁ ନାଲୁଙ୍କୁ ବାହାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ଏସ୍ଆଇ ହିମାଂଶୁ ପାତ୍ର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ପୋଲିସ ନଂ. ୨୦/୨୨ରେ ମାମଲା ରୁଜୁ କରିଛି।

### କେନାଲ ତଳକୁ ଓଲଟିଲା କୋଇଲା ବୋଝେଇ ଟ୍ରକ

**ବାରଙ୍ଗ,୨୭।୬(ଡି.ଏନ୍.ଏ.):** ଗୋଡ଼ିସାହି ଫାଣ୍ଡିଠାରୁ ଅଳ୍ପ ଦୂରରେ ସୋମବାର ସକାଳେ ଏକ କୋଇଲା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ପୁରୀ ମେନକେନାଲ ରାସ୍ତା ତଳକୁ ଓଲଟି ପଡିଛି। ଓଆର ୦୫ ଏ-୫୧୦୦ନଂ. ବିଶିଷ୍ଟ କୋଇଲା ବୋଝେଇ ଟ୍ରକଟି ସାନମୁଣ୍ଡଳୀ ଗାଁ ପାଖରୁ ପୁରୀ ମେନ କେନାଲ ଦେଇ ଆସୁଥିଲା। ଗୋଡିସାହି ବ୍ରିଜ ପାଖରେ କେନାଲ ରାସ୍ତାରୁ ସଂଯୋଗ ଥିବା କଟକ-ବାଙ୍କୀ ମୁଖ୍ୟରାସ୍ତାକୁ ଟ୍ରକଟି ଉଠୁଥିବାବେଳେ ହଠାତ୍ ଭାରସାମ୍ୟ ହରାଇ କେନାଲର ଅପରପାର୍ଶ୍ୱକୁ ଓଲଟି ପଡିଥିଲା। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛି। ଅନ୍ୟପଟେ ପୁରୀ ମେନ କେନାଲ ବନ୍ଧର ସୁରକ୍ଷା ପାଇଁ ଭାରିଯାନ ଯାତାୟାତକୁ ଜଳସମ୍ପଦ ବିଭାଗ ପକ୍ଷରୁ ବାରଣ କରାଯାଇଥିବାବେଳେ ଏହାକୁ ଗାଡିଚାଳକମାନେ ମାନୁ ନାହାନ୍ତି।

# ୭୦ ଦିନକୁ ଖସିଲାଣି ମୌସୁମୀ ବର୍ଷା



**ଜଳବାୟୁ ପରିବର୍ତ୍ତନ ବିପଦ**
- ବିପନ୍ନ ହେବ କୃଷି, ଜୀବନଜୀବିକା
- କେନ୍ଦ୍ର ନିକଟରେ ଝୁଲୁଛି ୧୦ ବର୍ଷିଆ ଆକ୍ସନ ପ୍ଲାନ୍

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହା ଓଡ଼ିଶା ପାଇଁ ମଧ୍ୟ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ମୌସୁମୀ ଆଗମନ ଓ ବର୍ଷାରେ ଅସ୍ୱାଭାବିକତା ଦେଖାଦେଇଛି। ୧୨୦ ଦିନରୁ ମୌସୁମୀ ବର୍ଷା ଏବେ ୭୦ ଦିନକୁ ଖସିଆସିଛି। ଏଥିଯୋଗୁ କୃଷି, ବିଦ୍ୟୁତ୍ ଉତ୍ପାଦନ, ଜୀବନଜୀବିକା ଉପରେ ଗଭୀର ପ୍ରଭାବ ପଡ଼ିଲାଣି। କେବଳ ସେତିକି ନୁହେଁ, ଅସ୍ୱାଭାବିକ ବର୍ଷା ଅଦିନିଆ ବନ୍ୟା ସୃଷ୍ଟିକରି ରାଜ୍ୟ ପାଇଁ ବିପର୍ଯ୍ୟୟ ଆଣୁଛି। ଚଳିତ ବର୍ଷ ମଧ୍ୟ ଦୁର୍ବଳ ମୌସୁମୀ କୃଷି ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୃଷି ବିଶେଷଜ୍ଞମାନେ ଆଶଙ୍କା କଲେଣି। ଏ ସବୁକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୨୦ରୁ ୨୦୩୦ ପର୍ଯ୍ୟନ୍ତ ଏକ ୧୦ବର୍ଷିଆ ରାଜ୍ୟ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇ ଜୀବନଜୀବିକାକୁ ସୁରକ୍ଷା ଯୋଗାଇବା ସହ ଆଗାମୀ ଦିନରେ ଖାଦ୍ୟ ସଙ୍କଟକୁ ପ୍ରତିହତ କରିବା ଲାଗି ରାଜ୍ୟ ସରକାର କେନ୍ଦ୍ର ସହଯୋଗରେ ରାଜ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବେ। ଉକ୍ତ ଆକ୍ସନ ପ୍ଲାନ୍‌କୁ ଅନୁମୋଦନ କରିବା ସକାଶେ ରାଜ୍ୟ ସରକାର ୨୦୨୦ ଫେବୃୟାରୀରେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଥିଲେ। ଉକ୍ତ ପ୍ରସ୍ତାବରେ କିଛି ପରିବର୍ତ୍ତନ କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ।

ଆବଶ୍ୟକ ସଂଶୋଧନ ପରେ ଉକ୍ତ ଆକ୍ସନ ପ୍ଲାନ୍‌କୁ ପୁନର୍ବାର ୨୦୨୧ ଜୁଲାଇ ମାସରେ କେନ୍ଦ୍ର ନିକଟକୁ ପଠାଯାଇଛି। ମାତ୍ର ଗତ ୨ ବର୍ଷ ହେଲା ଏହି ପ୍ରସ୍ତାବ ଉପରେ କେନ୍ଦ୍ର ସରକାରଙ୍କ ନଜର ପଡୁନାହିଁ। ଫଳରେ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ନେଇ ଏକ ପ୍ରକାର ବାଧା ସୃଷ୍ଟି ହୋଇଛି।

ଆକ୍ସନ ପ୍ଲାନ୍‌ରେ ଜଙ୍ଗଲ ଓ ପରିବେଶ, କୃଷି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଜଳସମ୍ପଦ, ଶକ୍ତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଶିଳ୍ପ, ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ, ପଞ୍ଚାୟତ ଓ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ୧୦ ବିଭାଗକୁ ସାମିଲ କରାଯାଇଛି। ବିଭାଗଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ଦେଖି ଯୋଜନା ପ୍ରସ୍ତୁତ କରିବେ। ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପର ହାର କମାଇବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସମୁଦ୍ରର ଗତିବିଧି ଉପରେ ନିୟମିତ ଅଧ୍ୟୟନ କରାଯିବ। ଉପକୂଳ ଅଞ୍ଚଳରେ ଜୈବବିବିଧତା ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯିବ। ପରିବର୍ତ୍ତିତ ଜଳବାୟକୁ ଦୃଷ୍ଟିରେ ରଖି ସ୍ୱଳ୍ପ ମିଆଦୀ ଓ କମ୍ ଜଳରେ ହୋଇପାରୁଥିବା ଫସଲ ଉପରେ ବିଶେଷ ଭାବେ ଧ୍ୟାନ ଦିଆଯିବ।

ଜଳବାୟୁ ପରିବର୍ତ୍ତନ ଯୋଗୁ ଉପକୂଳ ଜିଲାଗୁଡିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର୍ ଓସନ ଇନ୍‌ଫର୍ମେଶନ ସର୍ଭିସେସ୍ (ଆଇଏନ୍‌ସିଓଆଇଏସ୍) ଦ୍ୱାରା ଓଡ଼ିଶାର କୋଷ୍ଟାଲ ଭଲନେରେବିଲିଟି ଇଣ୍ଡେକ୍ସ (ସିଭିଆଇ) ପ୍ରସ୍ତୁତ କରାଯାଇଛି। ସମୁଦ୍ର ନିକଟରୁ ୧ କିଲୋମିଟର ବ୍ୟାପୀ ଅଞ୍ଚଳକୁ ନେଇ ରିପୋର୍ଟ ପ୍ରସ୍ତୁତ ହୋଇଛି। ସମଗ୍ର ଅଞ୍ଚଳକୁ ନିମ୍ନ, ମଧ୍ୟମ ଓ ଅତି ବିପଦପୂର୍ଣ୍ଣ ଅଞ୍ଚଳରେ ବିଭକ୍ତ କରାଯାଇଛି। ସେହି ଅନୁଯାୟୀ ଓଡ଼ିଶା ଉପକୂଳର ୬ ଜିଲା ଗଞ୍ଜାମ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱରକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସମୁଦ୍ର ଉପକୂଳକୁ ଲାଗି ରହିଥିବା ଗଞ୍ଜାମ ଜିଲାର କିଛି ଅଞ୍ଚଳ, ଚିଲିକା, ପୁରୀର ଦକ୍ଷିଣ ଭାଗ ଏବଂ କେନ୍ଦ୍ରାପଡ଼ା ଜିଲାର ୭୬ କିଲୋମିଟର ଅଞ୍ଚଳକୁ କମ୍, ସେହି ଜିଲାଗୁଡ଼ିକର ୨୦୯ କିଲୋମିଟର ବ୍ୟାପ୍ତ ଅଞ୍ଚଳକୁ ମଧ୍ୟମ ଓ ୧୦୭ କିଲୋମିଟର ଅଞ୍ଚଳକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲାର ଉତ୍ତର ଭାଗ, ଜଗତ୍‌ସିଂହପୁର ଜିଲାର କେତେକ ଅଞ୍ଚଳ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲାର ଉତ୍ତର ଓ ଦକ୍ଷିଣ ଭାଗ ଏବଂ ଦକ୍ଷିଣ ବାଲେଶ୍ୱର ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଦେଶର ତଟୀୟ ଅଞ୍ଚଳଗୁଡ଼ିକ ପ୍ରତି ବିପଦ ମାଡ଼ି ଆସୁଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ନ୍ୟାଶନାଲ ଡିଟରମାଇନ କଣ୍ଟ୍ରିବ୍ୟୁଶନସ୍(ଏନ୍‌ଡିସି) ଯୋଜନାରେ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ କରିବା ସହ ଏକ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ କୁହାଯାଇଛି। ଏଭଳି ବିପଦର ମୁକାବିଲା ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଥିଲେ ମଧ୍ୟ କେନ୍ଦ୍ର ମୋହର ଲାଗି ପାରୁନାହିଁ।

ରାଜ୍ୟ ପରିବେଶ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ କହିଛନ୍ତି ଯେ, ସଂଶୋଧିତ ଆକ୍ସନ ପ୍ଲାନ୍‌କୁ ୨୦୨୧ରୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪/୫ ଥର ରିମାଇଣ୍ଡର ଦିଆଗଲାଣି। ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହାକୁ ଅନୁମୋଦନ କରିନାହାନ୍ତି। ଅନୁମୋଦନ ମିଳିବା ପରେ ଏହାକୁ କାର୍ଯ୍ୟକାରୀ କରାଯିବ।

# ଗର୍ଭବତୀଙ୍କ ଜୀବନ ବଞ୍ଚାଇଥିବା ଆଶାକର୍ମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ମୋରଡ଼ା,୨୭।୬ (ଡି.ଏନ.ଏ.)**




ରକ୍ତଦାନ କରି ଜଣେ ଗର୍ଭବତୀଙ୍କ ଜୀବନ ବଞ୍ଚାଇଛନ୍ତି ଆଶାକର୍ମୀ। ଏଭଳି ମାନବିକତାର ପରିଚୟ ଦେଇଛନ୍ତି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଧଡ଼ାସାହି ପଞ୍ଚାୟତ ମୋହନପୁର ଗ୍ରାମର ଆଶାକର୍ମୀ ଧାନୀ ମୁର୍ମୁ। ତାଙ୍କର ଏପରି ମହାନତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଟୁଇଟ୍ ମାଧ୍ୟମରେ ପ୍ରଶଂସା କରିଛନ୍ତି। ଜଣେ ଗର୍ଭବତୀଙ୍କ ଜୀବନ ରକ୍ଷା ଲାଗି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ସହ ଡାକ୍ତରଖାନାରେ ଉତ୍ତମ ବନ୍ଦୋବସ୍ତ କରିବା ଏବଂ ନିଃସ୍ୱାର୍ଥପର ସେବା ଯୋଗାଇବା ମାନବିକତାର ପରିଚୟ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ରବିବାର ଉକ୍ତ ଗ୍ରାମର ଗର୍ଭବତୀ ମହିଳା ସୋନାଲି ଟୁଡୁଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ଧାନୀଙ୍କୁ ଖବର ଦେଇଥିଲେ। ଡାକ୍ତରଙ୍କୁ ପରାମର୍ଶ କରି ଧାନୀ ସଙ୍ଗେ ସଙ୍ଗେ ସୋନାଲିଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନେଇଯାଇଥିଲେ। ସୋନାଲିଙ୍କର ରକ୍ତ ଅଭାବ ଥିବାରୁ ତାଙ୍କୁ ତୁରନ୍ତ ରକ୍ତ ଦରକାର ବୋଲି ଡାକ୍ତର କହିଥିଲେ। ଧାନୀ ନିଜେ ରକ୍ତଦାନ କରି ସୋନାଲିଙ୍କ ଜୀବନ ବଞ୍ଚାଇଥିଲେ।

# ଶ୍ରେଷ୍ଠ ୨୦ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

**ଇଣ୍ଡିଆ ଟୁଡେ ସର୍ଭେ-୨୦୨୨**
- ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ କଲେଜ
- ସର୍ବନିମ୍ନ ଫି’ରେ ଦେଶରେ ଚତୁର୍ଥ



ଦେଶର ୨୦ ଶ୍ରେଷ୍ଠ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର ସ୍ଥାନ ପାଇଛି। ଇଣ୍ଡିଆ ଟୁଡେ ସର୍ଭେ-୨୦୨୨ ମେଡିକାଲ ବର୍ଗରେ ଏହା ୨୦ତମ ସ୍ଥାନରେ ରହିଛି। ଗତବର୍ଷ ତୁଳନାରେ ଏହା ଏକ ବିରାଟ ଉପଲବ୍ଧି। କାରଣ ଗତବର୍ଷ ଏମ୍ସ ୨୫ତମ ସ୍ଥାନରେ ରହିଥିଲା। ଇନ୍‌ଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ, ଏକାଡେମିକ ଉତ୍କର୍ଷ, ଭିତ୍ତିଭୂମି ଏବଂ ଅଭିଜ୍ଞତା, ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ, ବୃତ୍ତିଗତ ଉନ୍ନତି ଏବଂ ପ୍ଲେସ୍‌ମେଣ୍ଟ ଭଳି ପାଞ୍ଚଟି ମାନଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ଓ ମାର୍କେଟିଂ ଆଣ୍ଡ ଡେଭଲପ୍‌ମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମ୍‌ଡିଆର୍‌ଏ) ମିଳିତ ଭାବେ ଏହି ସର୍ଭେ କରାଯାଇଛି। ରୋଗୀ ସେବା ପ୍ରତି ବିସ୍ତୃତ ଆଭିମୁଖ୍ୟ ତଥା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଗବେଷଣା ସହ ସାମଗ୍ରିକ ବିକାଶ ପାଇଁ ଚଳିତ ବର୍ଷ ଏମ୍ସ ଭୁବନେଶ୍ୱରଏହି ମାନ୍ୟତାରେ ଉପରକୁ ଉଠିଛି। ତେବେ ଏହି ସର୍ଭେରେ ଏମ୍ସ ନୂଆଦିଲ୍ଲୀ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ୨୦୦୦ ମସିହା କିମ୍ବା ପରେ ସ୍ଥାପିତ ଶ୍ରେଷ୍ଠ ୧୦ ଉଦୀୟମାନ / ସର୍ବାଧିକ ସ୍କୋରିଂ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ଦ୍ୱିତୀୟ ମାନ୍ୟତା ମିଳିଛି। ଏଥିସହ ସର୍ବନିମ୍ନ ଫି’ ନେଉଥିବା ସରକାରୀ ମେଡିକାଲ କଲେଜଗୁଡିକ ମଧ୍ୟରେ ଏହା ଚତୁର୍ଥ ସ୍ଥାନ ହାସଲ କରିଛି।

ଏଭଳି ସଫଳତାରେ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡା. ମୁକେଶ ତ୍ରିପାଠୀ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗବେଷଣା ଏବଂ ଆଧୁନିକ ଅନୁସନ୍ଧାନ ପଦ୍ଧତି ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଏମ୍ସ ପ୍ରତିବଦ୍ଧ। ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହା ବର୍ତ୍ତମାନ ଦେଶରେ ବିଶ୍ୱାସର ପ୍ରତୀକ ପାଲଟିଛି ବୋଲି ଡା. ତ୍ରିପାଠୀ କହିଛନ୍ତି। ସେହିଭଳି ମେଡିକାଲ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି, ଡିନ ଡା. ଦେବାଶିଷ ହୋତା, ରେଜିଷ୍ଟ୍ରାର ବି ବି ମିଶ୍ର ପ୍ରମୁଖ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ‘ସୁରକ୍ଷା ସହ ସେବା ଯୋଗାଇବ ପୋଲିସ’



ସମୀକ୍ଷା ବୈଠକରେ ଡିଜିପି ସୁନୀଲ ବଂଶଲ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ।

**ରଥଯାତ୍ରା ପାଇଁ ଡିଜିପିଙ୍କ ସମୀକ୍ଷା ବୈଠକ**
- ହାଇ ସିକ୍ୟୁରିଟି ଜୋନ୍‌ରେ ଶ୍ରୀମନ୍ଦିର
- ସମୁଦ୍ରର ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ପାଟ୍ରୋଲିଂ
- ମୁତୟନ ହେବେ ୧୮୦ ପ୍ଲାଟୁନ୍ ଫୋର୍ସ, ନୌସେନା ସଜାଗ

**ପୁରୀ ଅଫିସ,୨୭।୬**

ଚଳିତ ବର୍ଷ ରଥଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁ ଯେମିତି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ରାଜ୍ୟ ପୋଲିସ ସମସ୍ତ ବ୍ୟବସ୍ଥା କରିଛି। ସୁରକ୍ଷା ସହ ସେବା ଯୋଗାଇବା ପାଇଁ ପୋଲିସ ଯତ୍ନବାନ ରହିଛି ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲ କହିଛନ୍ତି। ରଥଯାତ୍ରା ଲାଗି ସୁରକ୍ଷା ବ୍ୟବସ୍ଥା ଓ ପୋଲିସର ପ୍ରସ୍ତୁତି ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ସୋମବାର ପୁରୀ ପୌର ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ବଂଶଲ ଅଧ୍ୟକ୍ଷତା କରିଥିଲେ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ରଥଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିବେ। ଏହି ପରିପ୍ରେକ୍ଷୀରେ ପୋଲିସ କେବଳ ସୁରକ୍ଷା ଦେବ ନାହିଁ, ସେବା ମଧ୍ୟ ଯୋଗାଇବ ବୋଲି ବଂଶଲ କହିଛନ୍ତି।

ଡିଜିପି କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଚଳିତ ବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ହେବାକୁ ଯାଉଛି। ଏଣୁ ବିପୁଳ ଜନସମାଗମ ହେବ। ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୧୮୦ରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ଓ ବଛା ବଛା ଅଧିକାରୀମାନଙ୍କୁ ପୁରୀରେ ଦାୟିତ୍ୱ ଦିଆଯାଇଛି। ଶ୍ରୀମନ୍ଦିରକୁ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ସର୍ବଦା ରହିଥାଏ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଶ୍ରୀମନ୍ଦିର ନିକଟରେ ଯେଉଁ ସୁରକ୍ଷା ବଳୟ ତିଆରି କରାଯିବା ଦରକାର, ତାହା କରାଯିବ। ମେଟାଲ୍ ଡିଟେକ୍ଟର ସହାୟତାରେ ଯାଞ୍ଚ ହେବ। ପୋଲିସର ଏସ୍‌ଓପିକୁ ଲୋକେ ପାଳନ କରିବା ପାଇଁ ଅପିଲ୍ କରୁଛୁ। ପାର୍କିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ପୂର୍ବ ଉପକୂଳ ସୁରକ୍ଷା ଉପରେ ପୋଲିସ ଫୋକସ୍ କରୁଛି। ଓଡ଼ିଶା ପୋଲିସ ସୁରକ୍ଷା ସହ ସେବା ଦେବାରେ ବିଶ୍ୱାସ କରେ। ଏହି ଉଦ୍ଦେଶ୍ୟ ନେଇ ଆମେ କାର୍ଯ୍ୟ କରିଆସିଛୁ। ରଥଯାତ୍ରାରେ ମଧ୍ୟ ପୋଲିସର ଏହି ଛବି ପ୍ରତିଫଳିତ ହେବ। ଭକ୍ତମାନେ ପୋଲିସ ସହଯୋଗ ପାଇପାରିବେ। ସ୍ୱତନ୍ତ୍ର ନିୟନ୍ତ୍ରିତ କକ୍ଷ ମାଧ୍ୟମରେ ଲୋକଙ୍କ ସମସ୍ୟାର ସମାଧାନ କରାଯିବ। ୮୦ ପ୍ଲାଟୁନ୍ ଫୋର୍ସ, ୧୮ ଜଣ ଏସ୍‌ପି ର୍ୟାଙ୍କର ଅଧିକାରୀ, ୩୩ ଅତିରିକ୍ତ ଏସ୍‌ପି, ୭୪ ଡିଏସ୍‌ପି, ୧୩୬ ଇନ୍ସପେକ୍ଟର, ୭୨୧ ଏସ୍‌ଆଇ ଏବଂ ଏଏସ୍‌ଆଇ, ୧୦୭ ହାବିଲଦାର, ୬୭୩ କନେଷ୍ଟବଳ, ୨୦୦୮ ଜଣ ହୋମଗାର୍ଡ ନିଯୁକ୍ତ ହେବେ। ରଥଯାତ୍ରା ଲାଗି ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ପୁରୀରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିସାରିଲେଣି ବୋଲି ଡିଜିପି ସୂଚନା ଦେଇଛନ୍ତି। ଆଇଜି ଅମିତାଭ ଠାକୁର କହିଥିଲେ, ପୁରୀ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ପୁରୀ ସହରକୁ ୧୦ଟି ଜୋନ୍ ଓ ୨୯ ସେକ୍ଟରରେ ବିଭକ୍ତ କରାଯାଇଛି। ସେହିଭଳି ଆଇଜି (ମୁଖ୍ୟାଳୟ) ଏସ୍.ଏସ୍. ଦେବଦତ୍ତ ସିଂ କହିଛନ୍ତି, ରଥଟଣାକୁ ଶୃଙ୍ଖଳିତ କରିବା ଓ ଗହଳି ନିୟନ୍ତ୍ରଣ ରକ୍ଷା ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ଗହଳି ଅଧିକ ହେଲେ କିଭଳି ରଥଟଣା ଶୃଙ୍ଖଳିତ ହେବ ସେନେଇ ପୋଲିସ ପ୍ଲାନ୍ ପ୍ରସ୍ତୁତ ହୋଇଛି। ପୂର୍ବତଟ ରେଳପଥ ଓ ଉପକୂଳ ସୁରକ୍ଷାର ଅତିରିକ୍ତ ଡିଜିପି ସୁଧାଂଶୁ କୁମାର ଷଡ଼ଙ୍ଗୀ କହିଛନ୍ତି, ୧୧୪୧ ଜଣ କର୍ମଚାରୀ ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ହେବେ। ଆର୍‌ପିଏଫ୍ ଏବଂ ରେଲୱେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଗହଳି ଯୋଗୁ ରେଳଷ୍ଟେଶନରେ ଯେଉଁଭଳି ଦଳାଚକଟା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେନେଇ ବିଶେଷ ଧ୍ୟାନ ଦିଆଯିବ। ପୁରୀ ଉପକୂଳ ସମୁଦ୍ରରେ ୧୨ ନଟିକାଲ ମାଇଲ୍ ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯିବ। ବାହ୍ୟଶତ୍ରୁଙ୍କ ଆକ୍ରମଣ ଆଶଙ୍କାରୁ ପ୍ରତିହତ ପାଇଁ ଭାରତୀୟ ନୌସେନାକୁ ମଧ୍ୟ ସଜାଗ ରଖାଯାଇଛି। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ମନ୍ଦିର ହାଇସିକ୍ୟୁରିଟି ଜୋନ୍‌ରେ ଅବସ୍ଥିତ। କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ବମ୍ ଡିସପୋଜାଲ୍ ସ୍କ୍ୱାଡ୍, ସ୍ପେଶାଲ ଟାକ୍ଟିକାଲ ୟୁନିଟ୍, ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବ୍ୟକ୍ତି ନଜରକୁ ଆସିଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଲ, ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ, ଡିଆଇଜି ଅନିରୁଦ୍ଧ କୁମାର ସିଂ, ଡିଆଇଜି ଅନୁପ କୁମାର ସାହୁ, କମିଶନରେଟ୍ ପୋଲିସର ଭୁବନେଶ୍ୱର ଏସିପି ଉମାଶଙ୍କର ଦାଶ ଏବଂ ପୁରୀ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଲବାଣୀରୁ ୩.୫୯ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

**ଫୁଲବାଣୀ ଅଫିସ, ୨୭।୬**

ଗଞ୍ଜେଇ ପାଇଁ କୁଖ୍ୟାତି ପାଇଥିବା କନ୍ଧମାଳ ଜିଲାରେ ପ୍ରଥମଥର ପାଇଁ ବ୍ରାଉନ୍ ସୁଗାର କାରବାର ନଜରକୁ ଆସିଛି। ଫୁଲବାଣୀ ଟାଉନ ଥାନା ପୋଲିସ ସୋମବାର ପେଞ୍ଜିସାହି ନିକଟରେ ଜଣେ ଯୁବକଙ୍କଠାରୁ ୩.୫୯ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିଛି। ଏଥିର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଫରେଷ୍ଟ କଲୋନୀର ସପନ କୁମାର ମହାପାତ୍ର (୨୫)। ସପନ ଖୋର୍ଦ୍ଧାରୁ ଫୁଲବାଣୀକୁ ବ୍ରାଉନ୍ ସୁଗାର ଚାଲାଣ କରୁଥିଲେ। ସେହିପରି ଗଞ୍ଜେଇ କାରବାରରେ ମଧ୍ୟ ଲିପ୍ତ ଥିଲେ ବୋଲି ପୋଲିସ ସୂଚନା ଦେଇଛି।

ବ୍ରାଉନସୁଗାର ଲିଙ୍କ୍ ସମ୍ପର୍କରେ କନ୍ଧମାଳ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଖବର ପହଞ୍ଚିଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଏକ ଟିମ ଗଠନ କରି ଘଟଣା ଉପରେ ନଜର ରଖିଥିଲେ। ସକାଳେ ସପନ ବାଇକ(ଓଡ଼ି-୧୨ଇ-୪୧୧୪ )ରେ ଯାଉଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏ ନେଇ ନଂ୧୦୩/୨୨ରେ ଏକ ମାମଲା ରୁଜୁ କରିଥିବା ସଦର ଏସ୍‌ଡିପିଓ ମୁର୍ମୁ ସୂଚନା ଦେଇଛନ୍ତି।

# ପୂର୍ବତଟ ରେଳପଥ ପକ୍ଷରୁ ରଥଯାତ୍ରା ବିଶେଷ ଟ୍ରେନ

**ଭୁବନେଶ୍ୱର,୨୭।୬**

- ଶାଲିମାର (କୋଲକାତା), ଜଗଦଲପୁର, ବିଶାଖାପାଟଣା ସହ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପୁରୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ
- ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ରେଳମନ୍ତ୍ରୀ ୨୦୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଘୋଷଣା କରିଥିଲେ

ଗତ ଦୁଇ ବର୍ଷ ହେବ ଯାତ୍ରୀଙ୍କ ବିନା ରଥଯାତ୍ରା ଆୟୋଜିତ ହୋଇଥିବାରୁ ଚଳିତବର୍ଷ ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ଏକାଠି ହେବାର ସମ୍ଭାବନ ରହିଛି। ଏହାକୁ ନଜରରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ଯୋଜନା କରାଯାଇଛି। ଏପରିକି ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ରେଳ ମନ୍ତ୍ରୀ ରଥଯାତ୍ରା ପାଇଁ ୨୦୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଘୋଷଣା କରିଥିଲେ। ସେହିଭଳି ରଥ ପାଇଁ ଭକ୍ତମାନଙ୍କ ଗମନାଗମନ ଏବଂ ସୁବିଧା ପାଇଁ ରେଲୱେ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଥିବା ସୂଚନା ମିଳିଛି। ଏହା ବ୍ୟତୀତ ପୂର୍ବତଟ ରେଳପଥ ପଡ଼ୋଶୀ ରାଜ୍ୟଗୁଡିକର ସ୍ୱତନ୍ତ୍ର ଟ୍ରେନ୍ ବ୍ୟତୀତ ପୁରୀକୁ ଆସୁଥିବା ଏବଂ ପୁରୀଠାରୁ ଛାଡୁଥିବା ଅନେକ ବିଶେଷ ଟ୍ରେନଗୁଡିକରେ ତୀର୍ଥଯାତ୍ରୀମାନଙ୍କୁ ସଂରକ୍ଷିତ କ୍ଲାସ୍ ଯାତ୍ରା ସୁବିଧା କରିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି। ୦୨୮୩୭-୩୮ ଶାଲିମାର-ପୁରୀ-ଶାଲିମାର ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ୍ ଶାଲିମାରଠାରୁ ୨୯ ଜୁନ ଅପରାହ୍ନ ୧୨ଘ.୪୫ମି.ରେ ଛାଡି ସେହିଦିନ ରାତି ୧୦ଘ.୩୦ମି.ରେ ପୁରୀରେ ପହଞ୍ଚିବ। ୩୦ ଜୁନ ସକାଳ ୦୫ଘ.୩୦ମି.ରେ ଏହା ପୁରୀ ଛାଡିବ। ଆଉ ଏକ ବିଶେଷ ଟ୍ରେନ ୦୨୮୨୭-୨୮, ଶାଲିମାର-ପୁରୀ-ଶାଲିମାର ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ୨୯ଜୁନ ରାତି ୯ଘ.୪୦ମି.ରେ ଛାଡ଼ି ୩୦ ଜୁନ ସକାଳ ୭ ଘଟିକାରେ ପୁରୀରେ ପହଞ୍ଚିବ। ଏହା ୩୦ ଜୁନ ରାତି ୧୧ଘ.୦୫ମି.ରେ ପୁରୀରୁ ଛାଡିବ। ୦୮୯୦୭-୦୮ ବିଶାଖାପାଟଣା-ପୁରୀ-ବିଶାଖାପାଟଣା ରଥଯାତ୍ରା ସ୍ପେଶାଲ୍ ବିଶାଖାପାଟଣାଠାରୁ ୩୦ ଜୁନ ଅପରାହ୍ନ ୨ଘ.୩୦ମି.ରେ ଛାଡ଼ି ରାତି ୧ଘ.୧୫ମି.ରେ ପୁରୀରେ ପହଞ୍ଚିବ। ଫେରିବା ମାର୍ଗରେ ଏହା ଜୁଲାଇ ପହିଲା ରାତି ୧୧ଘ.୧୫ମି.ରେ ପୁରୀରୁ ଛାଡିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍ ଷ୍ଟେସନକୁ ନ ଯାଇ ଅରୁଗୁଳ-ହରିପୁରଗ୍ରାମ ମାର୍ଗଦେଇ ଯାତାୟାତ କରିବ। ୦୮୯୧୧-୧୨ ଜୁନାଗଡ଼ ରୋଡ଼-ପୁରୀ-ଜୁନାଗଡ଼ ରୋଡ଼ ରଥଯାତ୍ରା ସ୍ପେଶାଲ୍ ଏକ୍ସପ୍ରେସ୍ ଭାୟା ସମ୍ବଲପୁର ଏବଂ ତାଳଚେର ରୋଡ୍ ଜୁନାଗଡ଼ ରୋଡ଼ଠାରୁ ଜୁନ ୩୦ ପୂର୍ବାହ୍ନ ୧୧ ଘଟିକାରେ ଯାତ୍ରା ଆରମ୍ଭ କରିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ପୁରୀଠାରୁ ୧ ଜୁଲାଇ ମଧ୍ୟରାତ୍ରି ୧୨ଘ.୧୫ମି.ରେ ଛାଡିବ।

# ବଣ୍ଡାଘାଟିରେ ଖୋଲାଆକାଶ ତଳେ ସ୍କୁଲ

**ମାଲକାନଗିରି,୨୭।୬(ଡି.ଏନ୍.ଏ.)**

- ନାହିଁ ଶ୍ରେଣୀଗୃହ, ନାହାନ୍ତି ଆବଶ୍ୟକ ଶିକ୍ଷକ
- ବିଭାଗର ଆନ୍ତରିକତା ଅଭାବରୁ ହୋଇପାରୁନି ସ୍କୁଲଗୃହ ନିର୍ମାଣ

ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ୫-ଟି ଅଧୀନରେ ହାଇସ୍କୁଲଗୁଡ଼ିକର ବିକାଶ ମଧ୍ୟ କରୁଛନ୍ତି। ହେଲେ ଉପାନ୍ତ ଆଦିବାସୀ ଅଞ୍ଚଳରେ ପ୍ରାଥମିକ ସ୍କୁଲ ଖୋଲା ଆକାଶ ତଳେ ଚାଲିଛି। ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡ଼ାସ୍ଥିତ ବଣ୍ଡାଘାଟି କିଚପଡ଼ା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

କିଚପଡ଼ା ଗ୍ରାମରେ ପିଲାଙ୍କ ପଢ଼ିବା ପାଇଁ ଶ୍ରେଣୀଗୃହ ଏବଂ ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନାହାନ୍ତି। ଦୀର୍ଘବର୍ଷ ତଳେ ଏକ ଭଙ୍ଗାଘରେ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟାଳୟ ଘର ଭାଙ୍ଗି ଯାଇଥିବାବେଳେ ଏହା ପରଠାରୁ ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ବସି ପାଠ ପଢୁଛନ୍ତି। ଖରା ଏବଂ ଶୀତଦିନେ ପିଲାଙ୍କୁ କୌଣସି ପ୍ରକାରେ ଶିକ୍ଷାଦାନ କରାଯାଉଥିବାବେଳେ ବର୍ଷାଦିନରେ ପିଲାଙ୍କ ପାଠପଢ଼ା କିପରି ହେଉଥିବ ତାହା ସ୍ପଷ୍ଟ ଅନୁମେୟ।

ପ୍ରଶାସନ ପକ୍ଷରୁ ୨୦୧୭ରେ ସ୍କୁଲଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ହୋଇପାରୁନି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ କାମ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଏବଂ ଶିକ୍ଷକମାନେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ବିଷୟରେ ମାଲକାନଗିରି ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମରେ ବିଦ୍ୟାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ତେବେ ପୂର୍ବରୁ ଉକ୍ତ ଗ୍ରାମକୁ ରାସ୍ତା ନ ଥିବାରୁ ବିଦ୍ୟାଳୟ ନିର୍ମାଣ କରିବା ସମ୍ଭବ ହୋଇ ନ ଥିଲା। ଏବେ ରାସ୍ତା ନିର୍ମାଣ ହୋଇଥିବାବେଳେ ଶୀଘ୍ର ସ୍କୁଲ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।



ଶିକ୍ଷକ ପିଲାମାନଙ୍କୁ ବାହାରେ ବସାଇ ପାଠ ପଢ଼ାଉଛନ୍ତି।

## ସଂକ୍ଷେପରେ

### ପ୍ରମୋଦ ଗୃହ ନିର୍ମାଣ ସମବାୟ ସମିତି ନିର୍ଦ୍ଦେଶକ



**ଯାଜପୁର ଟାଉନ,୨୭।୬(ଡି.ଏନ.ଏ.):** ଯାଜପୁର ଗୃହ ନିର୍ମାଣ ସମବାୟ ସମିତି ନିର୍ଦ୍ଦେଶକ ଭାବେ ବିଞ୍ଝାରପୁର ବ୍ଲକ ଅଧୀନ ଜରି ଅଞ୍ଚଳର ପ୍ରମୋଦ ସାମଲ ନିର୍ବାଚିତ ହୋଇଛନ୍ତି। ସାମଲ ପୂର୍ବରୁ ରାଜ୍ୟ ଓବିସି କର୍ପୋରେଶନର ଡାଇରେକ୍ଟର ଥିଲେ। ଏବେ ସେ ଜିଲା ବିଜେଡିର ଉପସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହିତ ସାମଲ ଜରି କୃଷି ସମବାୟ ସମିତି ସଭାପତି ଭାବେ କାର୍ଯ୍ୟଭାର ତୁଲାଉଛନ୍ତି। ସାମଲ ନିର୍ଦ୍ଦେଶକ ହେବାପରେ ସମିତିର ସମସ୍ତ ସଭ୍ୟ ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

**ବେଗୁନିଆ,୨୭।୬(ଡି.ଏନ୍.ଏ.):**ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୋଲେରୋ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ଗ୍ରାମର ନରେନ୍ଦ୍ର କୁମାର ଜେନା(୨୮)। ସୂଚନା ମୁତାବକ, ନରେନ୍ଦ୍ର କୌଣସି କାର୍ଯ୍ୟରେ ବାଇକ୍(ଓଡି୦୨ସିଏ-୩୯୪୦)ରେ ନୟାଗଡ଼ ଯାଇଥିଲେ। ତେବେ କାର୍ଯ୍ୟ ଶେଷ ପରେ ଘରକୁ ଫେରୁଥିବା ବେଳେ ଅପରାହ୍ନ ୨ଟା ୪୦ରେ ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ଅଟକିଥିଲେ। ଏହି ସମୟରେ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବୋଲେରୋ (ଓଡି୨୫କେ-୪୯୦୮) ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ନରେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ବୋଲେରୋ ଚାଳକଙ୍କୁ ଗିରଫ କରିଛି।

### ଝୁଲନ୍ତା ଅବସ୍ଥାରେ ମିଳିଲା ଯୁବତୀଙ୍କ ମୃତଦେହ

**ଝୁମ୍ପୁରା, ୨୭।୬ (ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଞ୍ଚଳରେ ଥିବା ଏକ ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ରେଣୁକା ଗିରି। ତାଙ୍କ ଘର ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଞ୍ଚଳରେ। ଏନେଇ ପୋଲିସ ଏକ ମାମଲା (ନଂ.୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ ମୃତା ରେଣୁକାଙ୍କର ପାରିବାରିକ ଅବସ୍ଥା ଠିକ ନ ଥିବାରୁ ସେ ଅନ୍ୟମାନଙ୍କ ସହାୟତାରେ ଝୁମ୍ପୁରାରେ ଆସି ୪ମାସ ହେବ ଜଣଙ୍କ ଦୋକାନରେ କାମ କରିବା ସହିତ ତାଙ୍କ ଘରେ ରହୁଥିଲେ। ସୋମବାର ସକାଳୁ ଦୋକାନ ମାଲିକ ନିଜ ବାଡିର ଆମ୍ବଗଛରେ ରେଣୁକା ଝୁଲି ରହିଥିବା ଦେଖି ଥାନାରେ ଖବର ଦେଇଥିଲେ। ଏହାପରେ ତାଙ୍କ ବାପା, ମା'ଙ୍କୁ ଖବର ଦିଆଯାଇଥିଲା।

### ରାଧାରାଣୀ ବରୁଆଁ ସମବାୟ ସମିତି ଉପସଭାପତି



**ଯାଜପୁର ଟାଉନ,୨୭।୬(ଡି.ଏନ.ଏ.):** ଯାଜପୁର ବ୍ଲକ୍ ଅନ୍ତର୍ଗତ ବରୁଆଁ ପ୍ରାଥମିକ କୃଷି ସମବାୟ ସମିତିର ଉପସଭାପତି ଭାବେ ରାଧାରାଣୀ ସାହୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଯାଜପୁର ବ୍ଲକ୍ ପିଇଓ ଅଞ୍ଜନା ଗିରି ନିର୍ବାଚନ ପରିଚାଳନା କରୁଥିବାବେଳେ ରାଧାରାଣୀ ଏକମାତ୍ର ପ୍ରାର୍ଥିନୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନ୍ୟକେହି ନାମାଙ୍କନପତ୍ର ଦାଖଲ ନ କରିବାରୁ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# କୋଭିଡ୍ ସାମଗ୍ରୀ, ଏସି ଫେରସ୍ତ ପାଇଁ ନିର୍ଦ୍ଦେଶ

**ଚଣ୍ଡିଖୋଲ,୨୭।୬(ଡି.ଏନ.ଏ.)**

**ବଡ଼ଚଣା ବ୍ଲକ୍**
- ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ଚିଠି ଲେଖିଲେ ବିଡିଓ
- ୩ ଦିନ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ସାମଗ୍ରୀ ପହଞ୍ଚାଇବାକୁ ଚିଠିରେ ଉଲ୍ଲେଖ

କରୋନା ମହାମାରୀ ସମୟରେ ବଡ଼ଚଣା ବ୍ଲକର ୪୩ ପଞ୍ଚାୟତରେ କିଣାଯାଇଥିବା ସମସ୍ତ ସାମଗ୍ରୀ ଯଥା; ଇନଭର୍ଟର, ଆକ୍ୱାଗାର୍ଡ, ଫ୍ୟାନ, ଖଟ, ବେଡସିଟ, ତକିଆ, ମଗ, ସପ, ତକିଆ ଓ ବାଲତି ଆଦି ସାମଗ୍ରୀକୁ ତୁରନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜମା କରିବାକୁ ବିଡିଓ ଅଜିତ ନାରାୟଣ ଗିରି ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୩ ତାରିଖରେ ଚିଠି ସଂଖ୍ୟା ୨୫୫୫ରେ ବିଡିଓ ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀଅଧିକାରୀଙ୍କୁ ଚିଠି ଲେଖି ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଏକକିତା ନକଲ ସମସ୍ତ ସରପଞ୍ଚ ଓ ବଡ଼ଚଣା ପଞ୍ଚାୟତ ସମିତିକୁ ପ୍ରଦାନ କରାଯାଇଛି।

ସୂଚନା ଥାଉକି, ୨୦୨୦ ମାର୍ଚ୍ଚରୁ କରୋନା ମହାମାରୀ ଆରମ୍ଭ ହୋଇଥିଲା। ଏହାପରେ ପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡ଼ିକରେ କୋଭିଡ୍ ସେଣ୍ଟର କରାଯିବା ନିମନ୍ତେ ଲକ୍ଷଲକ୍ଷ ଟଙ୍କାର ଉପରୋକ୍ତ ସାମଗ୍ରୀ କିଣାଯାଇଥିଲା। ସରକାର ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରି କୋଭିଡ ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ ସରପଞ୍ଚମାନେ ସାମଗ୍ରୀ କିଣି ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କୁ କୋଭିଡ ସେଣ୍ଟରରେ ରଖିବା ସହ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିଥିଲେ। ତେବେ କୋଭିଡ କେନ୍ଦ୍ର ବନ୍ଦ ହେବାକୁ ଦୀର୍ଘ ଦିନ ବିତିଯାଇଥିଲେ ବି ଏହି ସବୁ ସାମଗ୍ରୀ ସମ୍ପର୍କରେ କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଖୋଜ ଖବର ରଖାଯାଇ ନ ଥିଲା। ଅପରପକ୍ଷରେ ଏହି ସବୁ ସାମଗ୍ରୀ ବାଟମରଣା କରାଯାଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଶେଷରେ ବ୍ଲକ ପ୍ରଶାସନ କୋଭିଡ ସାମଗ୍ରୀ ଜମା କରିବାକୁ ନିର୍ଦ୍ଦେଶ ଦେଇଛି। ତେବେ ୩ ଦିନ ମଧ୍ୟରେ ସମସ୍ତ ସାମଗ୍ରୀ ଜମା କରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଆଜି ଯାଏ କୌଣସି ଗୋଟିଏ ପଞ୍ଚାୟତ ପକ୍ଷରୁ ସାମଗ୍ରୀ ଜମା କରାଯାଇ ନାହିଁ। ଅପରପକ୍ଷରେ ଅନେକ ସରପଞ୍ଚ ସେମାନଙ୍କ କାର୍ଯ୍ୟାଳୟରେ ଏୟାରକଣ୍ଡିଶନ (ଏସି) ଲଗାଇଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ। ପଞ୍ଚାୟତ କାର୍ଯ୍ୟାଳୟରେ ଏସି ଲଗାଇବା ପାଇଁ କୌଣସି ଯୋଜନା ନାହିଁ କି ଏନେଇ କୌଣସି ଅର୍ଥ ବରାଦ ହୋଇନାହିଁ। ତେବେ ପଞ୍ଚାୟତ ଅଫିସରେ କିପରି ଏସି ଲାଗିଲା ଏବଂ କେଉଁ ଅର୍ଥରୁ ଏହା ଲାଗିଲା ସେ ବିଷୟରେ ସବିଶେଷ ତଥ୍ୟ ସହ ପଞ୍ଚାୟତରୁ ଏସି ଖୋଲି ବ୍ଲକ କାର୍ଯ୍ୟାଳୟରେ ଜମା କରିବାକୁ ବିଡିଓ ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ଏସି କେଉଁ ଅର୍ଥରୁ ଲାଗିଲା ସେ ସମ୍ପର୍କରେ ବ୍ଲକ ପ୍ରଶାସନ ନିକଟରେ କୌଣସି ଖବର ନାହିଁ। ତେଣୁ କେଉଁ ଅର୍ଥରେ ଏସି ଲାଗିଛି ସେ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ସହ ତିନିଦିନ ମଧ୍ୟରେ ଏଗୁଡିକୁ ବ୍ଲକ କାର୍ଯ୍ୟାଳୟରେ ଜମା କରିବାକୁ ନିର୍ଦ୍ଦେଶ ରହିଛି। ତେବେ ଉପରୋକ୍ତ ଦୁଇ ଘଟଣାରେ ବ୍ଲକ ପଶ୍ରାସନ ଅଗୋଚରରେ କିପରି ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା ତାହା ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ବିଡିଓ ଗିରିଙ୍କୁ ପଚାରିବାରୁ ସେ କହିଛନ୍ତି, କୋଭିଡ୍ ବାବଦରେ କୌଣସି ପଞ୍ଚାୟତ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିନାହାନ୍ତି। ସେହିପରି ଏସି ଲଗାଇବା ସମ୍ପୂର୍ଣ୍ଣ ବେଆଇନ। ତେବେ ତଦନ୍ତ ରିପୋର୍ଟ ମିଳିବା ପରେ ସବୁ ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

# ଜିଲାପାଳ, ତହସିଲଦାରଙ୍କୁ ଲୋକାୟୁକ୍ତଙ୍କ ଜବାବ ତଲବ

**ବେଆଇନ କଳାପଥର ଉତ୍ତୋଳନକାରୀଙ୍କଠାରୁ ଜରିମାନା ଆଦାୟ ପ୍ରସଙ୍ଗ**

**ଧର୍ମଶାଳା,୨୭।୬(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତ୍ତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ଆଦାୟରେ ତହସିଲ ପ୍ରଶାସନ ବିଫଳ ହୋଇଛି। ଫଳରେ ଏହାକୁ ନେଇ ଲୋକାୟୁକ୍ତ କ୍ଷୋଭ ପ୍ରକାଶ କରିବା ସହ ଏହାର ଜବାବ ରଖିବା ପାଇଁ ଲୋକାୟୁକ୍ତ ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର ଓ ସମ୍ପୃକ୍ତ ଖାଦାନ ମାଲିକଙ୍କୁ ନୋଟିସ ଜାରି କରିଛନ୍ତି।

ଆରୁହା କଳପଥର ପାହାଡ଼ର ଖାତା ନଂ.୭୭୯ ଓ ପ୍ଲଟ ନଂ. ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ବେଆଇନ ଭାବେ ପଥର ଉତ୍ତୋଳନ କରି ଅନ୍ୟତ୍ର ଚାଲାଣ କରୁଥିଲେ। ଏଥିସହିତ ତାଙ୍କ କ୍ରଶରରେ ପଥର ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳର ମନୋରଞ୍ଜନ ଜେନା ଫେବୃୟାରୀ ୨୦୧୯ରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଧର୍ମଶାଳା ତତ୍କାଳୀନ ତହସିଲଦାର ଏହାର ତଦନ୍ତ କରିବାକୁ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତ୍ତୋଳନ ହୋଇଥିବା ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତ୍ତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରଭାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହିତ ତାଙ୍କ କ୍ରଶରକୁ ସିଲ କରିଥିଲା। ତେବେ ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତ୍ତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଆର୍ଆଇ ଏବଂ ପୋଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ୍ କଳାପଥର ଚାଲାଣ ହୋଇଥିବା ଜାଣିବାକୁ ପାଇଥିଲେ। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ହୋଇଥିବା ମାପଚୁପରୁ ଜଣାପଡ଼ିଥିଲା। ଇତି ମଧ୍ୟରେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ କରାଯାଇନାହିଁ। ତହସିଲ ପକ୍ଷରୁ କରାଯାଇଥିବା ଜରିମାନା ଆଦାୟରେ ପ୍ରଶାସନର ବିଫଳତାକୁ ନେଇ ଅଭିଯୋଗକାରୀ ମନୋରଞ୍ଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ।

# ୧୮୫ ଅଭିଯୋଗ, ୧୦୫ର ତତ୍କାଳ ସମାଧାନ

**ଧର୍ମଶାଳା,୨୭।୬(ଡି.ଏନ.ଏ.)**



ଜିଲାପାଳ ଓ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

**ଧର୍ମଶାଳା ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିର**

ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୮୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୧୦୫ଟିର ତତ୍କାଳ ସମାଧାନ କରାଯାଇଛି। ଶିବିରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଅଧ୍ୟକ୍ଷତା କରିବା ସହ ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ଆଇନର ପରିସରରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ସମ୍ପନ୍ନ କରିବା ହେଉଛି ଅଭିଯୋଗ ଶୁଣାଣି ଶିବିରର ଆଭିମୁଖ୍ୟ। ତେଣୁ ପ୍ରତ୍ୟେକ ଦାୟିତ୍ୱର ସହ ଏହାକୁ ନିର୍ବାହ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଆବାସ ଯୋଜନା, ଭତ୍ତା ପ୍ରଦାନ, ଚିକିତ୍ସା ସହାୟକ ଓ ଜମିଜମା ସମ୍ବନ୍ଧୀୟ ଅଭିଯୋଗ ମାମଲା ପଞ୍ଜୀକୃତ ହୋଇଥିଲା।

ମୋଟ୍ ଅଭିଯୋଗ ମଧ୍ୟରୁ ୧୭୮ଟି ବ୍ୟକ୍ତିଗତ, ୭ ସାମୂହିକ, ୮ ରେଡ୍‌କ୍ରସ ସହାୟତା ପାଇଁ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୦ ଆବେଦନ ପତ୍ର ମିଳିଥିଲା। ଅବଶିଷ୍ଟ ଅଭିଯୋଗଗୁଡିକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଇବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପି. ଆର୍, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଧର୍ମଶାଳା ବିଡିଓ ଅରବିନ୍ଦ ବେହେରା, ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଳୋତ୍ତମା ପୃଷ୍ଟି, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲିକ, ଡିଏସ୍ଏସ୍ଓଆର୍ ଏନ. ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଧର୍ମଶାଳା ପଶୁ ଡାକ୍ତର ରଞ୍ଜନ କୁମାର ସେଠୀଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଧର୍ମଶାଳା ଓ ଜେନାପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ସମୁଦ୍ରରେ ବୋଟ୍ ବୁଡିଲା: ୪ ମତ୍ସ୍ୟଜୀବୀ ଉଦ୍ଧାର

**ମହାକାଳପଡ଼ା, ୨୭।୬ (ଡି.ଏନ.ଏ.)**

ସାତଭାୟା ନିକଟ ଅନତିଦୂର ସମୁଦ୍ର ମଧ୍ୟରେ ଜମ୍ବୁ ଗ୍ରାମର ମା' ବନ ବିନି ନାମକ ମାଛ ଧରା ବୋଟ୍ ବୁଡିଯାଇଥିଲା। ସେଥିରେ ଥିବା ୪ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର ସୋମବାର କରାଯାଇଛି। ଉକ୍ତ ବୋଟ୍ ରେ ୨୦ କୁଇଣ୍ଟାଲର ହୁରିହୁରି ମାଛ ପଡ଼ିଥିଲା। ଜାଲରୁ ମାଛ ଉଠାଉଥିବା ବେଳେ ସମୁଦ୍ର ଉଚ୍ଚ ଢେଉ ହେବା ଯୋଗୁ ବୋଟ ଭାରସାମ୍ୟ ହରାଇ ଥିଲା। ଫଳରେ ବୋଟ୍ ପଲଟି ଯାଇ ବୁଡ଼ି ଯାଇଥିଲା। ଖବର ପାଇ ଜମ୍ବୁ ମା' ଗଙ୍ଗା ମାତା ବୋଟ୍ ସଂଘ ସଦସ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ଅନ୍ୟ ଏକ ଡଙ୍ଗା ଟାଣି ଟାଣି ଆଣିଥିଲେ। ଉଦ୍ଧାର ହୋଇଥିବା ମତ୍ସଜୀବୀଙ୍କ ମଧ୍ୟରେ ପ୍ରଶାନ୍ତ ମିର୍ଦ୍ଧା, ବିଭାସ ମିର୍ଦ୍ଧା, ପରିମହଲ ଦାସ , ପ୍ରତୀକ ମିର୍ଦ୍ଧା ବୋଲି ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ କହିଛନ୍ତି। ଏମାନେ ସୁରକ୍ଷିତ ଭାବେ ଜମ୍ବୁ ଗାଁରେ ପହଞ୍ଚିଛନ୍ତି ବୋଲି ସେ କହିଛନ୍ତି।



### ଛତୁ ଉତ୍ପାଦନକାରୀ ସଂଘର ନୂତନ କର୍ମକର୍ତ୍ତା

**ରସୁଲପୁର,୨୭।୬(ଡି.ଏନ.ଏ.)**

ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ପକ୍ଷରୁ ଯାଜପୁର ଜିଲା ଶାଖା କମିଟିର ପୁନର୍ଗଠନ କରାଯାଇଛି। ଏନେଇ ମହାବିନାୟକ ପୀଠରେ ଆୟୋଜିତ ଏକ ବୈଠକରେ ମହାସଂଘ ସଭାପତି ବିଚିତ୍ର କୁମାର ଜେନା ପୌରୋହିତ୍ୟ କରିଥିଲେ। ରାଜ୍ୟ ମହାସଂଘ ଅଧ୍ୟକ୍ଷ ଡ. ଅଦ୍ୱୈତ କୁମାର ପାତ୍ର ମୁଖ୍ୟଅତିଥି ଓ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛତୁ ଚାଷ ବେକାରଯୁବତୀଯୁବକଙ୍କ ପାଇଁ କିଭଳି ରୋଜଗାରର ବଳିଷ୍ଠ ମାଧ୍ୟମ ହୋଇପାରିବ ସେ ସମ୍ପର୍କରେ ମତ ରଖିଥିଲେ। ଛତୁଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ଜିଲାର ଛତୁଚାଷୀଙ୍କ ସଫଳତା ସମ୍ପର୍କରେ କହିଥିଲେ। ଯାଜପୁର ଶାଖାକୁ ଛତୁଚାଷ କ୍ଷେତ୍ରରେ କିଭଳି ଅଗ୍ରଣୀ ଜିଲା ଭାବରେ ପରିଗଣିତ କରାଯାଇ ପାରିବ ସେ ଦିଗରେ କାର୍ଯ୍ୟକର୍ତ୍ତା କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଜିଲା ଶାଖା ପାଇଁ ସଭାପତି ଭାବେ ବିରଞ୍ଚି ନାରାୟଣ ରଣା, ଉପସଭାପତି ମୁକ୍ତାରାଣୀ ନାୟକ ଓ ପଦ୍ମାବତୀ ମହାନ୍ତ, ସମ୍ପାଦକ ତପନ କୁମାର ଦଳାଇ, ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ଦାସ, ସଂଗଠନ ସମ୍ପାଦକ ଅନ୍ନପୂର୍ଣ୍ଣା ବଳ ଓ କୋଷାଧକ୍ଷ ଭାବେ ମନମୋହନ ସାମଲଙ୍କୁ ଚୟନ କରାଯାଇଛି। କାର୍ଯ୍ୟକର୍ତ୍ତାଙ୍କୁ ଜିଲା ଛତୁଚାଷୀଙ୍କ ସମସ୍ୟା ସମାଧାନ କରିବାର ବାଟ ବାହାର କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ପରବର୍ତ୍ତୀ ବୈଠକରେ ସମ୍ମାନିତ କରାଯିବ ବୋଲି ମହାସଂଘ ପକ୍ଷରୁ ସାଧାରଣ ସମ୍ପାଦକ ଦାସ ଘୋଷଣା କରିଛନ୍ତି।

# ଅଗ୍ନିପଥ ଯୋଜନା ବିରୋଧରେ ସତ୍ୟାଗ୍ରହ


ଯାଜପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଯାଜପୁର ମୁଖ୍ୟ ଡାକଘର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି।

**ବିଞ୍ଝାରପୁର/ପ୍ରୀତିପୁର, ୨୭।୬ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ସୋମବାର ବିଞ୍ଝାରପୁର କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କରାଯାଇଛି। ବିଞ୍ଝାରପୁର ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି କିଶୋର ଦାସଙ୍କ ଆହ୍ୱାନରେ ଉକ୍ତ ସତ୍ୟାଗ୍ରହ ବ୍ଲକ୍ ଛକରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସର ଉପସଭାନେତ୍ରୀ କନକଲତା ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରବୋଧ ଦାସ, କୁଞ୍ଜବିହାରୀ ବେହେରା, ମହେଶ୍ୱର ଦାସ, ପୀତାମ୍ବର ମଲ୍ଲିକ, ସରୋଜ ନାୟକ, କାଶୀନାଥ ଦାସ, ନାରଦ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ସୁଲୋଚନା ଦାସ ଓ ପୂର୍ଣ୍ଣଚନ୍ଦ୍ର ମଲିଆ ପ୍ରମୁଖ ଯୋଗଦେଇ ଅଗ୍ନିପଥ ଯୋଜନାରେ ଠିକା ନିଯୁକ୍ତିକୁ ବିରୋଧ କରିବା ସହିତ ତୁରନ୍ତ ଏହି ଯୋଜନା ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଉକ୍ତ ସତ୍ୟାଗ୍ରହ ଆନ୍ଦୋଳନରେ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

**କଳିଙ୍ଗନଗର,(ଡି.ଏନ.ଏ.):** ଅଗ୍ନିପଥ ଯୋଜନାକୁ ବିରୋଧ କରି ସୋମବାର କୋରେଇ ନିର୍ବାଚନମଣ୍ଡଳୀର ବ୍ୟାସନଗର ଗୋପବନ୍ଧୁ ଛକଠାରେ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ଉକ୍ତ ସତ୍ୟାଗ୍ରହ ସମାବେଶରେ ବ୍ୟାସନଗର କଂଗ୍ରେସ ସଭାପତି ଦିଲୀପ ମଲ୍ଲିକ ସଭାପତିତ୍ୱ କରିଥିଲେ। ରାଜ୍ୟ ଅଣସଂଘଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମକାର ଗୁରୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ର, କୋରେଇ ବ୍ଲକ ସଭାପତି ଅକ୍ଷୟ କୁମାର ଜେନା, ବ୍ୟାସନଗର ପୌରପରିଷଦର କାଉନସିଲର ଭରତ ଚନ୍ଦ୍ର ଓଝା, ଅରୁନ୍ଧତୀ ପରିଡ଼ା, ଅନ୍ନପୂର୍ଣ୍ଣା ଦଳେଇ, ରବୀନ୍ଦ୍ର ରାଉତ, ବ୍ୟାସନଗର ପୌପରିଷଦର ପୂର୍ବତନ ଉପାଧ୍ୟକ୍ଷ ପ୍ରମୋଦ ପରିଡ଼ା, କୋରେଇ ବ୍ଲକ ପୂର୍ବତନ ସଭାପତି ମଧୁସୂଦନ ସାହୁ, ଛାତ୍ର କଂଗ୍ରେସ ସଭାପତି ସତୀଶ ମଲ୍ଲିକ, ଯୁବକଂଗ୍ରେସ ସଭାପତି ଦୀପକ ଭଞ୍ଜ, ପ୍ରଭାତ ମହାପାତ୍ର, ପଦ୍ମନାଭ ନାୟକ, ଶ୍ୟାମସୁନ୍ଦର ଜେନା, ନୃସିଂହ ପହି, ଦୁଃଶାସନ ଦାସ, ରାଜକିଶୋର ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ଉମାକାନ୍ତ ବେହେରା, ନୀରଞ୍ଜନ ନାୟକ, ନାରାୟଣ ଚନ୍ଦ୍ର ନାୟକ, ଉମାକାନ୍ତ ମହାନ୍ତି, ନାରାୟଣ ଚନ୍ଦ୍ର ଦାସ ଓ ମହେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ତୁରନ୍ତ ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର କରି ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରିଥିଲେ।

**ଯାଜପୁର ଟାଉନ,(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ସୋମବାର ଯାଜପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସନ୍ତୋଷ ନନ୍ଦଙ୍କ ନେତୃତ୍ୱ ଓ ନାରାୟଣ ସାମନ୍ତଙ୍କ ସଭାପତିତ୍ୱରେ ଯାଜପୁର ମୁଖ୍ୟ ଡାକଘର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି। ଏହି ଯୋଜନା ବେକାର ଯୁବତୀଯୁବକଙ୍କ ପାଇଁ ଏକ ଉପହାସ ଓ ପ୍ରତାରଣା ସଦୃଶ। ସୈନବାହିନୀରେ ଠିକା ନିଯୁକ୍ତି ଅଣସାମ୍ବିଧାନିକ ଓ ସେନାବାହିନୀର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି। ତେଣୁ କେନ୍ଦ୍ର ସରକାର ଠିକା ନିଯୁକ୍ତିକୁ ପ୍ରତ୍ୟାହାର କରିବା ସହ ସ୍ଥାୟୀ ନିଯୁକ୍ତି ଦେବାକୁ ନେତାମାନେ ଦାବି ରଖିଛନ୍ତି। ସତ୍ୟାଗ୍ରହରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ସଂଗ୍ରାମ ଜେନା, ଦିଗମ୍ବର କର, ଶ୍ୟାମସୁନ୍ଦର କର, ରାଜୀବ ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ପ୍ରଶାନ୍ତ ସାହୁ, ବିଳାସ ରାଉତରାୟ, ବିଭୂତି ମହାପାତ୍ର, ବଳଭଦ୍ର ଦାସ, କନକଲତା ରାଉତ, ଦେବେନ୍ଦ୍ର ପଣ୍ଡା, ଅଲୋକ ବେହେରା, ଅଞ୍ଚଳ ଦାସ, ଅନୁସୟା ବିଶ୍ୱାଳ, ଅମୂଲ୍ୟ ବିଶ୍ୱାଳ, ଯଯାତୀ ନାୟକ, ଉତ୍କଳ ପାଣିଗ୍ରାହୀ, ଅକ୍ଷୟ ଶତପଥୀ, ଅରଜିତ ନାୟକ, ଦିଲୀପ ପତି, ଭରତ ବେହେରା, କପିଳେନ୍ଦ୍ର ଦଳାଇ, ନକୁଳଦେବ ସାହୁ, ବିଜୟ ମହାପାତ୍ର, ପରବିନ ବିବି, ସଂଗ୍ରାମ ସାହାଣୀ, ସେକ ନୁରୁଲ, ରବୀନ୍ଦ୍ର ରଣା, ନିକୁଞ୍ଜ ସାମଲ, ରମାକାନ୍ତ ସେଠୀ, ଶଙ୍କର୍ଷଣ ସେଠୀ, ଗଦାଧର ଦାସ ଓ ସବିତା ମହାନ୍ତି ପ୍ରମୁଖ ଶତାଧିକ କର୍ମୀ ଓ ନେତୃବୃନ୍ଦ ସାମିଲ ହୋଇଥିଲେ।

**ଧର୍ମଶାଳା,(ଡି.ଏନ.ଏ.):**କେନ୍ଦ୍ର ସରକାର ଅଗ୍ନିପଥ ଯୋଜନା ନାମରେ ଯୁବବର୍ଗଙ୍କୁ ପ୍ରତାରଣା କରିଛନ୍ତି। ତେଣୁ ଏହି ଠିକା ନିଯୁକ୍ତିକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ସୋମବାର ଧର୍ମଶାଳା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଜାରକାସ୍ଥିତ ଗୋପବନ୍ଧୁ ଛକ ପରିସରରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା କିଷାନ ପଣ୍ଡା ଯୋଗଦେଇ ଅଗ୍ନିପଥ ଯୋଜନାକୁ ନେଇ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ରାୟ, ବସନ୍ତ କୁମାର ପରିଡ଼ା, କବିତା ମଳିକ, ଦୀପକ କୁମାର ବଳ, ନରୋତ୍ତମ ନାୟକ, ଅର୍ଜୁନ ସେଠୀ, ଅମରେନ୍ଦ୍ର ସାମଲ, ନକୁଳ ଚନ୍ଦ୍ର ଜେନା, ବାବାଜୀ ରାଉତ, ପ୍ରମୋଦ ସ୍ୱାଇଁ, ବିନୋଦ ମଳିକ, ବାବୁଲି ମଳିକ, ଉଗ୍ରେସନ ମହାନ୍ତି, ଗଗନ ରାଉତ, ସାଗର ପାଳ, ମହମ୍ମଦ ଇକବାଲ ଆଲମ, ନୀଳମଣି ସ୍ୱାଇଁ, ସୁରେନ୍ଦ୍ର ରାଉତ, ଦେବାଶିଷ ପରିଡ଼ା, ଗୌରାଙ୍ଗ ମଳିକ ପ୍ରମୁଖ ବହୁ କଂଗ୍ରେସ କର୍ମୀ ସାମିଲ ହୋଇ ଏହାର ଦୃଢ଼ ପ୍ରତିବାଦ କରିଥିଲେ।



ବିଞ୍ଝାରପୁର କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହରେ ସାମିଲ ହୋଇଥିବା ନେତା ଓ କର୍ମୀ।



ଧର୍ମଶାଳା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ।

## ଆଜି ପଦାଧିକାରୀ, ବୁଧବାର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,(ବ୍ୟୁରୋ):ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଦଳର ରାଜ୍ୟ ପଦାଧିକାରୀ ବୈଠକ ରାଜ୍ୟ କାର୍ଯ୍ୟାଳୟ ଠାରେ ଅପରାହ୍ଣ ୪ଟା ସମୟରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବସିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀରେ ଆସିବାକୁ ଥିବା ପ୍ରସ୍ତାବ ପାରିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ଛକଠାରେ ଅଗ୍ନିପଥ ଯୋଜନା ବିରୋଧରେ ସତ୍ୟାଗ୍ରହ କରାଯାଇଛି।

# ଅଗ୍ନିପଥ ଯୋଜନା ପ୍ରତ୍ୟାହାର କର: କଂଗ୍ରେସ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ ସୋମବାର ରାଜ୍ୟବ୍ୟାପୀ ସତ୍ୟାଗ୍ରହ କରାଯାଇଛି। ଦଳ ତରଫରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ୱାରି ଦିନ ୧୦ରୁ ୧ଟା ମଧ୍ୟରେ ଏହା ପାଳନ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଭଦ୍ରକରେ ଅନୁଷ୍ଠିତ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଲାଗି ଦାବି କରିଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ସତ୍ୟାଗ୍ରହ ଆନ୍ଦୋଳନ

### ରାଜ୍ୟବ୍ୟାପୀ ସତ୍ୟାଗ୍ରହ

ସ୍ଥାନୀୟ ସର୍କିଟ ହାଉସ ଛକଠାରେ କରାଯାଇଛି। ଏହି ସତ୍ୟାଗ୍ରହ ଦିନ ୧୦ରୁ ୧ଟା ପର୍ଯ୍ୟନ୍ତ କରାଯାଇଥିଲା। କେନ୍ଦ୍ର ସରକାର ଭାରତ ବର୍ଷର ସେନାବାହିନୀକୁ ଦୁର୍ବଳ କରିଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ରଚନା କରିଛନ୍ତି, ଅତ୍ୟନ୍ତ ଚିନ୍ତାଜନକ ଓ ସମ୍ପୂର୍ଣ୍ଣ ଦେଶର ସ୍ୱାର୍ଥ ବିରୋଧରେ ଉଦ୍ଦିଷ୍ଟ। ଓଡ଼ିଶାର ବହୁ ଗ୍ରାମାଞ୍ଚଳରେ ଯୁବତୀ, ଯୁବକମାନେ ଜୀବନରେ ଏକ ସ୍ୱପ୍ନ ଦେଖିଥାନ୍ତି ଯେ, ସେମାନେ କିପରି ସେନାବାହିନୀରେ ଯୋଗଦାନ କରି ଦେଶମାତୃକାର ସେବା କରିବେ। ଆବଶ୍ୟକ ପଡ଼ିଲେ ଦେଶ ପାଇଁ ଜୀବନ ଦେବାକୁ ସେମାନେ ପ୍ରସ୍ତୁତ ରହିଥାଆନ୍ତି। ହେଲେ ଅତି ଦୁର୍ଭାଗ୍ୟର କଥା, ଅଗ୍ନିବୀରମାନଙ୍କୁ ମାତ୍ର ୪ ବର୍ଷ ପାଇଁ ନିଯୁକ୍ତି କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିଯୁକ୍ତି ଏକ ଠିକା ନିଯୁକ୍ତି ଅଟେ। ଏହାଦ୍ୱାରା ଭାରତ ବର୍ଷର ଯୁବପିଢ଼ିଙ୍କ ଆଶା ଭାଙ୍ଗିପଡ଼ିବ। ସେମାନେ ମାନସିକ ସ୍ତରରେ ଜଣେ ବୀର ସୈନିକ ହିସାବରେ ପ୍ରସ୍ତୁତ ହୋଇପାରିବେ ନାହିଁ। ୪ ବର୍ଷ ପରେ ସେମାନଙ୍କ ମଧ୍ୟରୁ ୭୫ ଭାଗ ଲୋକଙ୍କୁ ନିଜ ନିଯୁକ୍ତି ହରାଇବାକୁ ପଡ଼ିବ। ଯଦି ଏତେ ପରିମାଣର ବୀର ସୈନିକ ନିଯୁକ୍ତି ହରାଇବେ, ତେବେ ସେମାନଙ୍କୁ କିଭଳି ଏବଂ କେଉଁ କ୍ଷେତ୍ରରେ ନିଯୁକ୍ତି କରାଯିବ ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଯେଉଁମାନେ ଦେଶ ପାଇଁ ବଳିଦାନ ଦେବେ, ଯଦି ସେମାନଙ୍କ ଭବିଷ୍ୟତକୁ ଆମେ ସୁରକ୍ଷିତ ରଖିପାରିବା ନାହିଁ, ତେବେ ଦେଶର ଗତି କୁଆଡ଼େ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ପୋପ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍ ଉପରେ ପ୍ରଶ୍ନ ଉଠାଇଲା ଭାଜପା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତରେ ଅଛନ୍ତି। ସେ ପ୍ରଥମେ ରୋମ୍ ଯାଇଥିବା ବେଳେ ଗତ ରବିବାର ବିଳମ୍ବିତ ସନ୍ଧ୍ୟାରେ ଦୁବାଇରେ ପହଞ୍ଚିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଇଟାଲୀ ଗସ୍ତକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ନବୀନ କେଉଁ ଅର୍ଥରେ ଇଟାଲୀ ଯାଇଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ତେବେ ବିଜେଡି ଏହାର ଜବାବ ରଖିଛି।

ବରିଷ୍ଠ ଭାଜପା ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ କେଉଁ ପଇସା ଖର୍ଚ୍ଚ କରି ଇଟାଲୀ ଗସ୍ତ କରିଛନ୍ତି। ଯଦି ସରକାରୀ ଅର୍ଥରେ ଗସ୍ତ କରିଛନ୍ତି, ତେବେ ସେଠାରେ କ'ଣ କରିବାକୁ ଯାଇଥିଲେ। ଏହାଦ୍ୱାରା ତାଙ୍କର ଉପଲବ୍ଧି କ'ଣ ହେଲା। ଧାଡ଼ିରେ ଠିଆ ହୋଇ ପୁଣି ପୋପ୍‌ଙ୍କୁ କାହିଁକି ଭେଟିଲେ। କେବେହେଲେ ଶଙ୍କରାଚାର୍ଯ୍ୟଙ୍କୁ ତ ଭେଟିନାହାନ୍ତି। ଓଡ଼ିଶାକୁ ଯଦି ଖ୍ରୀଷ୍ଟିଆନ ରାଜ୍ୟ କରିବା ଲାଗି ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି, ତେବେ ଭାଜପା ତାକୁ ହେବାକୁ ଦେବନାହିଁ। ଓଡ଼ିଶାର ଧର୍ମ, ସଂସ୍କୃତି, ପରମ୍ପରାକୁ ଯଦି କୌଣସି ପ୍ରକାରର ବ୍ୟାହତ କରିବାକୁ ନବୀନ ପଟ୍ଟନାୟକ ଚାହାନ୍ତି, ତେବେ

### ଏହା ଦ୍ୱାରା ଯଦି ସକାରାତ୍ମକ ମନୋଭାବ ତିଆରି ହେବ, ଅସୁବିଧା କେଉଁଠି: ବିଜେଡି

ପ୍ରବଳ ବିରୋଧ କରାଯିବ। ମୁଖ୍ୟତଃ ପୋପ୍‌ଙ୍କୁ ଭେଟିବାର ଆବଶ୍ୟକତା କ'ଣ ଥିଲା। ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କ କ'ଣ ଅଛି। ଯେହେତୁ ସେ ସରକାରୀ ଅର୍ଥରେ ଯାଇଛନ୍ତି, ତେଣୁ ଓଡ଼ିଶାର ବାସିନ୍ଦା ଏବଂ ବିରୋଧୀ ଦଳର ବିଧାୟକ ଭାବେ ଏକଥା ଜାଣିବାକୁ ଚାହାନ୍ତି ବୋଲି ଜୟନାରାୟଣ କହିଛନ୍ତି।

ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ସାରା ଦେଶରେ ଖ୍ରୀଷ୍ଟିଆନ୍ ସୋସାଇଟି ଏବଂ ଜନସଂଖ୍ୟା ଦେଶରେ ବହୁ ପରିମାଣର ଅଛନ୍ତି। ସେହିପରି ଖ୍ରୀଷ୍ଟିଆନ୍ ସୋସାଇଟିର ରାଷ୍ଟ୍ରମୁଖ୍ୟଙ୍କଠାରୁ ପୋପ୍‌ଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ତେଣୁ ପୋପ୍‌ଙ୍କୁ ଦେଖାକରିବା ସହ ତାଙ୍କ ମାନସିକ ସମର୍ଥନ ନେବାରେ ଭୁଲ୍ କେଉଁଠାରେ ରହିଲା। ଏହାଦ୍ୱାରା ଓଡ଼ିଶା ପ୍ରତି ଯଦି ଏକ ସକାରାତ୍ମକ ମନୋଭାବ ତିଆରି ହୋଇପାରିବ, ବିଶ୍ୱରେ ତେବେ ଏହା ଉଚିତ ପଦକ୍ଷେପ।

# ଉଦ୍ଧବଙ୍କ ଇସ୍ତଫାକୁ ପାୱାର ଅଟକାଇଛନ୍ତି


ଉଦ୍ଧବ ଠାକ୍‌ରେ ଶରଦ ପାୱାର

ମୁମ୍ବାଇ,୨୭।୬:ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଇସ୍ତଫା ଦେବାକୁ ଚାହୁଁଛନ୍ତି। କିନ୍ତୁ ମହା ବିକାଶ ଅଘାଡ଼ିର ଚାଣକ୍ୟ ଶରଦ ପାୱାର ତାଙ୍କୁ ଅଟକାଇଦେଇଛନ୍ତି ବୋଲି ଜଣାପଡ଼ିଛି। ପ୍ରକାଶିତ ରିପୋର୍ଟ ଅନୁସାରେ କ୍ୟାବିନେଟ ମନ୍ତ୍ରୀ ଏକନାଥ ସିନ୍ଦେ ଶିବସେନା ବିଧାୟକମାନଙ୍କୁ ଧରି ବିଦ୍ରୋହୀ ସାଜିବା ପରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ଉଦ୍ଧବ ବିରକ୍ତି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ସୋମବାର ଦୁଇଥର ଇସ୍ତଫା ଦେବାକୁ ଉଦ୍ୟମ କରିଥିଲେ। ଉଦ୍ଧବ ଅପରାହ୍ଣ ୫ଟାରେ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ସମ୍ପର୍କରେ ଘୋଷଣା କରିଥାଆନ୍ତେ। ତେବେ ଏନ୍‌ସିପି ମୁଖ୍ୟ ପାୱାର ଏହି ବିଷୟ ଜାଣିବା ପରେ ତାଙ୍କୁ ଇସ୍ତଫା ନ ଦେବାକୁ ବୁଝାଇଛନ୍ତି। ଗତ ବୁଧବାର ଉଦ୍ଧବ କହିଥିଲେ, ଯଦି ବିଦ୍ରୋହୀ ବିଧାୟକମାନେ ଚାହୁଁଛନ୍ତି ତେବେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପ୍ରସ୍ତୁତ। ଏପରି କି ଶିବସେନା ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପାଇଁ ମଧ୍ୟ ସେ ପ୍ରସ୍ତୁତ ଥିବା କହିଥିଲେ। କିନ୍ତୁ ଏଥିପାଇଁ ବିଦ୍ରୋହୀମାନଙ୍କୁ ତାଙ୍କ ସାମ୍ନାକୁ ଆସି ଏହି ବିଷୟ କହିବାକୁ ପଡ଼ିବ ବୋଲି ସେ ସର୍ତ୍ତ ବାଢ଼ିଥିଲେ।


The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-940 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.2703/MKT/OSIC Dt.24.06.2022

The OSIC Ltd., Cuttack invites sealed bids from experienced Manufacturers for supply of Dual Desk-cum-Bench, Teachers table & Chair to Odisha Adarsha Vidyalaya Schools under Boudh district. The detail schedules, terms and conditions of the tender document along with the item specification and quantity of requirement can be downloaded from www.osicltd.in . Any corrigendum/ changes/modifications will appear in OSIC Ltd. website: www.osicltd.in only and all tenders are to refer to above website.

By order of MD
Sd/-Manager(Mktg)
OIPR-14073/11/0035/2223



The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-941 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.2699/RE/OSIC Dt.24.06.2022

The Managing Director, OSIC Ltd., Cuttack invites tender from experienced bidders/agencies for the work "Empanelment of event management agencies for organizing and managing various events functions and exhibitions". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-GENERAL MANAGER(O)
OIPR-14073/11/0036/2223


# ଭାଜପାରେ ଯୋଗଦେଲେ କଂଗ୍ରେସ, ସିପିଆଇ ନେତା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀ ଏବଂ ଭାଜପା ପ୍ରତି ଆସ୍ଥା ପ୍ରକଟ କରି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳର କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟିର ବହୁ ପୁରୁଷ ଏବଂ ମହିଳା କର୍ମକର୍ତ୍ତା ସୋମବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ତଥା ଏଆଇଟିୟୁସି ସାଧାରଣ ସମ୍ପାଦକ ଉପେନ୍ଦ୍ର ରାଉଳ, ଚାନ୍ଦବାଲି ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ମାନସ ବାରିକ, ଭାଟପଡା କଂଗ୍ରେସ ସଭାପତି ସୁକାନ୍ତ ପାଢ଼ୀ, ଅଖିଳ ଭାରତ ଯୁବ ସଂଘ ସମ୍ପାଦକ ଶିବାନୀ ରଞ୍ଜନ ଦାସଙ୍କ ସମେତ ମାନସ ବିଶ୍ୱାଳ ପ୍ରମୁଖ ସମର୍ଥକମାନଙ୍କ ଗହଣରେ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ମନମୋହନ ସାମଲ ନୂତନ ଭାବେ ସାମିଲ ସମସ୍ତ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ସମୀର ସ୍ୱାଗତ ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଏହା ନିଶ୍ଚିତ ପ୍ରତିଫଳିତ ହେବା ସହ ଭବିଷ୍ୟତରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଦଳର ସଙ୍ଗଠନ ମଜଭୁତ ହେବ ବୋଲି ସେ କହିଛନ୍ତି।


GOVERNMENT OF ODISHA Email: rd_nuapada@rediffmail.com
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
Bid Identification No. RWNPD - 04 (Online) of 2022 - 23 Date: 22.06.2022
No. O-532
"e" PROCUREMENT NOTICE

Bid documents consisting of Work, Estimate Cost, Cost of tender Paper, EMD/Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the work : Road works in the District of Nuapada as mentioned in DTCN
2. Total No. of works : 07 Nos.
3. Estimated Cost : Rs.5.31 lakhs to 24.42 lakhs
4. Period of Completion : 02 (Two) to 03 (Three) Calendar Months
5. Other Details :

| Availability of tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| 04.07.2022 at 10.00 A.M. | 14.07.2022 upto 5.00 P.M. | 13.07.2022 upto 05.00 P.M. | 15.07.2022 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25050/11/0007/2223 Sd./- Executive Engineer, Rural Works Division, Nuapada



WORKS DEPARTMENT
OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE
No. B-309 e-mail: seec_bls@rediffmail.com
Government of Odisha "e" Procurement Notice
Bid Identification No. CCEEC-06/2022-23
No. 2835 Dt.21.06.2022

Nature of Work : Building Works
Number of Works : 07 (Seven) Nos. Buildings
Amount put to tender : Rs.309.10 lakh to Rs.317.53 lakh
Class of Contractor : "A" Class/ "Special"
Date & time of availability of bid document in the portal : Dt.28.06.2022 at 10.00 A.M.
Last date/time of receipt of bid in the portal : Dt.12.07.2022 upto 05.00 P.M.
Date of Opening of Bid : Dt.13.07.2022 at 11.00 A.M.
Name & address of the Office Inviting Bid : Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only.

Sd./- R. Rout, Chief Construction Engineer
OIPR-34026/11/0008/2223 Eastern Circle (R&B), Balasore


# ଉତ୍ତରାଧିକାରୀଙ୍କୁ ନେଇ ଚର୍ଚ୍ଚା


ଦେବାଶିଷ


ଦେବପ୍ରିୟ


ସୌମ୍ୟଶଙ୍କର

ଆନନ୍ଦପୁର,୨୭।୬(ସ୍ୱ.ପ୍ର.)

### ଘସିପୁରା ନିର୍ବାଚନମଣ୍ଡଳୀ

ରାଜନୈତିକ ଦୃଷ୍ଟିକୋଣରୁ କେନ୍ଦୁଝର ଜିଲ୍ଲାର ଘସିପୁରା ସ୍ୱର୍ଣକାତର ନିର୍ବାଚନମଣ୍ଡଳୀ ଭାବେ ପରିଚିତ। ଏହି ନିର୍ବାଚନମଣ୍ଡଳୀ ଏବେ ବିଜେଡି ଅକ୍ତିଆରରେ ରହିଛି। ୨୦୦୯ରୁ ଏପର୍ଯ୍ୟନ୍ତ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ବିଧାୟକ ବଦ୍ରି ପାତ୍ର ଲଗାତର ଭାବେ ନିର୍ବାଚନ ଜିତିଆସୁଛନ୍ତି । ସେ ଏଠାରୁ ୪ଥର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଶିକ୍ଷାବିତ୍‌ରୁ ରାଜନୀତିକୁ ଆସିଥିବା ବଦ୍ରି ପ୍ରଥମଥର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ୧୯୯୦ରେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାପରେ ସେ ୨୦୦୯ରୁ ଏହି ନିର୍ବାଚନମଣ୍ଡଳୀରୁ ଲଗାତର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଆସୁଛନ୍ତି। ବଦ୍ରିଙ୍କ ବିଜୟ ରଥର ମୁଖ୍ୟ ସାରଥି ସାଜିଛନ୍ତି ତାଙ୍କ ଦୁଇପୁଅ ଦେବାଶିଷ ଓ ଦେବପ୍ରିୟ। ଦେବାଶିଷ ଘସିପୁରା ନିର୍ବାଚନମଣ୍ଡଳୀରେ ତୃଣମୂଳସ୍ତରରୁ ବିଜେଡି ସଂଗଠନକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ବେଳେ ଜଟିଳ ପରିସ୍ଥିତିରେ ଦେବପ୍ରିୟଙ୍କ ରଣନୀତି ଅନେକ ସମୟରେ ସମସ୍ତଙ୍କୁ ଚକିତ କରିଥାଏ। କେବଳ ସାଧାରଣ ନିର୍ବାଚନ ନୁହଁ, ପଞ୍ଚାୟତ ନିର୍ବାଚନରେ ମଧ୍ୟ ବଦ୍ରିଙ୍କ ପରିବାର ବିଜେଡିର ଦବ୍‌ଦବା ବଜାୟ ରଖିବାରେ ସଫଳ ହୋଇଛି। ବୟସ ବଢ଼ିବା ଏବଂ ଶରୀର ଅସୁସ୍ଥ ରହିବା କାରଣରୁ ବିଜେଡିର ଏହି ପୁରୁଖା ନେତା ଆଗାମୀ ଦିନରେ ଆଉ ନିର୍ବାଚନକୁ ଓହ୍ଲାଇ ନ ପାରନ୍ତି ନେଇ ଚର୍ଚ୍ଚା ହେଉଛି। ସେ ଏ ନେଇ କିଛିଦିନ ପୂର୍ବରୁ ଗଣମାଧ୍ୟମକୁ ପରୋକ୍ଷ ସୂଚନା ମଧ୍ୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୁବକମାନଙ୍କୁ ଆଗକୁ ଛାଡ଼ିବାକୁ ଚାହୁଁଥିବାରୁ ସେ ସେଥିରେ ସହମତ ବୋଲି କହିଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯଦି ବଦ୍ରି ଅବସର ଘୋଷଣା କରନ୍ତି ତେବେ ଘସିପୁରା ନିର୍ବାଚନମଣ୍ଡଳୀର ବିଜେଡି ନେତୃତ୍ୱ କାହା ହାତରେ ରହିବ ସେନେଇ ଚର୍ଚ୍ଚା ଆରମ୍ଭ ହେଲାଣି। ବଦ୍ରି ପାତ୍ରଙ୍କ ଦୁଇ ପୁଅ ତଥା ଯୁବନେତା ଦେବାଶିଷ ଓ ଦେବପ୍ରିୟଙ୍କ ମଧ୍ୟରୁ ବିଜେଡି ଜଣଙ୍କୁ ବଦ୍ରିଙ୍କ ଉତ୍ତରାଧିକାରୀ ଭାବେ ବାଛିବ ନା ଅନ୍ୟ କିଛି ବିକଳ୍ପ ଚିନ୍ତା କରିବ ସେନେଇ ଦଳୀୟ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଘସିପୁରା ନିର୍ବାଚନମଣ୍ଡଳୀରେ ଅନ୍ୟ ବିକଳ୍ପ ଭାବେ ଯୁବନେତା ସୌମ୍ୟଶଙ୍କର ଚକ୍ର (ରାଜା)ଙ୍କ ନାମ ମଧ୍ୟ ଆଲୋଚନା ପରିସରକୁ ଆସୁଛି। ନିକଟରେ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନରେ ସେ ମଧ୍ୟ ନିଜ ସମର୍ଥନରେ କେତେଗୁଡିଏ ପଞ୍ଚାୟତରେ ପ୍ରାର୍ଥୀ ଦେଇ ପରୋକ୍ଷରେ ବିଜେଡିର ଅନ୍ୟ ଏକ ଦାବିଦାର ଭାବେ ନିଜକୁ ଉପସ୍ଥାପନ କରିବାକୁ ପ୍ରୟାସ କରିଥିଲେ। ଯଦିଓ ତାଙ୍କୁ ସେତେଟା ସଫଳତା ମିଳି ନ ଥିଲା ତଥାପି ବିଜେଡିର ରାଜ୍ୟସ୍ତରୀୟ ନେତାଙ୍କ ପରୋକ୍ଷ ସମର୍ଥନ ତାଙ୍କ ମନୋବଳକୁ ବୃଦ୍ଧି କରୁଥିବା କୁହାଯାଉଛି। ଏଥିପାଇଁ ବିଭିନ୍ନ ସମୟରେ ଦଳୀୟ ଗୋଷ୍ଠୀକନ୍ଦଳ ପରିସ୍ଥିତି ସୃଷ୍ଟି ହେଉଛି। ଗୋଳିଆ ପାଣିରୁ ମାଛ ଧରିବାକୁ ରାଜ୍ୟସ୍ତରୀୟ ନେତୃତ୍ୱ ପ୍ରୟାସ କରୁଥିବା ଆଲୋଚନା ହେଉଛି। ସେ ଯାହା ହେଉନା କାହିଁକି, ୨୦୨୪ ନିର୍ବାଚନ ପାଇଁ ଏବେଠାରୁ ଘସିପୁରା ନିର୍ବାଚନମଣ୍ଡଳୀ ଚଳଚଞ୍ଚଳ ହେଉଥିବା ଲକ୍ଷ୍ୟ କରାଯାଉଛି। ଏଥିରେ ଦଳୀୟ ସଂଗଠନ ମୁଖ୍ୟ ପ୍ରସଙ୍ଗ ହୋଇ ନ ଥିବା ବେଳେ ବିଜେଡିର ଉତ୍ତରାଧିକାରୀ ଭାବେ ଯୁବପିଢିଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି।


ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: 10855/IND-II-PH-1040 ତାରିଖ: 23.06.2022

ବିଜ୍ଞାପନ

No. CAD-945: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ ଅନ୍ତର୍ଗତ ବଡ଼ଇନ୍ଦୁପୁର, ସାନୁଆ, ସର୍ଗିଗଡ଼ ଏବଂ ତେହେରେଇ ଗ୍ରାମରେ ୧୩୧.୫୮୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଚାନ୍ଦିପୋଷି ଲୌହ ଖଣିଜ ବ୍ଲକର ସମୁଦାୟ ଉତ୍ତୋଳନ କ୍ଷମତା ୧.୦୯୪୫ ଏମଟିପିଏ (୧.୦ ଏମଟିପିଏ ଲୌହ ଖଣିଜ ROM + ୦.୦୯୪୫ ଏମଟିପିଏ ବର୍ଜ୍ୟ) ସହିତ ୨ × ୨୫୦ ଟିପିଏ ମୋବାଇଲ କ୍ରସିଂ ଏବଂ ୩ × ୩୫୦ ଟିପିଏ ମୋବାଇଲ ସ୍କ୍ରିନିଙ୍ଗ ପ୍ରକଳ୍ପ ସ୍ଥାପନ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୩।୦୮।୨୦୨୨ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସାନିନ୍ଦପୁର ଗ୍ରାମସ୍ଥିତ ସାନିନ୍ଦପୁର ଛକ ନିକଟ ଖୋଲାପଡ଼ିଆରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସୁନ୍ଦରଗଡ଼।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ରାଉରକେଲା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0124/2223 ସ୍ୱା./– ସଦସ୍ୟ ସଚିବ



GOVERNMENT OF ODISHA No. O-543
"e" PROCUREMENT NOTICE
Bid Identification No.
Online-AGL-03 of 2022-2023

1. Name of the work : Road works & Building Work
2. Estimated Cost : Rs.47.99 to Rs.59.12 lakhs
3. Period of Completion : 06 (Six) Calendar Months
4. Date & time of availability of bid document in the portal : From 02.07.2022 to 12.07.2022 upto 5.00 P.M.
5. Last date/time for receipt of bids in the portal : 12.07.2022 upto 5.00 P.M.
6. Name & Address of the OIT: Executive Engineer, Rural Works Division, Angul

Further details can be seen from the Govt. website www.tendersorissa.gov.in.

Sd./- Executive Engineer
OIPR-25096/11/0004/2223 R.W. Division, Angul



ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ
(ଦୀର୍ଘମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର)
ପତ୍ର ସଂଖ୍ୟା: ୧୬୬୦ ତାରିଖ: ୨୩ ଜୁନ ୨୦୨୨

No. F-111: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମାର୍ଶାଘାଇ ତହସିଲର (୦୧) ଏକ ଗୋଟି ସୈରାତ ଉତ୍ସ ଦୀର୍ଘମିଆଦି ଲିଜ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତାବକ ପାଞ୍ଚ ବର୍ଷ ନିମନ୍ତେ (୨୦୨୨–୨୩ଠାରୁ ୨୦୨୬–୨୭) ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା: ବିଜ୍ଞାପନ, ସର୍ତ୍ତାବଳୀ ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.kendrapara.nic.inରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ଡାକ ଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ।

ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ
ଧାର୍ଯ୍ୟ ତାରିଖ ଏବଂ ସମୟ : ପ୍ରଥମ ପର୍ଯ୍ୟାୟ: ତା୧୨।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ: ତା୧୯।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା
ତୃତୀୟ ପର୍ଯ୍ୟାୟ: ତା୨୬।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା

ସ୍ୱା./– ତହସିଲଦାର, ମାର୍ଶାଘାଇ
OIPR-24243/11/0002/2223

## ସଂକ୍ଷେପରେ

### ସୁଶାନ୍ତଙ୍କ ଘର ଉପରୁ ହଟିଲା ୧୧ କେଭି ବିଦ୍ୟୁତ୍ ତାର



ଆଳି,୨୭।୬(ଡି.ଏନ.ଏ.): ଆଳି ବିଦ୍ୟୁତ୍ ବିଭାଗ ଅଧୀନରେ ଥିବା କେତୁଆପାଳ ପଞ୍ଚାୟତର ସୁଶାନ୍ତ ସେଠୀଙ୍କ ଘର ଉପରେ ଏକ ୧୧ କେଭି ବିଦ୍ୟୁତ ତାର ଯାଇଥିଲା। ଏହି ତାର ଯୋଗୁ ସେ ସରକାରଙ୍କ ପକ୍ଷରୁ ପାଇଥିବା ଆବାସ ଯୋଜନାରେ ଘର ପୂର୍ଣ୍ଣାଙ୍ଗ କରି ପାରି ନ ଥିଲେ। ଏ ନେଇ ସୁଶାନ୍ତ ବିଦ୍ୟୁତ୍ ବିଭାଗ ନିକଟରେ ବାରମ୍ବାର ତାର ହଟାଇବା ନିମନ୍ତେ ଦାବି କରିଥିବାବେଳେ ଅଧିକାରୀମାନେ ଶୁଣୁ ନ ଥିଲେ। ଫଳରେ ଗତ ୨୦ ତାରିଖରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିତା ଜେନାଙ୍କ ନେତୃତ୍ୱରେ ଗ୍ରାମବାସୀ ଆଳି ବିଦ୍ୟୁତ୍ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଏ ନେଇ ଖୁବ୍‌ଶିଘ୍ର ତାର ସ୍ଥାନାନ୍ତର ହେବ ବୋଲି ବିଭାଗ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ହୋଇଥିଲା। ସୋମବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ସୁଶାନ୍ତ ସେଠୀଙ୍କ ଘର ଉପରୁ ତାର ସ୍ଥାନାନ୍ତର କରାଯାଇଛି। ଆଗାମୀ ଦିନରେ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତର ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

### ସ୍କୁଲରୁ ଛାତ୍ର ନିଖୋଜ ନେଇ ଥାନାରେ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୨୭।୬: କେନ୍ଦ୍ରାପଡ଼ା ସହରର ଏକ ସ୍କୁଲରୁ ଛାତ୍ର ନିଖୋଜ ହୋଇଥିବା ସମ୍ପର୍କରେ ସଦର ଥାନାରେ ଏକ ଅଭିଯୋଗ ପତ୍ର ସୋମବାର ଦିଆଯାଇଛି। ରିପୋର୍ଟ ଲେଖା ସମୟରେ ଦୁଇଜଣ ବ୍ୟକ୍ତି ସ୍କୁଲ ନିକଟରେ ଏହି ଛାତ୍ରକୁ ଛାଡି ପଳାଇ ଯାଇଥିବା ସୂଚନା ମିଳିଛି। ସହରର ଗୋପ ଛକର ମିଳନ କୁମାର ଓଝା ଏ ନେଇ ଅଭିଯୋଗପତ୍ରରେ ଲେଖିଛନ୍ତି, ତାଙ୍କର ୫ ବର୍ଷର ପୁଅ ଏମ୍.ପି. ଆଦିତ୍ୟ ସହରର ଏକ ସ୍କୁଲରେ ପଢ଼ନ୍ତି। ଛୁଟି ସମୟରେ ପୁଅଙ୍କୁ ତାଙ୍କ ଭାଣିଜୀ ଆଣନ୍ତି। ତେବେ ପୂର୍ବାହ୍ନରେ ସ୍କୁଲ ଛୁଟି ପରେ ପୁଅଙ୍କୁ କେହି ଜଣେ ମହିଳା ନେଇ ପଳାଇଛନ୍ତି। ନିଜେ ଜଣେ ଠିକାଦାର ଓ ହିନ୍ଦୁ ସଙ୍ଗଠନରେ କାର୍ଯ୍ୟ କରୁଥିବାରୁ ଅପହରଣ ସନ୍ଦେହ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ପବିତ୍ର ମହାନ୍ତି କହିଛନ୍ତି, ସମ୍ପୃକ୍ତ ଛାତ୍ରକୁ ଦୁଇଜଣ ବ୍ୟକ୍ତି ଛାଡ଼ି ଯାଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଅନୁଧାନ ଚାଲିଛି।

# ରାସ୍ତାରୁ ପଙ୍କ ଉଠାଇଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ, ୨୭।୬(ସ୍ୱ.ପ୍ର.)

କେନ୍ଦ୍ରପଡ଼ା ଜିଲା ଉତିକଣ ବନ୍ୟାବନ୍ଧ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ମଦନପୁର ନିକଟରେ ରାସ୍ତା ସମ୍ପ୍ରସାରଣ ଓ ନବୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାର ନିଯୁକ୍ତ କରାଯାଇଛି। ସମ୍ପୃକ୍ତ ଠିକାଦାର ରାସ୍ତା ଉପରେ ପଙ୍କୁଆ ମାଟି ପକାଇ ଗଦେଇ ରଖିଛନ୍ତି। ଫଳରେ ପିଚୁ ରାସ୍ତାରେ ପଙ୍କୁଆ ମାଟି ପଡି ରହିବା କାରଣରୁ ବର୍ଷା ହେଲେ ପଙ୍କ ବୋହିଆସି ରାସ୍ତା କାଦୁଅ ହେଉଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଗାଡିମୋଟର ଦୂରରେ ଥାଉ ସାଇକେଲ ନେଇ ମଧ୍ୟ ଯିବା ସମ୍ଭବ ହେଉନାହିଁ। ପିଚୁ ରାସ୍ତାଟି କାଦୁଅ ହେବା ଫଳରେ ଯାତାୟାତ ସମୟରେ ଗାଡି ଚକା ଖସି ଆରୋହୀମାନେ ରାସ୍ତାରେ ପଡି ଖଣ୍ଡିଆଖପରା ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୂର୍ତ୍ତ ବିଭାଗ କିମ୍ବା ଠିକାଦାର କର୍ଣ୍ଣପାତ କଲେନାହିଁ। ଫଳରେ ନଦୀବନ୍ଧର ଉଭୟପାର୍ଶ୍ୱରେ ଥିବା ପ୍ରାୟ ୩୨ଟି ଗାଁର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତାରୁ ମାଟି ସଫା କରିବାକୁ ସ୍ଥାନୀୟ ମାଳିପୁର, ଅଢାଯୋଡି, ଗୁଣ୍ଡି, ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ସଂସାରଫଳ ଆଦି ପଞ୍ଚାୟତ ଓ ଗାଁର ଯୁବକମାନେ ଏକାଠି ହୋଇ ପିଚୁ ରାସ୍ତା ଉପରୁ ମାଟି ସଫା କରିଛନ୍ତି।



ଯୁବକମାନେ ରାଜନଗର ପଟ୍ଟାମୁଣ୍ଡାଇ ରାସ୍ତାର ମଦନପୁରଠାରେ ପଡ଼ିଥିବା ପଙ୍କକୁ ସଫା କରୁଛନ୍ତି।

ଉଲ୍ଲେଖଯୋଗ୍ୟ ପଟ୍ଟାମୁଣ୍ଡାଇ ବାଇପାସ ପାଖରୁ ଅଳଭା, ମଦନପୁର ଦେଇ ରାଜନଗର ଯାଇଥିବା ୧୫ କି.ମି. ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହି ରାସ୍ତା ଦେଇ ପ୍ରତିଦିନ ରାଜନଗରରୁ କଟକ, ଭୁବନେଶ୍ୱର ଯାତାୟାତ କରୁଥିବା ୧୮ରୁ ଅଧିକ ଯାତ୍ରୀବାହୀ ବସ୍ ଏବେ ବନ୍ଦ ହୋଇଯାଇଛି। ଫଳରେ ନଦୀବନ୍ଧର ଉଭୟପାର୍ଶ୍ୱରେ ଥିବା ପ୍ରାୟ ୩୨ଟି ଗାଁର ପ୍ରାୟ ୫୦ ହଜାର ଲୋକ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ରାସ୍ତା ଦେଇ ପଟ୍ଟାମୁଣ୍ଡାଇ, ରାଜନଗର ବ୍ଲକର ଅର୍ଦ୍ଧାଧିକ ଲୋକ, ଡାକ୍ତରଖାନା, ବ୍ଲକ ଓ ଶହଶହ ସ୍କୁଲ, କଲେଜର ଛାତ୍ରୀଛାତ୍ର ମଧ୍ୟ ଏହି ରାସ୍ତାଦେଇ ଯିବାଆସିବା କରିଥାନ୍ତି। ଏହାବ୍ୟତୀତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟାତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ଦୀର୍ଘବର୍ଷ ହେବ ଏହି ରାସ୍ତାଟି ଯାତାୟାତ ଅନୁପୋଯୋଗୀ ହୋଇ ପଡିରହିଛି। ଏହି ରାସ୍ତାର ମରାମତି ଓ ପୁଣି ନିର୍ମାଣ ପାଇଁ ଦୀର୍ଘଦିନ ହେବ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଓ ଆନ୍ଦୋଳନ ହୋଇଆସୁଥିଲା। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନ-୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତି ଓ ଉନ୍ନତିକରଣ ପାଇଁ ୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ମୋଟ ୧୫ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ଠିକାଦାରଙ୍କୁ କାମ ଦିଆଯାଇଛି। କିନ୍ତୁ ଠିକାଦାର ବିଭାଗର ଅଟକଳ ଅନୁଯାୟୀ କାର୍ଯ୍ୟ କରୁ ନ ଥିବା ୩୨ ଗାଁର ଲୋକ ଅଭିଯୋଗ କରଛନ୍ତି। ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ୧ ମିଟର ଲେଖାଏ ସିମେଣ୍ଟ ବଜୁରୀ ଲଗାଯିବାକୁ ଥିବା ବେଳେ ତାହା କରା ନ ଯାଇ ପଙ୍କମାଟି ପକା ଯାଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶୋକ ଜେନାଙ୍କୁ ପଚାରିବାରେ ପଙ୍କ ମାଟି ପଡିବା ଅଭିଯୋଗ ଆସିଛି। ବଡ ଠିକାଦାର ହୋଇଥିବାରୁ ଆମ କଥା ଶୁଣୁନାହାନ୍ତି। ମାଟି ମିଳୁନାହିଁ ଯେଉଁ ମାଟି ମିଳୁଛି ତାହା ପକାଯାଉଛି। ଏ ନେଇ ଉପରସ୍ତ ଅଧିକାରୀଙ୍କୁ ଅବଗତ କରିଛି ବୋଲି ସେ କହିଛନ୍ତି।

### ବିଭାଗ, ଠିକାଦାର ସଫା କଲେନି

### ଲେମ୍ବୁକୁ ନେଇ ସଚେତନତା ଅଭିଯାନ

ପଟ୍ଟାମୁଣ୍ଡାଇ,୨୭।୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇଠାରେ ଓଡ଼ିଶା ସ୍ୱରାଜ ଫାଉଣ୍ଡେଶନ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟତଃ ବର୍ତ୍ତମାନ କାଗିଜି ଲେମ୍ବୁର ଆବଶ୍ୟକତା ଦୃଷ୍ଟିରୁ ବଜାରରେ ଏହାର ଅଭାବ ଓ ମୂଲ୍ୟ ବୃଦ୍ଧି ନେଇ ସାଧାରଣ ମଣିଷଟିଏ ଚିନ୍ତିତ ଥିବା ବେଳେ ଓଡ଼ିଶା ଲେମ୍ବୁର ଆବଶ୍ୟକତା ପୂରଣ ଲାଗି ପଡୋଶୀ ଆନ୍ଧ୍ର ଉପରେ ନିର୍ଭର କରିଥାଏ। ଏହାକୁ ଆଖି ଆଗରେ ରଖି କେମିତି ସାଧାରଣ ଲୋକଟିଏ ଲେମ୍ବୁର ଅଭାବ ଓ ଅତ୍ୟଧିକ ଦରରୁ ନିସ୍ତାର ପାଇବା, ଘରେ ଲେମ୍ବୁ ଗଛଟିଏ ଲଗାଇ ନିଜେ ଏହାର ଫାଇଦା ଉଠେଇବା ସହ ବଜାରରେ ବଳକା ଲେମ୍ବୁକୁ ବିକ୍ରିକରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱରାଜ ଫାଉଣ୍ଡେଶନ ଅଭିଯାନର ରାଜ୍ୟ ଆବାହକ ସୁଧାଂଶୁ ଶେଖର ଦେଓ, ଉପଦେଷ୍ଟା ସିଦ୍ଧାର୍ଥ ସ୍ୱରୂପ ଦାସ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ଲୋକଙ୍କୁ ୫୦୦୦ ଫଳନ୍ତି ଲେମ୍ବୁ ଚାରା ବଣ୍ଟନ କରାଯିବ। ଏଥିସହ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବିଭିନ୍ନ ଜିଲାର ଗ୍ରାମାଞ୍ଚଳରେ ଆୟୋଜନ କରାଯିବା ନେଇ କହିଛନ୍ତି।

# ବର୍ଷାଜଳ ନିଷ୍କାସନ, ପ୍ରକଳ୍ପ କାର୍ଯ୍ୟକୁ ଗୁରୁତ୍ୱ



ପୌର ପରିଷଦ ବୈଠକରେ ଉପସ୍ଥିତ ବିଧାୟକ ଧ୍ରୁବ ସାହୁ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ,୨୭।୬(ସ୍ୱ.ପ୍ର.)

### ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

ପଟ୍ଟାମୁଣ୍ଡାଇ ପୌର ପରିଷଦର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ପୌର ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌର ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭେଟି ଦେଇଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମୁଖ୍ୟ ସମସ୍ୟା ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ଉବୁଟୁବୁ ହେଉଥିବାରୁ ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ପୌର କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଭିନ୍ନ ୱାର୍ଡର ପାନୀୟ ଜଳ ସମସ୍ୟା, କଚେରୀ ପୋଖରୀ ପୁନରୁଦ୍ଧାର, ସ୍ମାର୍ଟ ପାର୍କ, ସ୍ମାର୍ଟ ଶ୍ମଶାନ, ଷ୍ଟାଡିୟମ ନିର୍ମାଣ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେବା ସହ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅବହେଳା କରୁଥିବା ଠିକାଦାରଙ୍କୁ ତାଗିଦ କରିବାକୁ ପରାମର୍ଶ ଦେଇଥିଲେ। ଗରିବ ଲୋକଙ୍କ କଲ୍ୟାଣ ପାଇଁ ରାଶନ କାର୍ଡ, ଭତ୍ତା, ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ମହିଳା ଶିଶୁ ବିକାଶ, ମିଶନ ଶକ୍ତି, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ ଠିକଣା ଭାବେ କାର୍ଯକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାଉନସିଲର ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାତ୍ରୀ, ଗୋପୀବଲ୍ଲଭ ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ପ୍ରଶାନ୍ତ ବାରିକ, ସାନିଆ ପରଭିନ, ପ୍ରିୟଙ୍କା ସେଠୀ, ସୁବାସ ମଲିକ, ସନ୍ତୋଷ ଦାସ, ସୁଧାମୟ ମଲିକ, ବିଦ୍ୟାଧର ସେଠୀ, ଶ୍ରୀମତୀ ମଲିକ, ମଳୟ ଓଝା, ସମ୍ରାଟ ଜେନା, ମଧୁସ୍ମିତା ମଲିକ, ବନିତା ମଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ପୌର ପରିଷଦର ବଜେଟ ଅନୁମୋଦନ କରାଯାଇଥିଲା। ଶେଷରେ ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

### ସ୍ୱାବଲମ୍ବିନୀ ଗୃହ: ଜିଲାପାଳଙ୍କ ଜାଗାରେ ବିଡିଓ କଲେ ଉଦ୍‌ଘାଟନ

ଆଳି,୨୭।୬(ଡି.ଏନ.ଏ.)

ଆଳି ବ୍ଲକର ବାଳକାଟି, ମେଣ୍ଢପୁର, କଳସପୁର ଓ ଚଣ୍ଡିଆଗଡି ପଞ୍ଚାୟତରେ ନିର୍ମାଣ ହୋଇଥିବା ସ୍ୱାବଲମ୍ବିନୀ ଗୃହକୁ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ଜିଲାପାଳ ଅମ୍ରିତ ଋତୁରାଜ ଚଣ୍ଡିଆଗଡିଠାରେ ନିର୍ମାଣ ହୋଇଥିବା ସ୍ୱାବଲମ୍ବିନୀ ଗୃହକୁ ଅପରାହ୍ନ ୩ଟାରେ ଉଦ୍‌ଘାଟନ କରିବା ନିମନ୍ତେ ସମୟ ନିର୍ଘଣ୍ଟ ହୋଇଥିଲା। ପଞ୍ଚାୟତର ପ୍ରାୟ ୧୫୦ ମହିଳା ଫୁଲତୋଡ଼ା ଧରି ଅପରାହ୍ନ ୩ ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଜିଲାପାଳଙ୍କ ଅପେକ୍ଷାରେ ରହିଥିଲେ ସୁଦ୍ଧା ଜିଲାପାଳ ଆସି ନ ଥିଲେ। ଜିଲାପାଳ ବାଳକାଟି, ମେଣ୍ଢପୁର ଓ କଳସପୁରଠାରେ ଏହି ଉଦ୍‌ଘାଟନ କାର୍ଯ୍ୟ ସମ୍ପାଦନ କରି ଚଣ୍ଡିବଜାର ଦେଇ କେନ୍ଦ୍ରାପଡ଼ା ଫେରିଥିବା ବେଳେ ଚଣ୍ଡିବଜାର ଛକଠାରୁ ୧୦୦ ମିଟର ଦୂରରେ ଥିବା ଚଣ୍ଡିଆଗଡି କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟନ ହେବାକୁ ଥିବା ସ୍ୱାବଲମ୍ବିନୀ ଗୃହ ନିକଟକୁ ଆସି ନ ଥିଲେ। ଫଳରେ ଦୀର୍ଘ ୪ ଘଣ୍ଟା ଧରି ଜିଲାପାଳଙ୍କ ଅପେକ୍ଷାରେ ଥିବା ମହିଳାମାନେ ଅସନ୍ତୋଷ ବ୍ୟକ୍ତି କରି ଫେରି ଯାଇଥିଲେ। ପରେ ଆଳି ବିଡିଓ ଦ୍ୱିବେନ୍ଦୁ ଦାସ ସ୍ୱାବଲମ୍ବିନୀ ଗୃହକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଏକ ଜରୁରୀ କାର୍ଯ୍ୟରେ କେନ୍ଦ୍ରାପଡ଼ା ଫେରି ଯାଇଥିବା ସଫେଇ ଦେଇଛନ୍ତି। ଅପରପକ୍ଷରେ ମିଶନ ଶକ୍ତି ପକ୍ଷରୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରା ଯାଇ ନ ଥିଲା।

### ଆଳି ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଜିଲାପାଳ ଅମ୍ରିତ ଋତୁରାଜ ଓ ଅନ୍ୟମାନେ।

ଆଳି,୨୭।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ସୋମବାର ଜିଲାପାଳଙ୍କ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୨ଟି ଅଭିଯୋଗ ହୋଇଥିଲା। ଅଭିଯୋଗ ମଧ୍ୟରେ ୬ଟି ସାମୂହିକ ଥିବା ବେଳେ ଅନ୍ୟ ଅଭିଯୋଗ ମଧ୍ୟରେ ରାଶନ କାର୍ଡ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଆସିଛି। ସାମୂହିକ ଅଭିଯୋଗ ମଧ୍ୟରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, ସହିରା ଓ ବାଟିପଡା ପଞ୍ଚାୟତରେ ରାସ୍ତା ସମସ୍ୟା, ସାହୁପଡ଼ାରେ ଅଙ୍ଗନୱାଡି ସମସ୍ୟା, ଜୁଆଣିଆ ପଞ୍ଚାୟତ ମହିଳା ମଣ୍ଡଳର ଅର୍ଥ ହଡ଼ପ ଘଟଣାର ତଦନ୍ତ, ରସୁଲପୁରରେ ରାସ୍ତା ଓ ଅଙ୍ଗନୱାଡି ଆଦି ସମସ୍ୟା ନେଇ ଅଭିଯୋଗ ହୋଇଛି। କ୍ୟାନସର ରୋଗରେ ପୀଡିତ କଳଦିଆ ଗାଁର ବଳରାମ ଦାସ ଓ ମହୁ ଗ୍ରାମର ସୁଶାନ୍ତ ବେହେରା ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କ ନିକଟରେ ଗୁହାରି କରିଥିଲେ। ଶିବିରିରେ ଜିଲାପାଳ ଅମ୍ରିତ ଋତୁରାଜ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଆଳି ବିଡିଓ ଦ୍ୱିବେନ୍ଦୁ ଦାସ, ତହସିଲଦାର ତପନ ସେନାପତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ସମବାୟ ନିର୍ବାଚନରେ ଗୁରୁପଦ ବିଜୟୀ

କେନ୍ଦ୍ରାପଡ଼ା ଅଫିସ, ୨୭।୬



କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ୧୫ ଜୋନ୍ ମଧ୍ୟରୁ ୩ଟି ରେ ନିର୍ଦ୍ଦେଶକ ପଦ ପାଇଁ ରବିବାର ନିର୍ବାଚନ ହୋଇଯାଇଛି। ଅବଶିଷ୍ଟ ୧୨ରେ ନିର୍ଦ୍ଦେଶକ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଥିଲେ। ନିର୍ବାଚନ ହୋଇଥିବା ୮ ନଂ. ଜୋନ୍‌ରୁ ଗୁରୁପଦ ମହାନ୍ତି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅମ୍ବିକା ପ୍ରସାଦ ଦାସଙ୍କୁ ୨୮୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଏଥିରେ ଗୁରୁପଦ ୫୩୬ ଖଣ୍ଡ ଓ ଅମ୍ବିକା ପ୍ରସାଦ ୨୫୩ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ୫ ନଂ. ଜୋନ୍‌ରେ ସୁକାନ୍ତ କୁମାର ଦ୍ୱିବେଦୀ ଓ ୩ ନଂ. ଜୋନ୍‌ରେ ସଂଗ୍ରାମ କୁମାର ମଲ୍ଲିକ ନିର୍ଦ୍ଦେଶକ ପଦରେ ଜିତିଛନ୍ତି।

# ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷଣୀୟ ସାମଗ୍ରୀ ଜରୁରୀ



କର୍ମଶାଳାରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୨୭।୬

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅମୃତମଣୋହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଟିଚିଂ ଲର୍ନିଂ ମ୍ୟାଟେରିଆଲ (ଟିଏଲ୍‌ଏମ୍)ର କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଇଓ କୈଳାସ ଚନ୍ଦ୍ର ଦଳାଇ ଓ ସରପଞ୍ଚ ପ୍ରଭାତ କୁମାର ଉତାଣସିଂ ଉଦ୍‌ଘାଟନ କରିଥିଲେ। ସଂଯୋଜକ ଅଜଗର ଅଲ୍ଲୀଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷଣୀୟ ସାମଗ୍ରୀର ବ୍ୟବହାର ଉପରେ ଆଲୋଚନା ଓ ଅଭ୍ୟାସ ହୋଇଥିଲା। ଆଲୋଚକମାନେ ଦର୍ଶାଇଥିଲେ, ଶିକ୍ଷାର୍ଥୀଙ୍କ ପାଇଁ ଗପ ବହି ଦ୍ୱାରା ବୌଦ୍ଧିକ ବିକାଶ କରାଇ ହେବ। ସେହିପରି ଲେଖିବା ଅଭ୍ୟାସ, ଭିଡିଓ, ଖେଳ, ପ୍ରୋଜେକ୍ଟର, କମ୍ପ୍ୟୁଟର ମାଧ୍ୟମରେ ଅନେକ ଛାତ୍ରୀଛାତ୍ର ଶୀଘ୍ର ଶିକ୍ଷା ଗ୍ରହଣ କରିପାରିବେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଭୂୟାଁ, ଶିକ୍ଷୟିତ୍ରୀ କାକୁଲି ମଲ୍ଲିକ, ଗୀତାଞ୍ଜଳି ମହାନ୍ତି, ନମିତା ଜେନା, ଶିକ୍ଷକ ଅଚ୍ୟୁତାନନ୍ଦ ସାମଲ, ମହମ୍ମଦ ଗୟାସୁଦ୍ଦିନ, ମହମ୍ମଦ ଫୟାୟୁଦ୍ଦିନ, ଦେବଦତ୍ତ ଶତପଥୀ, କାଳୀପ୍ରସନ୍ନ ଶତପଥୀ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏଥିରେ ବାଲିଆ ଶିକ୍ଷା ପ୍ରତିଷ୍ଠାନ ଓ ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ ସାଧନ କେନ୍ଦ୍ର ଅଧୀନ ସ୍କୁଲ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପଲ୍ଲୀରେ ପ୍ରଶାସନ: ୧୦୯୭ ଅଭିଯୋଗର ଶୁଣାଣି

### ଖଣତା, କୁରୁଜଙ୍ଗ, କରିଲୋପାଟଣା ପଞ୍ଚାୟତ

ପଟ୍ଟାମୁଣ୍ଡାଇ/ଡେରାବିଶ/ମାର୍ଶାଘାଇ,୨୭।୬(ସ୍ୱ.ପ୍ର./ଡି.ଏନ.ଏ.)



ମାର୍ଶାଘାଇଠାରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାର ଓ ଅନ୍ୟମାନେ।



ଡେରାବିଶରେ ଜଣେ ବ୍ୟକ୍ତି ବିଡିଓଙ୍କୁ ଅଭିଯୋଗ କରୁଛନ୍ତି।

ଗାଁରେ ଥିବା ଲୋକମାନଙ୍କ ନିକଟରେ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇ ନିଆରା ସରକାରୀ କାର୍ଯ୍ୟକ୍ରମ ପଲ୍ଲୀରେ ପ୍ରଶାସନ ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ଖଣତା ପାଞ୍ଚୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଭରତ ଚନ୍ଦ୍ର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲା ପରିଷଦ ସଦସ୍ୟ ରଶ୍ମି ମଲିକ ସରପଞ୍ଚ ଅନିଲ ଲେଙ୍କା, ସମିତି ସଭ୍ୟ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୩୭୦ ଜଣଙ୍କ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୩୦ଜଣଙ୍କୁ ଭତ୍ତା ଦିଆଯିବା ସହ ୧୪୦ ଅଣସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯିବା, ୨୨ ଜଣଙ୍କ ଆଧାର ପଞ୍ଜୀକରଣ, ଗାଇ ଟୀକାକରଣ ଦିଆଯିବା, ମୃତ୍ତିକା ପରୀକ୍ଷା ଓ ଜଳ ପରୀକ୍ଷା କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡ଼ା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ସୁରେଶ ବେହେରା, ସିଡିପିଓ ମୁକ୍ତରି ବେଗମ୍, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ ,ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ଖଣତା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ପତି ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ, ଏବିଡିଓ ଭଞ୍ଜକିଶୋର ନାୟକ, ସ୍ଥାନୀୟ ସରପଞ୍ଚ ମାନସୀ ସାହୁ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୨୪୫ ଜଣ ହିତାଧିକାରୀ ସେମାନଙ୍କର ଅଭିଯୋଗ ବିଡିଓଙ୍କ ନିକଟରେ ପ୍ରଦାନ କରିଥିଲେ। ଏଥିସହ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ବିଭିନ୍ନ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତେବେ ୨୪୫ ଅଭିଯୋଗ ମଧ୍ୟରୁ ସ୍ୱାସ୍ଥ୍ୟ ଓ ବୀମା କାର୍ଡ ପ୍ରଦାନ ସମେତ ପଶୁମାନଙ୍କ ଚିକିତ୍ସା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍ ଓ ଭତ୍ତା ଉପରେ ଅଭିଯୋଗ ଆସିଥିଲା। ଅଭିଯୋଗ ପାଇ ପ୍ରଶାସନିକ ଅଧିକାରୀମାନେ ଏହାର ତ୍ୱରିତ ଶୁଣାଣି ପାଇଁ ସାନ୍ତନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଜୀବନାନନ୍ଦ ମହାନ୍ତି, ଜୀବିକା ମିଶନ ସଂଯୋଜିକା ରତ୍ନମଞ୍ଜରୀ ବାରିକ ଓ ସରିତା ସାହୁ, ମିଶନ ଶକ୍ତି ସଂଯୋଜକ କୈଳାସ ବାରିକ, ଉଦ୍ୟାନ କୃଷି ବିଭାଗ ଅଧିକାରୀ ଜ୍ୟୋତିର୍ମୟୀ ସାହୁ, ବ୍ଲକ କୃଷି ଅଧିକାରୀ ବନଲତା ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ।

ସେହିପରି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୪୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରେ ୯ଗୋଟି ମହିଳା ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ, ଦିନ ଦୟାଲ ଉପାଧ୍ୟାୟ ବିଜୁଳି ଯୋଜନାରେ ୪ ଜଣଙ୍କୁ ବିଜୁଳି ସଂଯୋଗ, ୮ ଜଣ ଅଣସଙ୍ଗଠିତ ଶ୍ରମିକଙ୍କ ପଞ୍ଜୀକରଣ, ବାର୍ଦ୍ଧକ୍ୟ ଭତ୍ତା ପାଇଁ ୧୧ ଜଣ, ମତ୍ସ୍ୟ ପଶୁପାଳନ ପାଇଁ ୨୫ ଜଣ, ସୁକନ୍ୟା ସମୃଦ୍ଧି ଯୋଜନାରେ ୨୯ ଜଣ ଅଭିଯୋଗ କରିଥିଲେ। ସେହିପରି ପଶୁଙ୍କୁ ଟୀକାକାରଣ ସହ ମାଟି ଓ ପାଣି ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ସରପଞ୍ଚ ନମିତା ରଥ. ସମିତିସଭ୍ୟା ଜ୍ୟୋତିର୍ମୟୀ ଦାସ, ଅତିରିକ୍ତ ତହସିଲଦାର ଅଶୋକ ବେହେରା ଓ ପ୍ରଫୁଲ୍ଲ ବିଶ୍ୱାଳ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ଜୁନ୍, ୨୦୨୨

**ଯୁବତୀ ନିଖୋଜ, ଥାନାରେ ଏତଲା**

କାଶୀନଗର,୨୭।୬: କାଶୀନଗର ଥାନା ଅନ୍ତର୍ଗତ ଖାରଡ଼ା ପଞ୍ଚାୟତ ନାବଡ଼ା ଗ୍ରାମର ଜଣେ ୨୨ ବର୍ଷିୟା ଯୁବତୀ ଦୁଇ ଦିନ ହେଲା ନିଖୋଜ ଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯୁବତୀ ଜଣକ ସାଙ୍ଗମାନଙ୍କ ସହ ଖାରଡ଼ା ଗ୍ରାମକୁ ଭୋଜିକୁ ଆସିଥିଲେ। ଭୋଜିରୁ ସେ ଘରକୁ ନ ଫେରିବାରୁ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ କାଶୀନଗର ଥାନାରେ ନଂ.୫/୨୨ରେ ନିଖୋଜ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ଦିନକରେ ୨ ଜଣଙ୍କ ଆତ୍ମହତ୍ୟା

ଆସିକା,୨୭।୬(ଡି.ଏନ୍.ଏ.)-ଗାଙ୍ଗପୁର ଓ ଆସିକା ଥାନା ଅଞ୍ଚଳରେ ସୋମବାର ୨ ଜଣ ଆତ୍ମହତ୍ୟା କରିଛନ୍ତି। ଆସିକା ଥାନା ବାଙ୍ଗରଡା ଗ୍ରାମର ଖଡାଳ ସାମଲ ନିଜ ଘର ଉପର ମହଲାରେ ବାନ୍ତି କରୁଥିବା ଦେଖି ପରିବାର ଲୋକେ ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବାପା ବିଷପିଇ ଆତ୍ମହତ୍ୟା କରିଥିବା ନେଇ ଖଡାଳଙ୍କ ପୁଅ ବିଦେଶୀ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।
ଅନ୍ୟପକ୍ଷରେ ଆସିକା ଏନ୍ଏସିର ୧ ନମ୍ବର ୱାର୍ଡର ଜଣେ ନାବାଳିକା (୧୫) ଆତ୍ମହତ୍ୟା କରଛନ୍ତି। ପରିବାରର ସମସ୍ତ ସଦସ୍ୟଙ୍କ ଅନୁପସ୍ଥିତିରେ ସେ ଘର ଉପର ମହଲାରେ ଫ୍ୟାନ ହୁକରେ ଶାଢୀ ବାନ୍ଧି ଝୁଲି ପଡିଥିଲେ। ପରିବାର ପକ୍ଷରୁ ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ନାବାଳିକାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ନାବାଳିକାଙ୍କ ବାପା ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ନଂ.୧୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

ଗୋପାଳପୁର,୨୭।୬(ଡି.ଏନ.ଏ.)- ଗୋଳନ୍ଥରା ଅଧୀନ କନିଷି ଗ୍ରାମ ନିକଟରେ ସୋମବାର ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁକୁଣ୍ଡା ଗ୍ରାମର ହିରମ୍ବ ଦାସ (୨୦)। ବଡ଼ ବଜାର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମ ହିରମ୍ବ ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ଗ୍ରାମର ଭଉଣୀ ଘରେ ରହି କନିଷିରେ କାମ କରୁଥିଲେ। ରବିବାର ରାତିରେ ହିରମ୍ବ ଜଣେ ସାଙ୍ଗଙ୍କ ଭୋଜିକୁ ଯାଇଥିଲେ। ସୋମବାର ଭୋରରେ ଗ୍ରାମକୁ ଫେରୁଥିବା ବେଳେ ୧୬ ନଂ. ଜାତୀୟ ରାଜପଥ କନିଷି ଗ୍ରାମ ନିକଟରେ ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଥିଲା। ହିରମ୍ବ ଗୁରୁତର ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏ ନେଇ ନଂ. ୨୨୦/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଅଗ୍ନିପଥ ନିଯୁକ୍ତିକୁ ପ୍ରତ୍ୟାହାର ପାଇଁ କଂଗ୍ରେସର ସତ୍ୟାଗ୍ରହ

ବୁଗୁଡ଼ା,୨୭।୬(ଡି.ଏନ.ଏ.): ଦେଶର ଯୁବକଙ୍କ ମଧ୍ୟରେ ରାଷ୍ଟ୍ରବାଦ ଜାଗ୍ରତ କରିବା ଲକ୍ଷ୍ୟରେ ଅଗ୍ନିପଥ ଯୋଜନା ଅଭିପ୍ରେତ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ମତବ୍ୟକ୍ତ କରାଯାଉଥିବା ବେଳେ ସେହି ଅଗ୍ନିପଥ ନିଯୁକ୍ତିକୁ ପ୍ରତ୍ୟାହାର ପାଇଁ ପ୍ରଦେଶ କଂଗ୍ରେସ କମିଟିର ଡାକରା କ୍ରମେ ସୋମବାର ବୁଗୁଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡା ବ୍ଲକ କଂଗ୍ରେସ ସଭାପତି ଶଙ୍କର୍ଷଣ ବେହେରା, ବ୍ଲକ ଓବିସି ମୋର୍ଚ୍ଚା ସଭାପତି ସୁଜିତ୍ କୁମାର ସ୍ୱାଇଁ, ଗଞ୍ଜାମ ଜିଲା ସେବାଦଳ ସଭାପତି ଜାନକୀ ବଲ୍ଲଭ ରାଉତ, ପୂର୍ବତନ କାଉନସିଲର ସୀମାଞ୍ଚଳ ଖଟେଇଙ୍କ ସମେତ କଂଗ୍ରେସ କର୍ମୀମାନେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ସୈନ୍ୟବାହିନୀରେ ଚାରି ବର୍ଷିୟା ଠିକା ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରିଥିଲେ।

# ଇକୋରିଟ୍ରିଟ ପାଇଁ ଜମି ଥାଇ ପୁଣି ଖୋଜୁଛି ବିଭାଗ

## ଦାରିଙ୍ଗବାଡ଼ିରେ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ସମୀକ୍ଷା

ଦାରିଙ୍ଗବାଡ଼ି,୨୭।୬(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ସୋମବାର ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଆସି ଇକୋରିଟ୍ରଟ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ଏଠାରେ ଗତ ୨ ବର୍ଷ ଧରି କରାଯାଇଥିବା ଇକୋରିଟିଟ୍ରିଟ ପାଇଁ ଜମି ଦେଖିବା ସହ ବନବିଭାଗ ଅଧୀନରେ ଥିବା ନେଚର ପାର୍କ ଏବଂ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲି ଦେଖିଛନ୍ତି। ଇକୋରିଟ୍ରିଟ୍ ଲାଗି ଜମି ଥାଇ ମଧ୍ୟ ବିଭାଗ ପୁଣି ଜମି ଖୋଜିବା ଚର୍ଚ୍ଚାର ବିଷୟ ହୋଇଛି। କିନ୍ତୁ ଚଳିତ ବର୍ଷ ଇକୋରିଟ୍ରିଟକୁ ଅନ୍ୟତ୍ର କରିବାକୁ ଯୋଜନା ରଖିଥିବା ବେଳେ ତା ପାଇଁ ସ୍ଥାନର ଆବଶ୍ୟକତା ରହିଛି। ସେଥି ପାଇଁ ପର୍ଯ୍ୟଟକଙ୍କୁ ଦାରିଙ୍ଗବାଡ଼ିର ପରିବେଶ ସହ ଭିୟୁ ପଏଣ୍ଟ ରହିଥିବା ସ୍ଥାନ ପ୍ରଶାସନ ଖୋଜୁଛି। ଯେଉଁ ସବୁ ସ୍ଥାନରେ ଏହି ଇକୋରିଟ୍ରିଟ କଲେ ପର୍ଯ୍ୟଟକଙ୍କ ପାଇଁ ସୁବିଧା ହେବ ସେ ସବୁ ସ୍ଥାନକୁ ଅନୁଧ୍ୟାନ କରାଯାଇଛି।


ପର୍ଯ୍ୟଟକ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଅନ୍ୟ ଅଧିକାରୀମାନେ ।

ସୂଚନାଯୋଗ୍ୟ, ଗତ ୨ ବର୍ଷ ଧରି ପର୍ଯ୍ୟଟନ ବିଭାଗ ନିଜ ଜମିରେ ଇକୋରିଟ୍ରିଟ କରୁଥିବା ବେଳେ ପୁଣି ଚଳିତ ବର୍ଷ ନୂତନ ଜମିରେ ଏହା କରିବାକୁ ଇଚ୍ଛା ପ୍ରକାଶ କରୁଛି। ଏହାକୁ ନେଇ ସ୍ଥାନୀୟ ଲୋକ ଏବଂ ଜନ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗ ନିଜ ଜମିରେ ଏହି ଇକୋରିଟ୍ରିଟ ପ୍ରତିବର୍ଷ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଚେରି ନିର୍ମାଣ କରିବା ସହ ଏହାର ଉନ୍ନତୀକରଣ କରିସାରିଛି। ଏଥିପାଇଁ ବିଭାଗ ଜବରଦଖଲ ଉଚ୍ଛେଦ କରି ଉକ୍ତ ଜମିରେ ପାଚେରି କରି ସାରିଛି। ହେଲେ ଏବେ ପୁଣି ଖର୍ଚ୍ଚ କରି ଅନ୍ୟତ୍ର ଇକୋରିଟ୍ରିଟ କରିବାକୁ ଯୋଜନା କରୁଛି ବୋଲି ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି। ଏବେ ପର୍ଯ୍ୟଟନ ବିଭାଗ ଯେଉଁ ଅଞ୍ଚଳ ଚିହ୍ନଟ କରୁଛି ସେହି ନିକଟରେ ୨୦୨୦ରେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ପର୍ଯ୍ୟଟନ ବିଭାଗର ନିଜ ଜମିରେ ଏହା କରାଯାଇଥିଲା। ତେଣୁ ସେଠାରେ ସ୍ଥାୟୀ କଟେଜ କରାଯାଇ ପ୍ରତିବର୍ଷ ଇକୋରିଟ୍ରିଟ କରାଗଲେ ପର୍ଯ୍ୟଟକଙ୍କ ପାଇଁ ଭଲ ହେବ ଏବଂ ପ୍ରତି ବର୍ଷ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ ବୋଲି ବିଧାୟକ ପ୍ରଧାନ କହିଛନ୍ତି। ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ କନ୍ଧମାଳ ଅତିରିକ୍ତ ଜିଲାପାଳ ବସନ୍ତ ସାହୁ, ବାଲିଗୁଡ଼ା ଉପଜିଲାପାଳ ଦୁଖବନ୍ଧୁ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ମୁଧୁସୂଦନ ବେହେରା, ଜିଲା ପର୍ଯ୍ୟଟନ ଅଧିକାରିଣୀ ଶୁଭଦର୍ଶିନୀ ନାୟକ, ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ବନାଞ୍ଚଳ ଅଧିକାରୀ ସତିସ ଧାରୁଆ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜ କିଶୋର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ୱାର୍ଡ ମେମ୍ବର, ନାଏବ ସରପଞ୍ଚ ସଂଘ ଗଠିତ

ଫୁଲବାଣୀ ଅଫିସ, ୨୭।୬

ୱାର୍ଡ ମେମ୍ବର ଓ ନାଏବ ସରପଞ୍ଚମାନଙ୍କୁ ନେଇ ଏକ ବ୍ଲକସ୍ତରୀୟ ସଂଘ ଗଠନ କରାଯାଇଛି । ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ରଖି ଚାଲିବା ସହିତ ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଏହି ସଂଘ ଗଠନ ହୋଇଛି। ବ୍ରହ୍ମାନନ୍ଦ ଦିଗାଲଙ୍କ ନେତୃତ୍ୱରେ ରବିବାର ଗୁଗୁଡ଼ା ପଞ୍ଚାୟତରେ ଫୁଲବାଣୀ ବ୍ଲକର ୱାର୍ଡ ମେମ୍ବର ଓ ନାୟବ ସରପଞ୍ଚମାନେ ଏକ ବୈଠକ କରି ସଂଘ ଗଠନ କରିଥିଲେ । ଶେଷରେ କର୍ମକର୍ତ୍ତା ଚୟନ ହୋଇଥିଲା । ସଭାପତି ଭାବେ ସଞ୍ଜୀବ କୁମାର୍ ଦିଗାଲ, ସାଧାରଣ ସମ୍ପାଦକ ବିରାଜ କୁମାର୍ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରତିମା ସାହାଣୀ, ଉପ ସଭାପତି ରୋଜାଲିନ ସାହୁ, ପ୍ରମୋଦ କୁମାର ମଲ୍ଲିକ, ସହ ସମ୍ପାଦକ ସଞ୍ଚିତା ମଲ୍ଲିକ ଏବଂ କୋଷାଧ୍ୟକ୍ଷ ଭାବେ ଭାଗ୍ୟବତୀ ମଲ୍ଲିକଙ୍କୁ ମନୋନୀତ କରାଯାଇଛି ।

## ନିମ୍ନମାନର ରାସ୍ତା କାମ

# ମେଶିନ ଲଗେଇ ୭ ଲକ୍ଷ ଠକିନେଲେ



କୋଟଗଡ଼,୨୭।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ଓରା ଗ୍ରାମ ପଞ୍ଚାୟତ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଓରା ଗ୍ରାମକୁ ପିଚୁ ଓ କଂକ୍ରିଟ କାମ ପାଇଁ ଜିଲା ପରିଷଦ ପାଣ୍ଠିରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ସେସବୁ କାମ ଲୋକଙ୍କ ଦ୍ୱାରା କରା ନ ଯାଇ ମେଶିନ ସାହାଯ୍ୟରେ ୮ରୁ ୧୦ ଘଣ୍ଟା କାମ କରି ୭ ଲକ୍ଷ ଟଙ୍କାର ବିଲ୍ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ମଚାରୀ ଓ ଠିକାଦାର ଭାଗବଣ୍ଟା କରି ଅର୍ଥ ନେଇଥିବା ଆଲୋଚନା ଜୋର୍ ଧରିଛି।
ଏ ନେଇ ଓରା ଗ୍ରାମବାସୀଙ୍କୁ ପଚାରିବାରୁ ଏଠାରେ ପିଚୁ ଓ କଂକ୍ରିଟ କାମ ହେବା କଥା। କିନ୍ତୁ ସମ୍ପୃକ୍ତ ଠିକାଦାର ତାହା ନ କରି କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ମାଟି କାମ କରି ଅର୍ଥ ହଡ଼ପ କରିଥିବା ଓରା ଗ୍ରାମର ପୂର୍ବତନ ସରପଞ୍ଚ ଓ କଂଗ୍ରେସ ବ୍ଲକ ସଭାପତି ସରୋଜ ବେହେରାମାଝି,

## ଠିକାଦାର, ବିଭାଗୀୟ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ

ରାଜକିଶୋର ନାୟକ, ହାଡିପା ଓଠାଣସିଂ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଇକାରା ସୁକାମାଝି, ଲାଲା ସୁକାମାଝି ଓ ଓରା ସମିତି ସଭ୍ୟ ଦଅଦ ରୁପାମାଝି ପ୍ରମୁଖ ଅଭିଯୋଗ କରିଛନ୍ତି।
ରାସ୍ତାକାମର ଯେଉଁ ବୋର୍ଡ ଲଗାଯାଇଛି ସେଥିରେ ମଧ୍ୟ ଭୁଲ୍ ସ୍କିମ୍‌ର ନାମ ଲେଖାଯାଇଛି। ଯେଉଁ ନାମ ବୋର୍ଡରେ ଲେଖାହୋଇଛି ସେପରି କୌଣସି ଯୋଜନା ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ମୁଁ ଏ ସମ୍ପର୍କରେ କିଛି କହିପାରିବି ନାହିଁ । ଏ ବିଷୟରେ ସହକାରୀ ଯନ୍ତ୍ରୀ ଓ ବିଡିଓଙ୍କୁ ପଚାରନ୍ତୁ ବୋଲି କହିଥିଲେ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ସୋରେନ୍‌ଙ୍କୁ ପଚାରିବାରୁ ମୁଁ ଘଟଣାର ତଦନ୍ତ କରିବି ବୋଲି କହିଛନ୍ତି । ଗ୍ରାମବାସୀ ମଧ୍ୟ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ଲାଗି ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ସ୍ୱାସ୍ଥ୍ୟ ସଚେତନତା ଦମନ କାର୍ଯ୍ୟକ୍ରମ


ସ୍ୱାସ୍ଥ୍ୟ ସଚେତନତା ଦମନ କାର୍ଯ୍ୟକ୍ରମ।

ଜି.ଉଦୟଗିରି,୨୭।୬(ଡି.ଏନ.ଏ.)

ସ୍ୱାସ୍ଥ୍ୟ ସଚେତନତା ଦମନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗ ପ୍ରତିଷେଧକ ଉପରେ ସଚେତନ କରାଯାଇଛି। ଏହି କ୍ରମରେ ସୋମବାର ଜି.ଉଦୟଗିରି ମାଳିକପଡି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମୁକୁଲିଙ୍ଗିଆ ଗ୍ରାମରେ ଦମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟାଲେରିଆ ନିରାକରଣ କରିବା ପାଇଁ ରକ୍ତ ପରୀକ୍ଷା, ମଶାରୀ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସହିତ ମା' ଓ ଶିଶୁମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଭାଇଜର ମନୋରଞ୍ଜନ ମହାପାତ୍ର, ନେତ୍ର ମଲ୍ଲିକ, ସ୍ୱାସ୍ଥ୍ୟ କର୍ମୀ ରାଜ କୁମାର ରଥ, ବନିତା ପ୍ରଧାନ, ସିଗ୍ମୀଧାରାଣୀ ଭୁକ୍ତଙ୍କ ସହିତ ଆଶା, ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ।

### ଖଲ୍ଲିକୋଟ ଓଁ ଶାନ୍ତି ନଗରରେ ଚୋରି

ଖଲ୍ଲିକୋଟ,୨୭।୬(ଡି.ଏନ.ଏ.)

ଖଲ୍ଲିକୋଟ ଓଁ ଶାନ୍ତି ନଗରରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘରେ ପଶି ଦୁର୍ବୃତ୍ତ ସୁନା ରୁପା ଓ ନଗଦ ଟଙ୍କା ଚୋରି କରି ନେଇଛନ୍ତି। ଓଁ ଶାନ୍ତି ନଗରରେ ରହୁଥିବା ରାଜେନ୍ଦ୍ର ରାଉତଙ୍କ ପରିବାର ଲୋକେ ରବିବାର ରାତିରେ ଖାଇ ସାରି ଶୋଇ ପଡ଼ିଥିବା ସମୟରେ କୌଣସି ଦୁର୍ବୃତ୍ତ ଘରର ଉତ୍ତର ପଟେ ଥିବା ଝରକାର ଗ୍ରୀଲ୍ ତାଡି ଘର ଭିତରେ ପଶି ଆଲମାରି ଭାଙ୍ଗି ୫ ହଳ ସୁନା କାନଫୁଲ, ୨ ହଳ ରୁପା ପାଉଞ୍ଜି, ଗୋଟିଏ ତିନି ଭରି ଓଜନର ସୁନା ମଙ୍ଗଳ ସୂତ୍ର ଓ ନଗଦ ୨ ହଜାର ଟଙ୍କା ଚୋରି କରି ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସକାଳେ ପରିବାର ଲୋକେ ନିଦରୁ ଉଠିବା ପରେ ଚୋରି ସମ୍ପର୍କରେ ଜାଣିଥିଲେ। ତେବେ ପୂର୍ବାହ୍ନରେ ରାଜେନ୍ଦ୍ର ରାଉତ ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ ମଧ୍ୟ ଏସ୍ଆଇ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ବିଦ୍ୟୁତ କାଟ୍‌ରେ ଲୋକେ ଅତିଷ୍ଠ

ବଲସକୁମ୍ପା,୨୭।୬

ରାଜ୍ୟରେ ଉନ୍ନତ ମାନର ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଟାଟା କମ୍ପାନୀକୁ ବିଦ୍ୟୁତ ବିଭାଗ ଟେକିଦେଇଛନ୍ତି। ଯେଉଁ ଦିନରୁ ଟାଟା କମ୍ପାନୀ ବିଦ୍ୟୁତ ବିଭାଗର ଦାୟିତ୍ୱ ନେଲା ସେହି ଦିନରୁ ଉପଭୋକ୍ତା ଏବଂ ରାଜ୍ୟର ଜନସାଧାରଣ ଏବେ ବିଦ୍ୟୁତ ସମସ୍ୟା ରହିବ ନାହିଁ ବୋଲି ନାହିଁ ନ ଥିବା ଖୁସି ହୋଇଥିଲେ। ଭାରତର ବହୁ ପ୍ରଖ୍ୟାତ ଏବଂ ପ୍ରସିଦ୍ଧ ଟାଟା କମ୍ପାନୀ ଏବେ ବିଦ୍ୟୁତ ବିଭାଗର ଦାୟିତ୍ୱ ନେଇଛି ବୋଲି ଜନସାଧାରଣ ମନରେ ଆଶ୍ୱସ୍ତି ଆସିଥିଲା। କିନ୍ତୁ ସେହି ହସ ସାରୁ ପତରର ପାଣି ଫୋଟକା ପରି ଫାଟି ପତ୍ରରେ ମିଳେଇଗଲା। ପରିବର୍ତ୍ତନ ଦେଖା ଦେଲା ନାହିଁ। ଯେଉଁ ଶୋଚନୀୟ ଅବସ୍ଥା ବିଦ୍ୟୁତ ବିଭାଗର ଥିଲା ତାହା ହିଁ ରହିଲା। କୌଣସି ପରିବର୍ତ୍ତନ ଦେଖା ଦେଉନାହିଁ। ଲୋକଙ୍କ ବଦ୍ୟୁତ ସମସ୍ୟା ଯେମିତି ଥିଲା ସେମିତି ଲାଗି ରହିଛି। ବିଦ୍ୟୁତ୍ କେତେବେଳେ ଆସିବ ଅନେଇ ଅନେଇ ରାତି ତମାମ ଅନିଦ୍ରା ରହିବାକୁ ପଡୁଛି। କରେଣ୍ଟ ଗଲେ ଛୋଟ ଛୋଟ ପିଲାଙ୍କ କାନ୍ଦ ଶୁଭୁଛି। ପିଲାଙ୍କ ପାଠ ପଢ଼ାରେ ବହୁ ଅସୁବିଧା ହେଉଛି। ଏହିଭଳି ସମସ୍ୟା ଦେଖିବାକୁ ମିଳୁଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଅଞ୍ଚଳରେ। ଏହି ଅଞ୍ଚଳକୁ ନିର୍ବିଘ୍ନ ବିଦ୍ୟୁତ ସେବା ଯୋଗାଇବାରେ ବିଦ୍ୟୁତ ବିଭାଗ ସବୁବେଳେ ସକ୍ଷମ ହୋଇନାହିଁ। ଗଛରେ ପତ୍ର ହଲିଲେ ବିଜୁଳି ଯାଉଛି। ମେଘରେ ମେଘାଛନ ହେଲେ ବିଜୁଳି ଯାଉଛି ବେଳେ କିଛି ନ ହୋଇ ପାଗ ସୁନ୍ଦର୍ ଥିଲେ ମଧ୍ୟ ବିଜୁଳି ବାରମ୍ବାର କଟୁଛି। ରାତି ୧୨ ରେ ବିଜୁଳି ଗଲେ ସକାଳ ୫ ରେ ଆସୁଛି। ସନ୍ଧ୍ୟା ୫ଟାରୁ ରାତି ୧୦ ଟା ଭିତରେ କରେଣ୍ଟ ୧୦ ରୁ ୧୨ ଥର ଗାଏବ ହେଇଯାଉଛି। ଅଭିଯୋଗ କଲେ ମଧ୍ୟ ଏହାର ସମାଧାନ ଜଲଦି କରାଯିବ ବୋଲି ପ୍ରତିଶ୍ରୁତି ମିଳୁଛି। କିନ୍ତୁ କିଛି ସୁଫଳ ମିଳୁନାହିଁ। ଆନ୍ଧାରର ସୁଯୋଗ ନେଇ ବଲସକୁମ୍ପାରେ ଚୋରମାନେ ଚୋରି କରିବାକୁ ଗାଁରେ ପଶିଥିବା ନେଇ ଜୋର୍ ଚର୍ଚ୍ଚା ହୋଉଛି। ତେଣୁ ବିଭାଗୀୟ ଅଧିକାରୀମାନେ ଏବଂ ଟାଟା କମ୍ପାନୀର ପରିଚାଳକ ଏହି ସବୁ ସମସ୍ୟା ଉପରେ ଦୃଷ୍ଟି ଦେବା ପାଇଁ ଅଞ୍ଚଳ ବାସି ଅନୁରୋଧ କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ପାତ୍ରପୁର,୨୭।୬(ଡି.ଏନ.ଏ.): ଜରଡ଼ା ଥାନା ସପଙ୍ଗ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ରେଖାଦେଇପୁର ଗ୍ରାମର କେ. ଭାସ୍କର (୧୮) ଓ ଗୁରୁତର ଜଣକ ହେଲେ ପି. ସୁରେଶ (୨୨) । ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି କେ. ନୂଆଗାଁକୁ ଏକ ଭୋଜିରେ ଆସିଥିଲେ। ସେଠାରୁ ଭୋଜି ଖାଇ ଫେରୁଥିବା ବେଳେ ସପଙ୍ଗ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପଛରେ ଆସୁଥିବା ବ୍ୟକ୍ତିମାନେ ଉଭୟଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ ମଧ୍ୟ ଭାସ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ସୁରେଶଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଜରଡ଼ା ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ ଭବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## ପ୍ରଶାସନ ଶୁଣିଲାନି

# ରାସ୍ତା ତିଆରି କଲେ ଗ୍ରାମବାସୀ

ରାୟଗଡ଼(ଗଜପତି),୨୭।୬

ଆଜି କିମ୍ବା କାଲି ନାହିଁ ଗ୍ରାମର ରାସ୍ତା ତିଆରି ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କଲୁ। ରାଜନେତା ଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ପାଖକୁ ବାରମ୍ବାର ଗାଁର ରାସ୍ତା ନିର୍ମାଣ ପାଇଁ ଏଠି ସେଠିକି ଦୌଡ଼ି ଦୌଡ଼ି ନୟାନ୍ତ ଶେଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଏକାଧିକ ଥର ଗାଁର ଦୁଇ କିମି ରାସ୍ତା ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ଶୁଣିଲାନି କିମ୍ବା କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଗଜପତି ଜିଲା ରାୟଗଡ଼ ବ୍ଲକ ଅଧିନ କରଡ଼ାସିଂ ପଞ୍ଚାୟତର ସୋରଡ଼ା ଗ୍ରାମରୁ। ଦୀର୍ଘ ବର୍ଷ ଖାଲ ଢ଼େପ, ଆବୁଡ଼ା ଖାବୁଡ଼ା ରାସ୍ତାରେ ଯାତାୟତ କରିବା ପରେ ଶେଷରେ ପ୍ରଶାସନ ଉପରେ ଭରସା ତୁଟାଇ ଗ୍ରାମବାସୀ ବାଧହୋଇ ଏକତ୍ରୀତ ହେବା ସହ ଗାଁର ପ୍ରତି ଘର ପିଛା ଚାନ୍ଦା ଆଦାୟ କରିବା ସହ ଶ୍ରମ ଦାନ କରି ଗ୍ରାମବାସୀ ରାସ୍ତା ତିଆରି କରିଛନ୍ତି। ପ୍ରକାଶ ଯେ, ରାୟଗଡ଼ ବ୍ଲକ


ରାସ୍ତା ନିର୍ମାଣ କରୁଛନ୍ତି ଗ୍ରାମବାସୀ।

କାର୍ଯ୍ୟାଳୟଠାରୁ ମାତ୍ର ପାଞ୍ଚ କିମି ଦୂରରେ ଥିବା କରଡ଼ାସିଂ ଗ୍ରାମପଞ୍ଚାୟତର ସୋରଡା ଗ୍ରାମ। ଏହି ଗ୍ରାମରେ ପ୍ରାୟ ୧୩୦ ପରିବାର ଥିବାବେଳେ ୭୦୦ ଜନସଂଖ୍ୟା ରହିଛନ୍ତି ଓ ପିଡବୁଡ଼ି ରାସ୍ତାଠାରୁ ସୋରଡ଼ା ଗ୍ରାମକୁ ପ୍ରାୟ ଦୁଇ କିମିର ରାସ୍ତା। ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ଭାବରେ ଥିବାବେଳେ ପାଦ ଚଲା ପାଇଁ ମଧ୍ୟ କଷ୍ଟ କର ପରିସ୍ଥିତି ହୋଇଥାଏ। ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ କିଛି ପଦକ୍ଷେପ ନନେବାରୁ ବାଧ ହୋଇ ଗ୍ରାମବାସୀ ଏକତ୍ରୀତ ହୋଇ ଆଗକୁ ବର୍ଷା ଦିନ ଆସୁଥିବା ବେଳେ ଖାଲ ଢେପ ରାସ୍ତାରେ ପାଣି ଜମି କି ରହିଲେ ଜଣାପଡୁନାହିଁ। ଯାହା ଫଳରେ ଲୋକେ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗାଁ ରେ ପ୍ରତି ଘର ପିଛା ୫୦୦ ଟଙ୍କା ଲେଖାଏ ଚାନ୍ଦା ଆଦାୟ କରିଥିଲେ। ଏଥିସହ ଗ୍ରାମରେ ଥିବା ସରକାରୀ କର୍ମଚାରୀମାନେ ମଧ୍ୟ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କୁ ସହଯୋଗର ହାତ ବଢ଼ାଇଥିବା ଜଣାପଡ଼ିଛି ଏବଂ ଗ୍ରାମର ପ୍ରାୟ ୮୦ ଜଣ ମହିଳା ଓ ପୁରୁଷ ଶ୍ରମ ଦାନ କରି ଦୁଇ କିମି ରାସ୍ତାରେ ପଥର ଓ ମାଟି ପକାଇ ରାସ୍ତା ନିର୍ମାଣ କରିଥିବା ଜଣାପଡିଛି।

# ମନ୍ଦିର ପ୍ରତିଷ୍ଠା ଲାଗି କଳସ ଯାତ୍ରା



ଆସିକା,୨୭।୬(ଡି.ଏନ୍.ଏ.)

ଆସିକା ଏନ୍ଏସିର ୧୮ନଂ. ୱାର୍ଡ ପାକଳାପଲ୍ଲୀ ଗ୍ରାମରେ ନବନିର୍ମିତ ଶ୍ରୀରଘୁନାଥଙ୍କ ପ୍ରାସାଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ଗ୍ରାମର ୩ଶହରୁ ଉର୍ଦ୍ଧ୍ୱ ମହିଳା କଳସ ଶୋଭାଯାତ୍ରା କରିଥିଲେ। ଋଷିକୁଲ୍ୟା ବଜାରସାହିସ୍ଥିତ ତ୍ରିବିକ୍ରେଶ୍ୱର ଘାଟରୁ ଜଳ ସଂଗ୍ରହ ପରେ ଶୋଭାଯାତ୍ରା ବଜାର ସାହି, ଖମ୍ବେଶ୍ୱରୀପାଟଣା, ବିନାୟକ ବଜାର, ଲକ୍ଷ୍ମୀ ବଜାର, ବସ୍‌ଷ୍ଟାଣ୍ଡ ଓ କଳିଙ୍ଗା ରୋଡ ଦେଇ ମନ୍ଦିର ଠାରେ ପହଞ୍ଚିଥିଲା। ଅପରାହ୍ନରେ ନବନିର୍ମିତ ମନ୍ଦିରରେ ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ କରାଯାଇଥିଲା । ୫ଦିନ ବ୍ୟାପି ପ୍ରତିଷ୍ଠା କାର୍ଯ୍ୟ ଚାଲୁ ରହିବ । ଶ୍ରୀଗୁଣ୍ଡିଚା ଶୁକ୍ରବାର ଠାକୁରଙ୍କ ସିଂହାସନ ଆରୋହଣ ଲାଗି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ପଣ୍ଡିତ ଲଡୁ କିଶୋର ପଣ୍ଡା, ବଦ୍ରିନାରାୟଣ କର ମନ୍ଦିର ପରିଚାଳନା କମିଟି ଓ ପାକଳାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି।

# ମୂକ ବଧିର ବିଦ୍ୟାଳୟକୁ ବୋର୍ଡର ସ୍ୱୀକୃତି

ବ୍ରହ୍ମପୁର ଅଫିସ,୨୭।୬

ଦୀର୍ଘବର୍ଷ ପରେ ବ୍ରହ୍ମପୁର ସହର ଉପକଣ୍ଠ ଆମ୍ବପୁଆ ସ୍ଥିତ ରେଡ୍‌କ୍ରସ ହେଲେନ କେଲର ମୂକ ବଧିର ବିଦ୍ୟାଳୟକୁ ଚଳିତ ବର୍ଷ ପ୍ରଥମ କରି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୧୦ ଶ୍ରେଣୀକୁ ସ୍ୱୀକୃତି ମିଳିଛି। ଏହାପରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ସିଧାସଳଖ ବୋର୍ଡ ପରୀକ୍ଷା ଦେଇପାରିବେ।
ଏନେଇ ଏପ୍ରିଲରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ସ୍ୱୀକୃତିପତ୍ର ରେଡକ୍ରସ ବିଦ୍ୟାଳୟକୁ ମିଳିଥିବା ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ନାୟକ କହିଛନ୍ତି। ଏହି ବିଦ୍ୟାଳୟ ଉପରେ ଗଞ୍ଜାମ ଜିଲା ସମେତ ଦକ୍ଷିଣ ଓଡ଼ିଶାର ୭ ଜିଲାର ମୂକ ବଧିର ଦିବ୍ୟାଙ୍ଗ


ରେଡ୍‌କ୍ରସ୍ ହେଲେନ କେଲର ମୁକବଧୀର ବିଦ୍ୟାଳୟ ।

ଛାତ୍ରୀଛାତ୍ରମାନେ ପାଠପଢ଼ା ନିମନ୍ତେ ନିର୍ଭରଯୋଗ୍ୟ ହୋଇଥାନ୍ତି। ଏଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମ ଗରିବ ଶ୍ରେଣୀର ହୋଇଥିବା ବେଳେ ସମ୍ପୂର୍ଣ୍ଣ ମାଗଣାରେ ରେଡକ୍ରସ୍ ପକ୍ଷରୁ ସେମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଥିଲା। କିନ୍ତୁ ପୂର୍ବରୁ ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ସିଧାସଳଖ ପରୀକ୍ଷା ଦେବା ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ବହୁ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହେବାକୁ ପଡୁଥିଲା। ସୂଚନାଯୋଗ୍ୟ,୧୯୮୧ ଅଗଷ୍ଟ ୧୫ରେ ଆମ୍ବପୁଆଠାରେ ଏହି ରେଡ୍‌କ୍ରସ୍ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ପ୍ରଥମକରି ୨୦୧୧-୧୨ରେ ଏଠାରେ ଦଶମ ଶ୍ରେଣୀ ପାଠ୍ୟକ୍ରମ ଖୋଲିବା ନିମନ୍ତେ ସ୍ୱୀକୃତି ମିଳିଥିଲେ

## ■ସିଧାସଳଖ ପରୀକ୍ଷା ଦେବେ ବିଦ୍ୟାର୍ଥୀ

ସୁଦ୍ଧା ୧୯୯୬ରେ ଏହି ବିଦ୍ୟାଳୟରେ ଦଶମ ଶ୍ରେଣୀ ବିଦ୍ୟାର୍ଥୀ ପ୍ରଥମଥର ଅନ୍ୟ ସ୍କୁଲ ଅଧୀନରେ ଦଶମ ବୋର୍ଡ ପରୀକ୍ଷା ଦେଇଥିଲେ। ସେବେଠାରୁ ଦୀର୍ଘ ୨୭ ବର୍ଷ ଧରି ରେଡକ୍ରସ୍ ମୂକ ବଧିର ସ୍କୁଲରେ ପାଠପଢ଼ା ହେଉଥିଲେ ସୁଦ୍ଧା ଛାତ୍ରୀଛାତ୍ରମାନେ ରେଗୁଲାର ପ୍ରକ୍ରିୟାରେ ପ୍ରତିବର୍ଷ ବୋର୍ଡ ପରୀକ୍ଷା ଦେଇଆସୁଥିଲେ। ଯାହାଦ୍ୱାରା ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସିଧାସଳଖ ବୋର୍ଡ ପରୀକ୍ଷା ଦେବା ସ୍ୱୀକୃତି ନ ଥିବାରୁ ପିଲାଙ୍କୁ ବୋର୍ଡ ପରୀକ୍ଷା ଦେବା ନିମନ୍ତେ ଅନ୍ୟ ସ୍କୁଲ ଅଧୀନରେ ପରୀକ୍ଷା ଦେବାକୁ ପଡୁଥିଲା। ଫଳରେ ପୁନଃ ନାମଲେଖା ପ୍ରକ୍ରିୟା ଦ୍ୱାରା ଅଭିଭାବକମାନେ ମଧ୍ୟ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅଧିକ କସରତ କରିବାକୁ ପଡୁଥିଲା। ଛାତ୍ରୀଛାତ୍ରମାନେ ବ୍ରହ୍ମପୁର ମେଡିକାଲ କ୍ୟାମ୍ପସ, ବଡ଼ କୁଶସ୍ଥଳୀ, ନରେନ୍ଦ୍ରପୁର ହାଇସ୍କୁଲ ଅଧୀନରେ ପରୀକ୍ଷା ଦେବାକୁ ବାଧ ହେଉଥିଲେ। ଏଥିନିମନ୍ତେ ସ୍କୁଲ କର୍ତ୍ତୃପକ୍ଷ ପିଲାଙ୍କୁ ପାଠ ପଢ଼ାଉଥିଲେ ସୁଦ୍ଧା ରେଜଲ୍ଟ ବେଳକୁ ଅନ୍ୟ ସ୍କୁଲ ଛାତ୍ରୀଛାତ୍ର ଭାବେ ସେମାନଙ୍କ ଫଳ ପ୍ରକାଶ ପାଉଥିଲା। ତେବେ ଦୀର୍ଘ ୧୭ ବର୍ଷ ପରେ ଚଳିତ ବର୍ଷ ପ୍ରଥମ କରି ଏହି ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ର ମାନେ ପ୍ରଥମ ବ୍ୟାଚ ଭାବେ ସିଧାସଳଖ ବୋର୍ଡ଼ ପରୀକ୍ଷା ଦେବାର ସୁଯୋଗ ପାଇଛନ୍ତି।

## ସଂକ୍ଷେପରେ

### କାଜୁ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୁଜଙ୍ଗ,୨୭।୬(ଡି.ଏନ୍.ଏ.): ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମ ନିକଟସ୍ଥ ଏକ କାଜୁ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ସେ ହେଲେ ଏହି ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳଙ୍କ ପୁଅ ସମ୍ପଦ(୨୫)। ସୋମବାର ଭୋର ସମୟରେ ଗାଁର କିଛି ଲୋକ ଜଙ୍ଗଲର ଏକ କାଜୁ ଗଛରେ ସମ୍ପଦଙ୍କ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଭୟଚାନ୍ଦପୁର ଥାନାକୁ ଜଣାଇଥିଲେ। ଏହାପରେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ୨ ଖଣ୍ଡ ହସ୍ତଲେଖା ଚିଠି ଜବତ କରିଛି। ଉକ୍ତ ଚିଠି ଅନୁଯାୟୀ , ମୃତ ସମ୍ପଦ ଉକ୍ତ ଗାଁର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ସମ୍ପୃକ୍ତା ଯୁବତୀଙ୍କ ପ୍ରତାରଣା ଯୋଗୁ ସେ ଆତ୍ମହତ୍ୟା କରିଥିବା ଆଶଙ୍କା କରାଯାଉଛି। ଅପରପକ୍ଷେ ମୃତକଙ୍କ ମାମୁ ବସନ୍ତ ଭୋଳ ଥାନାରେ ଭଣଜାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିବା ସହ ଏହାର ତଦନ୍ତ କରିବାକୁ ନିବେଦନ କରିଛନ୍ତି। ଏନେଇ ଅଭୟଚାନ୍ଦପୁରଥାନା ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୨/୨୨)ରୁଜୁ କରାଯାଇ ତଦନ୍ତ ଚାଲିଛି। ସମ୍ପଦଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସଭାପତି ପଦରେ ନରେନ୍ଦ୍ର ପରିଡ଼ା ନିର୍ବାଚିତ

#### ଗୋପିଆକୁଦ ପ୍ରାଥମିକ ସେବା ସମବାୟ ସମିତି

କୁଜଙ୍ଗ,୨୭।୬(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୋପିଆକୁଦ ପ୍ରାଥମିକ ସେବା ସମବାୟ ସମିତି ସଭାପତି ଭାବେ ନରେନ୍ଦ୍ର ପରିଡ଼ା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଏହି ସମିତିର ୧୫ଟି ଜୋନ୍ ପାଇଁ ୧୫ ଜଣ ସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀଭାବେ ନିର୍ବାଚିତ ହୋଇଥିଲେ। ସଭାପତି ପଦରେ ନରେନ୍ଦ୍ର ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ସମ୍ପାଦକ ଧ୍ରୁନଚନ୍ଦ୍ର ରାଉତ ପରିଡାଙ୍କୁ ସଭାପତି ରୂପେ ଘୋଷଣା କରିଥିଲେ। ଏହାପରେ ତାଙ୍କୁ ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ବିଜେଡି ନେତା ପ୍ରକାଶ ବେହେରା ଓ ଯୁବସଙ୍ଗଠକ ଅରୁ ପ୍ରସାଦ ମହାନ୍ତି, ମାନସ ପରିଡା, ବିଶ୍ୱନାଥ ପରିଡା, ଦେବେନ୍ଦ୍ର ମହାନ୍ତି, ସଂଗ୍ରାମ ରାଉତରାୟ, ଗୌରହରି ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ୪ ମାସ ହେଲା କଳାକାରଙ୍କୁ ମିଳିନି ମାସିକ ଭତ୍ତା

କେନ୍ଦ୍ରାପଡ଼ା ଅଫିସ, ୨୭।୬: କେନ୍ଦ୍ରାପଡ଼ା ଜିଲାରେ ମୋଟ ୧୫୬୯ ଜଣ କଳାକାର ଭତ୍ତା ହିତାଧିକାରୀ ଅଛନ୍ତି। ୪ ମାସ ହେଲା ଏହି ଭତ୍ତା ପ୍ରଦାନ କରାଯାଇନାହିଁ। ଫଳରେ ଦୁଃଖ ଦୁର୍ଦ୍ଦଶାରେ ଥିବା ଦର୍ଶାଇ କଳାକାର ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ପାଲାଗାୟକ ତଥା ଉପସଭାପତି ଗଗନ ବିହାରୀ ସିଂହ କୁହନ୍ତି, ଜିଲାରେ ୧୨ ପ୍ରକାର ଲୋକକଳା ଅଛି। ପାଲା, ଦାସକାଠିଆ, କଣ୍ଢେଇ ନାଚ, ରାମଲୀଳାଠାରୁ ଆରମ୍ଭକରି କାଇଁଚ କଳା ପର୍ଯ୍ୟନ୍ତରେ ଜିଲାର ସୁନାମ ଅଛି। କେନ୍ଦ୍ରାପଡ଼ାର କେନ୍ଦରା ସ୍ୱର ଜିଲା ଓ ଜିଲା ବାହାରେ ସ୍ୱତନ୍ତ୍ରତା ଦେଖାଇଛି। ତେବେ କଳାକାରମାନେ କରୋନା ପାଇଁ ଏବେ ନିଜସ୍ୱ ପରିଚୟ ଭୁଲିବାକୁ ବସିଛନ୍ତି। ପ୍ରତିବର୍ଷ ଜିଲା ଯୋଜନା ବୋର୍ଡରେ ବିଭିନ୍ନ ବିଭାଗର ଉନ୍ନତୀକରଣ ପାଇଁ ବ୍ୟୟ ବରାଦ କରୁଥିଲେ ମଧ୍ୟ ଲୋକକଳାର ପ୍ରୋତ୍ସାହନ ପାଇଁ କିଛି ବ୍ୟବସ୍ଥା କରାଯାଉନାହିଁ। ଏହାଦ୍ୱାରା କଳାକାରମାନଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହେଉଛି। କଳାକାର ଭତ୍ତା ପରିବାର ପ୍ରତିପୋଷଣ ଓ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ବହୁତ କାମ ଦେଉଥିଲା। ୪ ମାସ ହେଲା କୌଣସି କଳାକାରଙ୍କୁ ଭତ୍ତା ଦିଆଯାଇନାହିଁ। ଫଳରେ ଦୁର୍ଦ୍ଦିନରେ ଗତି କରୁଥିବା କଳାକାରଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ପ୍ରହାର ହୋଇଛି। ଲୋକକଳା ବଞ୍ଚିରହିଲେ ଜିଲାର ପରିଚୟ ପରିବ୍ୟାପ୍ତ ହୋଇପାରିବ। ଜିଲା ସଂସ୍କୃତି ବିଭାଗ ଅଧିକାରୀ ସଂଯୁକ୍ତା ଧରା କହିଛନ୍ତି, ୪ ମାସର ବକେୟା ଭତ୍ତା ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ମିଳିବ। ଲୋକକଳାର ପ୍ରୋତ୍ସାହନ ପାଇଁ କଳାକାରଙ୍କୁ ବିଭିନ୍ନ ସରକାରୀ ଯୋଜନାର ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଛି।

# ବ୍ୟାଙ୍କ ନୋଟିସ ପରେ ଅଡୁଆ ବଢ଼ିଲା

**ଶ୍ରୀ ଶାରଳା ସମବାୟ ସୂତାକଳ**

- ୧୯୯୯ ମହାବାତ୍ୟା ପରଠୁ ବନ୍ଦ ରହିଛି
- ପ୍ରତିଶ୍ରୁତି ପରେ ବି ପୁନରୁଦ୍ଧାର ହେଲାନାହିଁ
- ବ୍ୟାଙ୍କରୁ ନେଇଥିବା ୪ କୋଟିରୁ ଉର୍ଦ୍ଧ୍ୱ ଋଣ ପରିଶୋଧ ହୋଇନି

ଜଗତ୍‌ସିଂହପୁର ଅଫିସ, ୨୭।୬

ଦିନ ଥିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସିରାସ୍ଥିତ ଶ୍ରୀ ଶାରଳା ସମବାୟ ସୂତାକଳ ଲିମିଟେଡ୍ ସହସ୍ରାଧିକ ଲୋକଙ୍କୁ ନିଯୁକ୍ତି ଦେବାସହ ବ୍ୟବସାୟ କ୍ଷେତ୍ରରେ ସ୍ଥାନୀୟ ତନ୍ତି ଓ ରାଜ୍ୟକୁ ଭଲ ଲାଭ ଦେଉଥିଲା। ସେଠାରେ ତିଆରି ହେଉଥିବା ସୂତା କେବଳ ଦେଶରେ ନୁହେଁ ବିଦେଶକୁ ମଧ୍ୟ ରପ୍ତାନି ହେଉଥିଲା। ଏହାର ଲାଭାଂଶ ସୂତାକଳରେ କାମ କରୁଥିବା ଲୋକମାନଙ୍କୁ ବାଣ୍ଟି ଦିଆଯାଉଥିଲା। ୧୯୯୯ ମହାବାତ୍ୟାରେ ଏହା କ୍ଷତିଗ୍ରସ୍ତ ହେଲା ପରେ ରାଜ୍ୟ ସରକାର ମରାମତି ଓ ପୁନରୁଦ୍ଧାର ପାଇଁ ଆନ୍ତରିକତା ପ୍ରକାଶ କଲେ ନାହିଁ। ଏଥିଯୋଗୁ ସୂତାକଳ ବନ୍ଦ ହୋଇଯାଇଥିଲା। କିନ୍ତୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସମବାୟ ସୂତାକଳ ମହାସଂଘ ଲିମିଟେଡ୍ (ସ୍ପିନଫେଡ୍) ପକ୍ଷରୁ ସେଠାରେ ସୁରକ୍ଷା ପାଇଁ ଏପର୍ଯ୍ୟନ୍ତ ସିକ୍ୟୁରିଟି ଗାର୍ଡ ନିଯୁକ୍ତ କରାଯାଇଛି।

୨୦୧୨ ଡିସେମ୍ବରରେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ବନ୍ଦ ହୋଇପଡ଼ିଥିବା ରାଜ୍ୟର ୩ଟି ସୂତାକଳ ପିପିପି ମୋଡ୍‌ରେ ବେସରକାରୀ ସଂସ୍ଥାକୁ ଦେଇ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଉଥିବା ଘୋଷଣା କରିଥିଲେ। କିନ୍ତୁ ଏଥିମଧ୍ୟରେ ୯ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ଶ୍ରୀ ଶାରଳା ସମବାୟ ସୂତାକଳ ଲିମିଟେଡ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ନିକଟରେ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ବ୍ୟାଙ୍କର ଇଣ୍ଡଷ୍ଟ୍ରିଆଲ ଶାଖା ପକ୍ଷରୁ ଏହି ସୂତାକଳ ମୁଖ୍ୟ ଫାଟକରେ ନୋଟିସ ଲଗାଯାଇଛି। ଏଥିରେ ଖାତା ନଂ. ୨୧୪ରେ ଥିବା ୧୧ଟି ପ୍ଲଟ୍ (ନଂ. ୯୦୯ରୁ ୯୧୭, ୯୧୯ ଓ ୧୫୩୯)ର ମୋଟ


ବନ୍ଦ ହୋଇରହିଥିବା ସୂତାକଳ ।

୧୫ ଏକର ୧୨ ଡିସିମିଲ ଜମି ଉପରେ କଟକଣା ଜାରି କରାଯାଇଛି। ସୂତାକଳ କର୍ତ୍ତୃପକ୍ଷ ବ୍ୟାଙ୍କରୁ ନେଇଥିବା ଋଣ ସହ ସୁଧ ମିଶି ମୋଟ ୪,୭୪,୩୭,୮୬୫ ଟଙ୍କା ପରିଶୋଧ କରିପାରି ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ଏହି ଜମିରେ କୌଣସି କାମ ହୋଇପାରିବ ନାହିଁ ବୋଲି ସେଥିରେ ଦର୍ଶାଯାଇଛି। କିଛି ବର୍ଷ ପୂର୍ବରୁ ସୂତାକଳ କାର୍ଯ୍ୟକ୍ଷମ ହେବା ନେଇ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଆନ୍ତରିକତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ଷମ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। କିନ୍ତୁ ଏବେ ଷ୍ଟେଟ ବ୍ୟାଙ୍କ ନୋଟିସ୍ ଜାରି କଲାପରେ ପୁଣି ନିଯୁକ୍ତି ଓ ଆର୍ଥିକ ସହାୟତା ପାଇବା ପାଇଁ ଆଶା ବାନ୍ଧିଥିବା ଲୋକେ ନିରାଶ ହୋଇଯାଇଛନ୍ତି।

୧୯୮୪ରେ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ବୟନ ଶିଳ୍ପ ବିଭାଗ ପକ୍ଷରୁ ପାଖାପାଖି ୧୨ କୋଟି ଟଙ୍କା ବିନିଯୋଗରେ ଏହି ସୂତାକଳ କାର୍ଯ୍ୟକ୍ଷମ ହୋଇଥିଲା। ସେତେବେଳେ ପାଖାପାଖି ୫ ଏକର ଜମିରେ ଏହାର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଘର ଆଜବେଷ୍ଟସ୍ ଓ ଭିତର ସିଲିଂ କରାଯାଇଥିଲା। ଏପରିକି ଅଣ୍ଡରଗ୍ରାଉଣ୍ଡ ବ୍ୟବସ୍ଥା ହୋଇଥିଲା। ଏହାର ୭ଟି ସେକ୍ସନ୍ ଥିଲା। ସେଗୁଡ଼ିକ ହେଲା ବ୍ଲୋ ରୁମ୍, କାର୍ଡିଂ, ସିମ୍ପ୍ଲେକ୍ସ ଡ୍ର ଫ୍ରେମ୍, ରିଙ୍ଗ ଫ୍ରେମ୍, ରେଲିଂ, ବଣ୍ଡଲିଂ ଓ ପ୍ୟାକିଂ। ଏଥିସହ ମୁଖ୍ୟ କାର୍ଯ୍ୟାଳୟ, ରେଷ୍ଟ ଶେଡ୍ ଓ ସିକ୍ୟୁରିଟି ଅଫିସ, ବି ଟାଇପ୍ କ୍ୱାର୍ଟର ୪ଟା ବ୍ଲକ (୧୬ଟା ଘର) ଓ ସି ଟାଇପ୍‌ର ୩ଟି ବ୍ଲକ (୧୨ ଘର) ସାଙ୍ଗକୁ ଗୋଟିଏ କ୍ୟାଣ୍ଟିନ କରାଯାଇଥିଲା। ଏଥିସହ ପମ୍ପ ହାଉସ ଓ ୨ଟା ଡିଜି ରହିବା ପାଇଁ ଛାତଘର ହୋଇଥିଲା। ୨ଟି ବଡ ଜେନେରେଟର ରଖାଯାଇଥିଲା। ଏହାର ପରିସରରେ ଏକ କାଳୀ ମନ୍ଦିର କରାଯାଇଥିଲା। ମୋଟ ଜମି ଚାରିପଟେ ପାଚେରି କରାଯାଇଥିଲା। ଏଠାରେ ପାଖାପାଖି ୧୫୦ କର୍ମଚାରୀ ଓ ୧୨୫୦ ୱାର୍ଡର ନିଯୁକ୍ତ ହୋଇଥିଲେ। ଏହି ସୂତାକଳ ଯୋଗୁ ୭ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେଉଥିଲେ। ବହୁ ପରିମାଣର ତୁଳା କିଣାଯାଇ ସୂତା ତିଆରି ହେଉଥିଲା। ବ୍ୟବସାୟ ପାଇଁ ମାର୍କେଟିଂ ଅଫିସର ନିଯୁକ୍ତି ପାଇଥିଲେ। ଉତ୍ପାଦନ ପରେ ସ୍ଥାନୀୟ ତନ୍ତି ଓ ସୋସାଇଟି ସୂତା କିଣିବା ସହ ବାହାର ଦେଶକୁ ରପ୍ତାନି କରାଯାଉଥିଲା। ତେବେ ୧୯୯୯ ମହାବାତ୍ୟାରେ ଆଜବେଷ୍ଟସ୍ ଭାଙ୍ଗି ଯିବାସହ କେତେକ ଯନ୍ତ୍ରାଂଶ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସୂତାକଳର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ସାହୁ ପୂର୍ବରୁ ବୀମା କରି ନ ଥିବାରୁ ବାତ୍ୟା କ୍ଷତିଗ୍ରସ୍ତ ସତ୍ତ୍ୱେ ପ୍ୟାକେଜ୍ ମିଳିପାରି ନ ଥିଲା। ନିର୍ବାଚନ ଆସିଲେ ରାଜନେତାମାନେ ସୂତାକଳ ପୁନରୁଦ୍ଧାର ସହ କାର୍ଯ୍ୟକ୍ଷମର ପ୍ରତିଶ୍ରୁତି ଦେଉଥିବାବେଳେ ପରେ ପୂରଣ ନ କରି ଭୁଲିଯାଉଛନ୍ତି। ଏବେ ଷ୍ଟେଟ୍ ବ୍ୟାଙ୍କ ନୋଟିସ୍ ଜାରି କଲାପରେ ଲୋକଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିଛି।

# ଅଗ୍ନିପଥ ବିରୋଧରେ କଂଗ୍ରେସର ସତ୍ୟାଗ୍ରହ


କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡଠାରେ ନେତାମାନେ ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୨୭।୬

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ବିରୋଧ କରିଛି। କେନ୍ଦ୍ରପଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସତ୍ୟାଗ୍ରହ ହୋଇଥିଲା। ଏଥିରେ ବରିଷ୍ଠ ନେତା ଗଣେଶ୍ୱର ବେହେରା ଯୋଗଦେଇ କହିଥିଲେ, କେନ୍ଦ୍ର ସରକାରଙ୍କ ଏହି ଯୋଜନା ଯୁବବର୍ଗଙ୍କ ଭବିଷ୍ୟତ ନଷ୍ଟ କରିବ। ଏହାଦ୍ୱାରା ଦେଶର ସୁରକ୍ଷା ପ୍ରତି ବିପଦ ଆସିବ। ଯୁବବର୍ଗଙ୍କୁ ୪ ବର୍ଷ ଚାକିରିରେ ରହିବା ପରେ ଅବସର ଯୋଜନା ଅଛି। ତେବେ ଅବସର ପରେ ପେନ୍‌ସନ୍ ଯୋଜନା ଲାଗୁ ହୋଇନାହିଁ। ସ୍ଥାୟୀ ନିଯୁକ୍ତି ବଦଳରେ ଏହି ଠିକା ନିଯୁକ୍ତି ଯୁବବର୍ଗଙ୍କ ଭବିଷ୍ୟତ ଅନ୍ଧାର ହେବ। ସେହିପରି ୪ ବର୍ଷରେ ମିଳିଥିବା ଦେଶ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟର ବିନିଯୋଗକୁ ନେଇ ସନ୍ଦେହ ଅଛି। ଅପରପକ୍ଷରେ କେନ୍ଦ୍ର ସରକାର ପ୍ରତିରକ୍ଷା ବିଭାଗର ବଜେଟକୁ ସଙ୍କୁଚିତ କରିବାକୁ ଉଦ୍ୟମ ଚଳାଇଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତିରେ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ହେବ ବୋଲି ଭାଜପା ପକ୍ଷରୁ ପ୍ରଚାର ପ୍ରସାର କରାଯାଇଥିଲା। ତେବେ ଅଦ୍ୟାବଧି ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିଲା ନାହିଁ। ଅପରପକ୍ଷରେ ଠିକା ନିଯୁକ୍ତି ବ୍ୟବସ୍ଥା ଆରମ୍ଭ ହୋଇଛି। ଏପରିସ୍ଥିତିରେ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଏକମାତ୍ର ଉପାୟ କେନ୍ଦ୍ର ସରକାରଙ୍କର ରହିଛି। ଏହି ସତ୍ୟାଗ୍ରହରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୌମେନ୍ଦ୍ର ପୃଷ୍ଟି, ପରଭେଜ ଅଖତର, ରତିକାନ୍ତ ସାମଲ, ଅବଦୁଲ ସତାର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।


ରାଜନଗରରେ କଂଗ୍ରେସର ଜିଲା ସଭାପତି ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ସତ୍ୟାଗ୍ରହ।

ରାଜନଗର, ୨୭।୬(ଡି.ଏଡ଼.ଏ.)

ଅଗ୍ନିପଥ ଯୋଜନାକୁ ବିରୋଧକରି ରବିବାର ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ତ୍ରିନାଥବଜାରସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ହୋଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ରାଜନଗର ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟି ସଭାପତି ମଳୟ ଦାସ, ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନ, କଂଗ୍ରେସ ନେତା ଅବିନାଶ ଲେଙ୍କା, ରଞ୍ଜନ କୁମାର ମହାନ୍ତି, ଅଶୋକ କୁମାର ବଳ, ବନମାଳି ସ୍ୱାଇଁ, ମୋହନ କୁମାର ଦାସ, ସନ୍ତୋଷ କୁମାର ମହାନ୍ତି, ନରେଶ ମଲିକ, ସହଦେବ ସାହୁ, ହୃଷୀକେଶ ପ୍ରଧାନ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇ ସତ୍ୟାଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।


ଡେରାବିଶରେ କଂଗ୍ରେସ ନେତାମାନେ ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି।

ଡେରାବିଶ, ୨୭।୬(ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଅଗ୍ନିପଥ ଯୋଜନାକୁ ବିରୋଧ କରି ସୋମବାର ଡେରାବିଶ ଯୁବ କଂଗ୍ରେସ ପକ୍ଷରୁ ବ୍ଲକ ଅଧୀନ ଠାକୁରପାଟଣା ଡାକ କାର୍ଯ୍ୟାଳୟ ସମ୍ମୁଖରେ ନୀରବ ସତ୍ୟାଗ୍ରହ ପାଳିତ ହୋଇଯାଇଛି। ବ୍ଲକ ଯୁବ କଂଗ୍ରେସ ସଭାପତି ବିଭୁ ପ୍ରସାଦ ଷଡଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ସତ୍ୟାଗ୍ରହରେ ପାଟକୁରା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ଅନନ୍ତ ଚରଣ ପାତ୍ର, ସେକ୍ ମେହେବୁବ୍ ଅଲ୍ଲି, ହୁମାୟୁନ୍, ନାରାୟଣ ମଲ୍ଲିକ, ମୁକେଶ ସାହୁ, ଭରତ ଚନ୍ଦ୍ର ଚୁଲି, ପ୍ରତାପ କୁମାର ମହାନ୍ତି ପ୍ରମୁଖ ବହୁ ଦଳୀୟ କର୍ମୀ ସତ୍ୟାଗ୍ରହରେ ଯୋଗଦେଇଥିଲେ। ସେମାନେ ଏହି ଯୋଜନା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ସହ ଯୁବବର୍ଗଙ୍କୁ ଅସ୍ଥାୟୀ ଭାବେ ଅଗ୍ନିବୀରରେ ନିଯୁକ୍ତିର ପ୍ରତିବାଦ କରି ଡାକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଏହି ସତ୍ୟାଗ୍ରହ ଅପରାହ୍ନ ୧ଟାରେ ଶେଷ ହୋଇଥିଲା।


କୋରୁଆଠାରେ ଗଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତାମାନେ।

ପାଟକୁରା,୨୭।୬(ଡି.ଏନ.ଏ)

କେନ୍ଦ୍ର ସରକାର ସେନାବାହିନୀରେ ଅଗ୍ନିପଥ ଯୋଜନାରେ ଦେଶର ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ଦେବା ବିରୋଧରେ ସୋମବାର ପାଟକୁରା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କରାଯାଇଛି। ପାଟକୁରାର କୋରୁଆଠାରେ କଂଗ୍ରେସର ପୂର୍ବତନ ଜିଲାପରିଷଦ ସଭ୍ୟ ରଘୁନାଥ ଶତପଥୀଙ୍କ ସଭାପତିତ୍ୱରେ ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରୀୟ ସତ୍ୟାଗ୍ରହ କରାଯାଇଛି। ଏଥିରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗଦେଇ ଅଗ୍ନିପଥ ଯୋଜନାକୁ ବିରୋଧ କରିବା ସହ ଏହି ନିଯୁକ୍ତି ଦ୍ୱାରା ଦେଶର ସେନା ବାହିନୀ ଦୁର୍ବଳ ହେବା ସହ ଦେଶର ନିରାପତ୍ତା ଓ ପ୍ରତିରକ୍ଷା କ୍ଷୁର୍ଣ୍ଣ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସୁବାସ ସାମଲ, ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ତ୍ରିପାଠୀ, ଗୋବର୍ଦ୍ଧନ ସାହୁ, ଶଙ୍କର୍ଷଣ ମଲ୍ଲିକ, ରମାକାନ୍ତ ସ୍ୱାଇଁ, ରଞ୍ଜନ ପରିଜା, ଜିଲା ସେବା ଦଳ ସଭାପତି ଜୟଦେବ ପରିଡା, ନିମାଇଁ ଚରଣ ଯେନା, ସୁଧୀର ସାମଲ ପ୍ରମୁଖ ଉକ୍ତ ଯୋଜନାକୁ ବିରୋଧ କରିଥିଲେ। ଏଥିରେ ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିରଞ୍ଜନ ରାଉତ ଧନ୍ୟବାଦ ପ୍ରଦାନ ଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ୫୦ ଅଭିଯୋଗ


ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ବାଲିକୁଦା,୨୭।୬(ସ୍ୱ.ପ୍ର.)

ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାତ୍ର ୫୦ଟି ଅଭିଯୋଗ ହୋଇଥିଲା । ପ୍ରଚାର ପ୍ରସାରର ଅଭାବ କାରଣରୁ ଏପରି ନୈରାଶ୍ୟଜନକ ସ୍ଥିତି ଉପୁଜୁଥିବା ଚର୍ଚ୍ଚା ହେଉଛି। ପୂର୍ବରୁ କୌଣସି ସୂଚନା ଦିଆଯାଉ ନ ଥିବାରୁ ଲୋକେ ଜାଣି ନ ପାରି ଅଭିଯୋଗ ଥିଲେ ମଧ୍ୟ ଶିବିରକୁ ଆସିପାରୁ ନାହାନ୍ତି।

କରୋନା ମହାମାରୀ ପାଇଁ ଗତ ୨ ବର୍ଷ ହେବ ଏହି ଜନ ଶୁଣାଣି ଶିବିର ବନ୍ଦ ରହିଥିବାବେଳେ ଏପ୍ରିଲରୁ ପୁଣି ଆରମ୍ଭ ହୋଇଛି। ଏହି କ୍ରମରେ ଏପ୍ରିଲ ୨୫ରେ ବାଲିକୁଦା ବ୍ଲକରେ ଜନଶୁଣାନି ଶିବିରର ଆୟୋଜନ କରାଯାଇଥିଲା। ସେତେବେଳେ ମଧ୍ୟ ଅନୁରୂପ ଭାବେ ସୂଚନା ଦିଆ ଯାଇ ନ ଥିବାରୁ ଅଭିଯୋଗ ସଂଖ୍ୟା ନୈରାଶ୍ୟଜନକ ଥିଲା । ଗୁରୁବାର ଏହି ଘଟଣାର ପୁନରାବୃତ୍ତି ଘଟିଛି। ଶିବିରରେ ଜିଲାପାଳ ପାରୁଲ ପଟୱାରୀ ଅନୁପସ୍ଥିତ ଥିବାରୁ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ରୁଦ୍ରନାରାୟଣ ଦାସ, ଏଡିଏମ୍ ସଚ୍ଚିଦାନନ୍ଦ ରାଉତ, ତହସିଲଦାର ଅଂଶୁମାନ ଶତପଥୀ, ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ଡା. ଏଡିପିଏଚଓ(ଟିବି)ସନ୍ତୋଷ ବେହେରା, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ଶେଖର ସାହୁ, ଥାନାଧିକାରୀ ରଜନୀକାନ୍ତ ମିଶ୍ର, ବିପିଏମ ବନବିହାରୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ୫୦ଟି ଅଭିଯୋଗ ମଧ୍ୟରୁ ୪୨ବ୍ୟକ୍ତିଗତ ଓ ୮ ଟି ଗ୍ରାମ ଭିତ୍ତିକ ଅଭିଯୋଗ ହୋଇଥିଲା। ଏହି ଅବସରରେ ପିଡିଏସ୍, ଆବାସ, ଜମିଜମା ସଂକ୍ରାନ୍ତୀୟ, ରେଡ୍‌କ୍ରସ, ଭତ୍ତା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଓ ପୋଲିସ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା। ଅଭିଯୋଗ କମିବା ସମ୍ପର୍କରେ ବିଡିଓ କଲ୍ୟାଣ ସୌରଭ ଦାଶଙ୍କୁ ମୋବାଇଲ୍ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

### ବକେୟା ନ ମିଳିବାରୁ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ

ପାରାଦୀପ, ୨୭।୬(ସ୍ୱ.ପ୍ର.)

ପାରାଦୀପ ବନ୍ଦର ମଧ୍ୟରେ କାମ କରୁଥିବା ଠିକାସଂସ୍ଥା ଆଇଏନ୍‌ଏମ୍ (ଇନମେଶିନାରୀ)ର ଠିକା ଶ୍ରମିକମାନେ ସୋମବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। କମ୍ପାନୀ ଦୁଇମାସର ଦରମା ଦେବାରେ ଟାଳଟୁଳ ନୀତି ଆପଣାଉଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଥିବା ନେଇ ଶ୍ରମିକ ଚିତ୍ରସେନ ଡାକୁଆ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ, ଉକ୍ତ କମ୍ପାନୀରେ୨୭ ଜଣ କାମ କରୁଥିଲେ। ୨୦୨୧ ଅକ୍ଟୋବର ୭ରେ ଉକ୍ତ କମ୍ପାନୀକୁ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଇଛି। କାମ ବନ୍ଦ ହେବା ପରେ କମ୍ପାନୀ ପକ୍ଷରୁ ନଭେମ୍ବର ଓ ଡିସେମ୍ବର ଦୁଇ ମାସର ଦରମା ଦିଆଯିବାକୁ କୁହାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ଦରମା ମିଳିନାହିଁ। ଏନେଇ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ କମ୍ପାନୀ ମ୍ୟାନେଜର ସୌମ୍ୟରଞ୍ଜନ ଶତପଥୀ କୁହନ୍ତି, ଠିକା ଶ୍ରମିକମାନଙ୍କ ଦରମା ଦେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ସେମାନଙ୍କୁ ଦରମା ଦିଆଯିବ।

# ପ୍ରାଥମିକ ବିଦ୍ୟାଳୟ ବନ୍ଦ: ଅଭିଭାବକ ଅସନ୍ତୁଷ୍ଟ

- ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ
- ଉପସ୍ଥାନ କମ୍ ଥିବାରୁ ବନ୍ଦ କରାଯାଇଛି

ନାଉଗାଁ,୨୭।୬(ସ୍ୱ.ପ୍ର.)

ଗଣ ଶିକ୍ଷା ବିଭାଗ ତରଫରୁ ୨୦ରୁ କମ୍ ଉପସ୍ଥାନ ଥିବା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକର ତିରୁଣା ପଞ୍ଚାୟତର ନରଣପୁର ପ୍ରାଥମିକ ବିଦ୍ୟାଳୟ ଓ ବାଂଶ ପଞ୍ଚାୟତ ଚାନ୍ଦପୁରା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ତେବେ ନରଣପୁର ପ୍ରାଥମିକ ବିଦ୍ୟାଳୟ ବନ୍ଦକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ବିଦ୍ୟାଳୟକୁ ବନ୍ଦ ନ କରିବା ପାଇଁ ସୋମବାର ଅଭିଭାବକ ଓ ଗ୍ରାମବାସୀଙ୍କ ତରଫରୁ ଜିଲା ଶିକ୍ଷାଧିକାରୀ, ଜିଲାପାଳ, ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତଭାବେ ଦାବି କରାଯାଇଛି। ଏଥିରେ ୬୦ ଜଣ ଗ୍ରାମବାସୀଙ୍କ ଦସ୍ତଖତ ରହିଛି। ଗ୍ରାମର ସୁବୋଧ କୁମାର ରାୟ, ଦୀପ୍ତିରଞ୍ଜନ ତ୍ରିପାଠୀ, ପତିତ ପାବନ କାନୁନଗୋ, ଅଜୟ କୁମାର ରାୟ ପ୍ରମୁଖଙ୍କ କହିବାନୁଯାୟୀ, ବିଦ୍ୟାଳୟଟି ନରଣପୁର ଓ କୁରିକି ଦୁଇ ଗ୍ରାମ ପାଇଁ ଉଦ୍ଦିଷ୍ଟ। ଏବେ ବିଦ୍ୟାଳୟରେ ୨୮ ଜଣ ପିଲା ପଢୁଥିବାବେଳେ ୨୦୨୦ରେ ୧୬ ଏବଂ ୨୦୨୧ରେ ୩୦ ପିଲା ନାମ ଲେଖାଇଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ଜଗତ୍‌ସିଂହପୁରଙ୍କ ଚିଠି ନଂ.୧୦୨/୨୦-୬-୨୨ ଅନୁଯାୟୀ, ବିଦ୍ୟାଳୟରେ କମ୍ ଉପସ୍ଥାନ ଥିବାରୁ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିବା ଦର୍ଶାଯାଇଛି। ଏଥିଯୋଗୁ ପିଲାଙ୍କ ପାଠପଢ଼ାରେ ବାଧା ଉପୁଜିଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ନିକଟସ୍ଥ ତେଣ୍ଟୋଇ ଗ୍ରାମରେ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହା ନରଣପୁର ଓ କୁରିକ ଗ୍ରାମଠାରୁ ପ୍ରାୟ ୩ କିଲୋମିଟର ଦୂରରେ ରହିଛି। ଛୋଟ ପିଲାମାନଙ୍କୁ ପାଠପଢ଼ା ପାଇଁ ଏତେଦୂରକୁ ଛାଡିବା କଷ୍ଟକର ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟକୁ ପୁନର୍ବାର ଖୋଲିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ପୂର୍ବରୁ ଏହି ବ୍ଲକରେ ଉପସ୍ଥାପନ କମ୍ ଥିବା ଦର୍ଶାଯାଇ ୩୦ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଥିବା ବେଳେ ୮ଟି ବନ୍ଦ କରିଦିଆଯାଇଛି। ବିଦ୍ୟାଳୟ ବନ୍ଦ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତ କୁହନ୍ତି, ସରକାରଙ୍କ ନିୟମାନୁସାରେ ଉପସ୍ଥାନ କମ୍ ଥିବା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରାଯାଇଛି। ଏହି ବିଦ୍ୟାଳୟରେ ଯଦି ଉପସ୍ଥାନ ଅଧିକ ରହିଥିବ ତେବେ ପୁନର୍ବାର ଖୋଲିବା ପାଇଁ ଚେଷ୍ଟା କରାଯିବ।


ନରଣପୁର ପ୍ରାଥମିକ ବିଦ୍ୟାଳୟ ।

## ସଂକ୍ଷେପରେ

### ବଡରାଧାକାନ୍ତ ମଠ ପରିଚାଳନା କମିଟି ଗଠିତ

ପାରଳାଖେମୁଣ୍ଡି,୨୭।୬(ଡି.ଏନ୍.ଏ.)
ପାରଳାଖେମୁଣ୍ଡିଠାରେ ଥିବା ବଡରାଧାକାନ୍ତ ମଠ ପରିଚାଳନା କମିଟି ଗଠିତ ହୋଇଛି। ଏଥିଲାଗି ଆୟୋଜିତ ବୈଠକରେ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ପ୍ରଶାସକ, ସାଧୁ ବୈଷ୍ଣବ, ଭକ୍ତ ଶିଷ୍ୟ ତଥା ସାଧାରଣ ଜନତା ଯୋଗ ଦେଇଥିଲେ। ବଡରାଧାକାନ୍ତ ମଠ ଅଧିକାରୀ ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟର ବାବା ଯଶୋଦାନନ୍ଦନ ଦାସଙ୍କ ପ୍ରତି ଓଡିଶା ଦେବୋତ୍ତର ବିଭାଗର ଅବିଚାର ତଥା ବାବା ଶ୍ରୀଯଶୋଦାନନ୍ଦନ ଦାସଙ୍କ ବୃନ୍ଦାବନ ଗମନ ଯୋଗୁ ମଠ ପରିଚାଳନାରେ ଦେଖାଦେଇଥିବା ବିଶୃଙ୍ଖଳାର ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। ପୂର୍ବତନ ମଠାଧିକାରୀ ବାବା ଯଶୋଦାନନ୍ଦନ ଦାସ ଗୌଡୀୟ ବୈଷ୍ଣବ ଦର୍ଶନ ଓ ପରମ୍ପରା ବାର୍ତ୍ତାବହ। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୧୩/୧୪ ବର୍ଷ ମଧ୍ୟରେ ମନ୍ଦିରର ଉନ୍ନତି ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ତାଙ୍କ ଅନୁପସ୍ଥିତରେ ଠାକୁରଙ୍କ ଦେବନୀତି, ପରିଚାଳନା ନିମନ୍ତେ ସର୍ବସମ୍ମତିକ୍ରମେ ସ୍ଥାନୀୟ ଜନତାଙ୍କ ମଧ୍ୟରୁ ସମସ୍ତ ବର୍ଗର ଲୋକଙ୍କୁ ନେଇ ୯ଜଣିଆ କମିଟି ଗଠନ କରାଯାଇଥିଲା। ନିର୍ବାଚିତ ସଦସ୍ୟମାନେ ହେଲେ ସେବା ନିବୃତ୍ତ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ ସାନ୍ତନୁ କୁମାର ଆଚାର୍ଯ୍ୟ, ସଂକୀର୍ତ୍ତନ ଗୁରୁ ରାମକୃଷ୍ଣ ପାତ୍ର, ଅବସର ପ୍ରାପ୍ତ ପ୍ରଧାପକ ଏମ୍.ଶିବରାମ କ୍ରିଷ୍ଣା, ସମାଜିକ କର୍ମୀ ଦେବେନ୍ଦ୍ର କୁମାର ସାହୁ, ପୂଜାପଣ୍ଡା ନୃସିଂହ ପ୍ରସାଦ ପଣ୍ଡା, ବୁଦ୍ଧିଜୀବୀ ଗୋକୁଳା ନନ୍ଦ ସାହୁ, ବଂଶାନୁକ୍ରମିକ ମଠାଧିକାରୀ ଦ୍ୱାରକାନାଥ ଅଧିକାରୀ, ଶିଷ୍ୟ ଦେବେନ୍ଦ୍ର କୁମାର ପାଢୀ। ବୈଠକରେ ବଡରାଧାକାନ୍ତ ମଠରେ ଦେବନୀତି, ଯାନିଯାତ୍ରାଦିର ସୁପରିଚାଳନା ପାଇଁ ପାରଳାଖେମୁଣ୍ଡିର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି କମିଟି ଚୟନ ଓ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଯେହେତୁ ଏହି ମଠ ଏକ ଐତିହାସିକ ଗୁରପୀଠ, ତାହାର ସୁପରିଚାଳନା ତଥା ଗୌଡୀୟ ବୈଷ୍ଣବ ଦର୍ଶନ ଓ ପରମ୍ପରାର ରକ୍ଷା ନିମନ୍ତେ କମିଟି ଗଠନ କରାଯାଇଥିବାର ସୂଚନା ଦିଆଯାଇଛି।

### ୪୪୭କେଜି ଗଞ୍ଜେଇ ଜବତ, ୨ ଗିରଫ

ପାରଳାଖେମୁଣ୍ଡି,୨୭।୬(ଡି.ଏନ୍.ଏ.)– ଗଜପତି ଜିଲା ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ପୋଲିସ ବିଭିନ୍ନ ସମୟରେ ପଇଁତରା ମାରୁଛି। ସୋମବାର ଗାରବନ୍ଧ ଥାନାଧିକାରୀ ସର୍ବେଶ୍ୱର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଏସଆଇ ପଞ୍ଚାନନ ବେହେରାଙ୍କ ସହ ଏକ ଟିମ କିଞ୍ଜିଲିଙ୍ଗି–ଲାଟିଗାଁ–କଇଁପୁର ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ୪୦୭କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ଚାଲାଣ ହେଉଥିବାର ଜଣାପଡିଥିଲା। ତାହାକୁ ଓଜନ କରିବା ପରେ ୪୪୭କେଜି ୩୦୦ ଗ୍ରାମ ଗଞ୍ଜେଇ ବୋଲି ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ ମିନିଟ୍ରକ ଚାଳକ ଆର୍.ଉଦୟଗିରି ଥାନା କେଉଙ୍ଗପଡା ଗ୍ରାମର ପ୍ରଶାନ୍ତ ରଇତ ଏବଂ ଆଡିଲିମ୍ବା ଗ୍ରାମର ଅଜୟ ବୀରଙ୍କୁ ପୋଲିସ ଗିରଫ କରିଛି। ଏଥିସହ ମିନିଟ୍ରକକୁ ବାଟ କଢେଇ ନେଉଥିବା ବାଇକକୁ ମଧ୍ୟ ଜବତ କରାଯାଇଛି। ଗଞ୍ଜେଇ ଆର୍.ଉଦୟଗିରି ଥାନା ଅନ୍ତର୍ଗତ ଅନୁସାଇ ଗ୍ରାମରୁ ବିହାରକୁ ଚାଲାଣ ହେଉଥିବାର ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଏ ନେଇ ଗାରବନ୍ଧ ଥାନାରେ ନଂ.୫୪/୨୨ରେ ମାମଲା ରୁଜୁ କରାଯାଇଛି।

# କେନ୍ଦ୍ର ଯୁଗ୍ମ ସଚିବଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ



କେନ୍ଦ୍ର ଯୁଗ୍ମ ସଚିବ ରୂପା ମିଶ୍ରଙ୍କ ସହ ଅନ୍ୟମାନେ।

ପାରଳାଖେମୁଣ୍ଡି,୨୭।୬(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ହାଉସିଂ ଆଣ୍ଡ ଅର୍ବାନ ଆଫେୟାର୍ସବିଭାଗର ଯୁଗ୍ମସଚିବ ରୂପା ମିଶ୍ରଙ୍କ ୨ଦିନିଆ ଗଜପତି ଜିଲା ଗସ୍ତ ଶେଷ ହୋଇଛି। ଆକାଂକ୍ଷୀ ଜିଲା ଭାବେ ଗଜପତି ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି ଯୁଗ୍ମ ସଚିବ। ବିଶେଷକରି ଜଳ ସମ୍ପଦ ପରିଚାଳନା ଉପରେ ଜିଲାର ଜଳସେଚନ ତଥା ଜଳ ବିଭାଜିକା ଓ ଜଳଯୋଗାଣ କ୍ଷେତ୍ରର ପ୍ରଗତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲାର ଗୁମ୍ମା, କାଶୀନଗର ଓ ଗୋଷାଣୀ ଅଞ୍ଚଳ ପରିଦର୍ଶନ କରିବା ସହ ପାରଳାଖେମୁଣ୍ଡି ପୌର ପରିଷଦର ବିଭିନ୍ନ ଜଳ ସଂରକ୍ଷଣ ବ୍ୟବସ୍ଥା ବୁଲି ଦେଖିଥିଲେ। ଜିଲା ପରିଷଦ ସଭାଗୃହରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରି ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ୨ ଦିନିଆ ଗସ୍ତରେ ଯୁଗ୍ମ ସଚିବ ଗୁମ୍ମା ବ୍ଲକର ତରଙ୍ଗଡ଼ା ପଞ୍ଚାୟତର ଜୀବା ଗ୍ରାମାଞ୍ଚଳ ପରିଦର୍ଶନ କରି ଅମୃତ ସରୋବର ପ୍ରକଳ୍ପର ଚୟନ ହୋଇଥିବା ଜି.କୁର୍ଲଣ୍ଡାର ଖଜୁରିବନ୍ଧ ପରିଦର୍ଶନ କରିଥିଲେ। ଉକ୍ତ ଯୋଜନାରେ ଜବ୍‌କାର୍ଡ ହିତାଧିକାରୀଙ୍କୁ ପଚାରି ବୁଝିବା ସହ ଏମ୍‌ଜିଏନ୍‌ଆରଇଜିଏସ୍ କାମ କରୁଥିବା ହିତାଧିକାରୀଙ୍କୁ କେତେ ଟଙ୍କାର ପାରିଶ୍ରମିକ ମିଳୁଛି ତାହା ମଧ୍ୟ ପଚାରିଥିଲେ। ଉତ୍ତରରେ ହିତାଧିକାରୀମାନେ ୨୨୨ଟଙ୍କା ମିଳୁଥିବାର କହିଥିଲେ । ଏହାପରେ କାର୍ଯ୍ୟର ତ୍ୱରାନ୍ୱିତ ପ୍ରକ୍ରିୟା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଏହାପରେ ଶ୍ରୀମତୀ ମିଶ୍ର କ୍ଷୁଦ୍ର ଜଳସେଚନ ଜିଲା ଜଳ ସମ୍ପଦ ବିଭାଗ କାର୍ଯ୍ୟର ପରିଦର୍ଶନରେ ଯାଇଥିଲେ। କାର୍ଯ୍ୟର ବିବରଣୀ କ୍ଷୁଦ୍ର ଜଳସେଚନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ପଚାରି ବୁଝିଥିଲେ। ଏହି ପ୍ରକଳ୍ପ ଯୋଗୁ ଜି.କୁର୍ଲଣ୍ଡା, ଏସ୍.କୁର୍ଲଣ୍ଡା ସହ କାଶୀନଗର ବ୍ଲକର ବିଭିନ୍ନ ପଞ୍ଚାୟତ କୃଷି କାର୍ଯ୍ୟ ନିମନ୍ତେ ଉପକୃତ ହେବେ ବୋଲି କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ମିଶ୍ରଙ୍କୁ ପ୍ରକଳ୍ପର ବିବରଣୀ ଦେଖାଇଥିଲେ। ଆଜାଦୀ କା ଅମୃତ ମହୋତ୍ସବର କାର୍ଯ୍ୟକ୍ରମ ଅମୃତ ସରୋବରର କାର୍ଯ୍ୟ ପରିଦର୍ଶନ ନିମନ୍ତେ ମିଶ୍ର ଜୀବା ଗ୍ରାମପଞ୍ଚାୟତର ଅନୁକୁଣ୍ଡା ଗ୍ରାମର ବଡ଼ବନ୍ଧ ପରିଦର୍ଶନରେ ଯାଇଥିଲେ। ଯୁଗ୍ମ ସଚିବ କିପରି ଗ୍ରାମର ଜବ୍‌କାର୍ଡଧାରୀ ହିତାଧିକାରୀମାନେ କାମ ପାଇବେ ଏବଂ ସେହି ପୋଖରୀକୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଂଯୋଗକରି ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ବୁଝାଇଥିଲେ। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଏମ୍‌ଜିଏନ୍‌ଆରଜିଏସ୍ ଜିଲା ସଂଯୋଜିକା ରଶ୍ମିତା ଦାଶ, ଗୁମ୍ମା ବିଡିଓ ଭାସ୍କର ଚନ୍ଦ୍ର ସାହୁ, ଏପିଡି ଜ୍ୟୋତିରଞ୍ଜନ ଅଧିକାରୀ, କ୍ଷୁଦ୍ର ଜଳସେଚନ ବିଭାଗର ସୌମ୍ୟ ସୁଧାକର ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, ଅନୀତା ରଇତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବି

ହିଞ୍ଜିଳିକାଟୁ,୨୭।୬(ଡ଼ି.ଏନ୍.ଏ)

ଅଗ୍ନିପଥ ଯୋଜନାରେ ଅଗ୍ନିବୀର ନିଯୁକ୍ତିକୁ ବିରୋଧ ସହ ଏହା ପ୍ରତ୍ୟାହାର ଦାବି ନେଇ ସୋମବାର ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ରାଲି ଓ ସତ୍ୟାଗ୍ରହ ହୋଇଛି। ବିଧାନସଭା ନିର୍ବାଚନ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପୂର୍ତ୍ତ ଡ଼ାକ ବଙ୍ଗଳାରୁ ରାଲିରେ ବାହାରି ଅଗ୍ନିପଥ ଯୋଜନାକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର ଦାବି ନେଇ ସହର ପରିକ୍ରମା କରିଥିଲେ। ଆରଏମସି ନିକଟରେ ସତ୍ୟାଗ୍ରହ ହୋଇଥିଲା। ଏଥିରେ ହିଞ୍ଜିଳିକାଟୁ କଂଗ୍ରେସ ନଗର ସଭାପତି ସୁନାରାମ ସାବତ, ହିଞ୍ଜିଳିକାଟୁ ବ୍ଲକ ସଭାପତି ଶିବରାମ ପ୍ରଧାନ, ଶେରଗଡ଼ ବ୍ଲକ ସଭାପତି କୁନା ବିଶୋୟୀ, ଟିଙ୍ଗିରି ଗୌଡ଼, କିରଣ ଦାଶ ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ସାମିଲ ଥିଲେ।

# ଯାତ୍ରୀ ବିଶ୍ରାମାଗାର ସଫେଇ ଅଭିଯାନ

ବାଲିଗୁଡା,୨୭।୬(ଡି.ଏନ.ଏ.)

ୟୁଥ ୱାରିୟର ପକ୍ଷରୁ ରବିବାର ଟିକାବାଲି ବସଷ୍ଟାଣ୍ଡ ଓ ମେଡିକାଲ ଛକଠାରେ ଥିବା ଯାତ୍ରୀ ବିଶ୍ରାମଗାର ସଫେଇ କରାଯାଇଛି। ଅନେକ ଦିନରୁ ଏ ଗୁଡିକ ଆବର୍ଜନାମୟ ଓ ଅବ୍ୟବହୃତ ଅବସ୍ଥାରେ ଥିଲା। ଏହା ଭିତରେ ଅନେକ ଗୁଡ଼ିଏ ମଦକାଚ, ଗାଈ ଗୋବର, ପ୍ଲାଷ୍ଟିକ ବୋତଲ, ପାଣି ଜରି ଅନେକ ଦିନରୁ ପଡ଼ି ଅସନା ହୋଇ ରହିଥିଲା। ସନ୍ଧ୍ୟା ହେଲେ ଏହା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳି ପାଲଟିଥିଲା। ତେଣୁ ସନ୍ଧ୍ୟାପରେ ଏଠାରେ ମହିଳା ଓ ଭଦ୍ର ଲୋକମାନେ ନିଜକୁ ସୁରକ୍ଷିତ ମଣୁନଥିଲେ। ଏସବୁକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲାର ଅଗ୍ରଣୀ ଯୁବକ ସଂଘ ୟୁଥ ୱାରୀୟର ପକ୍ଷରୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲା। ଦିନେ ଦୁଇ ଦିନ ଭିତରେ ପଞ୍ଚାୟତ ତରଫରୁ ବାହାର ପାର୍ଶ୍ୱ ସଫେଇ କାର୍ଯ୍ୟ କରିବା ପାଇଁ ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କୁମାର କହଁର, ସରପଞ୍ଚ କୁନ୍ଦୁରୁ ମଲିକ, ଶିକ୍ଷକ ଅରବିନ୍ଦ ମହାପାତ୍ର, ପ୍ରମିଶ ଦିଗାଲ, ବିଶ୍ୱାଳ ନାୟକ, ଆଶୁତୋଷ ଦେହୁରୀ, କୁମୁଦ ଚନ୍ଦ୍ର ସାହୁ, ଗୋକୁଳ ଭୋଇ, ରାଜକିଶୋର ନାୟକ, ସଞ୍ଜୟ କହଁର, ଗୋବର୍ଦ୍ଧନ ନାୟକ, ରାଜା ପାତ୍ର, ସଦାନନ୍ଦ ଦିଗାଳ, ଭାଗବତ ସାହୁ, ସନ୍ତୋଷ ପଣ୍ଡାଙ୍କ ସମେତ ୟୁଥ ୱାରୀୟରର ପ୍ରମୁଖ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗକୁ ଏହିପରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସଙ୍ଗଠନର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଶିବିରରେ ଉପସ୍ଥିତ ଅତିଥି।

କବିସୂର୍ଯ୍ୟନଗର,୨୭।୬(ଡି.ଏନ.ଏ.)

କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲ ଠାରେ ସୋମବାର ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବିଡିଓ ବାସୁଦେବ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ୨୧ ପଞ୍ଚାୟତ ଓ ଏନ୍‌ଏସିରୁ ୧୫୦୦ ଊର୍ଦ୍ଧ୍ୱ ଭିନ୍ନକ୍ଷମ ୧୦ କାଉଣ୍ଟରରେ ନାମ ପଞ୍ଜୀକରଣ କରିଥିଲେ। ରାଶନ କାର୍ଡ, ଛାତ୍ରବୃତ୍ତି, ଗ୍ରାମ୍ୟ ଗୃହ ଯୋଜନା, ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର, ଟ୍ରାଇ ସାଇକେଲ, ଆୟ ପ୍ରମାଣପତ୍ର , ଜାତିଗତ ପ୍ରମାଣପତ୍ର ଆଦି ସହାୟତା ଲାଗି ଯୋଗ୍ୟ ହିତାଧିକାରୀଙ୍କ ନାମ ଚୟନ କରାଯାଇ ପ୍ରତି ସୋମବାରରେ ବ୍ଲକ ବୈଠକ ଗୃହରେ ପର୍ଯ୍ୟାୟକ୍ରମେ ବଣ୍ଟନ କରାଯିବ। ଏହାକୁ ଉଦ୍‌ଘାଟନ କରିଥିଲେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ। ଏହି ଅବସରରେ ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ ଓ ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏବିଡିଓ ନାରାୟଣ ବେହେରା ଓ ଦିବାକର ଶତପଥୀ ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଅଗ୍ନିପଥ ନିଯୁକ୍ତି ନିଷ୍ପତ୍ତି ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

ରାୟଗଡ଼(ଗଜପତି),୨୭।୬

ରାୟଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ନିଯୁକ୍ତି ନିଷ୍ପତ୍ତି ପ୍ରତିବାଦରେ ସୋମବାର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି। ବ୍ଲକ ସଭାପତି ଲବ ଶବରଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାର ପ୍ରତ୍ୟାହାର କରିବାକୁ ପ୍ରତିବାଦ କରିବା ସହ ଏହି ଯୋଜନାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।

# ରାଇମୋହନଙ୍କୁ ବାଲୁକାଶିଳ୍ପୀଙ୍କ ଶ୍ରଦ୍ଧାଞ୍ଜଳି

ଗଞ୍ଜାମ,୨୭।୬(ଡି.ଏନ.ଏ.)

ଓଡ଼ିଆ ଚଳଚ୍ଚିତ୍ର ଓ ଯାତ୍ରା ଜଗତର ସୁନାମଧନ୍ୟ ଖଳ ନାୟକ ରାଇମୋହନ ପରିଡାଙ୍କ ଉଦ୍ଦେଶ୍ୟରେ ବାଲୁକାଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ଉଦିୟମାନ ଯୁବ ବାଲୁକାଶିଳ୍ପୀ ଗଞ୍ଜାମ ବ୍ଲକ ଅନ୍ତର୍ଗତ କଣ୍ଟିଆଗଡ଼ ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ ବେଳାଭୂମିରେ ବାଲୁକାଶିଳ୍ପୀ ବାଲୁକା କଳା ମାଧ୍ୟମରେ ସ୍ୱର୍ଗତ ରାଇମୋହନଙ୍କ ମୁଖ ମଣ୍ଡଳ ପ୍ରତିକୃତି ନିର୍ମାଣ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଯାହାକୁ ନେଇ ବଟେଶ୍ୱର ବେଳାଭୂମିକୁ ଆସୁଥିବା ଶହ ଶହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ କରାଯାଇଛି। ଉଦିୟମାନ ଯୁବ ବାଲୁକାଶିଳ୍ପୀ ପ୍ରଧାନଙ୍କୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଛି।

# ମାଁ ଦଣ୍ଡକାଳୀ ମନ୍ଦିର ପ୍ରତିଷ୍ଠା ଲାଗି କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରାରେ ସାମିଲ ବହୁସଂଖ୍ୟକ ଶ୍ରଦ୍ଧାଳୁ।

ଦିଗପହଣ୍ଡି,୨୭।୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି. ତୁରୁବୁଡି ଗ୍ରାମରେ କରୁଣାମୟୀ ମାଁ ଦଣ୍ଡକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସୋମବାର ବହୁ ସଂଖ୍ୟକ ମହିଳା ପୁରୁଷ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ସାଗର ବନ୍ଧରେ ପଣ୍ଡିତ କହ୍ନେଇ ଶତପଥୀଙ୍କ ପୂଜାର୍ଚ୍ଚନା ପରେ ଗଙ୍ଗାମାତାଙ୍କୁ ଆବାହନ କରି ଜଳକଳସ ଅଣାଯାଇଥିଲା। ଏହି ସମୟରେ ବାଦ୍ୟ ବାଜଣା ଓ ମହିଳାଙ୍କ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ସମଗ୍ର ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଦୀର୍ଘ ୫ ଦିନ ଧରି ମାଁଙ୍କ ପୀଠରେ ବେଦଜ୍ଞ, କର୍ମ କାଣ୍ଡବିତ ତଥା ପଣ୍ଡିତମାନଙ୍କ ପୌରହିତ୍ୟର ପ୍ରତିଷ୍ଠା ଉତ୍ସବ ଏବଂ ନାମଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ ଆଦି ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାକୁ ଗ୍ରାମବାସୀଙ୍କ ସହଯୋଗରେ ସ୍ଥାନୀୟ ସରପଞ୍ଚ ବି.ଲିଙ୍ଗରାଜ ଦୋରା, ପୂର୍ବତନ ସରପଞ୍ଚ କୁରେଶୁ ସେଠୀ, ବି. ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ, ମିଟୁ ଚୌଧୁରୀ, ଆର୍.ନରସିଂହ ରେଡ୍ଡୀ, ଉତ୍ତମ ରେଡ୍ଡୀ, ଉପେନ୍ଦ୍ର ବେହେରା, ହରି ଗୌଡ଼, କାଳୁ ନାଇକ, ମନୋଜ ବିଷୋୟୀ, ମୁରଲୀ ସାହୁ, ବିକ୍ରମ ସାହୁ, ରାଜୀବ ରେଡ୍ଡୀ, ରଞ୍ଜୀତ ଗୌଡ଼, ପ୍ରକାଶ ବେହେରା, କେଶବ ଗୌଡ଼, ଦୀନବନ୍ଧୁ ରେଡ୍ଡୀ, ଅଜିତ ମହାପାତ୍ର, ସନ୍ତୋଷ ରେଡ୍ଡୀ, ନରସିଂହ ରେଡ୍ଡୀ, ହେମାନନ୍ଦ ରେଡ୍ଡୀ, ନାଗେଶୁ ରେଡ୍ଡୀ ପ୍ରମୁଖ ପରିଚାଳନା କରୁଥିବା ଜଣାପଡିଛି।

# ଜୀବିକା ମିଶନ ମହିଳାଙ୍କୁ ପ୍ରତାରଣା ଅଭିଯୋଗ



ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୋଦଳା,୨୭।୬: ଓଡ଼ିଶା ଜୀବିକା ମିଶନ ଅଧୀନ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘର ସଭାପତି ଓ ସମ୍ପାଦିକାମାନଙ୍କୁ ବେଆଇନ୍ ଭାବେ ଉପରିସ୍ଥ ଅଧିକାରୀ ଛଟେଇ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆଣିଛନ୍ତି ବେଗୁନିଆପଡା ବ୍ଲକ ଅନ୍ତର୍ଗତ କିଛି ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ସଂଘର ମହାସଂଘ ସଭାପତି ଓ ସମ୍ପାଦିକା। ପଞ୍ଚାୟତ ସ୍ତରରେ ଗଠନ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ଗୁଡିକର ସଭାପତି ଓ ସମ୍ପାଦିକା ପଦବୀ ଗୁଡିକ ୨ ବର୍ଷ ପରେ ବଦଳାଇ ପୂନର୍ବାର ସଭାପତି, ସମ୍ପାଦିକା ଚୟନ କରିବା ପାଇଁ ନିୟମ ରହିଛି। ଉକ୍ତ ସଭାପତି ଓ ସମ୍ପାଦିକାମାନେ ବିନା ପାରିଶ୍ରମିକରେ ସଂଘ ପାଇଁ କାର୍ଯ୍ୟ କରୁଛନ୍ତି। ତେବେ ନିକଟରେ ଏମାନଙ୍କ ପାଇଁ ୨ ହଜାର ଟଙ୍କା ମାସିକ ପ୍ରୋତ୍ସାହନ ରାଶି ଦେବାକୁ ସ୍ଥିର କରାଯାଇଛି। ଏହାକୁ ନେଇ ଏବେ ବିବାଦ ଦେଖାଦେଇଛି । ମହିଳା ଗୋଷ୍ଠୀର ମହାସଂଘ ସଭାପତି, ସମ୍ପାଦିକାମାନଙ୍କ କହିବା କଥା ଦୀର୍ଘ ୮ ବର୍ଷ ଧରି ସେମାନେ ଏହି ଦାୟିତ୍ୱ ବିନା ପାରିଶ୍ରମିକରେ ତୁଲାଇ ଆସୁଛନ୍ତି। ଯଦି ୨ ବର୍ଷକୁ ଥରେ ଏହି ପଦବୀ ବଦଳାଇବାକୁ ଆଇନ୍ ରହିଥିଲା ତେବେ ୮ ବର୍ଷ ଧରି ଆମକୁ ରଖିଥିଲେ କାହିଁକି। ଏବେ ଯଦି କିଛି ପାରିଶ୍ରମିକ ରାଶି ଦିଆଯିବ, ତେବେ ଆମକୁ ଏଥିରୁ ବଞ୍ଚିତ କରାଯାଉଛି କାହିଁକି। ଏଣୁ ଆଉ ୨ ବର୍ଷ ସେମାନଙ୍କୁ ଏହି ପଦବିରେ ରଖାଯିବାକୁ ଦାବି କରିଛନ୍ତି ବିଭିନ୍ନ ପଞ୍ଚାୟତର ମହିଳା ମହାସଂଘ ସଭାପତି ଓ ସମ୍ପାଦିକା। ଏ ନେଇ ଏକ ଦାବିପତ୍ର ବେଗୁନିଆପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୃଥକ୍ ଧାରଣା




କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ଭଞ୍ଜନଗର,୨୭।୬(ଡି.ଏନ.ଏ.)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଇଡି ଦ୍ୱାରା ପୂର୍ବତନ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କୁ ଆକ୍ରୋଶମୂଳକ ଭାବେ ହଇରାଣ କରୁଛନ୍ତି। ଏହାର ପ୍ରତିବାଦ ଓ ଅଗ୍ନିବୀର ଯୋଜନାକୁ ବିରୋଧ କରି ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦଣ୍ଡପାଣି ପାତ୍ରଙ୍କ ନେତୃତ୍ୱରେ ସୋମବାର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିରେ କଂଗ୍ରେସ ନେତା ବିରୂପାକ୍ଷ ଦାସ , ଯୁଧିଷ୍ଠିର ଗଉଡ , କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହପରି ଅନ୍ୟ ଏକ ଗୋଷ୍ଠୀ ପିସିସି ସଭ୍ୟ ଦେବୀ ବିଶୋଇଙ୍କ ନେତୃତ୍ୱରେ ମଧ୍ୟ ଅଲଗା ଆନ୍ଦୋଳନ କରିଥିଲେ। ଏଠାରେ ନଗର କଂଗ୍ରେସ ସଭାପତି ସୁକାନ୍ତ ଦିଗାଲ, ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ଗୋଷ୍ଠୀ ପୃଥକ ଆନ୍ଦୋଳନ କରିବାକୁ ନେଇ ଭଞ୍ଜନଗର କଂଗ୍ରେସ ରାଜନୀତି ଚଳଚଞ୍ଚଳ ହୋଇପଡିଛି। ଦଣ୍ଡପାଣିଙ୍କ ବିରୋଧରେ ଲାଗୁ ହୋଇଥିବା ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇନାହିଁ। ତେଣୁ ତାଙ୍କଠାରୁ ଅଲଗା ଆନ୍ଦୋଳନ କଲୁ ବୋଲି ଦେବୀ କହିଛନ୍ତି। ଅପରପକ୍ଷେ ଦଣ୍ଡପାଣିଙ୍କ ସମର୍ଥକ କହିଛନ୍ତି, ଆମ ନେତା ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଆଲୋଚନା କରି ଏହି ଆନ୍ଦୋଳନ କରୁଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ଦଳ ପୂର୍ବ ଗୌରବ କିଭଳି ଫେରି ପାଇବ ସେଥିପାଇଁ ପଦକ୍ଷେପ ନିଆଯାଉଛି।

# ଗିରଫ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୭।୬(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ କେ.ନୂଆଗାଁ ଥାନା ଦେଖାଳି ଗ୍ରାମର ବିକାଶ ବେହେରାଙ୍କୁ ସୋମବାର ମାମଲା ନଂ.୧୯୭/୨୨ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଦିଗପହଣ୍ଡି ବ୍ଲକ ଦେଓଖାଳି ଛକ ନିକଟ ଚକିପଡ଼ା ଗ୍ରାମ ନିକଟରୁ ଅଭିଯୁକ୍ତ ବିକାଶ ଏବଂ ତାଙ୍କ ଅନ୍ୟ ସହଯୋଗୀମାନେ ଗତ ୫ ତାରିଖରେ ଡକାୟତି ଉଦ୍ଦେଶ୍ୟରେ ଝାଡ଼ଖଣ୍ଡର ୨ ଅଣ ଓଡ଼ିଆ ଯୁବକଙ୍କୁ କୌଶଳ କ୍ରମେ ନିକଟସ୍ଥ ଜଙ୍ଗଲକୁ ନେଇ ତାଙ୍କ କାର ନଂ. (ଜେ ହେଚ ୦୧ ଡି ଭି –୪୫୧୧) ଓ ୩ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏନେଇ ଝାଡ଼ଖଣ୍ଡ ରାଞ୍ଚି ଜିଲା ଛୁଟିଆ ଥାନା ଉପର ଛୁଟିଆ ଗ୍ରାମର ନରେଶ ସାହୁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ

### ଦିଗପହଣ୍ଡିରେ ୨ ଅଣଓଡ଼ିଆଙ୍କୁ ଅପହରଣ ପରେ ଲୁଟ୍ ମାମଲା

ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଏକ କାର ଏବଂ ନଗଦ ପ୍ରାୟ ୧ ଲକ୍ଷ ଟଙ୍କା ଜବତ କରିବାରେ ସଫଳ ହୋଇଥିଲା। ପୂର୍ବରୁ ଏହି ମାମଲାରେ ପୋଲିସ ଦେଖାଳି ଗ୍ରାମର କୁନା ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଥିଲେ। ପୋଲିସ ସୂଚନା ପ୍ରକାରେ, ନରେଶ ଏବଂ ତାଙ୍କ ସାଙ୍ଗ ଝାଡ଼ଖଣ୍ଡ ରାଞ୍ଚି ଜିଲା ଆର୍ଗୋରା ଥାନା ହରମୁଆନନ୍ଦପୁରୀ ଛକର କୃଷ୍ଣ କୁମାର ଭୁବନେଶ୍ୱରରୁ ଗୁଣପୁର ଯିବାପାଇଁ ବାହାରିଥିଲେ। ଉଭୟେ ଦିଗପହଣ୍ଡି ଦେଇ ଗୁଣପୁର ଭାୟା ଟିକିଟି ଯାଉଥିବା ବେଳେ ଚକିପଡ଼ା ଗ୍ରାମ ନିକଟ ଦେଓଖାଳି ଛକରେ ଚା ପିଇବାକୁ ଅଟକି ଥିଲେ। ଏହି ସମୟରେ ୮/୧୦ ଯୁବକ ଉଭୟଙ୍କୁ ଗଞ୍ଜେଇ ବ୍ୟବସାୟୀ ବୋଲି ସନ୍ଦେହ କରି ତାଙ୍କ କାରକୁ ଘେରି ଯାଇଥିଲେ। ଜଣେ ଯୁବକ ତାଙ୍କୁ ଛୁରି ଦେଖାଇ ଦେଓଖାଳି – ପେଣ୍ଡୁରାବାଡି ନିଛାଟିଆ ରାସ୍ତା ନିକଟସ୍ଥ କାଳେଶ୍ୱର ଶୈବପୀଠ ଦେଇ ଗ୍ରାମ୍ୟ ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲେ। ପରେ ସେଠାରେ ଉଭୟଙ୍କୁ ମାଡ଼ ମାରି ଧମକ ଦେଇ ସେମାନଙ୍କ ନିକଟରେ ଥିବା ଏଟିଏମ କାର୍ଡ ଛଡାଇ ନେଇଥିଲେ। ପରେ ପିନ ନଂ କହିବାକୁ ବାଧ୍ୟକରି ପ୍ରଥମ ପର୍ଯ୍ୟାୟରେ ୧୭ ହଜାର ଟଙ୍କା ନିକଟସ୍ଥ ଏଟିଏମରୁ ଉଠାଣ କରିଥିଲେ। ୨ ୟ ପର୍ଯ୍ୟାୟରେ ୩୩ ହଜାର ଟଙ୍କା ଏକ ମୋବାଇଲ ନଂକୁ ଟ୍ରାନସଫର କରି ଦେଇଥିଲେ। ଏଭଳି ଭାବେ ଉଭୟଙ୍କ ପରିବାର ଲୋକ ଏବଂ ସାଙ୍ଗ ସାଥିଙ୍କୁ ଅପହରଣ ସମ୍ପର୍କରେ ସୂଚନା ଦେଇ ଡକାୟତ ଗ୍ୟାଙ୍ଗର ସଦସ୍ୟ ମାନେ ସେମାନଙ୍କ ନିକଟରୁ ପ୍ରାୟ ୩ ଲକ୍ଷ ଟଙ୍କା ନେଟ ବ୍ୟାଙ୍କି ମାଧ୍ୟମରେ ନେଇଯିବା ପରେ କାର୍‌ଟିକୁ ମଧ୍ୟ ଛଡାଇ ରଖିଥିଲେ। ଆହୁରି ୧ ଲକ୍ଷ ଟଙ୍କା ଦେଲେ କାରକୁ ଦିଆଯିବ ବୋଲି ସେମାନେ ଉଭୟଙ୍କୁ ଶୁଣାଇଥିଲେ। ପରେ ୨ବାଇକରେ ଉଭୟଙ୍କୁ ବସାଇ ଡକାୟତମାନେ ବ୍ରହ୍ମପୁର ନେଇ ସେମାନଙ୍କୁ ୬୫୦୦ ଟଙ୍କା ଦେଇ ତୁରନ୍ତ ବ୍ରହ୍ମପୁର ଛାଡି ଚାଲିଯିବାକୁ ଧମକ ଦେଇ ଚମ୍ପଟ ମାରିଥିଲେ। ଉଭୟେ ଭୟଭୀତ ଅବସ୍ଥାରେ ଭୁବନେଶ୍ୱରରେ ପହଞ୍ଚି ସେମାନଙ୍କ ପରିବାର ଲୋକ ଏବଂ ସାଙ୍ଗସାଥି ମାନଙ୍କୁ ଜଣାଇଥିଲେ। ପରେ ବ୍ରହ୍ମପୁର ଆସି ଏସ୍‌ପି ଶ୍ରବଣ ବିବେକ ଏମଙ୍କୁ ସାକ୍ଷାତ କରି ସମସ୍ତ ଘଟଣା କହିଥିଲେ। ଏସ୍‌ପିଙ୍କ ସୁପାରିଶ କ୍ରମେ ନରେଶ ପରିବାର ଲୋକଙ୍କ ସହ ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

**ସେନ୍‌ସେକ୍ସ ୪୩୩ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ଗତ ସପ୍ତାହର ଲଗାତାର ହ୍ରାସ ପରେ ଚଳିତ ସପ୍ତାହର ପ୍ରଥମ କାରବାର ଦିବସ ଅର୍ଥାତ୍ ସୋମବାର ଭାରତୀୟ ପୁଞ୍ଜି ବଜାରରେ ଲାଭ ଦେଖିବାକୁ ମିଳିଛି। ସେନ୍‌ସେକ୍ସରେ ୪୩୩ (୦.୮୨%) ଏବଂ ନିଫ୍ଟିରେ ୧୩୩ (୦.୮୫%) ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୩,୧୬୧ ଏବଂ ନିଫ୍ଟି ୧୫,୮୩୨ ଇଣ୍ଡେକ୍ସ ପାଖାପାଖି ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୨୩୧୧ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୦୩୦ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ସୋମବାରର ଟପ୍ ଗେନର୍ସ ତାଲିକାରେ ଏଚ୍‌ସିଏଲ୍ ଟେକ୍, କୋଲ୍ ଇଣ୍ଡିଆ, ଟେକ୍ ମହିନ୍ଦ୍ରା, ଲାର୍ସେନ ଆଣ୍ଡ ଟୁବ୍ରୋ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଆପୋଲୋ ହସ୍ପିଟାଲ୍, ଆଇଚର ମୋଟର୍ସ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍, ଏଚ୍‌ଡିଏଫ୍‌ସି ଲାଇଫ୍ ରହିଛନ୍ତି।

## ସଂକ୍ଷେପରେ

### ୫ ବିଲିୟନ ଡଲାର କାରବାର କରିବ ଜେଟ୍ ଏୟାରୱେଜ୍

**ନୂଆଦିଲ୍ଲୀ, ୨୭।୬:** ଏୟାରବସ୍ ଏସ୍‌ଇକୁ ଜେଟ୍ ଏୟାରକ୍ରାଫ୍ଟ ନିର୍ମାଣ ପାଇଁ ଏୟାରୱେଜ୍ ପକ୍ଷରୁ ୫.୫ ବିଲିୟନ ଡଲାରର ଡିଲ୍ ମିଳିପାରେ। ତେବେ ବର୍ତ୍ତମାନ ସୁଦ୍ଧା ଏ ମାମଲାରେ କୌଣସି ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ। ଜେଟ୍ ଏୟାରୱେଜ୍ ପକ୍ଷରୁ ଏୟାରବସ୍ ଏସ୍‌ଇ ସହିତ ଏ୩୨୦ନିଓ ଏବଂ ଏ୨୨୦ ପ୍ଲେନ୍ କ୍ରୟକୁ ନେଇ ଆଲୋଚନା ଜାରି ରହିଛି। ଏୟାରବସ୍ ଏସ୍‌ଇ ଛଡ଼ା ଅମ୍ବର ଏସ୍‌ଏ ସହିତ ମଧ କମ୍ପାନୀ ପକ୍ଷରୁ କାରବାର ନେଇ ଆଲୋଚନା ଜାରି ରହିଛି। ତେବେ ଜେଟ୍ ଏୟାରୱେଜ୍ ପକ୍ଷରୁ ସୋମବାର ଦିଆଯାଇଥିବା ସୂଚନା ଅନୁସାରେ, କାରବାର ସମ୍ପର୍କିତ ଡିଲ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନାଯୋଗ୍ୟ, ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜ୍ ୨୦୧୯ ଏପ୍ରିଲ୍ ପରଠାରୁ ଉଡାଣ ବନ୍ଦ ରଖିଥିଲା। ତେବେ ଜୁନ୍ ୨୦୨୧ରୁ ଏହା ମୁରାରୀଲାଲ୍ ଜଲାନ୍ ଏବଂ କାର୍‌ଲକ କନ୍‌ସୋର୍ଟିୟମ୍ ଅଧୀନକୁ ଆସିଥିଲା।

### ଗିଗ୍ କର୍ମଚାରୀଙ୍କ ସଂଖ୍ୟା ୨.୩୫ କୋଟି ଛୁଇଁବ

**ନୂଆଦିଲ୍ଲୀ,୨୭।୬:** ନିର୍ଦ୍ଧାରିତ ଅବଧି ପାଇଁ ସୁନିଶ୍ଚିତ ପ୍ରାପ୍ୟ ଉପରେ କାର୍ଯ୍ୟ କରୁଥିବା ଇଣ୍ଡିପେଣ୍ଡେଣ୍ଟ କଣ୍ଟ୍ରାକ୍ଟର୍ସ, ଅନ୍‌ଲାଇନ ପ୍ଲାଟ୍‌ଫର୍ମ ୱାର୍କର୍ସ, କଣ୍ଟ୍ରାକ୍ଟ ଫାର୍ମ ୱାର୍କର୍ସଙ୍କ ଭଳି 'ଗିଗ୍' କର୍ମଚାରୀଙ୍କ ସଂଖ୍ୟା ଦେଶରେ ୨୦୨୯-୩୦ ସୁଦ୍ଧା ବୃଦ୍ଧି ପାଇ ୨.୩୫ କୋଟିରେ ପହଞ୍ଚିବା ନେଇ ଆଶା କରାଯାଉଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଏହି ସଂଖ୍ୟା ୭୭ ଲକ୍ଷ ରହିଥିଲା। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଏନ୍‌ଆଇଟିଆଇ) ଆୟୋଗ ଦ୍ୱାରା ସୋମବାର ପ୍ରକାଶିତ ରିପୋର୍ଟରେ ଏହା ଆକଳନ କରାଯାଇଛି। ଏହି ତଥ୍ୟରେ ସାମୟିକ ସମୟ ପାଇଁ କାର୍ଯ୍ୟ କରୁଥିବା ଗିଗ୍ କର୍ମଚାରୀ ଏବଂ ତାଙ୍କ ପରିବାର ପାଇଁ ସାମାଜିକ ସୁରକ୍ଷା ବଢ଼ାଇବା ସକାଶେ ସୁପାରିସ କରାଯାଇଛି।

# ୟୁପିଆଇରେ ୯.୩୬ ବିଲିୟନ୍ କାରବାର

**ନୂଆଦିଲ୍ଲୀ,୨୭।୬**

**ସର୍ବାଧିକ ବ୍ୟବହୃତ ୟୁପିଆଇ ଆପ୍ସ ମଧରେ ଫୋନ୍‌ପେ, ଗୁଗୁଲ୍ ପେ, ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ୍ ଆପ୍, ଆମାଜନ୍ ପେ**




ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ବିଭିନ୍ନ ପେମେଣ୍ଟ ମୋଡ୍ ମାଧ୍ୟମରେ ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ତ୍ରୈମାସ ଅର୍ଥାତ୍ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଭାରତ ୯.୩୬ ବିଲିୟନ୍ ଟ୍ରାଞ୍ଜାକ୍ସନରେ ୧୦.୨୫ ଟ୍ରିଲିୟନ୍ ଟଙ୍କା କାରବାର କରିଥିବା ସୋମବାର ପ୍ରକାଶିତ ନୂତନ ରିପୋର୍ଟରୁ ସୂଚନା ମିଳିଛି। ପେମେଣ୍ଟ ଇଣ୍ଡଷ୍ଟ୍ରୀର ବୈଶ୍ୱିକ ଅଗ୍ରଣୀ 'ୱାର୍ଲ୍ଡଲାଇନ୍'ର ତଥ୍ୟ ଅନୁସାରେ, ପିଟୁଏମ୍ (ପର୍ସନ୍ ଟୁ ମର୍ଚ୍ଚାଣ୍ଟ) କାରବାର ଉପଭୋକ୍ତାଙ୍କ ମଧ୍ୟରେ ସମସ୍ତଙ୍କ ପସନ୍ଦର ପେମେଣ୍ଟ ମୋଡ୍ ପାଲଟିଛି। ଏହାର ବଜାରରେ ଅଂଶଗ୍ରହଣ ୬୪% ଥିବା ବେଳେ ମୂଲ୍ୟ ମାମଲାରେ ୫୦% ରହିଛି। ଚଳିତବର୍ଷ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ୟୁପିଆଇ ୨୬.୨୯ ଟ୍ରିଲିୟନ ଟଙ୍କାର ମୋଟ ୧୪.୫୫ ବିଲିୟନ୍ କାରବାର କରିଛି। ପୂର୍ବ ବର୍ଷ ତୁଳନାରେ ୟୁପିଆଇ କାରବାର ହ୍ରାସ ପ୍ରାୟ ଦୁଇଗୁଣା ବୃଦ୍ଧିପାଇଛି। ଏହାଛଡ଼ା କ୍ୟାଲେଣ୍ଡର୍ ବର୍ଷ ୨୦୨୧ର ସମାନ ଅବଧିଠାରୁ ଏହି ୟୁପିଆଇ କାରବାର ୯୦% ବୃଦ୍ଧି ପାଇଛି। ଚଳିତ ବର୍ଷର ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଭଲ୍ୟୁମ୍‌ମାନଲାରେ ସବୁଠାରୁ ଅଧିକ ବ୍ୟବହାର ହେଉଥିବା ୟୁପିଆଇ ଆପ୍ ମଧ୍ୟରେ ଫୋନ୍‌ପେ, ଗୁଗୁଲ୍ ପେ, ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ୍ ଆପ୍, ଆମାଜନ୍ ପେ, ଆକ୍ସିସ୍ ବ୍ୟାଙ୍କ୍ ରହିଥିବା ବେଳେ ଟପ୍ ପିଏସ୍‌ପି ୟୁପିଆଇ ପ୍ଲେୟର ମଧ୍ୟରେ ୟେସ୍ ବ୍ୟାଙ୍କ୍, ଆକ୍ସିସ୍ ବ୍ୟାଙ୍କ୍, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଏବଂ ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ରହିଛନ୍ତି। ଏହି ଅବଧି ମଧ୍ୟରେ ୟୁପିଆଇ ଆପ୍ସଗୁଡ଼ିକ ମଧ୍ୟରେ ଫୋନ୍ ପେ, ଗୁଗୁଲ୍ ପେ ଏବଂ ପେଟିଏମ୍‌ର କାରବାର ଭଲ୍ୟୁମ୍ ମୋଟ୍ ଭଲ୍ୟୁମ୍‌ର ୯୪.୮% ରହିଥିବା ବେଳେ ମୋଟ୍ ଭାଲ୍ୟୁର ୯୩% ରହିଛି। ଜାନୁୟାରୀ-ମାର୍ଚ୍ଚ ସୁଦ୍ଧା ୟୁପିଆଇ ପିଟିପି (ପିୟର-ଟୁ-ପିୟର) ହାରାହାରି ଟିକସ ଆକାର(ଏଟିଏସ୍) ୨୪୫୫ ଟଙ୍କା ଏବଂ ପିଟୁଏମ୍ କାରବାର ୮୬୦ ଟଙ୍କା ରହିଥିଲା। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୟୁପିଆଇ କ୍ୟୁଆର୍ ସଂଖ୍ୟା ୧୭୨,୭୩ ମିଲିୟନ ଥିବାବେଳେ ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ଏହା ୮୭% ବୃଦ୍ଧି ପାଇଛି।

## ରାଜ୍ୟପାଳଙ୍କୁ ଭେଟିଲେ ଏସ୍‌ବିଆଇ ସିଜିଏମ୍



**ଭୁବନେଶ୍ୱର,୨୭।୬**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଚନ୍ଦ୍ରଶେଖର ଶର୍ମା ସୋମବାର ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ସ୍ଥାନୀୟ ରାଜଭବନଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ପରିବାର ପକ୍ଷରୁ ଶର୍ମା ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି। ବିଶେଷକରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ବ୍ୟାଙ୍କ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇବାର ଦୃଢ଼ ପ୍ରତିଶ୍ରୁତି ଶର୍ମା ପ୍ରଫେସର ଲାଲଙ୍କୁ ଦେଇଛନ୍ତି। ସେହିଭଳି ଓଡ଼ିଶାରେ ଏସ୍‌ବିଆଇ ଲୋକଙ୍କର ପ୍ରଥମ ପସନ୍ଦ ବ୍ୟାଙ୍କ ମାନ୍ୟତା ବଜାୟ ରଖିବା ସହ ଆଗାମୀ ଦିନରେ ସବୁ ବର୍ଗଙ୍କୁ ଉନ୍ନତ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ ସେ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

# ନିୟୁ ସ୍ପ୍ଲେଣ୍ଡର ପ୍ଲସ୍ ଏକ୍ସଟେକ୍ ଉନ୍ମୋଚିତ

**କଟକ,୨୭।୬**




ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନିୟୁ ସ୍ପ୍ଲେଣ୍ଡର ପ୍ଲସ୍ ଏକ୍ସଟେକ୍ ନିକଟରେ ବଜାର ପ୍ରବେଶ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା କଟକର ପ୍ରମୁଖ ଅଟୋ ଶୋ'ରୁମ 'ଜେଏମ୍‌ଜି ଅଟୋମୋବାଇଲ' ପରିସରରେ ସୋମବାର ହିରୋର ଉକ୍ତ ମଡେଲ ଉନ୍ମୋଚନ ହୋଇଯାଇଛି। ଉକ୍ତ ଉତ୍ସବରେ ଜେଏମ୍‌ଜି ଅଟୋମୋବାଇଲ୍‌ର ଏମ୍‌ଡି ପ୍ରଦୀପ ଅଗ୍ରୱାଲ୍‌ଙ୍କ ସମେତ ଶୋ'ରୁମର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଗ୍ରାହକ ଉପସ୍ଥିତ ଥିଲେ।

ହିରୋର ଉକ୍ତ ମଡେଲରେ ପୂର୍ଣ୍ଣ ଡିଜିଟାଲ୍ ମିଟର, ରିୟଲ ଟାଇମ୍ ଇଣ୍ଡିକେଟର, ବ୍ଲୁଟୁଥ୍ ସଂଯୋଗ ସହ କଲ୍ ଏବଂ ଏସ୍‌ଏମ୍‌ଏସ୍ ଆଲର୍ଟ ଭଳି ସୁବିଧା ଉପଲବ୍ଧ। ସେହିଭଳି ଏଲ୍‌ଇଡି ହାଇ ଇନ୍‌ଟେନ୍‌ସିଟି ପୋଜିସନ୍ ଲ୍ୟାମ୍ପ, ୟୁଏସ୍‌ବି ମୋବାଇଲ୍ ଚାର୍ଜର, ସାଇଡ୍ ଷ୍ଟାଣ୍ଡ ଇଞ୍ଜିନ୍ କଟ୍ ଅଫ୍ ଭଳି ନୂତନ ଫିଚରମାନ ସଂଯୋଗ ରହିଛି। ଅପରପକ୍ଷରେ ଜେଏମ୍‌ଜି ଅଟୋମୋବାଇଲ୍ସ ହେଉଛି ହିରୋ ଟୁ-ହ୍ୱିଲର ବୃହତ୍ ଡିଲର। ଏହା ବାର୍ଷିକ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଟୁ-ହ୍ୱିଲର ବିକ୍ରି କରୁଛି। ସେହିଭଳି ସ୍ଥାନୀୟ ପ୍ରଫେସରପଡ଼ାଠାରେ ଅବସ୍ଥିତ ଏହାର ବୃହତ୍ ୱାର୍କଶପ୍‌ରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟୁ-ହ୍ୱିଲର ସର୍ଭିସିଂ କରାଯାଇଥାଏ। ଗ୍ରାହକ ସେବାକୁ ପ୍ରାଧାନ୍ୟ ଦେବା ସହ ବିକ୍ରି ପରବର୍ତ୍ତୀ ସେବାକୁ ହିରୋ ମଧ୍ୟ ଗୁରୁତ୍ୱ ଦେଇଥାଏ।

## ଅନ୍‌ଲାଇନ୍ ଗେମ୍ ଉପରେ ୨୮% ଜିଏସ୍‌ଟି ଲାଗିପାରେ

**ନୂଆଦିଲ୍ଲୀ,୨୭।୬**

ଅନ୍‌ଲାଇନ୍ ଗେମ୍, ଘୋଡ଼ାଦୌଡ଼ ଏବଂ କ୍ୟାସିନୋରେ ପଇସା ଲାଗିବା ବର୍ତ୍ତମାନ ଖେଳାଳିଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ମଙ୍ଗଳବାର ଏବଂ ବୁଧବାର ଚଣ୍ଡୀଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ (ଜିଏସ୍‌ଟି) ବୈଠକରେ ଏନେଇ ବଡ଼ ନିଷ୍ପତ୍ତି ନିଆଯାଇପାରେ। ଜିଏସ୍‌ଟିର ସର୍ବୋଚ୍ଚ ସଂସ୍ଥା ଜିଏସ୍‌ଟି କାଉନ୍‌ସିଲ୍‌ର ଏହି ବୈଠକରେ ଅନ୍‌ଲାଇନ୍ ଗେମିଂ, ଘୋଡ଼ାଦୌଡ଼ ଏବଂ କ୍ୟାସିନୋ ଉପରେ ୨୮% ଜିଏସ୍‌ଟି ଲଗାଯିବାର ସମ୍ଭାବନା ଦେଖାଦେଇଛି। ଏଥିରେ ଖେଳରେ ଭାଗ ନେଉଥିବା ଖେଳାଳିଙ୍କ ଏଣ୍ଟ୍ରି ଫିଜ୍‌ରେ ମଧ୍ୟ ଜିଏସ୍‌ଟି ଲାଗୁ କରାଯିବା ସାମିଲ ରହିଛି।

## ପୁରସ୍କୃତ ହେଲେ ରଜ ରାଜକୁମାରୀ

**ଭୁବନେଶ୍ୱର,୨୭।୬**

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଗ୍ରୁପର ରିଟେଲ ଚେନ ଟ୍ରେଣ୍ଡ୍‌ସ ପକ୍ଷରୁ 'ଟ୍ରେଣ୍ଡ୍‌ସ ରଜ ରାଜକୁମାରୀ'ର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ନିକଟରେ ପୁରସ୍କୃତ କରାଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ ପକ୍ଷରୁ ଭୁବନେଶ୍ୱର ଜନପଥସ୍ଥିତ ଟ୍ରେଣ୍ଡ୍‌ସ ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ସ୍ୱତନ୍ତ୍ର ଭାବେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ କୃତୀ ପ୍ରତିଯୋଗୀ ଓ ଅତିଥି ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଯୋଗିତାର ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡର୍ ଅଭିନେତା ସମ୍ବିତ ଆଚାର୍ଯ୍ୟ ଓ ଶିବାନୀ ସଙ୍ଗୀତା ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଦୀର୍ଘ ୧୬ଦିନ ବ୍ୟାପୀ ଚାଲିଥିବା ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭାଗ ନେଇଥିଲେ। ସେହିଭଳି 'ରଜ ସେଲ୍ଫି ପ୍ରତିଯୋଗିତା'ରେ ଭୁବନେଶ୍ୱରର ଅର୍ପିତା ମହାପାତ୍ର ୧ମ ସ୍ଥାନ ଅଧିକାର କରିଥିବା ବେଳେ ସେମିଳିଗୁଡ଼ାର ସୋନାଲିନି ସ୍ୱାଇଁ ଓ ନବରଙ୍ଗପୁରର ବର୍ଷା ମହାନ୍ତି ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେହପରି '୧ ମିନିଟର ଶର୍ଟ ଭିଡିଓ କ୍ଲିପ୍' (ରିଲ୍ସ) ପ୍ରତିଯୋଗିତାରେ ପାରାଦୀପର ସାୟନ୍ତୀ ଚାଟାର୍ଜୀ ୧ମ, ଭୁବନେଶ୍ୱରର ନନ୍ଦିନୀ ରାୟ ୨ୟ ଏବଂ ଢେଙ୍କାନାଳର ସିମରନ୍ ୩ୟ ସ୍ଥାନ ଅଧିକାର କରିଥିଲେ। ଉପରୋକ୍ତ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଦର୍ଶକମାନେ ମଧ୍ୟ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ସହ ଆକର୍ଷଣୀୟ ଉପହାର ପାଇଥିଲେ। ପରିଶେଷରେ କିଛି ଦର୍ଶକ ମଧ୍ୟ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଫୁର୍‌ସତ୍



# ମା' ହେବେ ଆଲିଆ

**ମୁମ୍ବାଇ:** ବଲିଉଡ୍ ବୁଲ୍‌ବୁଲି ନାୟିକା ଆଲିଆ ଭଟ୍ଟ ମା' ହେବାକୁ ଯାଉଛନ୍ତି। ଏ ନେଇ ସୋମବାର ସେ ଇନ୍‌ଷ୍ଟାଗ୍ରାମରେ ଦୁଇଟି ଫଟୋ ଶେୟାର କରିଛନ୍ତି। ଫଟୋରେ ଆଲିଆ ହସ୍ପିଟାଲ ବେଡ୍‌ରେ ଶୋଇଥିବାବେଳେ ତାଙ୍କ ପାଖରେ ସ୍ୱାମୀ ରଣବୀର କପୁର ବସିଥିବାର ଦେଖିବାକୁ ମିଳିଛି। ଏଥିସହ ଅଲ୍‌ଟ୍ରାସାଉଣ୍ଡ ସ୍କ୍ରିନ୍ ମଧ୍ୟ ଫଟୋରେ ଦେଖାଯାଉଛି, ଯାହାକୁ ଆଲିଆ ଏକ ଲଭ୍ ଇମୋଜିରେ କଭର୍ କରିଦେଇଥିବା ଦେଖିବାକୁ ମିଳିଛି। 'ଆୱାର ବେବି.....କମିଙ୍ଗ୍ ସୁନ୍' ଫଟୋ କ୍ୟାପ୍ସନରେ ଲେଖିଛନ୍ତି ଆଲିଆ। ସିଂହ, ସିଂହୀ ଏବଂ ସେମାନଙ୍କ ଛୁଆର ଆଉ ଏକ ଫଟୋ ମଧ୍ୟ ନାୟିକା ଜଣଙ୍କ ଅପ୍‌ଲୋଡ୍ କରିଛନ୍ତି। ଏତେବଡ଼ ଖୁସି ଖବର ଭିତରେ କପୁର, ଭଟ୍ଟ ପରିବାରରେ ଖୁସିର ଲହରି ଖେଳିଯାଇଥିବାବେଳେ ବଲିଉଡ୍‌ର ବହୁ କଳାକାର ଏ ନେଇ ଆଲିଆଙ୍କୁ ଶୁଭକାମନା ଜଣାଇଛନ୍ତି। ଆଲିଆ ମା' ହେବା ନେଇ ବାପା ମହେଶ ଭଟ୍ଟ ଖୁସି ଥିବା କହିଛନ୍ତି। ସେହିପରି ନୀତୁ କପୁର ପୁଅ, ବୋହୂଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରଣବୀର ତାଙ୍କ ଶରୀରରେ କୌଣସି ଟାଟୁ ଆଙ୍କି ନ ଥିବାବେଳେ ସେ ତାଙ୍କ ପ୍ରଥମ ସନ୍ତାନର ନାଁର ଟାଟୁ ଜରିଆରେ ଆଙ୍କିବା କଥା କହିଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏପ୍ରିଲ ୧୪ରେ ବୈଦିକ ରୀତିନୀତିରେ ଆଲିଆ ଓ ରଣବୀର ବାହାହୋଇଥିଲେ। ପରିବାର ଓ କିଛି ଖାସ୍ ବନ୍ଧୁଙ୍କୁ ନେଇ ରଣବୀରଙ୍କ ଘରେ ଏହି ବାହାଘର ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷ ଦୁହେଁ ପରସ୍ପରକୁ ଡେଟ୍ କରିବା ପରେ ବାହାହେବା ପାଇଁ ନିଷ୍ପତ୍ତି ନେଇଥିଲେ। ରଣବୀର ଓ ଆଲିଆଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ବ୍ରହ୍ମାସ୍ତ୍ର' ସେପ୍ଟେମ୍ବର ୮ରେ ରିଲିଜ୍ ହେବାକୁ ଥିବାବେଳେ ବର୍ତ୍ତମାନ ଫିଲ୍ମର ପ୍ରମୋସନ୍ ଜାରି ରହିଛି।

# ପୋଲିସଙ୍କୁ ବୁଲ୍‌ଡୋଜରରେ ଆକ୍ରମଣ

**ୱାଶିଂଟନ**




ଆମେରିକା ଭରମୋଣ୍ଟରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ପୁଅକୁ ଗିରଫ କରିବା ପାଇଁ ଆସିଥିବା ପୋଲିସକୁ ବୁଲ୍‌ଡୋଜରରେ ଆକ୍ରମଣ କରିଛନ୍ତି ବାପା। ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ଚୋରି ମାମଲାରେ ଯୁବକଙ୍କୁ ଗିରଫ କରିବା ପାଇଁ ଦୁଇଗ୍ରୁପ୍ ପୋଲିସ ଭରମୋଣ୍ଟର ହାର୍ଡୱିକ୍‌ରେ ଥିବା ତାଙ୍କ ଘରେ ପହଞ୍ଚିଥିଲେ। ଯୁବକଙ୍କ ବାପା, ମା' ପୋଲିସକୁ ଅଟକାଇବା ପାଇଁ ବହୁ ଚେଷ୍ଟା କରିଥିଲେ। ଶେଷରେ ତାଙ୍କ ବାପା ବୁଲ୍‌ଡେକକକକାଜରରେ ପୋଲିସ ଉପରକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏ ଘଟଣା ସମ୍ପର୍କରେ ସୋସିଆଲ ମିଡିଆରେ ଜାରି ଭିଡିଓରେ ବ୍ୟକ୍ତି ଜଣଙ୍କ ବୁଲ୍‌ଡୋଜରର ବକେଟ ବୁଲାଇ ପୋଲିସମାନଙ୍କୁ ଆଘାତ ଦେବାର ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ପୋଲିସ ତାଙ୍କୁ ବନ୍ଧୁକ ଦେଖାଇ ଡରାଇବାର ଚେଷ୍ଟା କରିଥିଲେ ସୁଦ୍ଧା ବ୍ୟକ୍ତି ଜଣଙ୍କ ଏଥିରୁ ନିବୃତ୍ତ ହୋଇ ନ ଥିଲେ। ଶେଷରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ସହ ପୋଲିସ ଉପରକୁ ଆକ୍ରମଣ ମାମଲାରେ ତାଙ୍କ ବାପାଙ୍କୁ ମଧ୍ୟ ଗିରଫ କରିଛି।

## କ୍ଷମା ମାଗିବା ସହ ଚୋରି ଟଙ୍କା ଫେରାଇଲେ

**ବେଙ୍ଗାଲୁରୁ**

ବେଙ୍ଗାଲୁରୁ ଲାଲାପେଟ ଅଞ୍ଚଳରେ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଲାଲାପେଟରେ ଥିବା ଶିବମନ୍ଦିର ହୁଣ୍ଡି ଭାଙ୍ଗି ଜଣେ ଦୁର୍ବୃତ୍ତ ଟଙ୍କା ଚୋରି କରିନେଇଥିଲେ। ଜୁନ୍ ୧୪ରେ ଏହି ଚୋରି ହୋଇଥିବାବେଳେ ଗତ ମଙ୍ଗଳବାର ଚୋର ଟଙ୍କା ସାଙ୍ଗକୁ ଏକ ଚିଠି ମନ୍ଦିର ପରିସରରେ ରଖିଦେଇଯାଇଛନ୍ତି। ଚିଠି ଜରିଆରେ ସେ କ୍ଷମା ମାଗିଥିବା ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି। ପୂର୍ଣ୍ଣିମାରେ ଅଧିକ ସଂଖ୍ୟାରେ ଭକ୍ତ ମନ୍ଦିର ଆସିଥାନ୍ତି। ୫୦୦ଟି ୨୦ ଟଙ୍କିଆ ନୋଟ୍ ଅର୍ଥାତ୍ ୧୦ ହଜାର ଟଙ୍କା ଚୋର ଜଣକ ମନ୍ଦିରରୁ ଚୋରି କରିଥିଲେ। ଚୋରି ପରେ ଦୁର୍ବୃତ୍ତଙ୍କ ପରିବାର ନା ନା ଅସୁବିଧାରେ ପଡୁଥିବା ଉକ୍ତ ଚିଠିରେ ଚୋର ଜଣକ ଲେଖିଛନ୍ତି। ତେବେ ଏ ନେଇ ସ୍ଥାନୀୟ ପୋଲିସ ଷ୍ଟେଶନ୍‌ରେ ଅଭିଯୋଗ କରାଯାଇଥିବାବେଳେ ପୋଲିସ ଏହାର ତଦନ୍ତ ଜାରି ରଖିଛି।

## ମନ୍ଦିରରେ ସାଣ୍ଡୱିଚ୍, ବର୍ଗର ପ୍ରସାଦ

**ଚେନ୍ନାଇ:** ଚେନ୍ନାଇ ପାଡାପ୍ପାଇରେ ଥିବା ଦୁର୍ଗା ପିଠମ୍‌କୁ ଆସୁଥିବା ଭକ୍ତଙ୍କୁ ଲଡୁ, ନଡ଼ିଆ, ଉଖୁଡ଼ା ପ୍ରସାଦ ବଦଳରେ ବର୍ଗର ଓ ସାଣ୍ଡୱିଚ୍ ଦିଆଯାଉଛି। ମନ୍ଦିରରେ ମିଳୁଥିବା ଏହି ପ୍ରସାଦ ସବୁ ବାହାର ଦୋକାନରୁ ନୁହେଁ ବରଂ ମନ୍ଦିରରେ ହିଁ ତିଆରି କରାଯାଉଛି। ପ୍ରତ୍ୟେକ ମନ୍ଦିରରେ ନଡ଼ିଆ, ଲଡୁ ଆଦି ପ୍ରସାଦ ଦିଆଯାଏ। କିନ୍ତୁ ଅନେକ ସମୟରେ ଏ ପ୍ରକାର ପ୍ରସାଦ ଖାଇ ଭକ୍ତଙ୍କ ଦେହ ଖରାପ ହେଉଥିବାର ଦେଖାଯାଇଛି। ତେବେ ଭକ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ମନ୍ଦିର କର୍ତ୍ତୃପକ୍ଷ ବର୍ଗର ଓ ସାଣ୍ଡୱିଚ୍ ପ୍ରସାଦ ଭାବେ ବାଣ୍ଟୁଛନ୍ତି। ପ୍ରତିଦିନ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ନାମ ଓ ସେମାନଙ୍କ ଜନ୍ମ ତାରିଖ ମନ୍ଦିର ରେଜିଷ୍ଟରରେ ଲେଖାହୋଇ ରଖାଯାଏ। ମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ନିଜ ଜନ୍ମଦିନରେ ପ୍ରସାଦ ବଦଳରେ କେକ୍ ଧରି ଆସନ୍ତି, ଯାହାକୁ ଭକ୍ତଙ୍କୁ ପ୍ରସାଦ ଭାବେ ବଣ୍ଟାଯାଏ।

## ଉତ୍ତରାଖଣ୍ଡରେ ବିରଳ ପ୍ରଜାତିର ମାଂସାଶୀ ଉଦ୍ଭିଦ

**ଡେରାଡୁନ:** ଉତ୍ତରାଖଣ୍ଡ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲରୁ ବିରଳ ପ୍ରଜାତିର ମାଂସାଶୀ ଉଦ୍ଭିଦ ଠାବ କରିଛି। ଏହି ପ୍ରଜାତିର ନାମ ୟୁଟ୍ରିକୁଲାରିଆ ଫରସେଲାଟା। ଜାପାନର ୧୦୬ ବର୍ଷ ପୁରୁଣା ଜାପାନ ବଟାନୀ ଜର୍ନାଲରେ ୟୁଟ୍ରିକୁଲାରିଆ ଫରସେଲାଟା ସମ୍ପର୍କରେ ପ୍ରକାଶ ପାଇଥିଲା। କେବଳ ଉତ୍ତରାଖଣ୍ଡ ନୁହେଁ ହିମାଞ୍ଚଳ ପ୍ରଦେଶର ପଶ୍ଚିମାଞ୍ଚଳରେ ଏହି ବିରଳ ପ୍ରଜାତିର ମାଂସାଶୀ ଉଦ୍ଭିଦ ଦେଖାଯାଉଥିବାର ବନ ବିଭାଗ ପକ୍ଷରୁ କୁହାଯାଇଛି। ସାଧାରଣ ଭାବେ ମଶା, ଛୋଟ କୀଟ, ପତଙ୍ଗ ଏବଂ ବେଙ୍ଗଫୁଲା ଖାଇଥାନ୍ତି। କିନ୍ତୁ ଫଟୋସିନ୍ଥେସିସ୍ ଜରିଆରେ ଏହି ଉଦ୍ଭିଦ ଶକ୍ତି ସଞ୍ଚାର କରିଥାଏ, ଯାହା ସୂର୍ଯ୍ୟାଲୋକ ଜରିଆରେ ହୋଇଥାଏ। ରାଜ୍ୟ ପକ୍ଷରୁ ପ୍ରଥମ ଥର ପାଇଁ ଏ ପ୍ରକାର ଅଧ୍ୟୟନ ଆରମ୍ଭ କରାଯାଇଥିବାବେଳେ ଏହା ଜରିଆରେ ଜେନସ୍ ଡ୍ରୋସେରା, ୟୁଟ୍ରିକୁଲାରିଆ ଏବଂ ପିଙ୍ଗୁଇକୁଲା ପ୍ରଜାତିର ୨୦ ପ୍ରକାର ଗଛର ସନ୍ଧାନ କରିଛନ୍ତି ଏହି ସ୍ୱତନ୍ତ୍ର ବିଶେଷଜ୍ଞ ଦଳ।



ମନେ ପଡ଼ନ୍ତି

ଗାନ୍ଧୀ ମଣିଷ ଦୋଳଗୋବିନ୍ଦଙ୍କ ୯୭ତମ ଜୟନ୍ତୀର କାର୍ଯ୍ୟସୂଚୀ
ତା ୨୮.୦୬.୨୦୨୨ ରିଖ ମଙ୍ଗଳବାର
ପୂର୍ବାହ୍ନ ୮ ଘଟିକା: କୋଳଥିଆସ୍ଥିତ ସ୍ମୃତିବନରେ ବୃକ୍ଷ ପୂଜା
ମଧ୍ୟାହ୍ନ ୧୨ ଘଟିକା: ନହରକଣ୍ଟା ଶିଶୁ ଆଶ୍ରମରେ ଅନ୍ତେବାସୀଙ୍କ ପ୍ରସାଦ ବଣ୍ଟନ
ସନ୍ଧ୍ୟା ୬ ଘଟିକା: ବୁଦ୍ଧ ମନ୍ଦିର ଠାରେ ସ୍ମୃତିସଭା ଓ ଗାନ୍ଧୀ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ ହେବେ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଶ୍ରୀଯୁକ୍ତ ନନ୍ଦ କୁମାର ମହାପାତ୍ର
ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ।
- ନିବେଦକ -
ଡଃ ପ୍ରଫେସର ବୃନ୍ଦଦେବ ମିଶ୍ର, ମ୍ୟାନେଜିଂ ଟ୍ରଷ୍ଟି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଧ୍ୟକ୍ଷ
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ, ଭୁବନେଶ୍ୱର
ଧ-୮୪୦

ସ୍ମୃତିରେ ...
ଗାନ୍ଧୀ ମଣିଷ ଦୋଳଗୋବିନ୍ଦ
୯୭ତମ ଜୟନ୍ତୀ
ତା: ୨୮.୦୬.୨୦୨୨ (ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍କରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୮୪୧

# ଘରେ ଅଛି ଔଷଧ

**ସାରା ଦିନ କାମର ଚାପରେ ଅନେକ ମହିଳାଙ୍କଠାରେ ଗଣ୍ଠି ଯନ୍ତ୍ରଣା ସମସ୍ୟା ଦେଖିବାକୁ ମିଳିଥାଏ। ଏହାକୁ ରୋକିବା ଲାଗି ଅନେକେ ପେନ୍‌କିଲର ସେବନ କରିଥାନ୍ତି। ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଏହାର ଅଧିକ ସେବନ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ତେଣୁ ଆପଣମାନେ ଚାହିଁଲେ କେତେକ ରୋଷେଇ ସାମଗ୍ରୀକୁ ବ୍ୟବହାରକରି ଗଣ୍ଠିଯନ୍ତ୍ରଣାରୁ ଉପଶମ ପାଇପାରିବେ...**

**ରସୁଣ:** ରସୁଣକୁ ପେଷ୍ଟକରି ମହୁ ମିଶାଇ ପ୍ରତିଦିନ ଖାଇବା ସମୟରେ ଏକ ଚାମଚ ଖାଇଲେ ଗଣ୍ଠିଯନ୍ତ୍ରଣା କମିଥାଏ। ରସୁଣ ପେଷ୍ଟକୁ ତେଲରେ ମିଶାଇ ଗଣ୍ଠି ସ୍ଥାନରେ ମାଲିସ୍ କଲେ ମଧ୍ୟ ଉପଶମ ମିଳିଥାଏ।

**ମେଥି:** ମେଥିକୁ ମଧ୍ୟ ଗଣ୍ଠିଯନ୍ତ୍ରଣା କମାଇବା ଲାଗି ଖାଇପାରିବେ। ପ୍ରତିଦିନ ରାତିରେ ମେଥିକୁ ଭିଜାଇ ରଖି ସକାଳେ ଚୋବାଇ ଖାଇବା ଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ।

**ପିଆଜ:** ପିଆଜରେ ଅଧିକ ପରିମାଣରେ ସଲ୍‌ଫର୍ ଭରି ରହିଛି, ଯାହାକି ଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି କରୁଥିବା ଏଞ୍ଜାଇମ୍‌କୁ ନିୟନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଖାଇବାରେ କଞ୍ଚା ପିଆଜକୁ ସାମିଲ କଲେ ଉପକୃତ ହେବେ।

**ତେଲ:** ଅଣ୍ଟା ଯନ୍ତ୍ରଣା ଲାଗି କଷ୍ଟ ପାଉଥିଲେ ଦେଶୀ ଘିଅରେ ସୁଣ୍ଠି ମିଶାଇ ଖାଇଲେ ଉପକୃତ ହେବେ। ନଡ଼ିଆତେଲ କିମ୍ବା ସୋରିଷତେଲରେ ରସୁଣ ପକାଇ ଗରମ କରି କିମ୍ବା ନଡ଼ିଆତେଲରେ କର୍ପୂର ମିଶାଇ ଗରମକରି ଅଣ୍ଟାରେ ମାଲିସ୍ କଲେ ଯନ୍ତ୍ରଣାରୁ ଉପଶମ ପାଇପାରିବେ।

– ଏକ ଗ୍ଲାସ୍ ଉଷୁମ କ୍ଷୀରରେ ଏକ ଚାମଚ ହଳଦୀଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ପିଇଲେ ବି ଯନ୍ତ୍ରଣା କମିଥାଏ।



# ମନିପ୍ଲାଣ୍ଟରେ ସଜାନ୍ତୁ ଘର

**ବର୍ତ୍ତମାନ ବିଭିନ୍ନ ଇନ୍‌ଡୋର ପ୍ଲାଣ୍ଟରେ ଘର ସଜାଇବାକୁ ଅନେକେ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ ମନିପ୍ଲାଣ୍ଟ ପାଲଟିଛି ଅନେକଙ୍କର ପ୍ରଥମ ପସନ୍ଦ। ଯଦି ଆପଣବି ମନିପ୍ଲାଣ୍ଟରେ ସଜାଇ ଘରକୁ ଏକ ଗ୍ରୀନ୍ ଲୁକ୍ ଦେବାକୁ ଚାହୁଁଛନ୍ତି ତେବେ ଜାଣି ରଖନ୍ତୁ ଟିପ୍ସ...**



- ଘରେ କେଉଁଠି ମନିପ୍ଲାଣ୍ଟ ଲଗାଇଲେ ଇଣ୍ଟେରିଅର୍ ଅଧିକ ଆକର୍ଷଣୀୟ ହୋଇ ପାରିବ ତାକୁ ଆଖି ଆଗରେ ରଖି ପଟ୍ କିଣନ୍ତୁ। ଆପଣ ଚାହିଁଲେ ଘରେ ପଡ଼ିଥିବା ଅଦରକାରୀ ଡବାକୁ କାଟି କିମ୍ବା ମଧ୍ୟ ପଟ୍ ତିଆରି କରି ମନି ପ୍ଲାଣ୍ଟରେ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ।
- ମନି ପ୍ଲାଣ୍ଟକୁ ଛାତରେ ହୁକ୍ ଲଗାଇ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ଲଗାଇଲେ ଘରର ଲୁକ୍ ଅଧିକ ଆଟ୍ରାକ୍ଟିଭ୍ ଲାଗିବ। ଆଇକ୍ୟାଚି ଲାଗିବା ପାଇଁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ମନି ପ୍ଲାଣ୍ଟ ଲଗାଇ ଘରକୁ ଡେକୋରେଟ୍ କରିପାରିବେ ।
- ଆକ୍ୱାରିୟମ୍ ହ୍ୟାଙ୍ଗିଙ୍ଗ୍ ଷ୍ଟାଣ୍ଡରେ ବି ମନି ପ୍ଲାଣ୍ଟ ଲଗାଇବାର ଆଇଡିଆ ଆପଣଙ୍କ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଏହା ବ୍ୟତୀତ ଚଡ଼େଇ ବସା, ଟା କ୍ୟାଟିଲ୍ ଷ୍ଟାଇଲ୍‌ର ବିଭିନ୍ନ ପଟ୍‌ରେ ମନିପ୍ଲାଣ୍ଟ ରଖି ଘରକୁ ଆର୍ଟିଷ୍ଟିକ୍ ଟଚ୍ ଦେଇପାରିବେ।

ଖାଦ୍ୟରୁଚି

# କଙ୍କଡ଼ା ନଡ଼ିଆ ରସା

**ଆବଶ୍ୟକ ସାମଗ୍ରୀ:** ୮ଟି ବଡ଼ କଙ୍କଡ଼ା, ୨ଟି କଟା ପିଆଜ, ୧ ଛୋଟ ଚାମଚ ଜିରା, ୧ ଛୋଟ ଚାମଚ ସୋରିଷ, ୧ ଛୋଟ ଚାମଚ ଫୁଟଣ, କିଛି କଞ୍ଚାଲଙ୍କା, ଖଣ୍ଡେ ଅଦା, ୧ଟି ରସୁଣ, ୧ ଛୋଟ ଚାମଚ ହଳଦୀ ଗୁଣ୍ଡ, ୧ ଚାମଚ ଲଙ୍କାଗୁଣ୍ଡ, ୩ଟି କଟା ଟମାଟୋ, ୧ଟି ନଡ଼ିଆ, ୧ ଚାମଚ ଗରମ ମସଲା, ୧ ବିଡ଼ା ଧନିଆ ପତ୍ର, ୩ ବଡ଼ ଚାମଚ ସୋରିଷ ତେଲ ଏବଂ ଆବଶ୍ୟକ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଙ୍କଡ଼ାକୁ ଭଲ ଭାବରେ ଧୋଇ କାଟି ଦିଅନ୍ତୁ। ସେଥିରେ ଲୁଣ ଓ ହଳଦୀ ପକାଇ ଗୋଳାନ୍ତୁ। ପରେ କଡ଼େଇରେ ତେଲ ଗରମକରି କଙ୍କଡ଼ା ସେଥିରେ ପକାଇ ଭାଜନ୍ତୁ। ଭାଜି ସାରିବା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। କଡ଼େଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହୋଇସାରିବା ପରେ ସେଥିରେ ଜିରା, ସୋରିଷ ଓ ଫୁଟଣ ପକାନ୍ତୁ। ପରେ ସେଥିରେ ୨–୩ଟି କଞ୍ଚାଲଙ୍କା ଓ କଟା ହୋଇଥିବା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ପଡ଼ିଯିବା ପରେ ସେଥିରେ ୨ ଚାମଚ ଅଦା ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ଧନିଆ ପାଉଡର ଓ ଟମାଟୋ ପକାଇ ମସଲାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ନଡ଼ିଆ ରସ ପକାଇ ଗୋଳାନ୍ତୁ। ଭାଜି ରଖିଥିବା କଙ୍କଡ଼ାକୁ ସେଥିରେ ପକାଇ ଗୋଳାନ୍ତୁ। ସେଥିରେ ଅଳ୍ପ ପାଣି ଦିଅନ୍ତୁ। ପରେ ଗରମ ମସଲା ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ କିଛି ସମୟ ପାଇଁ ଢାଙ୍କୁଣୀ ବନ୍ଦ କରିଦିଅନ୍ତୁ। କିଛି ସମୟ ପରେ ଢାଙ୍କୁଣୀ ଖୋଲି ସେଥିରେ ଧନିଆ ପତ୍ର ପକାନ୍ତୁ। ପ୍ରସ୍ତୁତ ହୋଇଗଲା କଙ୍କଡ଼ା ନଡ଼ିଆ ରସା।



# ପିଲାଙ୍କ ଫିଟ୍‌ନେସ୍



**ଅନେକ ଅଭିଭାବକଙ୍କୁ ନିଜ ପିଲା ମୋଟୋ ହେଲେ ଭାରି ଖୁସି ଲାଗେ। ପିଲାଟି କେଡେ ଗୁଲୁଗୁଲିଆ ହୋଇଛି ବୋଲି କେହି କହିଲେ ଆନନ୍ଦର ସୀମା ରହେନି। ଆଉ ଯଦି କେହି ପିଲାର ଓଜନ କମାନ୍ତୁ କୁହନ୍ତି, ତେବେ ରାଗରେ ନିଆଁ ହୋଇଯିବା ସହ ଘରକୁ ଆଣି ପିଲାର ନଜର ଉତାରିବାକୁ ବି ପଛାନ୍ତି ନାହିଁ। ହେଲେ ପିଲା ସୁସ୍ଥ ରହିବା ଲାଗି ଯେ, ମେଦବହୁଳତା ନୁହେଁ ବରଂ ସ୍ଲିମ୍ ଫିଟ୍ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ– ଏଦିଗରେ ଅଭିଭାବକ ସଚେତନ ହେବା ଆବଶ୍ୟକ....**

**ସନ୍ତୁଳିତ ଖାଦ୍ୟାଭ୍ୟାସ କରାନ୍ତୁ:** ପିଲାଙ୍କୁ ଫିଟ୍ ରଖିବା ଲାଗି ସେମାନଙ୍କୁ ସନ୍ତୁଳିତ ଖାଦ୍ୟାଭ୍ୟାସ କରାନ୍ତୁ। କାରଣ ବର୍ତ୍ତମାନ ଅନେକ ପିଲାଙ୍କଠାରେ ମେଦବହୁଳତା ଦେଖାଦେବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କର ଅସନ୍ତୁଳିତ ଖାଦ୍ୟାଭ୍ୟାସ। ସେମାନେ ଘରୋଇ ଖାଦ୍ୟ ବଦଳରେ ମାର୍କେଟ୍‌ରେ ମିଳୁଥିବା ଫାଷ୍ଟଫୁଡ୍, ଫ୍ରୋଜେନ୍ ଫୁଡ୍, ରେଡି ଟୁ ଇଟ୍ ଜାତୀୟ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ତା'ଛଡ଼ା ଅନେକ ଅଭିଭାବକ ପିଲା ଖୁସି ହେଉଥିବାରୁ ହେଉ ଅବା ସହଜରେ ଉପଲବ୍ଧ ହେଉଥିବାରୁ ଏଭଳି ଖାଦ୍ୟ ପିଲାଙ୍କୁ ସବୁବେଳେ ଦେଉଛନ୍ତି। ହେଲେ ଏଥିରେ ଥିବା ତେଲ, ମସଲା, ରଙ୍ଗ, ମଇଦା ଇତ୍ୟାଦି ଯୋଗୁ ସେମାନଙ୍କ ଶରୀରରେ ଚର୍ବି ପରିମାଣ ବଢୁଛି। ଫଳରେ ଅଳ୍ପ ବୟସରୁ ମେଦବହୁଳତା ପାଇଁ କେତେକଙ୍କଠାରେ ଡାଇବେଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରୁଛି। ତେଣୁ ପିଲାଙ୍କୁ ଏଭଳି ଖାଦ୍ୟ ଯଥା ସମ୍ଭବ କମ୍ ଦିଅନ୍ତୁ।

**ନିୟନ୍ତ୍ରଣରେ ରଖନ୍ତୁ ମିଠା:** ମିଠା ଜାତୀୟ ଖାଦ୍ୟ ବିଶେଷକରି ଚକଲେଟ୍, ଆଇସ୍‌କ୍ରିମ୍, କେକ୍ ଏବଂ ବିଭିନ୍ନ ମିଠା ପିଲାଙ୍କୁ ଖୁବ୍ ଭଲ ଲାଗିଥାଏ। ଏମିତିକି ଜଳଖିଆରେ ସୁଜି, ସିମେଇ ଏବଂ ଗାଜର ହାଲୁଆ ଭଳି ମିଠା ଖାଦ୍ୟ ପିଲା ଖୁସିରେ ଖାଉଥିବାରୁ ଅଧିକାଂଶ ଅଭିଭାବକ ପିଲାଙ୍କୁ ଏଭଳି ଖାଦ୍ୟ ଦେଇଥାନ୍ତି।







ହେଲେ ଆପଣ ଜାଣନ୍ତିକି, ପ୍ରତିଦିନ ଏଭଳି ଖାଦ୍ୟ ଖାଇଲେ ଏହା ଧୀରେ ଧୀରେ ପିଲାଙ୍କଠାରେ ମେଦବହୁଳତାର କାରଣ ସାଜିଥାଏ। ବିଶେଷକରି ମୋଟା ବା ଅଧିକ ଓଜନ ଥିବା ପିଲାଙ୍କୁ ଏଭଳି ଖାଦ୍ୟ କମ୍ ଦେବା ଭଲ।

**ଠିକ୍ ରଖନ୍ତୁ ମର୍ନିଂ ରୁଟିନ୍:** ପିଲାଙ୍କୁ ସକାଳୁ ଉଠାଇ ନିତ୍ୟକର୍ମ ଯଥା ସମୟରେ ସାରି ଖାଇବାର ଅଭ୍ୟାସ କରାନ୍ତୁ। କାରଣ ସକାଳେ ଅଧିକ ସମୟ ଶୋଇବା ଏବଂ ଜଳଖିଆ ନ ଖାଇବାର ବଦଭ୍ୟାସ ମଧ୍ୟ ଅନେକ ପିଲାଙ୍କର ରହିଛି। ହେଲେ ସକାଳର ଜଳଖିଆ ମିସ୍ କଲେ ସାରା ଦିନ ଶରୀରକୁ ଏନର୍ଜେଟିକ୍ ଲାଗି ନ ଥାଏ। କେବଳ ଏତିକି ନୁହେଁ , ଏହାଦ୍ୱାରା ଭୋକ ଅଧିକ ହେବା କାରଣରୁ ମଧ୍ୟାହ୍ନଭୋଜନରେ ଆବଶ୍ୟକରୁ ଅଧିକ ଖାଇବା କାରଣରୁ ମଧ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ପାଲଟେ। ତେଣୁ ଫିଟ୍ ରହିବା ଲାଗି ପିଲାଙ୍କୁ ସକାଳ ଜଳଖିଆ ଖାଇବାକୁ ଦିଅନ୍ତୁ।

**ଦେଖାନ୍ତୁନି ଟିଭି, ମୋବାଇଲ:** ଖାଇବା ସମୟରେ ଟିଭି, ମୋବାଇଲ ଆଦି ଦେଖିବା ଅନେକ ପିଲାଙ୍କର ଏକ ନିଶା। ହେଲେ ଏହାଦ୍ୱାରା ଅଜାଣତରେ ଆବଶ୍ୟକରୁ ଖାଇ ହୋଇଯାଏ। କେହି କେହି ଟିଭି ଦେଖିବା ବେଳେ ଚିପ୍ସ, କୁର୍‌କୁରେ ଭଳି ବିଭିନ୍ନ ଚଟ୍‌ପଟା ଖାଦ୍ୟ ମଧ୍ୟ ଖାଇବାକୁ ପସନ୍ଦ କରନ୍ତି। ତେବେ ଏସବୁ ଅଭ୍ୟାସ ଯୋଗୁ ଶରୀରକୁ ଅଧିକ ପରିମାଣରେ କ୍ୟାଲୋରି ଚାଲିଯାଏ, ଯାହାକି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ତେଣୁ ଏଥିପ୍ରତି ଅଭିଭାବକମାନେ ବିଶେଷ ଭାବେ ଧ୍ୟାନଦେବା ଆବଶ୍ୟକ।

**କରାନ୍ତୁ ଯୋଗ, ବ୍ୟାୟାମ:** ଯେହେତୁ ବର୍ତ୍ତମାନ ସମୟରେ ଅଧିକାଂଶ ପିଲାଙ୍କୁ ଆଉଟଡୋର ଖେଳିବାର ସୁଯୋଗ ମିଳୁନି, ତେଣୁ ସେମାନଙ୍କ ଠାରେ ଶାରୀରକ ବ୍ୟାୟାମ ଖୁବ୍ କମ୍ ହେଉଛି। ଫଳ ସ୍ୱରୂପ ମେଦବହୁଳତା ଏବଂ ଅନ୍ୟାନ୍ୟ ସମସ୍ୟା ଉପୁଜୁଛି। ଏସବୁ ଠାରୁ ଦୂରେଇ ରହି ପିଲା ଫିଟ୍ ରହିବା ଲାଗି ତାଙ୍କୁ ପ୍ରତିଦିନ ଯୋଗ, ବ୍ୟାୟାମ ଆଦି କରିବାକୁ ପରାମର୍ଶ ଦିଅନ୍ତୁ।

## କ'ଣ କୁହନ୍ତି ଏମାନେ...

**ହରପ୍ରିୟା ପାତ୍ର( ପୁରୀ)–**
ପିଲାଙ୍କ ପାଇଁ ମେଦବହୁଳତା କ୍ଷତିକାରକ ହୋଇଥାଏ। ଓଜନ ବଢ଼ିଯିବା



ଦ୍ୱାରା ସେମାନେ ଅଳ୍ପ ବୟସରୁ ନାନା ପ୍ରକାର ରୋଗର ଶିକାର ହୋଇଥାନ୍ତି। ତେଣୁ ମୁଁ ଝିଅକୁ ତେଲଛଣା ଖାଦ୍ୟ ଖାଇବା ପାଇଁ ମନା କରିଥାଏ। ସ୍କୁଲରେ ଘରୁ ପ୍ୟାକ୍‌କରି ଦେଉଥିବା ଟିଫିନ୍ ଖାଇବାକୁ କୁହେ। କିଛି ବି ବାହାରୁ କିଣି ଖାଇବାକୁ ବାରଣ କରେ। ଏଥିସହ ସନ୍ଧ୍ୟା ସମୟରେ ତାକୁ ଯୋଗ କ୍ଲାସ୍ ନିଏ। ଖେଳ କସରତ ଓ ସୁଷମ ଖାଦ୍ୟ ଖାଇବା ଦ୍ୱାରା ତା'ର ଓଜନ ଏବେ ନିୟନ୍ତ୍ରଣରେ ଅଛି।

**ସନ୍ଧ୍ୟାରାଣୀ ଜେନା( ବାଲେଶ୍ୱର)–**
ପିଲାମାନେ ମୋଟା ହୋଇଯିବାର ଟେନ୍‌ସନ ସବୁବେଳେ ରହୁଛି।



ଏଥିପାଇଁ ତାଙ୍କୁ ସକାଳୁ ବ୍ୟାୟାମ କରାଉଛି। ତା'ସହ ସେମାନଙ୍କ ଖାଇବା ପିଇବାକୁ ମଧ୍ୟ ସବୁବେଳେ ଜଗିବାକୁ ପଡୁଛି। କିଛିଦିନ ପୂର୍ବରୁ ପୁଅ ଅଧିକ ମୋଟା ହୋଇଯିବା ଯୋଗୁ ଟିକେ ଚଲାବୁଲା କରିଦେଲେ ଥକି ପଡୁଥିଲା। ଏବେ ସେ ପ୍ରତିଦିଦ ବ୍ୟାୟାମ କରୁଛି। ସେଥିପାଇଁ ସବୁ କାମ କରିବାକୁ ଫୁର୍ତ୍ତି ରହିବା ସହ ଫିଟ୍ ମଧ୍ୟ ରହୁଛି।

# ସ୍କିନ୍‌ଟୋନ୍ ବଢ଼ାଏ ସଜନା ଶାଗ



ସୌନ୍ଦର୍ଯ୍ୟ

**ସଜନା ଶାଗ ଖାଇବାକୁ ଅନେକେ ଭଲ ପାଆନ୍ତି। ହେଲେ ଆପଣ ଜାଣନ୍ତିକି ସ୍ୱାଦିଷ୍ଟ ଲାଗୁଥିବା ଏହି ସଜନା ଶାଗ ସୌନ୍ଦର୍ଯ୍ୟବୃଦ୍ଧି କରିବାରେ ମଧ୍ୟ ବେଶ୍ ଉପଯୋଗୀ। ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...**

- ସଜନା ଶାଗ ଗୁଣ୍ଡ ଲଗାଇବା ସହିତ ଖାଇବା ବି ତ୍ୱଚା ପାଇଁ ଲାଭଦାୟକ। ଏଥିରେ କୋଲାଜେନ୍ ପ୍ରୋଟିନ୍ ଭରି ରହିଛି। ଫଳରେ ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନ୍ ଟାଇଟ୍ ଏବଂ ସୁନ୍ଦର ରହିଥାଏ।
- ସଜନା ଶାଗକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ଏକ ଚାମଚ ଏହି ଗୁଣ୍ଡରେ ଅଧା ଚାମଚ ଲେମ୍ବୁରସ, ଏକ ଚାମଚ ଲେଖାଏଁ ମହୁ ଏବଂ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ରିଙ୍କଲ ମାର୍କ ଦେଖାଯାଇ ନ ଥାଏ। ଏହା ତ୍ୱଚାକୁ ସଫା, ଟାଇଟ୍ ରଖିବା ସହ ଏଜିଂ ସମସ୍ୟା ଦୂର କରି ୟଙ୍ଗର ଲୁକ୍ ଦେଇଥାଏ।
- ଓଠ ପାଇଁ ସବୁଠୁ ଭଲ ମଶ୍ଚରାଇଜର ଭାବେ କାମ କରିଥାଏ ସଜନା ତେଲ ; ଯେଉଁଥିଲାଗି ବିଭିନ୍ନ ଲିପ୍‌ବାମ୍ ଏବଂ ଲିପ୍ କେୟାର ପ୍ରଡକ୍ଟଗୁଡ଼ିକରେ ଏହାକୁ ବ୍ୟବହାର କରାଯାଇଥାଏ। ଏହାକୁ ସେନ୍‌ସିଟିଭ୍ ସ୍କିନ୍‌ରେ ଲଗାଇବା ଦ୍ୱାରା ମଧ୍ୟ ତାହା ମଶ୍ଚରାଇଜ୍‌ଡ୍ ରହିଥାଏ।
- ସ୍କିନ୍ ଟୋନ୍ ଡାର୍କ ଥିଲେ ସଜନା ଶାଗ ପେଷ୍ଟକୁ ଲଗାଇପାରିବେ। ଏହା ସ୍ପଟ୍‌ଲେସ୍ କରିବା ସହ ସ୍କିନ୍‌ଟୋନ୍ ବଢାଇ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ।
- ସଜନା ତେଲରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି ଯାହାକି ବ୍ରଣ ସମସ୍ୟା ଦୂର କରିଥାଏ। ସଜନା ଶାଗକୁ ପେଷ୍ଟକରି ବି ଆପଣ ବ୍ରଣ ହୋଇଥିବା ସ୍ଥାନରେ ଲଗାଇଲେ ଉପକୃତ ହେବେ।



# ଜ୍ୟୋତିକା, କୌସ୍ତୁଭ ଚାମ୍ପିୟନ

**ଭୁବନେଶ୍ୱର, ୨୭।୬ (କ୍ରୀଡ଼ା ପ୍ରତିନିଧି)**

କଟକ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ସଗେଟ୍ ପରିସରରେ ଫିଡେ ଚେସ୍ ଅଲିମ୍ପିଆଡ୍ ଓଡ଼ିଶା ରାଜ୍ୟ ସ୍କୁଲ ୧୫ ବର୍ଷରୁ କମ୍ (ବାଳିକା ଓ ବାଳକ) ର୍ୟାପିଡ୍ ରେଟେଡ ଚେସ୍ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। କଟକ ଜିଲା ଚେସ୍ ଆସୋସିଏଶନ (ସିଡିସିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଜ୍ୟୋତିକା ସାହୁ ଏବଂ ବାଳକରେ କୌସ୍ତୁଭ ଦାଶ ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗରେ ଜ୍ୟୋତିକାଙ୍କୁ ବାଦ୍‌ଦେଲେ ପ୍ରତ୍ୟାଶା ଜେନା, ସନ୍ଦିପା ପ୍ରୀୟଦର୍ଶିନୀ ସାହୁ, ଋତୁଶ୍ରୀ ଋତୁପ୍ରଭା ସାହୁ, ଶ୍ରଦ୍ଧା ସ୍ମରଣୀକା ନନ୍ଦ, ସାହାନା ଲେଙ୍କା, ଶୁଭସ୍ମିତା ପ୍ରିୟଦର୍ଶିନୀ, ଜୟଲକ୍ଷ୍ମୀ ସାହୁ, ପ୍ରୀତିଶା ମିତ୍ର ଓ ପଭାନୀ ଦୟନିତା ମାଝି ଟପ୍-୧୦ ଫିନିଶ୍ କରିଛନ୍ତି। ସେହିପରି ବାଳକରେ ଶ୍ରେୟାସ ଶୁଭମ୍ ପଟ୍ଟନାୟକ, ଆୟୁଷ୍ମାନ ମହାନ୍ତି, ଓମ୍ ଆଦିତ୍ୟ ଖାଡଙ୍ଗା, ଶ୍ରୀୟାଂଶ ଦେ, ସାଇ ସୌରଭ ଦାସ, ଶ୍ରୀହନ ସବତ, ସ୍ଥିତିପ୍ରଜ୍ଞ ସାହୁ, ଆର୍ଯ୍ୟନ ବେହେରା ଓ ବିକାଶ କୁମାର ଲେଙ୍କା ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ପ୍ରତିଯୋଗିତାର ନିୟମ ଅନୁସାରେ ବାଳିକା ଓ ବାଳକ ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଏବଂ ସରକାରୀ ବିଦ୍ୟାଳୟର ଜଣେ ଲେଖାଏ କୃତୀ ପ୍ରତିଯୋଗୀ ଆଗାମୀ ଜୁଲାଇ-ଅଗଷ୍ଟରେ ଚେନ୍ନାଇରେ ହେବାକୁଥିବା ୪୪ତମ ଚେସ୍ ଅଲିମ୍ପିଆଡ୍ ଦେଖିବା ଏବଂ ନାମୀ ଖେଳାଳିଙ୍କ ସହ ମିଶିବାର ସୁଯୋଗ ପାଇଛନ୍ତି। ସେହି କ୍ରମରେ ବାଳିକା ବିଭାଗରେ ଜ୍ୟୋତିକା ଓ ପ୍ରତ୍ୟାଶାଙ୍କ ସହ କଟକ ବକ୍‌ଲେ ଗର୍ଲ୍ସ ହାଇସ୍କୁଲର ୱାଇ. ଗାୟତ୍ରୀ ଏବଂ ବାଳକରେ କୌସ୍ତୁଭ ଓ ଶ୍ରେୟାଂଶଙ୍କ ସହ ପୁରୀ ଜିଲା ସ୍କୁଲର ଶୁଭମ୍ ପରିଡ଼ା ଯୋଗ୍ୟ ବିବେଚିତ ହୋଇଛନ୍ତି। ସିଡିସିଏର ମୁଖ୍ୟ ପୃଷ୍ଠପୋଷକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଅଜୟ କୁମାର ନାୟକ, ସଭାପତି ବିବେକ କୁମାର ତିବରୱାଲ, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଶୀର୍ବାଦ ବେହେରା, ଅଭିଜିତ ପଲ୍, ରଞ୍ଜନ ମହାନ୍ତି, ଦେବବ୍ରତ ଭଞ୍ଜ, ସ୍ୱୟମ୍ଭ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭଙ୍କୁ ସିଡିସିଏର ଆଜୀବନ ସଦସ୍ୟଭାବେ ଗ୍ରହଣ କରାଯାଇଥିଲା।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଫିଡେ ଚେସ୍ ଅଲିମ୍ପିଆଡ୍ ଓଡ଼ିଶା ରାଜ୍ୟ ସ୍କୁଲ୍ ୧୫ ବର୍ଷରୁ କମ୍ ର୍ୟାପିଡ୍ ଚେସ୍**

## କ୍ଲିନ୍ ସୁଇପ୍ ସୁଯୋଗ ହାତଛଡ଼ା କଲା ଭାରତ

**ଡାମ୍ବୁଲା, ୨୭।୬:** ସୋମବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳକୁ ୭ ଉଇକେଟରେ ଶ୍ରୀଲଙ୍କା ହରାଇ ଦେଇଛି। ଟିମ୍ ଇଣ୍ଡିଆ ପକ୍ଷରୁ ଧାର୍ଯ୍ୟ ୧୩୯ ରନ୍‌ର ଚ୍ୟାଲେଞ୍ଜିଂ ସ୍କୋରକୁ ଅଧିନାୟିକା ଚାମିରା ଆଟାପାଟ୍ଟୁଙ୍କ ବିସ୍ଫୋରକ ୮୦ ରନ୍‌ର ଇନିଂସ ସହାୟତାରେ ଶ୍ରୀଲଙ୍କା ୩ ଓଭର ପୂର୍ବରୁ ବିଜୟ ହାସଲ କରିନେଇଥିଲା। ଏହି ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଭାରତ ୨-୧ରେ ଜିତିଥିଲେ ମଧ୍ୟ କ୍ଲିନ୍ ସୁଇପ୍ ହାସଲରେ ବିଫଳ ହୋଇଛି। ଦର୍ଶନୀୟ ପାଳି ଖେଳିଥିବା ଘରୋଇ ଅଧିନାୟିକାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ପ୍ରଥମ ଓଭରରେ ହିଁ ଶେଫାଳୀ ବର୍ମା(୫)ଙ୍କ ଉଇକେଟ ହରାଇଥିଲା। ସ୍ମୃତି ମନ୍ଧାନା(୨୨ ରନ୍, ୩ ଚୌକା) ଓ ସାବିନେନି ମେଘନା (୨୨ ରନ, ୩ ଚୌକା) ୨ୟ ଉଇକେଟରେ ୪୧ ରନ୍ ଯୋଡ଼ିବା ପରେ କ୍ରମାଗତ ଓଭରରେ ଆଉଟ୍ ହୋଇଥିଲେ। ତା'ପରେ ଅଧିନାୟିକା ହରମନପ୍ରୀତ କୌର (୩୯ ରନ୍, ୩ ଚୌକା ଓ ୧ ଛକା) ଏବଂ ଜେମିମା ରୋଡ୍ରିଗୁଏଜ (୩୩ ରନ୍, ୩ ଚୌକା)ଙ୍କ ମଧ୍ୟରେ ୪ର୍ଥ ଉଇକେଟ ପାଇଁ ୬୪ ରନ୍‌ର ଭାଗୀଦାରି ହୋଇଥିଲା। ଭାରତୀୟ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଘରୋଇ ଦଳ ପାଇଁ ରାଣାସିଙ୍ଘେ, ଆମା କଞ୍ଚନା ଓ ସୁଗନ୍ଧିକା କୁମାରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶ୍ରୀଲଙ୍କା ଇନିଂସର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ଅଧିନାୟିକା ଆଟାପାଟ୍ଟୁ। ୪୮ ବଲରେ ତାଙ୍କର ୮୦ ରନ୍‌ର ବିସ୍ଫୋରକ ଇନିଂସ ଯୋଗୁ ଶ୍ରୀଲଙ୍କା ୧୭ ଓଭରରେ ୩ ଉଇକେଟ ହରାଇ ୧୪୧ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଆଟାପାଟ୍ଟୁଙ୍କ ପାଳିରେ ସାମିଲ ଥିଲା ୧୪ ଚୌକା ଓ ୧ ଛକା। ତାଙ୍କୁ ନୀଳାକ୍ଷୀ ଡି' ସିଲ୍‌ଭା (୩୦ ରନ୍, ୪ ଚୌକା) ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଇନିଂସ ସହିତ ଆଟାପାଟ୍ଟୁ ଶ୍ରୀଲଙ୍କାର ପ୍ରଥମ କ୍ରିକେଟର ଭାବେ ଛୋଟ ଫର୍ମାଟ୍‌ରେ ୨ ହଜାର ରନ୍ ଅତିକ୍ରମ କରିଛନ୍ତି। ଏଥିପୂର୍ବରୁ ଟି୨୦ ଫର୍ମାଟ୍‌ରେ ଶ୍ରୀଲଙ୍କା ପାଇଁ ସର୍ବାଧିକ ଟି୨୦ ରନ୍ କରିବାର ରେକର୍ଡ ତିଲକରତ୍ନେ ଦିଲଶାନ (୧୮୮୯)ଙ୍କ ନାମରେ ଥିଲା।

**ସଂକ୍ଷିପ୍ତ ସ୍କୋର**

ଭରତୀୟ ମହିଳା ଦଳ ୨୦ ଓଭରରେ ୧୩୮/୫(ହରମନପ୍ରୀତ କୌର-୩୯*, ରୋଡ୍ରିଗୁଏଜ-୩୩, ସ୍ମୃତି ମନ୍ଧାନା-୨୨,ଓ ରାଣାସିଙ୍ଘେ-୧/୧୩, ଆମା କଞ୍ଚନା-୧/୨୨)। ଶ୍ରୀଲଙ୍କା ମହିଳା ଦଳ ୧୭ ଓଭରରେ ୧୪୧/୩(ଚାମିରା ଆଟାପାଟ୍ଟୁ-୮୦*, ନୀଳାକ୍ଷୀ ଡି' ସିଲ୍‌ଭା-୩୦, ରେଣୁକା ସିଂ-୧/୨୭, ରାଧା ଯାଦବ-୧/୪୧)।

# ଖେଳାଳି, ଦର୍ଶକଙ୍କ ଆଗ୍ରହ ବଢୁଛି

**ଭୁବନେଶ୍ୱର, ୨୭।୬ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଏବଂ ରାଉରକେଲାରେ ହକି ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହେବ। ପ୍ରତିଯୋଗିତା ଆରମ୍ଭ ହେବା ପାଇଁ ଆଉ ୨୦୦ ଦିନ ବାକି ରହିଥିବାବେଳେ ବିଶ୍ୱର ଶ୍ରେଷ୍ଠ ୧୬ ଦଳକୁ ନେଇ ହେବାକୁ ଯାଉଥିବା ଏହି ଟୁର୍ନାମେଣ୍ଟ ଦେଖିବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି।

ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ମନପ୍ରୀତ ସିଂ ଭାରତୀୟ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଭାରତ ଆଉ ଏକ ବିଶ୍ୱକପ ଖେଳିବାକୁ ଯାଉଥିବାରୁ ଖେଳାଳିମାନେ ଆଗ୍ରହର ସହ ଟୁର୍ନାମେଣ୍ଟକୁ ଅପେକ୍ଷା କରି ରହିଥିବା ସେ ଅନୁଭବ କରୁଛନ୍ତି। ''ଓଡ଼ିଶାରେ ଆଉ ଏକ ବିଶ୍ୱକପ୍ ଖେଳିବା ପାଇଁ ଖେଳାଳିଙ୍କ ମଧ୍ୟରେ ଥିବା ଆଗ୍ରହକୁ ଭାଷାରେ ପ୍ରକାଶ କରି ହେବନାହିଁ। ଏଥର ହକି କ୍ରେଜ୍ ଥିବା ରାଉରକେଲାରେ ମଧ୍ୟ ମ୍ୟାଚ୍ ଖେଳାଯିବାକୁ ଥିବାରୁ ଭିନ୍ନ ଅନୁଭବ ହେବ। ଓଡ଼ିଶାର ସାଥୀ ଖେଳାଳିଙ୍କଠାରୁ ଆମେ ରାଉରକେଲା ଅଞ୍ଚଳର ଲୋକଙ୍କ ମଧ୍ୟରେ ହକି କ୍ରେଜ୍ ସମ୍ପର୍କରେ ଶୁଣିଛୁ। ତାହା ସେଠାରେ ଖେଳିବା ପାଇଁ ଆମର ଇଚ୍ଛାକୁ ଅନେକ ପରିମାଣରେ ବଢ଼ାଇ ଦେଇଛି। ହକିକୁ କ୍ରମାଗତ ଭାବେ ସମର୍ଥନ କରିବା ସହ ଦେଶ ପାଇଁ ଆମେ ଗୌରବ ଆଣିବାରେ ସାହାଯ୍ୟ କରିଥିବାରୁ ଆମେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଚିରକୃତଜ୍ଞ। ତାଙ୍କ ନେତୃତ୍ୱରେ ଆମକୁ ବିଶ୍ୱର ସବୁଠାରୁ ଶ୍ରେଷ୍ଠ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ରାଉରକେଲାରେ ଉପଲବ୍ଧ ନୂଆ ଷ୍ଟାଡିୟମରେ ଖେଳିବାକୁ ଆମେ ଅପେକ୍ଷା କରିଛୁ। ଭାରତରେ ପୁଣିଥରେ ସମ୍ମାନଜନକ ବିଶ୍ୱକପ ଆୟୋଜନ ହେଉଥିବାରୁ ଆମ ପାଇଁ ଟାଇଟଲ ଜିତିବାର ସୁଯୋଗ ସୃଷ୍ଟି ହେବ। ଏହାକୁ ଲକ୍ଷ୍ୟରେ ରଖି ଦଳ ଠିକ୍ ପଥରେ ଅଗ୍ରସର ହେଉଛି'' ବୋଲି ମନପ୍ରୀତ କହିଛନ୍ତି।

କ୍ରମାଗତ ଦ୍ୱିତୀୟଥର ପାଇଁ ଓଡ଼ିଶା ଏହି ମର୍ଯ୍ୟାଦାଜନକ ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ୨୦୧୮ରେ ଏହା କେବଳ ଭୁବନେଶ୍ୱରରେ ଆୟୋଜନ ହୋଇଥିବାବେଳେ ୨୦୨୩ରେ ଓଡ଼ିଶା ହକିର ହୃଦୟ ଭାବେ ବିବେଚିତ ହେଉଥିବା ରାଉରକେଲାରେ ମଧ୍ୟ ହକି ପ୍ରଶଂସକମାନେ ନିକଟରୁ ଶ୍ରେଷ୍ଠ ଖେଳାଳିଙ୍କ ଆକ୍ସନ ଦେଖିବାର ସୁଯୋଗ ପାଇବେ। ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ଷ୍ଟିଲ୍ ସିଟି ରାଉରକେଲାରେ ନିର୍ମାଣାଧୀନ ରହିଛି। ଏହି ଅଞ୍ଚଳରୁ ଅନେକ ଅନ୍ତର୍ଜାତୀୟ ସ୍ତରର ହକି ଖେଳାଳି ବାହାରିଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ବିଶ୍ୱକପ ଦେଖିବା ପାଇଁ ନାହିଁ ନ ଥିବା ଉତ୍ସାହ ଦେଖାଦେଇଛି।





ଶ୍ରୀନଗରରେ ଅନୁଷ୍ଠିତ ୨୩ତମ ସବ୍‌ଜୁନିୟର ଏବଂ ୫ମ ଆନ୍ତଃ-ରାଜ୍ୟ ଚ୍ୟାଲେଞ୍ଜର ଜାତୀୟ ରୋଇଂ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ଦଳ।

## ଟି୨୦: ଭାରତ ୭ ଉଇକେଟରେ ବିଜୟୀ

**ଡବଲିଂ, ୨୭।୬:** ସ୍ଥାନୀୟ ଦି ଭିଲେଜ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୭ ଉଇକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ବର୍ଷା ଯୋଗୁ ବିଳମ୍ବରେ ଖେଳ ଆରମ୍ଭ ହେବାରୁ ମ୍ୟାଚକୁ ୧୨ ଓଭର ବିଶିଷ୍ଟ କରାଯାଇଥିଲା। ଆୟର୍ଲାଣ୍ଡ ୧୨ ଓଭରରେ ୪ ଉଇକେଟ ହରାଇ ୧୦୮ ରନ କରିଥିଲା। ଦଳ ପକ୍ଷରୁ ହ୍ୟାରୀ ଟେକ୍ଟର ସର୍ବାଧିକ ୬୪ ରନକରି ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ଆଭେଶ ଖାଁ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ୯.୨ ଓଭରରେ ୩ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ଇନିଂସ ଓପନ କରିଥିବା ଦୀପକ ହୁଡା ୪୭ ରନକରି ଅପରାଜିତ ରହିଥିବାବେଳେ ଇଶାନ କିଷନ ୨୬ ଓ ହାର୍ଦ୍ଦିକ ୨୪ ରନ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ କ୍ରେଗ୍ ୟଙ୍ଗ ୨ଟି ଓ ଜୋଶୁଆ ଲିଟ୍‌ଲ ଗୋଟିଏ ଉଇକେଟ ନେଇଥିଲେ। ଯୁଜବେନ୍ଦ୍ର ଚହଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଭାରତ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

# ଓଡ଼ିଶାର ଅମିତ୍, ଆଶିଷ, ଶୀଳାନନ୍ଦ ସାମିଲ

**ନୂଆଦିଲ୍ଲୀ, ୨୭।୬**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବେଲ୍‌ଜିୟମ ଓ ନେଦରଲାଣ୍ଡସ୍ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତୀୟ ପୁରୁଷ ହକି ଦଳର ଖେଳାଳିମାନେ ସୋମବାର ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟର ଜାତୀୟ କ୍ୟାମ୍ପରେ ଯୋଗଦେଇଛନ୍ତି। କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ୩୧ ଜଣିଆ କୋର୍‌ଗ୍ରୁପ୍ ଖେଳାଳିଙ୍କ ନାମ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଓଡ଼ିଶାର ଅମିତ ରୋହିଦାସ, ଆଶିଷ କୁମାର ଟପ୍ପୋ ଓ ଶୀଳାନନ୍ଦ ଲାକ୍ରା ସାମିଲ ଅଛନ୍ତି। ଜୁଲାଇ ୨୩ରେ କ୍ୟାମ୍ପ ଶେଷ ହେବାପରେ ଭାରତୀୟ ଦଳ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖେଳିବା ପାଇଁ ଇଂଲଣ୍ଡର ବର୍ମିଂହାମ ଯାତ୍ରା କରିବ। ସେଠାରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ଜୁଲାଇ ୩୧ରେ ଘାନା ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଭାରତ ଘାନା ବ୍ୟତୀତ ଆୟୋଜକ ଇଂଲଣ୍ଡ, କାନାଡ଼ା ଓ ୱେଲ୍ସ ସହିତ ମଧ୍ୟ ରାଉଣ୍ଡ ରବିନ୍ ଲିଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବ।

ୟୁରୋପରେ ହକି ପ୍ରୋ ଲିଗ୍ ମ୍ୟାଚ୍ ପରେ ଖେଳାଳିଙ୍କୁ ୬ ଦିନ ପାଇଁ ପରିବାର ସହିତ କଟାଇବାକୁ ବ୍ରେକ୍ ଦିଆଯାଇଥିଲା। ଏହି ବ୍ରେକ୍ ଖେଳାଳିଙ୍କୁ ମାନସିକ ଓ ଶାରୀରିକ ଭାବେ ସତେଜ କରିଥିବ ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ଅନୁଭବ କରୁଛନ୍ତି। ''ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଆମେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଖେଳିବା ସୁଯୋଗ ପାଇଥିଲୁ। ପ୍ରଦର୍ଶନରେ କିପରି ଆହୁରି ଉନ୍ନତି ଆସିପାରିବ ତା' ଉପରେ ଆମେ ଆଗାମୀ ୩ ସପ୍ତାହ କ୍ୟାମ୍ପରେ ଫୋକସ କରିବୁ। ଆମେ ବର୍ମିଂହାମ୍‌ରେ ଉତ୍ତମ ପ୍ରଦର୍ଶନ ପାଇଁ ଉଦ୍ୟମ କରିବୁ'' ବୋଲି ରିଡ୍ ପ୍ରକାଶ କରିଛନ୍ତି।

**କ୍ୟାମ୍ପ ପାଇଁ ମନୋନୀତ ଖେଳାଳି:** ଶ୍ରୀଜେଶ ପାରାଟ୍ଟୁ ରବିଚନ୍ଦ୍ରନ, ପୱନ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ବରୁଣ କୁମାର, ଅମିତ ରୋହିଦାସ, ଯୁଗରାଜ ସିଂ, ଜରମନପ୍ରୀତ ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ସମସେର ସିଂ, ବିବେକ ସାଗର ପ୍ରସାଦ, ଆକାଶଦୀପ ସିଂ, ନୀଳକାନ୍ତ ଶର୍ମା, ଗୁର୍‌ଜାନ୍ତ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଗୁରସାହିବ ଜିତ ସିଂ, ମନଦୀପ ମୋର, ସଞ୍ଜୟ, ମହମ୍ମଦ ରାହିଲ ମୌସିନ, ସୁମିତ, ମୋଇରାଙ୍ଗ୍‌ଥେମ୍ ରବିଚନ୍ଦ୍ର ସିଂ, ଗୁରିନ୍ଦର ସିଂ, ଜସକରନ ସିଂ, ଆଶିଷ କୁମାର ଟପ୍ପୋ, କ୍ରିଷ୍ଣନ ବାହାଦୁର ପାଠକ ଓ ଶୀଳାନନ୍ଦ ଲାକ୍ରା।


ମୁଖ୍ୟ କୋଚ୍ ଗ୍ରାହାମ ରିଡ୍।

**ଜାତୀୟ କ୍ୟାମ୍ପ୍‌କୁ ଫେରିଲେ ହକି ଖେଳାଳି**

# ଟେଷ୍ଟ ଦଳରେ ଯୋଗଦେବେ ମୟଙ୍କ

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**

ଓପ୍‌ନର ମୟଙ୍କ ଅଗ୍ରୱାଲଙ୍କୁ ଇଂଲଣ୍ଡରେ ଭାରତୀୟ କ୍ରିକେଟ ଦଳ ସହ ଯୋଗଦେବା ଲାଗି କୁହାଯାଇଛି। କୋଭିଡ୍ ଟେଷ୍ଟରେ ପଜିଟିଭ ଯୋଗୁ ଅଧିନାୟକ ରୋହିତ ଶର୍ମାଙ୍କ ଇଂଲଣ୍ଡ ବିପକ୍ଷ ଏଜ୍‌ବାଷ୍ଟନ ଟେଷ୍ଟ ଖେଳିବା ନେଇ ସନ୍ଦେହ ରହିଛି। ଲିସେଷ୍ଟରଶାୟାର ବିପକ୍ଷ ଡ୍ର ୱାର୍ମଅପ୍ ମ୍ୟାଚର ପ୍ରଥମ ଦିବସରେ ରୋହିତ ଖେଳିଥିଲେ। ମାତ୍ର ତାଙ୍କର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟରେ ପଜିଟିଭ ଆସିବାରୁ ସେ ଏବେ ଆଇସୋଲେଶନରେ ଅଛନ୍ତି। ଜୁଲାଇ ୧ରୁ ଆରମ୍ଭ ହେବାକୁଥିବା ଗେମ୍ ପାଇଁ ୧୫ ଜଣିଆ ଦଳ ଘୋଷଣା ବେଳେ ୩୧ ବର୍ଷୀୟ ଅଗ୍ରୱାଲଙ୍କୁ ଏଥିରେ ସ୍ଥାନ ମିଳି ନ ଥିଲା। ମାତ୍ର ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପୂର୍ବରୁ କେ.ଏଲ ରାହୁଲ ଆଘାତପ୍ରାପ୍ତ ହେବା ଏବଂ ପରେ ରୋହିତ କରୋନା ସଂକ୍ରମିତ ହେବା ତାଙ୍କ ପାଇଁ ସୁଯୋଗ ଆଣିଛି। ପୁନଃନିର୍ଦ୍ଧାରିତ ୫ମ ଟେଷ୍ଟ ପାଇଁ ରୋହିତଙ୍କ ସ୍ଥାନ ପୂରଣ କରିବା ଲାଗି ସର୍ବଭାରତୀୟ ସିନିୟର ସିଲେକ୍ସନ କମିଟି ଦଳରେ ମୟଙ୍କ ଅଗ୍ରୱାଲଙ୍କୁ ସାମିଲ କରିଛି। ୟୁକେରେ ବର୍ତ୍ତମାନର କୋଭିଡ୍ ପ୍ରୋଟୋକଲ ଅନୁସାରେ ଯଦି ଆର୍‌ଟି ପିସିଆର ଟେଷ୍ଟ ନେଗେଟିଭ ହୋଇଥାଏ ତେବେ ଦେଶକୁ ଆସିବା ପରେ ଆଉ ତୁରନ୍ତ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ ନାହିଁ। ଗତବର୍ଷ ଭାରତ ଇଂଲଣ୍ଡ ଟୁର୍ ବେଳେ କୋଭିଡ୍ ଯୋଗୁ ଟେଷ୍ଟ ସିରିଜ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ସେତେବେଳେ ମଧ୍ୟ ୫ମ ଟେଷ୍ଟ ମ୍ୟାଚ୍ ଖେଳାଯାଇପାରି ନ ଥିଲା। ସିରିଜରେ ଭାରତ ୨-୧ରେ ଅଗ୍ରଣୀ ରହିଥିଲା। ଖେଳାଯିବାକୁ ବାକି ରହିଥିବା ମ୍ୟାଚ୍‌ଟି ଜୁଲାଇ ୧ରୁ ହେବ। ଅଗ୍ରୱାଲ ଏପର୍ଯ୍ୟନ୍ତ ୨୧ ଟେଷ୍ଟ ଖେଳିସାରିଥିବା ବେଳେ ୪୧.୩୩ ଆଭରେଜ୍‌ରେ ୧୪୮୮ ସ୍କୋର କରିଛନ୍ତି। ସେ ତାଙ୍କର ଗତ ୫ ଦିନିଆ ଫର୍ମାଟ ମାର୍ଚ୍ଚ ମାସରେ ଘରୋଇ ମାଟିରେ ଖେଳିଥିଲେ। ୨ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ସେ ମାତ୍ର ୫୯ ରନ୍ (୩୩,୪ ଓ ୨୨ରନ୍) କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ତାଙ୍କ ପ୍ରଦର୍ଶନ ଭଲ ରହି ନ ଥିଲା। ସେ ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେଇ ଖେଳୁଥିବା ବେଳେ ୧୩ଟି ଗେମ୍‌ରେ ୧୯୬ ରନ୍ ସଂଗ୍ରହ କରିଥିଲେ।




# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଆରମ୍ଭ


ଖୋ ଖୋ ମ୍ୟାଚ ଅବସରରେ ଖେଳାଳିମାନେ।

**ଭୁବନେଶ୍ୱର, ୨୭।୬ (କ୍ରୀଡ଼ା ପ୍ରତିନିଧି):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଚାମ୍ପିୟନଶିପ୍ ସୋମବାର କିଟ୍ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ମୋଟ ୨୭ଟି ବିଶ୍ୱବିଦ୍ୟାଳୟ ଦଳ ଭାଗ ନେଇଛନ୍ତି। ଓଡ଼ିଶାରୁ କିଟ୍, କିସ୍, ଉତ୍କଳ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜି ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟ ଆଦି ୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଦ୍ରୋଣାଚାର୍ଯ୍ୟ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରତୀୟ ଭଲିବଲ ଦଳର କୋଚ୍ ଜି.ଇ. ଶ୍ରୀଧରନ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି।

# ସିରିଜ୍ ମୂଳପୋଛ କଲା ଇଂଲଣ୍ଡ

**ହେଡିଂଲେ, ୨୭।୬:** ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌କୁ ଇଂଲଣ୍ଡ ୭ ଉଇକେଟରେ ଜିତିଛି। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୩୨୯ ରନ୍ କରିଥିବା ବେଳେ ଏକଦା ୫୫ ରନ୍‌ରେ ୬ ଉଇକେଟ ହରାଇ ସାରିଥିବା ଇଂଲଣ୍ଡ ଜନି ବେଆରଷ୍ଟୋଙ୍କ ୧୬୨ ରନ୍‌ର ଇନିଂସ ଯୋଗୁ ୩୬୦ ରନ୍ କରିଥିଲା। ୩୧ ରନ୍ ପଛରେ ଥିବା ନ୍ୟୁଜିଲାଣ୍ଡ ତା'ର ଦ୍ୱିତୀୟ ଇନିଂସରେ ୩୨୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ୨୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୩ ଉଇକେଟ ହରାଇ ହାସଲ କରି ନେଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଇଂଲଣ୍ଡ ୩-୦ରେ ମୂଳପୋଛ କରି ଜିତିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ପୋଖରୀ ପୁନରୁଦ୍ଧାର ପାଇଁ ଶିଳାନ୍ୟାସ



**ଭାପୁର, ୨୭।୬ (ଡି.ଏନ.ଏ.):** ଭାପୁର ବ୍ଲକ ପ୍ରଶାସନ ପଞ୍ଚାୟତ ଅଧୀନ ରଗଡିପଡା ଗ୍ରାମରେ ଥିବା ପୋଖରୀକୁ ଅମୃତ ପୋଖରୀ ଯୋଜନାରେ ପୁନରୁଦ୍ଧାର ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେବା ସହ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏ ଅବସରରେ ବିଡିଓ ଜନ୍ମେଜୟ ସାହୁ, ସ୍ଥାନୀୟ ସମିତିସଭ୍ୟ କାହ୍ନୁଚରଣ ପ୍ରଧାନ, ପୂର୍ବତନ ସମିତିସଭ୍ୟ ତୋଫାନ ଗୋଛି, କନିଷ୍ଠଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହାଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବା ନେଇ ସୂଚନା ମିଳିଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନ ଏହି ପ୍ରକଳ୍ପ ଦ୍ୱାରା ବହୁ ଲୋକଙ୍କୁ ରୋଜଗାର ମିଳିବ ବୋଲି ମଧ୍ୟ ସୂଚନା ମିଳିଛି।

# ମହିଳା ନିର୍ମାଣ ଶ୍ରମିକ ଉପେକ୍ଷିତ

**ନୟାଗଡ଼ ଅଫିସ,୨୭।୬**

- ପଞ୍ଜୀକରଣ ହ୍ରାସର କାରଣ ଖୋଜାଯାଉନି
- ଭିଟାମାଟି ଛାଡ଼ି ବାହାରେ ଖଟୁଛନ୍ତି
- ୧୩ ପ୍ରତିଶତ ପଞ୍ଜୀକୃତରେ ଅଟକିଛି ଫାଇଲ

ନୟାଗଡ଼ ଜିଲାରେ ମହିଳା ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକର ପରିଚୟ ମିଳୁନାହିଁ। କୃଷି ଶ୍ରମିକ କହି ଅଧିକାଂଶ ମହିଳାଙ୍କୁ ପଞ୍ଜୀକୃତ ନ କରି ଫେରାଇ ଦିଆଯାଉଛି ବୋଲି ଅଭିଯୋଗ ହୋଇଆସୁଛି। ଏଣୁ ମହିଳାମାନେ ନିର୍ମାଣ ଶ୍ରମିକ ପାଇଁ ଆବେଦନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ଜିଲା ଶ୍ରମ ବିଭାଗର ରିପୋର୍ଟ ଅନୁସାରେ ନୟାଗଡ ଜିଲାରେ ମହିଳା ଶ୍ରମିକଙ୍କ ଅଭାବ ରହିଛି। ପଞ୍ଜୀକୃତ ମହିଳାଙ୍କ ସଂଖ୍ୟା ମାତ୍ର ୧୩ ପ୍ରତିଶତ ଅର୍ଥାତ୍ ୫୪ ହଜାର ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଏବେ ମେ ୧ ତାରିଖରୁ ଆଉ ମହିଳା ଅଥବା ପୁରୁଷ ନିର୍ମାଣ ଶ୍ରମିକଙ୍କ ସମ୍ପର୍କରେ ତଥ୍ୟ ମିଳୁନି। ଅନ୍‌ଲାଇନରେ ଏଣ୍ଟ୍ରି କରିବାର ସୁବିଧା ଦେବା ଅବସରରେ ମେ ୧ରୁ ଶ୍ରମ ପୋର୍ଟାଲ ଶୋ କରୁନାହିଁ। ମହିଳା କି ପୁରୁଷ ନିର୍ମାଣ ଶ୍ରମିକ ପଞ୍ଜୀକରଣ, ନବୀକରଣ କରି ପାରୁନାହାନ୍ତି। ଅନ୍ୟପକ୍ଷେ ମହିଳା ଶ୍ରମିକ କମିବାର କାରଣ ଖୋଜାଯାଉନି। ତ୍ରୁଟି କେଉଁଠି ରହୁଛି ତା'ର ସମୀକ୍ଷା ନାହିଁ। ଏଭଳିସ୍ଥଳେ ମହିଳାମାନେ ନିଜ ଜିଲାର ଭିଟାମାଟି ଛାଡି ଅନ୍ୟତ୍ର କାମ କରୁଛନ୍ତି। ଏହାର ନଜିର ରାଜଧାନୀ ଭୁବନେଶ୍ୱରକୁ ନିଆଯାଇପାରେ। ଏଠାରେ ଯେଉଁ ମହିଳା ଶ୍ରମିକମାନେ କୋଠାବାଡି ପରି ନିର୍ମାଣ କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି ସେଥିରୁ ପ୍ରାୟ ୮୧ ପ୍ରତିଶତଙ୍କର ଘର ନୟାଗଡ଼ ଜିଲାରେ ବୋଲି ଜଣାପଡିଛି। ନୟାଗଡ଼ର ଜଷ୍ଟିସ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟ କହୁଛି ମହିଳା ଶ୍ରମିକଙ୍କୁ ଅଣଦେଖା କରାଯାଉଥିବାରୁ ସେମାନେ ବାହାରକୁ ଚାଲି ଯାଉଛନ୍ତି। ଭୁବନେଶ୍ୱରରେ ଏମାନଙ୍କର ସଂଖ୍ୟା ଅଧିକ। ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏଭଳି କଥାକୁ ନିର୍ମାଣ ଶ୍ରମିକ ସେବା ସପ୍ତାହରେ ସ୍ୱୀକାର କରାଯାଇଛି। କାରଣ ଜିଲାରେ ମହିଳା ଶ୍ରମିକଙ୍କ ସଂଖ୍ୟା ଅଧିକ ଥିଲେ ହେଁ ସେମାନେ ପଞ୍ଜୀକୃତ ହୋଇପାରୁନାହାନ୍ତି ।

### ସ୍ୱତନ୍ତ୍ର ନିୟମ ଶୀତଳଭଣ୍ଡାରରେ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ବର୍ଷକୁ ଅତି କମ୍‌ରେ ୯୦ଦିନ କାମ କରିଥିଲେ ଜଣେ ମହିଳାଙ୍କର ନାଁ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ ହୋଇପାରିବ। ଆଇନ ଏଭଳି କଥା କହୁଥିଲେ ହେଁ କାର୍ଯ୍ୟକ୍ଷେତ୍ରରେ ଏହାର ଓଲଟା ଦେଖିବାକୁ ମିଳୁଛି। କାରଣ ଆଇନକୁ ଶୀତଳଭଣ୍ଡାରକୁ ଫୋପାଡି ନିଜକୁ ସୁହାଇବା ଭଳି କାମ ଚାଲିଛି। ଜଣେ ମହିଳା ଜବ୍‌କାର୍ଡଧାରୀଙ୍କ ସୂଚନା ଅନୁସାରେ କାମ ମାଗିଲେ ମିଳୁନାହିଁ। କାମ ନ ମିଳିଲେ ବେରୋଜଗାରୀ ଭତ୍ତା ଦିଆଯିବାର ନିୟମ ରହିଛି। ହେଲେ ଆବେଦନପତ୍ର ଗ୍ରହଣ କରୁ ନ ଥିବାରୁ ବେରୋଜଗାର ଭତ୍ତା ଦିଆଯାଉନାହିଁ। ସେହିଭଳି ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ମେସିନ ଦ୍ୱାରା କରାଯାଉଛି। ମିଥ୍ୟା ଶ୍ରମ ଦିବସ ସୃଷ୍ଟି କରାଯାଇ ସବୁ କିଛି ଠିକ୍‌ଠାକ୍ ଚାଲୁଥିବା କାଗଜପତ୍ର ଦର୍ଶାଯାଉଛି। ଏଥିରେ ନିଜକୁ ସୁହାଇବା ଭଳି ଜବ୍‌କାର୍ଡଧାରୀଙ୍କ ନାଁ ସାମିଲ କରାଯାଉଛି। ଯେଉଁମାନେ ପ୍ରତିବାଦ କରିବେ ନାହିଁ। କାମକୁ ନ ଆସି ସ୍ୱଳ୍ପ ଟଙ୍କାରେ ସନ୍ତୁଷ୍ଟ ରହିବେ। ସେଭଳି ପୁରୁଷ ଲୋକଙ୍କ ନାଁ ସାମିଲ ହେଉଛି। କେତେଜଣ ମହିଳାଙ୍କ ନାଁ ରଖାଯାଉଛି। ଏଣୁ ମହିଳା ଶ୍ରମିକ କେବେ ହେଲେ ୯୦ ଦିନର କାମ ପାଇ ପାରିବେନି କି ନିର୍ମାଣ ଶ୍ରମିକର ପରିଚୟ ମିଳିବ ନାହିଁ, ଯାହାକି ନୟାଗଡ଼ ଜିଲାରେ ଏକ ଚିରାଚରିତ ପ୍ରଥାରେ ପରିଣତ ହୋଇଛି। ଏ ନେଇ ସମସ୍ତେ ଅବଗତ ଥିଲେ ବି ପଦକ୍ଷେପ ଶୂନ। ଯଦି କେହି ପ୍ରତିବାଦ କରୁଛନ୍ତି ତାଙ୍କୁ ଅଯଥାରେ ମାରପିଟ , ଗାଳିଗୁଲଜ ସହିବାକୁ ପଡୁଛି। ଏଣୁ ମହିଳାମାନେ ରାଜନୀତିଠାରୁ ଦୂରେଇ ବାହାରେ କାମ କରି ପେଟ ପୋଷୁଛନ୍ତି। ଏ ନେଇ ବେରୁଆଁବାରୀର ଝରୀ ବେଓ୍ୱା, ଭଞ୍ଜ ନାୟକ ଓ କୁମୁଦିନୀ ସାହୁ କୁହନ୍ତି, ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବାକୁ ଆବେଦନର ୫ ବର୍ଷ ଶେଷ ହୋଇଗଲାଣି। ଆମର ଯିବା ଆସିବା, ଖାଦ୍ୟପେୟରେ ଜଣ ପିଛା ୩ରୁ ୫ ହଜାର ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ଏଭଳିସ୍ଥଳେ ଆଉ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବୁ ବୋଲି ଆଶା ରଖିନୁ। ଏ ନେଇ ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ର କୁହନ୍ତି, ଅଫ୍‌ଲାଇନରେ ଆଉ ନିର୍ମାଣ ଶ୍ରମିକ ଆବେଦନ କରୁନାହାନ୍ତି। ଏବେ ଅନ୍‌ଲାଇନରେ ଆବେଦନ ହେଉଛି। ତେବେ ମେ ୧ରୁ ପୋର୍ଟାଲ ଖୋଲୁ ନ ଥିବାରୁ ଶ୍ରମିକଙ୍କ ତଥ୍ୟ ଦେଇହେଉନାହିଁ। ତେବେ ମହିଳା ଶ୍ରମିକଙ୍କୁ କୃଷି ଶ୍ରମିକ କହି ଫେରାଇବାର ଅଭିଯୋଗର ସତ୍ୟତା ନାହିଁ। ପୁଣି ଯେଉଁ ମହିଳା ଜବ୍‌କାର୍ଡଧାରୀ ୯୦ ଦିନ କାମ କରିଥିବେ ସେମାନଙ୍କ ରେକର୍ଡ ବିଡିଓଙ୍କଠାରୁ ମଗାଯାଇଛି। ମହିଳାମାନଙ୍କୁ ଅଣଦେଖା କରୁନାହୁଁ ବୋଲି ଜିଲା ଶ୍ରମ ଅଧିକାରୀ ମିଶ୍ର କହିଥିଲେ।

## ଅଗ୍ନିକାଣ୍ଡରେ ୨ବଖରା ଭସ୍ମୀଭୂତ



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର।

**ଗଣିଆ, ୨୭।୬ (ଡି.ଏନ୍.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ଈଶ୍ୱରପୁର ଗାଁରେ ରବିବାର ମଧ୍ୟରାତ୍ରରେ ଅଗ୍ନିକାଣ୍ଡ ଘଟି ୨ବଖରା ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ଗ୍ରାମର ସହାଶିବ ଦଳେଇ ଓ ତାଙ୍କ ପୁଅ ସୁରେଶଙ୍କ ୨ ଘର ଏବଂ ଏକ ବଖରା ଗୁହାଳଘର ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତ୍ରି ପ୍ରାୟ ୧୨ଟା ୪୦ମିନିଟ ସମୟରେ ସଦାଶିବଙ୍କ ଘରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଗଣିଆ ଅଗ୍ନିଶମ ବିଭାଗ ଖବର ପାଇଁ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସଦାଶିବ ଓ ସୁରେଶଙ୍କ ପରିବାରର ସମସ୍ତ ଆସବାବପତ୍ର ସହ ଟିଭି, ଲୁଗାପଟା ଓ ନଗଦ ୨୫ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି । ଖବର ପାଇ ସୋମବାର ସକାଳୁ ଗଣିଆ ଅତିରିକ୍ତ ତହସିଲଦାର ବନମାଳି ପରିଡ଼ା, ଛାମୁଣ୍ଡିଆ ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ବାରିକି ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଭେଟି ଜରିପାଲ ପ୍ରଦାନ କରିଥିଲେ। ଅନ୍ୟ ପରି ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ଜିଲା ପରିଷଦ ସଭ୍ୟ ନରେଶ ବେହେରା, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ସମିତିସଭ୍ୟା ସସ୍ମିତା ଦଳେଇ ବିପନ୍ନ ପରିବାରକୁ ଭେଟି ଶୁଖିଲା ଖାଦ୍ୟ, ଚାଉଳ ଓ ନୂତନ ବସ୍ତ୍ର ପ୍ରଦାନ କରିଥିଲେ ।

## ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା, ୨୭।୬ (ସ୍ୱ.ପ୍ର.)**

### କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟ

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନେଇ ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ଅଜୟ କୁମାର ସେଠୀ ବୈଠକରେ ପୌରୋହିତ୍ୟ କରିଥିଲେ। ଜୁବୁଲି କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ନଭେମ୍ବରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଏ ଅବସରରେ ଏକ ଗଣଦୌଡ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ବିଦ୍ୟାଳୟର ମୁଖପତ୍ର (ସ୍ମରଣିକା) ପ୍ରକାଶ ପାଇବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସୁଚାରୁରୂପେ ସମ୍ପାଦନ ପାଇଁ ଏକ କମିଟି ଗଠନ କରାଯାଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସଚୀକାନ୍ତ ସାହୁଙ୍କ ସମେତ ପୁରାତନ ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତିମାନେ ବୈଠକରେ ଯୋଗ ଦେଇଥିଲେ।

# ସ୍ୱାଭିମାନ ମଞ୍ଚର ଜନସମ୍ପର୍କ ଶୋଭାଯାତ୍ରା




ଜନସମ୍ପର୍କ ଶୋଭାଯାତ୍ରାକୁ ନେଇ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥିମାନେ।

**ଦଶପଲ୍ଲା, ୨୭।୬ (ଡି.ଏନ.ଏ.)**

ଦଶପଲ୍ଲାରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ଜନସମ୍ପର୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଦଶପଲ୍ଲା-ଭଞ୍ଜନଗର ରାସ୍ତାରୁ ଏକ ବାଇକ୍ ରାଲି ବାହାରି ନଗର ପରିକ୍ରମା କରିଥିଲା। ସ୍ଥାନୀୟ ମେଡିକାଲ ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମହାବୀର ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ମହାପ୍ରଭୁଙ୍କୁ ଦର୍ଶନ କରି ରାଜବାଟୀ ନିକଟସ୍ଥ ନାୟୀକାଶୁଣୀଙ୍କ ମନ୍ଦିର ନିକଟରେ ପହଞ୍ଚି ଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଦଶପଲ୍ଲା ଅଞ୍ଚଳର ସାମାଜିକ କର୍ମୀ ଶ୍ରୀହରି ନାୟକ, ନୟାଗଡ଼ ଜିଲା ବିଜେଡି ଉପସଭାପତି ପ୍ରଦୋଷ କୁମାର ଜେନା, ଦଶପଲ୍ଲା ଏନଏସିର ପୂର୍ବତନ ଅଧ୍ୟକ୍ଷା ବବିତା ସାହୁ, ବର୍ତ୍ତମାନର ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀଙ୍କ ସମେତ ବହୁ ନେତା ଯୋଗଦେଇ ଦଶପଲ୍ଲାର ସମଗ୍ରୀକ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ।

## କେନାଲ ମରାମତି ନାଁରେ ୩୦ ଲକ୍ଷ ଟଙ୍କା ଆତ୍ମସାତ୍

**ନୟାଗଡ଼ ଅଫିସ,୨୭।୬**

ନୟାଗଡ଼ ଜଳସମ୍ପଦ ଡିଭିଜନର ଶରଣକୁଳ ସେକ୍ସନ ଅନ୍ତର୍ଗତ ଗୁଆଁଦ ଓ ଗଉଡ଼ପୁଟ ମାଇନରର କେନାଲ ମରାମତିରେ ଅନିୟମିତତା ହୋଇଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ ହୋଇଛି। ଏହି କାର୍ଯ୍ୟକୁ ନିମ୍ନମାନର କରାଯାଇ ୩୦ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ରହିଛି। ଉଭୟ କେନାଲର ମରାମତି କାର୍ଯ୍ୟରେ ବିଭାଗୀୟ ଶରଣକୁଳ ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କ ଜାଣତରେ ଠିକାଦାର ବିନା ସୂଚନା ଫଳକରେ ଏଷ୍ଟିମେଟଠାରୁ ଶତକଡା ୭୦ ଭାଗ ନିମ୍ନମାନର କାର୍ଯ୍ୟ କରି ପ୍ରାୟ ଟଙ୍କା ଆତ୍ମସାତ କରିଥିବା କଂଗ୍ରେସ ଅଭିଯୋଗ ଆଣିଛି। କଂଗ୍ରେସର ଅଭିଯୋଗ ଅନୁସାରେ, ଠିକାଦାରଙ୍କୁ ବିଭାଗୀୟ ଯନ୍ତ୍ରୀ ଅନୁକମ୍ପା ଦେଖାଉଛନ୍ତି। କାର୍ଯ୍ୟର ଗୁଣବତ୍ତାକୁ ନେଇ ଏକ ସରଜମିନ୍ ତଦନ୍ତ କରାଯାଇ ଆତ୍ମସାତ ହେଉଥିବା ସରକାରୀ ଟଙ୍କାକୁ ଫେରାଇ ଅଣାଯାଉ। ନଚେତ କଂଗ୍ରେସ ଦୁର୍ନୀତି ବିରୋଧରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବ ବୋଲି ଜିଲା ସଭାପତି ରଞ୍ଜିତ ଦାଶ ସୂଚନା ଦେଇଛନ୍ତି।

## ୭୨ ଜଣଙ୍କ ଚକ୍ଷୁ ପରୀକ୍ଷା



**ଖଣ୍ଡପଡ଼ା, ୨୭।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କଟକ ସିଡିଏସ୍ଥିତ ମଡର୍ଣ୍ଣ ଆଇ କେୟାର ପକ୍ଷରୁ ଆୟୋଜିତ ଶିବିରରେ ଡାକ୍ତର ନିରଞ୍ଜନ ପାଇକରାୟଙ୍କ ତତ୍ତ୍ୱାବଧାନରେ ୭୨ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ୧୮ଜଣଙ୍କୁ ଉକ୍ତ ଆଇ କେୟାର ସଂସ୍ଥାକୁ ପଠାଇ ଦିଆଯାଇଛି ବୋଲି ଡା. ପାଇକରାୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ନାୟକ ଓ ପିଙ୍କୁ ବେଉରା ଡାକ୍ତରଙ୍କୁ ସହଯୋଗ କରିଥିଲେ। କଣ୍ଟିଲୋ ପଞ୍ଚାୟତ ଅଞ୍ଚଳରେ ଚକ୍ଷୁ ରୋଗୀମାନଙ୍କୁ ସେବା ଯୋଗାଇଥିବା ସମ୍ପୃକ୍ତ ସଂସ୍ଥାକୁ ସରପଞ୍ଚ ଶ୍ରୀୟାରାଣୀ ବେହେରା, ସମିତିସଭ୍ୟା ଶିଖା ବେହେରା, ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଓ ନାଏବ ସରପଞ୍ଚ ପ୍ରଭାତ ସାହୁ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

## ରାଣୀପଡ଼ାରେ ରକ୍ତଦାନ ଶିବିର




**ଖଣ୍ଡପଡ଼ା, ୨୭।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକର ରାଣିପଡା ପଞ୍ଚାୟତ ଅଧୀନ ଭଗବତୀ ବିଦ୍ୟାପୀଠ ବିରିଡିହିଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓ ମହାବୀର ୟୁଥ କ୍ଲବର ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାଯାଇଛି। ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ବାରିକ, ପ୍ରଦୀପ କୁମାର ସାହୁ ଓ ସହଯୋଗୀମାନେ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଡା. ଜଜ୍ ସତ୍ୟବ୍ରତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନୟାଗଡ଼ ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।


**GOVERNMENT OF ODISHA**
**OFFICE OF THE**
**SUPERINTENDING ENGINEER, RWSS DIVISION, KORAPUT**
e-mail: eerwss_kpt@rediffmail.com, Ph. No.: 06852-250281 (Off), Ph. No. 06852-250680 (Res.) Fax No.: 06852-251098

**National Competitive Bidding Through E-Procurement**

**Tender Identification No. 05/SE/RWSS/KPT/2022-23 /23.06.2022**

No. O-541: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double Cover (P1 Contract) from the eligible class of experienced registered contractors through e-Tendering system for the Piped Water Supply works as detailed in DTCN. The bid should be submitted Online in the website **www.tenderorissa.gov.in** separately for the works.

| | | | |
|---|---|---|---|
| 1. | Nature of Work | : | Rural Piped Water Supply Projects under Koraput district. |
| 2. | Estimated Cost | : | Varies from 50.78 lakhs to 414.20 lakhs |
| 3. | Total Nos. of Works | : | 9 Nos. |
| 4. | Tender Cost | : | Rs.10,000.00 |
| 5. | Class of Contractor | : | "B", "A" & Special Class |
| 6. | Availability of Bid document in the website | : | Dt.06.07.2022 at 17.00 hours to 19.07.2022 upto 17.00 hours |
| 7. | Date of seeking clarification | : | During the office hours of 06.07.2022 to 18.07.2022 |
| 8. | Date of Opening of Bid | : | Dt.20.07.2022 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in**. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**RWS&S Division, Koraput**
**OIPR-25034/11/0008/2223**



150 YEARS OF CELEBRATING THE MAHATMA
सत्यमेव जयते
रक्षा सम्पदा संगठन Defence Estates Organisation

**Govt. of India, Ministry of Defence**
**Defence Estates Office, Odisha Circle**
**SECOND E-AUCTION NOTICE**

**File No.OR/AUCTION/XIX/25** **Dated:24.06.2022**

It is hereby notified for information of general public that Second E-auction of 398 different standing trees at Army A D College Gopalur in Gopalpur Mil. Stn., District Ganjam Through Central Public Procurement Portal of Govt of India i.e. www.eauction.gov.in. The bidders have to submit their bids online till 11.07.2022. The e-auction will be carried out on 13.07.2022. The other details/ descriptions of the trees along with terms and conditions of the auction can be obtained by the interested persons through www.eauction.gov.in for further information if required, kindly mail deobhub-stats@nic.in.

Auction Id 2022_MoD_1865

**Sd/- (Hemant Jain)**
**Defence Estates Officer**
**Odisha circle, Bhubaneswar**



**ଏସ୍‌ଏଲ୍‌ଆର୍/ଭିପିର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୦୧-୨୨ ତାରିଖ: ୨୪।୦୬।୨୦୨୨

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ପାର୍ସଲଗୁଡ଼ିକର ପରିବହନ ପାଇଁ ୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲଆର୍/ଭିପିଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା **https://www.ireps.gov.in** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତି ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୦୧-୨୨ | ୧୧।୦୭।୨୦୨୨ | ୧୦.୦୦ ଘଟିକା | ୧୩.୦୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-264) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ



**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି**

ରେଳ କାର୍ଗୋକୁ ସମ୍ଭାଳିବା ନିମନ୍ତେ ଅତିରିକ୍ତ ଟର୍ମିନାଲର ବିକାଶରେ ଉଦ୍ୟୋଗରୁ ନିବେଶକୁ ବୃଦ୍ଧି କରିବା ପାଇଁ, ଏକ ନୂଆ ଗତି ଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲ (ଜିସିଟି) ନୀତି ଆଗତ କରାଯାଇଛି । ନୀତିକୁ କାର୍ଯ୍ୟାନ୍ୱୟନ କରିବା ପାଇଁ, ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଗତି ଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲ (ଜିସିଟି) ଯୋଜନା ଅଧୀନରେ ବିମଲଗଡ଼-ବରସୁଆଁ ସେକ୍ସନ ମଧ୍ୟରେ ଗଗନାପୋଷଠାରେ ଗତି ଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲର ବିକାଶ ନିମନ୍ତେ ଇଓଆଇ ଆହ୍ୱାନ କରୁଛି ।

ଇଓଆଇ ଦସ୍ତାବିଜ ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ପ୍ରକାଶିତ ହେଉଛି । ଏହି ଇଓଆଇ ଦସ୍ତାବିଜର ଉଦ୍ଦେଶ୍ୟ ହେଉଛି ଆଗ୍ରହୀ ପକ୍ଷମାନଙ୍କୁ ପ୍ରକଳ୍ପ ସମ୍ପର୍କରେ ସୂଚନା ଯୋଗାଇବା ଏବଂ ପ୍ରକଳ୍ପର ପରିସରକୁ ବୁଝିବାରେ ସାହାଯ୍ୟ କରିବା ତଥା ଆଗ୍ରହୀ ଓ ଯୋଗ୍ୟ "ଏଜେନ୍ସିଗୁଡ଼ିକ"ଠାରୁ ମତାମତ ଆହ୍ୱାନ କରିବା । ଇଓଆଇ ବିଜ୍ଞପ୍ତି ପ୍ରତ୍ୟୁତ୍ତରରେ ନିଜର ମତାମତ ଏବଂ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ଇଓଆଇ ଦସ୍ତାବିଜଗୁଡ଼ିକୁ ଧ୍ୟାନ ସହକାରେ ପଢ଼ିନେବା ପାଇଁ ଏଜେନ୍ସିଗୁଡ଼ିକୁ ପରାମର୍ଶ ଦିଆଯାଉଛି । ଏହି ଇଓଆଇ ଦସ୍ତାବିଜ ପାଇଁ ଅଂଶଗ୍ରହଣକାରୀମାନଙ୍କଠାରୁ ପ୍ରାପ୍ତ ପ୍ରତ୍ୟୁତ୍ତରର ଅଂଶବିଶେଷ ଭାବେ ମତାମତ ଏବଂ ପ୍ରସ୍ତାବଗୁଡ଼ିକୁ ପ୍ରକଳ୍ପ ନିମନ୍ତେ ଆର୍‌ଏଫ୍‌ପିକୁ ଔପଚାରିକ ରୂପ ଦେବା ପାଇଁ ବ୍ୟବହାର କରାଯାଇପାରେ, ଯାହାକୁ ନିକଟ ଭବିଷ୍ୟତରେ ପ୍ରକାଶିତ କରାଯିବ । ଇଓଆଇ ଦସ୍ତାବିଜଗୁଡ଼ିକ ହସ୍ତାନ୍ତରଯୋଗ୍ୟ ନୁହେଁ ।

| | |
|---|---|
| ଇଓଆଇ ପ୍ରତ୍ୟୁତ୍ତରର ଶେଷ ତାରିଖ | ସର୍ବଶେଷ ୩୧।୦୭।୨୦୨୨, ୧୫.୦୦ ଘଟିକା ସୁଦ୍ଧା |
| ଇଓଆଇ ପ୍ରତି ଅଫର/ପ୍ରତ୍ୟୁତ୍ତର ଦାଖଲ କରାଯିବ | କ) ଇମେଲ୍: srdcm@ckp.railnet.gov.in<br>ଖ) ପ୍ରତ୍ୟୁତ୍ତରଗୁଡ଼ିକର ହାର୍ଡକପିକୁ ସ୍ପିଡ୍ ପୋଷ୍ଟ ଜରିଆରେ ନିମ୍ନଲିଖିତ ଠିକଣାକୁ ୩୧.୦୭.୨୦୨୨, ୧୫.୦୦ ଘଟିକା ସୁଦ୍ଧା ପଠାଯିବା ଆବଶ୍ୟକ:<br>ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର<br>ଦକ୍ଷିଣ ପୂର୍ବ ରେଳପଥ<br>ଚକ୍ରଧରପୁର ଡିଭିଜନ<br>ଚକ୍ରଧରପୁର-୮୩୧୦୦୧ |
| ଇଓଆଇ ଡାଉନଲୋଡ୍ ପାଇଁ ୱେବ୍‌ସାଇଟ୍ | https://ser.indianrailways.gov.in |

(PR-265) ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଚକ୍ରଧରପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ



**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩

**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ରଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି।

୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ନିମ୍ନଦର୍ଶିତ ଦଖଲ ତାରିଖ ସୁଦ୍ଧା ବକେୟା ଦେୟ ତତ୍‌ସହିତ ପରିଶୋଧ ତାରିଖ ଯାଏ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ଏବଂ ଦେୟ ।

୩) ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| **ଓଡ଼ଗାଁ ଶାଖା /** ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପିତବାସ ସେନାପତି, ପିତା: ଶ୍ରୀ ହଜାରୀ ସେନାପତି / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ କାଶିନାଥ ସେନାପତି, ପିତା: ଶ୍ରୀ ହଜାରୀ ସେନାପତି, ୨) ଶ୍ରୀ ଭାସ୍କର ସେନାପତି, ପିତା: ଶ୍ରୀ ହଜାରୀ ସେନାପତି / ଜାମିନ୍‌ଦାର: ଶ୍ରୀ ସଞ୍ଜିବ କୁମାର ମହାପାତ୍ର, ପିତା: ଦୁର୍ଯ୍ୟୋଧନ ମହାପାତ୍ର, ସମସ୍ତଙ୍କ ଠିକଣା- ସା.: ପଞ୍ଚରିଡା ମାନପୁର, ପୋ.: ପଞ୍ଚରିଡା, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୦ | ଶ୍ରୀ କାଶିନାଥ ସେନାପତି, ଶ୍ରୀ ଭାସ୍କର ସେନାପତି ଏବଂ ଶ୍ରୀ ପିତାମ୍ବର ସେନାପତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ପଞ୍ଚରିଡା ମାନପୁର, ଖାତା ନଂ.: ୪୨, ପ୍ଲଟ୍ ନଂ.: ୧୩୭୫, କ୍ଷେତ୍ର: ଏକର୦.୦୬୦ ଡିସିମିଲି, କିସମ: ଘରବାରି | ୧୫.୦୯.୨୦୨୧ ସୁଦ୍ଧା ଟ.୫,୧୮,୩୨୯/-/ ୨୩.୦୬.୨୦୨୨ ସୁଦ୍ଧା ଟ.୫,୬୪,୦୦୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୦୯.୨୦୨୧ / ୨୩.୦୬.୨୦୨୨ |
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପ୍ରଭାତ କୁମାର ଦାଶ, ପିତା: ଶ୍ରୀ ସୁଦର୍ଶନ ଦାଶ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ଦାଶ, ପିତା: ସୁଦର୍ଶନ ଦାଶ, ଉଭୟଙ୍କ ଠିକଣା- ସା.: ଗୋଠବଣ, ପୋ.: ଗୌଡପୁଟ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୭୭ | ଶ୍ରୀ ପ୍ରଭାତ କୁମାର ଦାଶ ଏବଂ ଶ୍ରୀ ସନ୍ତୋଷ କୁମାର ଦାଶଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଘଷାଦେଇପୁର, ଖାତା ନଂ.: ୨୬୨/୧୭୯, ପ୍ଲଟ୍ ନଂ.: ୬୭୨/୧୦୯୩, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି | ୧୫.୦୯.୨୦୨୧ ସୁଦ୍ଧା ଟ.୬,୯୭,୪୬୮/-/ ୨୩.୦୬.୨୦୨୨ ସୁଦ୍ଧା ଟ.୭,୭୪,୯୬୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୦୯.୨୦୨୧ / ୨୩.୦୬.୨୦୨୨ |

ତାରିଖ: ୨୭.୦୬.୨୦୨୨, ସ୍ଥାନ: ଖୋର୍ଦ୍ଧା — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

## ସଂକ୍ଷେପରେ

### କଂଗ୍ରେସ ପକ୍ଷରୁ ଅଗ୍ନିପଥକୁ ବାତିଲ ଦାବିରେ ସତ୍ୟାଗ୍ରହ



ରଣପୁର:୨୭।୬(ସ୍ୱ.ପ୍ର.) : ଅଖିଳ ଭାରତୀୟ କଂଗ୍ରେସ କମିଟି ଡାକରାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସତ୍ୟାଗହ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ରଣପୁର ପଞ୍ଚୁଦୋଳ ପଡ଼ିଆ ରଘୁଦିବାକର ମଣ୍ଡପଠାରେ କଂଗ୍ରେସ ଯୁବନେତା ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଓ ନେତା ଅଂଶଗ୍ରହଣ କରିଥିଲେ। ଛାତ୍ର, ଯୁବକ, ତଥା ବେକାର ଯୁବକମାନଙ୍କ ସହ ଏକ ଦୀର୍ଘସ୍ଥାୟୀ ପ୍ରତାରଣାମୂଳକ ଯୋଜନା ଅଗ୍ନିପଥକୁ ବାତିଲ କରିବା, ଦେଶର ସମସ୍ତ ନିଯୁକ୍ତିକ୍ଷମ ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି, ନିଯୁକ୍ତି କ୍ଷେତ୍ରରେ ସମସ୍ତ ଠିକା ବ୍ୟବସ୍ଥା ବାତିଲ,ଦେଶର ସାର୍ବଭୌମକୁ ସୁରକ୍ଷିତ ରଖିବାକୁ ଦେଶର ଭବିଷ୍ୟତ ଯୁବପିଢ଼ି ସହ ପ୍ରତାରଣା ନ କରିବାକୁ ଦାବି କରିଥିଲେ। ଏହି ସତ୍ୟାଗ୍ରହରେ,ରଣପୁର ବାର୍ ଆସୋସିଏଶନର ସମ୍ପାଦକ ସତ୍ୟରଞ୍ଜନ ମଣ୍ଡା, ନୟାଗଡ଼ ଜିଲା ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ମୀର୍ ଆବୁବକର ସିଦ୍ଧିକ, କିଷାନ ସେଲ୍ ସଭାପତି ଧ୍ରୁବଚରଣ ପରିଡ଼ା,ମହିଳା କଂଗ୍ରେସ ସଭାପତି ପ୍ରତିମା ଜେନା, ଶତ୍ରୁଘନ ପାଇକରାଏ, ବାଳକୃଷ୍ଣ ଷଡ଼ଙ୍ଗୀ, ଭିକାରୀ ପାତାଳ ସିଂ, ଉମେଶ ସାହୁ ପ୍ରମୁଖ ସାମିଲ ହୋଇ ଏହାକୁ ତୀବ୍ର ବିରୋଧ କରିଥିଲେ। ଏହି ସତ୍ୟାଗ୍ରହ ସକାଳ ୮ ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଚାଲିଥିଲା।

### ବାଣ ଭିଡୁଥିବା ବେଳେ ଜଣେ ଗିରଫ

ଛତ୍ରପୁର,୨୭।୬(ଡି.ଏନ.ଏ) ଚମାଖଣ୍ଡି ଥାନା ଅଧିନ ନରେନ୍ଦ୍ରପୁର ଗାଁରେ ବେଆଇନ୍ ଭାବେ ଦୀର୍ଘ ଦିନ ଧରି ବାଣ ଭିଡୁଥିବା ହୋଇଥିଲା । ଏଥିସହ ସେ ରାତି ସମୟରେ ବାଣ ଫୁଟାଉଥିଲେ ଏବଂ ଏନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଏନେଇ ଗାଁବାସୀଙ୍କ ଏତଲାକ୍ରମେ ରବିବାର ରାତିରେ ଚମାଖଣ୍ଡି ପୋଲିସ ଅଚାନକ ଚଢାଉ କରିଥିଲେ । ଅନୀଲ ବାଣ ଭିଡୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବା ସହ ବାଣ ଏବଂ ଏହାର ପ୍ରସ୍ତୁତ ସାମଗ୍ରୀ ଜବତ କରାଯାଇଥିଲା । ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

# ସାଇକେଲ ଷ୍ଟାଣ୍ଡ, ଶିଡ଼ି ତଳେ ପଢୁଛନ୍ତି ଛାତ୍ରୀଛାତ୍ର

■ ରୂପାନ୍ତରିତ ସ୍କୁଲର ବାସ୍ତବ ଚିତ୍ର
■ ପ୍ରାଥମିକ ଆବଶ୍ୟକତା ପ୍ରତି ସରକାରଙ୍କ ନଜର ନାହିଁ

ନୂଆଗାଁ, ୨୭।୬ (ଡି.ଏନ.ଏ.)

ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବାକୁ ରାଜ୍ୟ ସରକାର ୫-ଟି ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରି ସ୍କୁଲଗୁଡିକୁ ରଙ୍ଗ ବେରଙ୍ଗରେ ସଜାଉଛନ୍ତି। ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ସାଧାରଣରେ ସ୍ୱାଗତ କରାଯାଉଥିବା ବେଳେ ରୂପାନ୍ତରିତ ହୋଇଥିବା ସ୍କୁଲଗୁଡିକର ବାସ୍ତବ ଚିତ୍ର ଦେଖିଲେ ସ୍କୁଲ ତଥା ଛାତ୍ରୀଛାତ୍ରଙ୍କ ପ୍ରତି ସରକାରଙ୍କ ନଜର ନାହିଁ ପ୍ରତିୟମାନ ହେଉଛି। ବରଂ କେତେଜଣ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ଏହି ଯୋଜନା କରିଥିବା ଅଭିଯୋଗ ହେଉଛି। ରୂପାନ୍ତରିତ ସ୍କୁଲରେ ଛାତ୍ରୀଛାତ୍ରମାନେ ସାଇକେଲ ଷ୍ଟାଣ୍ଡ ଓ ସିଡି ତଳେ ବସି ପାଠ ପଢିବା ଘଟଣା ସୂଚାଇ ଦେଉଛି ଏହାର ବାସ୍ତବ ଚିତ୍ର। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକର ନୂଆଗାଁ ଉଚ୍ଚ ବିଦ୍ୟାଳୟ ଓ ଡିମିରିଝରୀ ଉଚ୍ଚ ବିଦ୍ୟାଳୟରେ।

ପ୍ରତି ପିଲାଙ୍କୁ ସ୍କୁଲ ଅଭିମୁଖୀ କରାଇବାକୁ ସରକାର ମାଗଣା ପୋଷାକ, ପୁସ୍ତକ, ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି। ଡିଜିଟାଲ ଯୁଗରେ ଆଉ ଦିପାଦ ଆଗକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ସୁନ୍ଦର ପରିବେଶ ମଧ୍ୟରେ ସ୍ମାର୍ଟ ଶ୍ରେଣୀ ଗୃହରେ ବସି ପାଠ ପଢିବାର ଯୋଜନା କରିଛନ୍ତି। ସେଥିପାଇଁ ଅନେକ ସ୍କୁଲକୁ ୫-ଟି ଯୋଜନାରେ ରୂପାନ୍ତରିତ ସ୍କୁଲ କରିବାର ଯୋଜନା କରି ୩୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ଅଧିକ ଆବଶ୍ୟକସ୍ଥଳେ ପଞ୍ଚାୟତରୁ ଅନୁଦାନ ଦେବାକୁ ନିର୍ଦ୍ଦେଶ ମଧ ଦିଆଯାଇଛି। ତେବେ ଉକ୍ତ ଅନୁଦାନରେ କେବଳ ସ୍କୁଲ ସଜାଡିବା ସହ ଲାଇବ୍ରେରୀ ଗୃହ, ୨ଟି ସ୍ମାର୍ଟ କ୍ଲାସ ରୁମ, ବିଜ୍ଞାନଗାର କରିବାର ନିୟମ ରହିଛି। ସ୍କୁଲଗୁଡିକରେ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବା ବେଳେ ପ୍ରାଥମିକ ଭାବେ ସେଥିପ୍ରତି ଦୃଷ୍ଟି ନ ଦେଇ ଏସବୁ କାମ କରିବାକୁ ନିର୍ଦ୍ଦେଶ ଦିଆଗଲା। ଫଳରେ ଲାଇବ୍ରେରୀ ଗୃହ, ସ୍ମାର୍ଟ କ୍ଲାସ ରୁମ, ବିଜ୍ଞାନାଗାରରେ ଶ୍ରେଣୀ ଗୃହକୁ ବ୍ୟବହାର କରାଯିବା ଫଳରେ ଛାତ୍ରୀଛାତ୍ରଙ୍କ ପାଠ ପଢିବା ନିମନ୍ତେ ଶ୍ରେଣୀ ଗୃହର ଅଭାବ ଦେଖାଦେଇଛି। କେଉଁ ସ୍କୁଲରେ ଛାତ୍ରୀଛାତ୍ରମାନେ ସାଇକେଲ ଷ୍ଟାଣ୍ଡରେ ତ ଆଉ କେଉଁଠାରେ ସିଡି ତଳେ ବସି ପାଠ ପଢୁଛନ୍ତି। ନୂଆଗାଁ ହାଇସ୍କୁଲ ନୂଆଗାଁ ବ୍ଲକର ଏକ ପ୍ରମୁଖ ସ୍କୁଲ ହୋଇଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡା ଓ ସିଡି ତଳେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ଏ ନେଇ ନୂଆଗାଁ ହାଇସ୍କୁଲ ପରିଚାଳନା କମିଟିର ସଭାପତି ବିଜୟ କୁମାର ଶାସମଲ, ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରିବାରେ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବିଡିଓ ଅନୁଦାନ ଦେବେ ବୋଲି କହିଥିଲେ ଉପଜିଲାପାଳ ଲଗ୍ନଜିତ ରାଉତ । ସେହିପରି ବଡଗୋଠ ପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହ ଅଭାବ ରହିଥିବାରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ସାଇକେଲ ଷ୍ଟାଣ୍ଡରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ରୂପାନ୍ତରିତ ସ୍କୁଲଗୁଡିକରେ ଏପରି ଅବ୍ୟବସ୍ଥା ବାବଦରେ ନୟାଗଡ଼ ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରେ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ଆମେ ବ୍ୟବସ୍ଥା କରୁଛୁ ବୋଲି ସେ କହିଛନ୍ତି।



ସାଇକେଲ ଷ୍ଟାଣ୍ଡରେ ଚାଲିଛି ପାଠପଢ଼ା।



ଶିଡ଼ି ତଳେ ବସି ଛାତ୍ରୀଛାତ୍ର ପଢୁଛନ୍ତି।

### ଡାକବଜା ରାସ୍ତା ଶୋଚନୀୟ



ଧରାକୋଟ,୨୭।୬ (ଡି.ଏନ୍.ଏ.)

ଧରାକୋଟ ବ୍ଲକ ଅନ୍ତର୍ଗତ ବହାରପୁର ପଞ୍ଚାୟତ ଅନ୍ତର୍ଗତ ଡାକବଜା ଗ୍ରାମର ତଳ ସାହି ରାସ୍ତା, ତିନି ଛକଠାରୁ ଗାଁ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା, ବଡ଼ ସାହି ବାରିତଳ ଖଳା ରାସ୍ତା, ତଳ ସାହି ବାରିପଟ ରାସ୍ତା ଅବସ୍ଥା ଖରାପ ହୋଇ ରହିଥିବାବେଳେ ତଳ ସାହି ରାସ୍ତା ଶୋଚନୀୟ ସ୍ଥିତିରେ ପହଞ୍ଚିଛି। ଏହି ରାସ୍ତା ଦେଇ ଜନବିଲି, ଘୋଡ଼ଦେଇ ମନ୍ଦିର ସହ ଲୋକେ ନିଜର ଚାଷ ଜମିକୁ ଯାଉଥିବାରୁ ଏହା ଏକ ବ୍ୟସ୍ତ ବହୁଳ ରାସ୍ତା ଅଟେ। କିନ୍ତୁ ରାସ୍ତାର ସ୍ଥିତାବସ୍ଥା ଯାହା ସେଥିରେ ଗାଡି ମଟର ତ ଦୂରର କଥା ଚାଲି ଚାଲି ଯିବାରେ ଅସୁବିଧା ସୃଷ୍ଟି ହେଉଛି। ଏପରି କି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସରକାର ଗ୍ରାମ୍ୟ ରାସ୍ତା, ସଂଯୋଗି କରଣ ରାସ୍ତା ନିର୍ମାଣ ଓ ଉନ୍ନତି କରଣ ପାଇଁ ଗରୁତ୍ୱ ଦେଇ ଅନୁଦାନ ଦେଉଥିଲେ ମଧ ଡାକିବଜା ଗ୍ରାମ ପାଇଁ ଆନ୍ତରିକତା ଦେଖାଉ ନାହାନ୍ତି। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବ୍ଲକ ସହାୟକ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ବେଳେ ଡାକିବଜା ଗ୍ରାମର ତଳ ସାହି ରାସ୍ତା ସହ ଅନ୍ୟାନ୍ୟ ରାସ୍ତା ନିର୍ମାଣ ପାଇଁ ପ୍ରାଥମିକତା ଦିଆଯିବ ବୋଲି ପ୍ରତଶ୍ରୁତି ଦେଇଛନ୍ତି।

# ରଣପୁରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି



ଜିଲାପାଳ ପୋମା ଟୁଡୁଙ୍କୁ ଜଣେ ବ୍ୟକ୍ତି ଅଭିଯୋଗ କରୁଛନ୍ତି।

ନୟାଗଡ଼ ଅଫିସ/ରଣପୁର, ୨୭।୬ (ସ୍ୱ.ପ୍ର.)

ରଣପୁର ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋମବାର ୧୪୪ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ବ୍ୟକ୍ତିଗତ ଭାବେ ୧୩୦ଗୋଟି ଅଭିଯୋଗ ଓ ୬ଟି ସାମୂହିକ ଗ୍ରାମ ବିବାଦର ଶୁଣାଣି କରାଯାଇ ସମୁଦାୟ ୩୯ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୭ ଜଣ ଦରଖାସ୍ତକାରୀଙ୍କ ୬୩୦ ହଜାର ଟଙ୍କା ଓ ଜିଲା ରେଡକ୍ରସରୁ ଜଣେ ଦରଖାସ୍ତକାରୀଙ୍କୁ ୭ ହଜାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଏସ୍‌ପି ଅଲେଖ ପହି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣପୁର, ତହସିଲଦାର, ନିର୍ବାହୀ ଅଧିକାରୀ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ଜିଲାସ୍ତରୀୟ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗଗୁଡ଼ିକ ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।

### ପାରଳାଖେମୁଣ୍ଡିରେ ସିପିଆଇ ପକ୍ଷରୁ ବିକ୍ଷୋଭ

ପାରଳାଖେମୁଣ୍ଡି,୨୭।୬(ଡି.ଏନ୍.ଏ.)

ପାରଳାଖେମୁଣ୍ଡିରେ ସିପିଆଇ୍ ପକ୍ଷରୁ ସ୍ଥାନୀୟ ସମସ୍ୟା ଓ ଆଦିବାସୀଙ୍କ ଜଙ୍ଗଲ ଜମିପଟ୍ଟା ପ୍ରଦାନ ଆଦି ୨୧ଦଫା ଦାବି ନେଇ ଏକ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି । ଏଥିସହ ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନଙ୍କ ମୁଖ୍ୟ ଦାବି ହେଲା ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାର୍ଷିକ ୨୦୦ଦିନ କାମ ସହ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ କରିବା, ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର କରିବା ଆଦି ଦାବିନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

# ପଥର ଖଣି ନିଲାମ ପ୍ରତ୍ୟାହାର ଦାବି

ଓସ୍ତପଡା, ଜଙ୍କିଆ ବାସିନ୍ଦାଙ୍କ ଜିଲାପାଳଙ୍କୁ ଫେରାଦ

ନୟାଗଡ଼ ଅଫିସ/ରଣପୁର, ୨୭।୬ (ସ୍ୱ.ପ୍ର.)

ରଣପୁର ତହସିଲ ଝାରପଡା ଆରଆଇ ସର୍କଲର ଓସ୍ତପଡା ଓ ଜଙ୍କିଆରେ ମାଙ୍କଡା ପଥର ଖଣିର ନିଲାମ ପ୍ରତ୍ୟାହାର ଦାବି ହୋଇଛି। ନିଲାମ ପ୍ରତ୍ୟାହାର ଦାବି ନେଇ ସ୍ଥାନୀୟ ବାସିନ୍ଦା ରଣପୁର ବ୍ଲକରେ ଆୟୋଜିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଫେରାଦ୍ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଜଙ୍କିଆ ମୌଜାର ଖାତା ନଂ. ୭୬୦, ପ୍ଲଟ ନଂ. ୯୨ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ ପାଇଁ ସଂରକ୍ଷିତ ଅଛି। ସେହିପରି ଓସ୍ତପଡା ମୌଜାର ଖାତା ନଂ. ୨୧୬ ପ୍ଲଟ ନଂ. ୧୦୯୪ ଯବାନଙ୍କ ପାଇଁ ଅନୁରୂପ ଭାବେ ସଂରକ୍ଷିତ ଅଛି। ତେବେ ଉଭୟ ଅଞ୍ଚଳକୁ ରଣପୁର ତହସିଲଦାର ନିଲାମ ପାଇଁ ବିଜ୍ଞପ୍ତି କରିଛନ୍ତି। ସମ୍ପୃକ୍ତ ଅଞ୍ଚଳ ବିଭିନ୍ନ ସମୟରେ ନିଲାମ କରାଯାଇଥିଲେ ହେଁ ଲୋକଙ୍କ ପ୍ରତିବାଦ ପରେ ନିଲାମ ବାତିଲ୍ ହୋଇଛି। ହେଲେ ଜଣେ ଠିକାଦାର ଏହି ଟେଣ୍ଡର ନେବାକୁ ଉଦ୍ୟମ ଜାରି ରଖିଛନ୍ତି। ଦୁଇ ଖଣିର ନିଲାମ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଅଯୋଗ୍ୟଙ୍କୁ ବାଦ

ସୋରଡା,୨୭।୬(ଡି.ଏନ୍.ଏ.)

ସରକାରଙ୍କ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ ଥିବା ଅଯୋଗ୍ୟ ହିତାଧିକାରୀମାନେ ଏଣିକି ଯୋଜନାରୁ ବାଦ ପଡିବେ ଓ ବର୍ତ୍ତମାନ ଯୋଗ୍ୟ ହିତାଧିକାରୀ ସାମିଲ ହେବେ। ସୋରଡ଼ା ବ୍ଲକର ୨୬ ପଞ୍ଚାୟତ,ଏନ୍‌ଏସିର ୧୧ ୱାର୍ଡରେ ଘରକୁ ଘର ବୁଲି ଏହି ଯୋଜନାରେ ଥିବା ହିତାଧିକାରୀମାନଙ୍କୁ ଯାଞ୍ଚ କରାଯିବ। ସରକାରଙ୍କ ମାନଦଣ୍ଡ ପୂରଣ କରୁନଥିବା ପରିବାର ଏଥିରୁ ବାଦ ପଡିବେ। ଏହା ଛଡ଼ା ମୃତକ ତଥ୍ୟ ମଧ୍ୟ ଯାଞ୍ଚ ହେବ। ଗଞ୍ଜାମ ଜିଲା ପ୍ରଶାସନର ଯୋଗାଣ ବିଭାଗ ତରଫରୁ ଚିଠି ନମ୍ବର ୩୫୦୮ /୧୮/୦୬/୨୦୨୨ରେ ସୋରଡା ବିଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ପଠାଯାଇଛି। ଏହାକୁ ଶୀଘ୍ର କାର୍ଯ୍ୟକାରୀ ପାଇଁ ମଧ କୁହାଯାଇଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ରଙ୍କୁ ଯୋଗାଯୋଗରୁ ସେ କହିଛନ୍ତି ଏଥିପାଇଁ ଯାଞ୍ଚ ପ୍ରକ୍ରିୟା ଶୀଘ୍ର କରାଯିବ। ବ୍ଲକ ଯୋଗାଣ ନୀରିକ୍ଷକ ରସାନନ୍ଦ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ୨୬ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଚିଠି କରାଯିବ ସେମାନେ ଯାଞ୍ଚ ପ୍ରକ୍ରିୟାରେ ଯୋଗ ଦେବେ ବୋଲି କହିଛନ୍ତି।

# ଶ୍ରୀରଘୁନାଥ ମନ୍ଦିରରୁ ଚୋରି ରାଧା ମୂର୍ତ୍ତି ଉଦ୍ଧାର



ଅଟକ ଦୁଇ ଅଭିଯୁକ୍ତ ଗଲେ ଜେଲ

ନୟାଗଡ଼ ଅଫିସ,୨୭।୬

ନୟାଗଡ଼ ଟାଉନ ଥାନା ପୋଲିସ ମୂର୍ତ୍ତି ଚୋରି ଅଭିଯୋଗରେ ଅଟକ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନୟାଗଡ଼ ଦଳିତ ସାହିର ଜିତେନ୍ଦ୍ର ନାୟକ(୪୩) ଓ ବନମାଳୀ ନାୟକ(୩୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ନୟାଗଡ ଶ୍ରୀଜଗନ୍ନାଥ ଜୀଉଙ୍କର ମନ୍ଦିର ପରିଚାଳକ ସନ୍ତୋଷ କୁମାର ପ୍ରସାଦଙ୍କ ଅଭିଯୋଗ ଅନୁସାରେ ଗତ ୨୩ ତାରିଖରେ ରାଧାଙ୍କର ପିତଳ ମୂର୍ତ୍ତି ଚୋରି ହୋଇଥିଲା। ଚୋରି ନେଇ ଗତ ୨୪ ତାରିଖରେ ଜଣାପଡିଥିଲା। ଏହି ଚୋରି ଘଟଣାରେ ମନ୍ଦିର ସୁଆର ଓ ମନ୍ଦିର ଟହଲିଆ ସମ୍ପୃକ୍ତ ଥିବା ଅଭିଯୋଗ ରହିଥିଲା। ଅଭିଯୋଗ ପରେ ପୋଲିସ ମନ୍ଦିର ସୁଆର ଓ ମନ୍ଦିର ଟହଲିଆଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ଏହି ଦୁହିଁଙ୍କ ସୂଚନା ଅନୁସାରେ ଅନ୍ୟ ଦୁଇଜଣ ଅଟକ ଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏପରି କି ଦୁର୍ବୃତ୍ତଙ୍କ ସୂଚନା ଅନୁସାରେ ପୁରୁଣା ସହରର ଶାଗୁଆନ ପୋଖରୀରେ ମୂର୍ତ୍ତି ଖୋଜା ଯାଇଥିଲା। ହେଲେ ମିଳି ନ ଥିଲା। ପରେ ଚୋରି ମୂର୍ତ୍ତି ଜବତ ହୋଇଥିବା ଆଇଆଇସି ପ୍ରଜ୍ଞା ପରମିତା ଜେନା କହିଛନ୍ତି।

# ଅଗ୍ନିପଥକୁ ପ୍ରତ୍ୟାହାର ପାଇଁ କଂଗ୍ରେସର ସତ୍ୟାଗ୍ରହ



ନୟାଗଡ଼ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଅନୁଷ୍ଠିତ ସତ୍ୟାଗ୍ରହରେ ସାମିଲ ନେତାମାନେ।




ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପକ୍ଷରୁ କଂଗ୍ରେସର ସତ୍ୟାଗ୍ରହ।

ନୟାଗଡ଼ ଅଫିସ,୨୭।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ସେନାରେ ୪ ବର୍ଷିଆ ଠିକା ଯବାନ ନିଯୁକ୍ତି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ କର୍ମୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ହେଉଛି। ଏ ପରିପ୍ରେକ୍ଷୀରେ ନୟାଗଡ଼ କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ପୁରୁଣା ସିଭିଲ କୋର୍ଟ ପ୍ରାଙ୍ଗଣରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ସହ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଛି। ବର୍ଷକୁ ଦୁଇକୋଟି ଯୁବକଙ୍କୁ ଚାକିରି ଦେବାକୁ କହି କେନ୍ଦ୍ର ସରକାର ଅଦ୍ୟାବଧି ୮ ବର୍ଷରେ ଯୁବକଙ୍କୁ ନିଯୁକ୍ତି ଓ ଚାକିରି ଦେଇ ନ ପାରି ଦେଶର ଯୁବକମାନଙ୍କୁ ଭାରତୀୟ ସେନାରେ ନିଯୁକ୍ତି ଦେବା ନାଁରେ ପ୍ରତାରଣା କରୁଛନ୍ତି ବୋଲି କଂଗ୍ରେସ ପ୍ରତିବାଦ କରିଛି। ଅନ୍ୟପକ୍ଷେ ଭାରତୀୟ ସେନାରେ ଅଗ୍ନିପଥ ଯୋଜନା ନାଁରେ ୪ ବର୍ଷିଆ ଠିକା ନିଯୁକ୍ତି ଦେଇ ଯୁବକମାନଙ୍କୁ ପ୍ରତାରଣା କରୁଛନ୍ତି ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ ହୁସେନ ଖାଁ, କଂଗ୍ରେସ ନେତା ମନୋଜ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ଅମଜାଦ ଖାଁ, ଭଗବାନ ମଳିକ, ପ୍ରତୀକ ମହାପାତ୍ର, ଜ୍ୟୋତିରଞ୍ଜନ ଦାସ, ଦିଲୀପ କୁମାର ବିଶୋଇ, ବିଜୟ ରାଉତ, ଆଇନଜୀବୀ ବିଭୂତି ରାଉତ, ଦିଗମ୍ବର ବେହେରା, ଜଗନ୍ନାଥ ପୃଷ୍ଟି, ପ୍ରମୋଦ ନାୟକ, ବିମଳ କୁମାର ଦାସ, ଜୁଲଫିକର ଖାନ ପ୍ରମୁଖ ଯୋଗ ଦେଇଥିଲେ।

ଦଶପଲ୍ଲା, (ଡି.ଏନ.ଏ.): ସୋମବାର ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ଦଶପଲ୍ଲା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଦଶପଲ୍ଲାର ଗାନ୍ଧୀ ମଇଦାନଠାରେ ଥିବା ଗାନ୍ଧୀ ମୂର୍ତ୍ତିଠାରେ ସତ୍ୟାଗ୍ରହର ଡାକରା ପୂର୍ବାହ୍ନ ୧୦ଘଣ୍ଟାରୁ ଅପରାହ୍ନ ୧ଘଣ୍ଟା ପର୍ଯ୍ୟନ୍ତ ଦିଆଯାଇଥିଲା। ଉକ୍ତ ଡାକରାରେ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ବିସ୍ମୟ ମହାପାତ୍ର ଯୋଗଦେଇଥିଲେ। ସତ୍ୟାଗ୍ରହକୁ ସରୋଜ କୁମାର ପରିଡା ପରିଚାଳନା କରିଥିଲେ। ଏଥିରେ ସୁକାନ୍ତ କୁମାର ଶତପଥୀ, ଉମାରାଣି ପାଣି, ନାରାୟଣ ସାହୁ, ଦଶପଲ୍ଲା ବ୍ଲକ କଂଗ୍ରେସ ସଭାପତ ବୁଲୁ ପରିଡ଼ା, ଗଣିଆ ବ୍ଲକ କଂଗ୍ରେସ ସଭାପତି କାଶିନାଥ ନାଏକ, ନୂଆଗାଁ ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ନାୟକ, ଚନ୍ଦନ ମହାଲିକ, ପ୍ରମୋଦ କୁମାର ମହାପାତ୍ର, ରାଜୀବ ଲୋଚନ ମିଶ୍ରଙ୍କ ସମେତ ନିର୍ବାଚନ ମଣ୍ଡଳୀରୁ ଆସିଥିବା କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କର ଅଗ୍ନିବୀର ଯୋଜନାକୁ ଯଥାଶୀଘ୍ର ପ୍ରତ୍ୟାହାର ପାଇଁ ଦାବି ଜଣାଇଥିଲେ। ଏହି ସତ୍ୟାଗ୍ରହ ପ୍ରତ୍ୟେକ ଗାଁକୁ ଯାଇ ଜନସଚେତନତା କରିବା ପାଇଁ କଂଗ୍ରେସ ଦଳ ନିଷ୍ପତ୍ତି ନେଇଛି।




ଦଶପଲ୍ଲାଠାରେ ଅନୁଷ୍ଠିତ ସତ୍ୟାଗ୍ରହରେ ସାମିଲ ହୋଇଥିବା କଂଗ୍ରେସ ନେତାମାନେ।

ଖଣ୍ଡପଡ଼ା, (ସ୍ୱ.ପ୍ର.): ଅଗ୍ନିପଥ ନିଯୁକ୍ତି ପ୍ରତିବାଦରେ ଖଣ୍ଡପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସତ୍ୟାଗ୍ରହ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ମହାରଣାଙ୍କ ନେତୃତ୍ୱରେ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ସଙ୍ଗଠକମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଯୁବପିଢିଙ୍କୁ ବିଭ୍ରାନ୍ତ କରି କେନ୍ଦ୍ର ସରକାର ଯୋଜନାରେ ନିଯୁକ୍ତି ଦେବାକୁ ଚାହୁଁଥିବାରୁ ଏ ନେଇ ଦଳୀୟ ନେତାମାନେ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ପୂର୍ବତନ ଖଣ୍ଡପଡ଼ା ବ୍ଲକ କଂଗ୍ରେସ ସଭାପତି ପୀତବାସ ଖୁଣ୍ଟିଆ, ଭାପୁର ବ୍ଲକ କଂଗ୍ରେସ ସଭାପତି ବାବୁଲି ଧଳ, ଦେବବ୍ରତ ବେହେରା, ପ୍ରକାଶ ଖୁଣ୍ଟିଆ, ଦିଲୀପ କୁମାର ଖୁଣ୍ଟିଆ, ପ୍ରଦୀପ କୁମାର ପ୍ରଧାନ, ବସନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।